
ପଣ୍ଡିତ ନୀଳକଣ୍ଠଙ୍କ କଲମରୁ...

# ପିଲାଙ୍କ କବିତା ଓ କାହାଣୀ



ଡକ୍ଟର କୁମୁଦିନୀ ମିଶ୍ର

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠଙ୍କ କଲମରୁ....

# ପିଲାଙ୍କ କବିତା ଓ କାହାଣୀ

ଆଲୋଚନା ଓ ସମ୍ପାଦନା
ଡକ୍ଟର କୁମୁଦିନୀ ମିଶ୍ର

କଟକ ଟ୍ରେଡ଼ିଂ କମ୍ପାନୀ

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠଙ୍କ କଲମରୁ...
ପିଲାଙ୍କ କବିତା ଓ କାହାଣୀ

ଆଲୋଚନା ଓ ସମ୍ପାଦନା
ଡକ୍ଟର କୁମୁଦିନୀ ମିଶ୍ର

ପ୍ରକାଶକ :

ଶ୍ରୀ ସୁଶାନ୍ତ କୁମାର ମିଶ୍ର
କଟକ ଟ୍ରେଡିଂ କମ୍ପାନୀ
ବାଲୁବଜାର, କଟକ-୭୫୩୦୦୨

ଅକ୍ଷରସଜ୍ଜା :
ଶାରଳା ଗ୍ରାଫିକ୍ସ, ଭୁବନେଶ୍ୱର

ପ୍ରଥମ ମୁଦ୍ରଣ : ୨୦୧୨

ପ୍ରଚ୍ଛଦ : ବିଜୟ କୁମାର ପ୍ରଧାନ

ମୂଲ୍ୟ : ଟ. ୧୫୦.୦୦

Pandit Nilakanthanka Kalamaru..
PILANKA KABITA O KAHANI

Preface & Compilation
Dr. Kumudini Mishra

Published by
Sri Susanta Kumar Mishra
Cuttack Trading Company
Balubazar, Cuttack-753002

DTP : Sarala Graphic, Bhubaneswar

Printed : 2012

Cover Design : Bijaya K Pradhan

Price : Rs. 150.00

Digitized by PPRACHIN, SOA

# ଉତ୍ସର୍ଗ

ସାହିତ୍ୟ-ଗବେଷଣା କ୍ଷେତ୍ରରେ
ମୋର ପଥ ପ୍ରଦର୍ଶକ
ପୂଜ୍ୟଗୁରୁ
ପ୍ରଫେସର ଶ୍ରୀନିବାସ ମିଶ୍ରଙ୍କ
କର-କମଳରେ...

- କୁମୁଦିନୀ



Digitized by PPRACHIN, SOA

# ଭୂମିକା

ପଣ୍ଡିତ ନୀଳକଣ୍ଠ ଦାସ (ଖ୍ରୀଷ୍ଟାୟ ୧୮୮୪ ରୁ ୧୯୬୭) ଜଣେ ଅସାଧାରଣ ବାଗ୍ମୀ, ରାଷ୍ଟ୍ରନୀତି ବିଶାରଦ, ସମାଜ ସଂସ୍କାରକ, ଭାଷାବିଦ୍, ପ୍ରଚଣ୍ଡ ପ୍ରତିଭାବାନ୍ ସାହିତ୍ୟିକ ହୋଇଥିଲେ ହେଁ ପିଲାଙ୍କ ପାଇଁ ସାହିତ୍ୟ ସୃଷ୍ଟି କରିବାକୁ ସେ ଭୁଲି ନ ଥିଲେ । କାରଣ ସତ୍ୟବାଦୀ ସ୍କୁଲ ପରି ଏକ ମଣିଷଗଢ଼ା କାରଖାନାର ଅଧ୍ୟକ୍ଷ ଥାଇ ସେ ଭଲ ଭାବେ ବୁଝିଥିଲେ ଯେ, ମଣିଷ ଗଢ଼ିବାକୁ ହେଲେ ତା'ର ବାଲ୍ୟକାଳରୁ ହିଁ ତାକୁ ଉପଯୁକ୍ତ ମାର୍ଗ ଦର୍ଶାଇବାକୁ ହେବ ଏବଂ ସୁରୁଚି ସମ୍ପନ୍ନ ସାହିତ୍ୟ ସୃଷ୍ଟି କରିବା ହେଉଛି ଏଥିପାଇଁ ଉଚିତ ପନ୍ଥା ।

ଜୀବନ ଓ ସାହିତ୍ୟ ପରସ୍ପରର ପରିପୂରକ । ଜୀବନର ବିଭିନ୍ନ ଅନୁଭୂତିରୁ ସାହିତ୍ୟର ସୃଷ୍ଟି । ସେଇ ସାହିତ୍ୟ ପୁଣି ଜୀବନକୁ ସମୁନ୍ନତ କରି ଗଢ଼ି ତୋଳିବାର ସାମର୍ଥ୍ୟ ରଖେ । ସେଥିପାଇଁ ନୀଳକଣ୍ଠ ପିଲାମାନଙ୍କ ପାଇଁ ଶିକ୍ଷାପ୍ରଦ କବିତା, କାହାଣୀ, ପ୍ରବନ୍ଧ ଓ ପୁରାଣକଥା ରଚନା କରି ସେମାନଙ୍କ ମାନସିକ ବିକାଶରେ ସହାୟକ ହୋଇଚନ୍ତି । ତାଙ୍କ ରଚନାଗୁଡ଼ିକ ମଧ୍ୟରୁ କେତୋଟି କବିତା 'ନୀଳକଣ୍ଠ ଗ୍ରନ୍ଥାବଳୀ' ୧ମ ଖଣ୍ଡରେ ଏବଂ 'ପିଲାଙ୍କ ରାମାୟଣ', 'ପିଲାଙ୍କ ମହାଭାରତ' ଓ 'ପିଲାଙ୍କ ଭାଗବତ' - 'ନୀଳକଣ୍ଠ ଗ୍ରନ୍ଥାବଳୀ'- ୨ୟ ଖଣ୍ଡରେ ସଂକଳିତ ହୋଇଥିଲେ ହେଁ, ଅନ୍ୟଗୁଡ଼ିକ ସେ ସମୟରେ ପଠିତ ବିଭିନ୍ନ ଶ୍ରେଣୀର ପାଠ୍ୟପୁସ୍ତକରେ ବିକ୍ଷିପ୍ତ ଭାବେ ରହିଅଛି; ଯାହାକି ଏବେ ଦୁଷ୍ପ୍ରାପ୍ୟ। ଆଉ କେତେକ ଲୋକଗୀତ ଆଧାରିତ କବିତା ଓ ଲୋକଶ୍ରୁତି ଆଧାରିତ କାହାଣୀ ତାଙ୍କ ହାତଲେଖା ପାଣ୍ଡୁଲିପି ଅବସ୍ଥାରେ ରହିଛି । ପଣ୍ଡିତ ନୀଳକଣ୍ଠଙ୍କ ଏହିସବୁ ରଚନା ମଧ୍ୟରୁ କେବଳ ପିଲାଙ୍କ କବିତା ଓ କାହାଣୀଗୁଡ଼ିକର ସଂଗ୍ରହ ପୂର୍ବକ "ପଣ୍ଡିତ ନୀଳକଣ୍ଠଙ୍କ କଲମରୁ ପିଲାଙ୍କ କବିତା ଓ କାହାଣୀ" ଶୀର୍ଷକ ପୁସ୍ତକଟି ପ୍ରସ୍ତୁତ ହୋଇଅଛି । ବିଷୟବସ୍ତୁ ଦୃଷ୍ଟିରୁ କବିତା ଓ କାହାଣୀଗୁଡ଼ିକୁ ବିଭିନ୍ନ ବିଭାଗରେ ସଜାଇ ଦିଆଯାଇଛି । ଏ ସବୁ



Digitized by PPRACHIN, SOA

ରଚନା ପ୍ରାୟ ଶହେ ବର୍ଷ ପୂର୍ବରୁ ଲେଖାଯାଇଥିବାରୁ କାହାଣୀଗୁଡ଼ିକରେ ଦିଆଯାଇଥିବା ସମୟକାଳକୁ ସେହି ଅନୁକ୍ରମେ ଦେଖିବାକୁ ହେବ।

ପ୍ରାଥମିକ ଶ୍ରେଣୀପାଇଁ ଉଦ୍ଦିଷ୍ଟ ମୂଳ ପାଠ୍ୟପୁସ୍ତକରେ କେତୋଟି ଛବି ସଂଯୋଜିତ ହୋଇଥିଲେ ହେଁ, ଏ ସଂକଳନରେ ସବୁ ଶ୍ରେଣୀର ପିଲାମାନଙ୍କ ପାଇଁ କବିତା ଓ କାହାଣୀ ସ୍ଥାନିତ ହୋଇଥିବାରୁ କୌଣସି ଛବି ଦେବାର ଆବଶ୍ୟକତା ଉପଲବ୍ଧ କଲିନାହିଁ ।

ଡି.ଲିଟ୍ (D.Litt.) ଉପାଧି ପାଇଁ ପଣ୍ଡିତ ନୀଳକଣ୍ଠଙ୍କ ଭାଷାଚର୍ଚ୍ଚା ଓ ସାହିତ୍ୟସୃଷ୍ଟି ସମ୍ପର୍କରେ ସନ୍ଦର୍ଭ ପ୍ରସ୍ତୁତ କରିବା ସମୟରେ ମୁଁ ପଣ୍ଡିତଜୀଙ୍କ ପତ୍ନୀ ରାଧାମଣି ଦେବୀଙ୍କଠାରୁ ନୀଳକଣ୍ଠଙ୍କ ହାତଲେଖା କବିତା ଓ କାହାଣୀ କେତୋଟି ପାଇଥିଲି । ପଣ୍ଡିତଜୀଙ୍କ ସୁପୁତ୍ର ଡକ୍ଟର ବିକ୍ରମ ଦାସଙ୍କଠାରୁ ମଧ୍ୟ ବିଭିନ୍ନ ପାଠ୍ୟପୁସ୍ତକରେ ଥିବା କେତେକ କବିତା ଓ କାହାଣୀ ସଂଗ୍ରହ କରିଥିଲି । ସେସବୁ ଏହି ପୁସ୍ତକରେ ସ୍ଥାନିତ ହୋଇଅଛି । ପୁସ୍ତକଟିର ପ୍ରକାଶନ ଅବସରରେ ନୀଳକଣ୍ଠଙ୍କ ଏଇ ଦୁଇ ଆତ୍ମୀୟଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି ।

ପୁସ୍ତକର ପ୍ରକାଶନ କାର୍ଯ୍ୟରେ ସହଯୋଗ କରିଥିବା ମୋର ଅନୁଜପ୍ରତିମ ଡକ୍ଟର ସୁରେନ୍ଦ୍ର କୁମାର ମହାରଣା, ଶ୍ରଦ୍ଧେୟା ସୁପ୍ରିୟା ଦାଶ ଏବଂ ପ୍ରକାଶକ ବନ୍ଧୁ ଶ୍ରୀଯୁକ୍ତ ସୁଶାନ୍ତ କୁମାର ମିଶ୍ରଙ୍କୁ ଆନ୍ତରିକ ସାଧୁବାଦ ଜଣାଉଛି ।

କୁମୁଦିନୀ ମିଶ୍ର
ପ୍ଲଟ୍-୪୩୬, ଶହୀଦ ନଗର
ଭୁବନେଶ୍ୱର



Digitized by PPRACHIN, SOA

# ସୂଚୀପତ୍ର


ମୁଖବନ୍ଧ ୧୧

## କବିତା ଭାଗ

**ଈଶ୍ୱରପ୍ରୀତି ମୂଳକ କବିତା :**

୧. ଈଶ୍ୱର ୩୧
୨. ସ୍ତବ ୩୧

**ଜାତିପ୍ରୀତି ମୂଳକ କବିତା :**

୧. ଆମ ଜାତୀୟ ପତାକା ୩୩
୨. ଜୟ ଭାରତ ୩୪
୩. ବଢ଼େଇ ବାଳକ ୩୫
୪. ମୋ ରଜା ୩୬

**ପୂଜ୍ୟପୂଜା ମୂଳକ କବିତା :**

ମହାତ୍ମା ଗାନ୍ଧି - ୧ ୩୯
ମହାତ୍ମା ଗାନ୍ଧି - ୨ ୪୧

**ପ୍ରକୃତିପ୍ରୀତି ମୂଳକ କବିତା :**

୧. କୁଆଁ ତରା ୪୩
୨. ଜହ୍ନ ମାମୁ ୪୪
୩. କୁଆ ସୁନ୍ଦର ୪୫
୪. ବସନ୍ତ ପ୍ରଭାତ ୪୭
୫. ଶରତ ସନ୍ଧ୍ୟା ୫୦
୬. ଚିଲିକା କୂଳେ ସନ୍ଧ୍ୟା ୫୨




Digitized by PPRACHIN, SOA

### ପାରିବାରିକ ମମତାବୋଧକ କବିତା :


| | | |
|---|---|---|
| ୧. | ମୋଟିକି ଘର | ୫୪ |
| ୨. | ଟିକି ଭଉଣୀ | ୫୫ |
| ୩. | ହଟିଆ ଲୁଚିବା କଥା | ୫୬ |


### ପଶୁପକ୍ଷୀପ୍ରୀତି ମୂଳକ କବିତା :


| | | |
|---|---|---|
| ୧. | ଆ ମୋ ପାଟ | ୫୮ |
| ୨. | ଆମ ନେତ | ୫୯ |
| ୩. | ପିଲା ଓ ଚଢ଼େଇ | ୬୦ |
| ୪. | ମୋରି ଗାଈ ସେ 'ଯାତ' | ୬୨ |


### ଐତିହାସିକ କିମ୍ବଦନ୍ତୀ ଆଧାରିତ କବିତା :


| | | |
|---|---|---|
| ୧. | ଫୁଲର ମୂଲ | ୬୪ |
| ୨. | ସିଦ୍ଧାର୍ଥ ଓ ହଂସ | ୬୬ |
| ୩. | ବୁଦ୍ଧ ଓ ବିଧବା | ୬୮ |
| ୪. | ଜଗନ୍ନାଥଙ୍କ ଦହିଖିଆ | ୬୯ |


### ଶିକ୍ଷାମୂଳକ କବିତା :


| | | |
|---|---|---|
| ୧. | ଗଛ | ୭୧ |
| ୨. | ଚକାଫଳ ନ ଖାଉଁ | ୭୧ |
| ୩. | ଭାଗ୍ୟ ନିନ୍ଦି କି ଲାଭ ? | ୭୨ |
| ୪. | ମାଛି ଓ ବୁଢ଼ିଆଣୀ | ୭୫ |
| ୫. | ବେଙ୍ଗ ଓ ବୁଢ଼ିଆଣୀ | ୭୭ |
| ୬. | ଚଷାର ଭାଗ୍ୟ | ୭୯ |


### ବର୍ଣ୍ଣନାତ୍ମକ କବିତା :


| | | |
|---|---|---|
| ୧. | କି ସୁନ୍ଦର ଏ ସଂସାର | ୮୨ |
| ୨. | ବୋଇତ ଖେଳ | ୮୪ |
| ୩. | ସୁବୁଦ୍ଧି କଇଁ | ୮୬ |
| ୪. | ବଢ଼ିପାଣି | ୮୭ |




Digitized by PPRACHIN, SOA

୫. ସାପୁଆ କେଳା ୮୮
୬. ଏକାଟିଆ ତସାପୁଅ ୮୯
୭. ପରବ ଛୁଟି ୯୨

**ଲୋକଗୀତ ଆଧାରିତ କବିତା :**

୧. ଅଖାଇ ୯୪
୨. କଇଁଚି କାକୁଡ଼ି ୯୮
୩. କୋଇଲି ପିଲାର ପୋଇଲି ମାଆ ୧୦୦
୪. ଗଛ ଚଢ଼ା ଓ ପହରା ୧୦୪
୫. ବୁଢ଼ି ଅସୁରୁଣି କଥା ୧୦୭
୬. ସାଧବାଣୀ ବୋହୂ ଯିବ - ବୋଇତ ବନ୍ଦାଇ ୧୧୨

## କାହାଣୀ ଭାଗ

**ଜୀବନୀମୂଳକ କାହାଣୀ :**

୧. ଇନ୍ଦ୍ରଦ୍ୟୁମ୍ନ ୧ ୧୧୭
ଇନ୍ଦ୍ରଦ୍ୟୁମ୍ନ ୨ ୧୨୦
୨. କାଶିଆ ଓ କପିଳା କଥା ୧୨୨
୩. ଆଦିକବି ସାରଳା ଦାସ ୧୨୪
୪. ବିଶ୍ୱନାଥ ମହାପାତ୍ର ୧୨୬
୫. ଅତିବଡ଼ି ଜଗନ୍ନାଥ ଦାସ ୧୨୭
୬. ପଣ୍ଡିତ ଜହରଲାଲ ୧୨୯
୭. ସୁଭାଷ ବୋଷ ୧୩୦
୮. ପଣ୍ଡିତ ହରିହର ଦାଶ ୧୩୧
୯. ଗୋପବନ୍ଧୁଙ୍କ ଲୋକସେବା ୧୩୪
୧୦. ଗଞ୍ଜାମର କର୍ମୀ ପୁରୁଷ ବଳରାମ ମହାରଣା ୧୩୬



Digitized by PPRACHIN, SOA

**ଶିକ୍ଷାମୂଳକ କାହାଣୀ :**


| | | |
|---|---|---|
| ୧. | ଈଶ୍ୱର ମଙ୍ଗଳ କରନ୍ତୁ | ୧୩୯ |
| ୨. | ଯୋଡ଼ିଏ ଅମୃତ ଭଣ୍ଡାକୁ କୋଡ଼ିଏ ଟଙ୍କା | ୧୪୧ |
| ୩. | ସିକନ୍ଦର ଓ ପଣ୍ଡିତ କଥା | ୧୪୩ |
| ୪. | ଦୁଷ୍ଟ ରାଜପୁତ୍ର କଥା | ୧୪୪ |
| ୫. | ହାକିମ କିପରି ଚୋର ଧରିଲେ | ୧୪୬ |
| ୬. | ଦେଓ୍ୱାନ୍ ଓ ରଘୁଆ | ୧୪୮ |
| ୭. | ପୋତାଧନ | ୧୫୧ |
| ୮. | ଚଷାପୁଅ ରଜା ହେଲା | ୧୫୩ |
| ୯. | ବିଚାରପତି | ୧୫୬ |
| ୧୦. | ଆରୁଣି କଥା | ୧୫୮ |
| ୧୧. | ପନ୍ଥକ | ୧୬୦ |


**ପୌରାଣିକ କାହାଣୀ :**


| | | |
|---|---|---|
| ୧. | ଦେବବ୍ରତ ଭୀଷ୍ମ ହେଲେ | ୧୬୩ |
| ୨. | ଲାଖ ବିନ୍ଧା ପରୀକ୍ଷା | ୧୬୫ |


**ପଶୁପକ୍ଷୀ ବିଷୟକ କାହାଣୀ :**


| | | |
|---|---|---|
| ୧. | ଲୋଭରେ ବିଲୁଆ ମଲା | ୧୬୭ |
| ୨. | ନିଷ୍ଠୁର କାଠୁରିଆ | ୧୬୮ |
| ୩. | କାପେତା କାପେତୀ | ୧୭୦ |
| ୪. | ବିଲୁଆ, ହାତୀ ଓ କୁମ୍ଭୀର କଥା | ୧୭୨ |
| ୫. | ବାଘ ଅଖାରେ ବନ୍ଧା ହେଲା | ୧୭୪ |
| ୬. | ମାଙ୍କଡ ଦଳରେ ମଣିଷ ପିଲା | ୧୭୭ |
| ୭. | କୁକୁରର ବୁଦ୍ଧି | ୧୭୯ |
| ୮. | ସିଂହ, ବିଲୁଆ ଓ ହରିଣ କଥା | ୧୮୧ |
| ୯. | ପେଚାଙ୍କ କଥାବାର୍ତ୍ତା | ୧୮୩ |




Digitized by PPRACHIN, SOA

**ଦେଶବିଦେଶର କାହାଣୀ :**


| | | |
|---|---|---|
| ୧. | ପଶ୍ଚିମ ଆଫ୍ରିକାର ଟିକି ଝିଅଟି | ୧୮୬ |
| ୨. | ଆରବ ରମଣୀ | ୧୮୮ |
| ୩. | ଜାପାନ କଥା | ୧୯୦ |
| ୪. | ଉଇଲିୟମ୍ ଟେଲ୍ | ୧୯୨ |
| ୫. | ଜାପାନୀ ବାଳକର ସାହସ | ୧୯୪ |
| ୬. | ଆମେରିକାର ଆଦିମ ନିବାସୀ | ୧୯୭ |
| ୭. | ଦୋକାନ ବାକୀ ଶୁଝିବା କଥା | ୧୯୯ |
| ୮. | ଗୁରୁ ଶିଷ୍ୟ | ୨୦୦ |
| ୯. | ଲିଭିଙ୍ଗ୍ ଷ୍ଟୋନ୍ ଓ ସିଂହ | ୨୦୨ |


**ଇତିହାସ ଓ କିମ୍ବଦନ୍ତୀ ଆଧାରିତ କାହାଣୀ :**


| | | |
|---|---|---|
| ୧. | ପୋଇଲି ପୁଅ ପୁରିଆ | ୨୦୪ |
| ୨. | କାଞ୍ଚି ଯୁଦ୍ଧ | ୨୦୬ |
| ୩. | ଶିବକରଦେବ ଓ ପ୍ରାଜ୍ଞ | ୨୦୯ |
| ୪. | ଉତ୍କଳରେ ନାରୀ ସମ୍ରାଟ | ୨୧୧ |
| ୫. | ଚୈତନ୍ୟ | ୨୧୩ |
| ୬. | ଚୈତନ୍ୟ ଓ ପ୍ରତାପରୁଦ୍ର | ୨୧୭ |
| ୭. | ରାୟ ରାମାନନ୍ଦ ରାୟ | ୨୨୧ |
| ୮. | ପଞ୍ଚସଖା | ୨୨୪ |
| ୯. | ବୀରଭଦ୍ର ଦେବ | ୨୨୮ |
| ୧୦. | ତେଲେଙ୍ଗା ମୁକୁନ୍ଦ ଦେବ | ୨୩୧ |
| ୧୧. | କଳାପାହାଡ଼ | ୨୩୫ |




Digitized by PPRACHIN, SOA

# ମୁଖବନ୍ଧ

ପିଲାଙ୍କ ପାଇଁ ଯେଉଁ ସାହିତ୍ୟ ଲେଖାଯାଏ ତାହା ପିଲାମାନେ ଲେଖନ୍ତି ନାହିଁ । କାରଣ ନିଜର ବୁଦ୍ଧି, କଳ୍ପନା ଶକ୍ତି ଓ ପାରିପାର୍ଶ୍ୱିକ ଅବସ୍ଥାକୁ କଳନା କରିବାର ଶକ୍ତି ସେମାନଙ୍କର ନଥାଏ । ତେଣୁ ସେମାନଙ୍କ ମାନସିକ ବିକାଶ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ଦୃଷ୍ଟିରେ ରଖି ବିଦଗ୍ଧ ସାହିତ୍ୟିକମାନେ ହିଁ ସୃଷ୍ଟି କରନ୍ତି ପିଲାଙ୍କ ସାହିତ୍ୟ । ସାଧାରଣ ଭାବେ ପିଲାଙ୍କ ପାଇଁ ଲେଖାଯାଉଥିବା ସାହିତ୍ୟକୁ 'ଶିଶୁ ସାହିତ୍ୟ' କୁହାଯାଏ ।

ବୟସ୍କ ବ୍ୟକ୍ତି ଓ ଶିଶୁମାନଙ୍କ ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଛି, ବିଦଗ୍ଧ ସାହିତ୍ୟ ଓ ଶିଶୁ ସାହିତ୍ୟ ମଧ୍ୟରେ ସେହି ପାର୍ଥକ୍ୟ ନିହିତ । ଶିଶୁ-ମାନସ ବୟସ୍କ ବ୍ୟକ୍ତି-ମାନସର ଏକ କ୍ଷୁଦ୍ର ସଂସ୍କରଣ ନୁହେଁ; ତାହା ସ୍ୱୟଂସମ୍ପୂର୍ଣ୍ଣ ଓ ସ୍ୱତନ୍ତ୍ର । ତେଣୁ ଶିଶୁ ପ୍ରତି ସହାନୁଭୂତିଶୀଳ ମନୋଭାବ, ତା' ରୁଚିର ଗୁରୁତ୍ୱ ଉପଲବ୍ଧି, ତା' ପାରିପାର୍ଶ୍ୱିକ ଜଗତ ସହ ପରିଚିତି ଓ ତା'ର ସୀମିତ ଜ୍ଞାନର କଳନା ଉପରେ ଶିଶୁ-ସାହିତ୍ୟର ସାଫଲ୍ୟ ନିର୍ଭର କରେ ।

ପ୍ରାଚୀନ କାଳରେ ଶିଶୁ-ସାହିତ୍ୟ ଲୋକମୁଖରେ ନାନାବାୟାଗୀତ, ପଶୁପକ୍ଷୀ ସମ୍ବନ୍ଧୀୟ ଗଳ୍ପ, ରାଜପୁତ୍ର-ରାଜଜେମା ଓ ରାକ୍ଷସ-ରାକ୍ଷାସୀ ପ୍ରଭୃତିଙ୍କ କାହାଣୀ ରୂପରେ ପ୍ରଚଳିତ ଥିଲା । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଭାରତରେ ପାଶ୍ଚାତ୍ୟ ଶିକ୍ଷାର ପ୍ରବର୍ତ୍ତନ କରାଯିବାରୁ ଶିଶୁମାନଙ୍କ ପାଇଁ ପାଠ୍ୟପୁସ୍ତକର ଅଭାବ ପରିଲକ୍ଷିତ ହେଲା । ଏହି ଅଭାବକୁ ପୂରଣ କରିବା ପାଇଁ ବିଭିନ୍ନ ପ୍ରାଦେଶିକ ଭାଷାରେ ଶିଶୁ-ସାହିତ୍ୟର ବିକାଶ ଘଟିଲା ।

ଓଡ଼ିଶାରେ ଶିଶୁ ସାହିତ୍ୟିକଙ୍କ ଜୀବନୀ ଅନୁଧ୍ୟାନ କଲେ ଜଣାଯାଏ, ବିଭିନ୍ନ ସ୍କୁଲରେ ଶିକ୍ଷକତା କରିବା ସମୟରେ କେତେଜଣ କୃତିଶିକ୍ଷକ ଶିଶୁଙ୍କ ପଠନ ଉପଯୋଗୀ ପୁସ୍ତକର ଅଭାବ ଲକ୍ଷ୍ୟକରି ଶିଶୁ-ସାହିତ୍ୟ ସୃଷ୍ଟି ଲାଗି ଅନୁପ୍ରାଣିତ



Digitized by PPRACHIN, SOA

ହୋଇଛନ୍ତି । କବିବର ରାଧାନାଥ ରାୟ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱୈତ ଲେଖନୀରୁ ପ୍ରସ୍ତୁତ 'ପ୍ରଥମ ପାଠ' ଓ 'କବିତାବଳୀ' (ପ୍ରଥମ ଓ ଦ୍ୱିତୀୟ ଭାଗ) ଏହାର ପ୍ରକୃଷ୍ଟ ଦୃଷ୍ଟାନ୍ତ । ଏହାବ୍ୟତୀତ ମଧୁସୂଦନ ରାଓଙ୍କ 'ପ୍ରବନ୍ଧମାଳା', 'ଛାନ୍ଦମାଳା', 'ବର୍ଣ୍ଣବୋଧ'; ଫକୀରମୋହନ୍‌କୃତ ବିଦ୍ୟାସାଗରଙ୍କ 'ଜୀବନ ଚରିତ' ଗ୍ରନ୍ଥର ଅନୁବାଦ, ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ 'ଧୋ ରେ ବାୟା ଧୋ' କବିତା ସଂକଳନ, ଚିନ୍ତାମଣି ମହାନ୍ତିଙ୍କ 'ନୀତି କୁସୁମ', 'ଶିଶୁ ଧର୍ମନୀତି ଶିକ୍ଷା', 'ଶିଶୁ ପ୍ରାର୍ଥନା', 'ସନ୍ଧ୍ୟାତାରା', 'ଖୁଦ ମଲୁଖ', ମୃତ୍ୟୁଞ୍ଜୟ ରଥଙ୍କ 'ରସାବଳୀ' ଆଦି ପୁସ୍ତିକା ଏବଂ ନନ୍ଦକିଶୋର ବଳଙ୍କ ବହୁ କବିତା ଶିଶୁ ପାଠ ଯୋଗ୍ୟ ସାହିତ୍ୟର ଅଭାବ ପୂରଣ ଦିଗରେ ଗୋଟିଏ ଗୋଟିଏ ସଫଳ ଉଦ୍ୟମ ।

ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା ଏକ ମଣିଷ ଗଢ଼ା କାରଖାନା । ତେଣୁ ଏହାର ଶିକ୍ଷକଗଣ ବାଲ୍ୟାବସ୍ଥାରୁ ଛାତ୍ରଙ୍କ ଚାରିତ୍ରିକ ଓ ନୈତିକ ବିକାଶ ପ୍ରତି ଖୁବ୍ ସଚେତନ ଥିଲେ । ଉପଯୁକ୍ତ ଶିଶୁ ସାହିତ୍ୟ ସୃଷ୍ଟି ଦ୍ୱାରା ହିଁ ଶିଶୁଙ୍କ ଚାରିତ୍ରିକ ଓ ନୈତିକ ବିକାଶ ସମ୍ଭବପର – ଏହା ହୃଦୟଙ୍ଗମ କରି ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ନୀଳକଣ୍ଠଙ୍କ ପରି ବିଦଗ୍ଧ ସ୍ରଷ୍ଟା ମଧ୍ୟ ଶିଶୁ ସାହିତ୍ୟ ସୃଷ୍ଟି ଦିଗରେ ମନୋନିବେଶ କରିଥିଲେ ।

ପଣ୍ଡିତ ନୀଳକଣ୍ଠଙ୍କ ରଚିତ ଶିଶୁ ସାହିତ୍ୟ ଉଭୟ ଆତ୍ମିକ ଓ ଆଙ୍ଗିକ ବୈଶିଷ୍ଟ୍ୟ ଦୃଷ୍ଟିରୁ ଅଧିକ ମର୍ଯ୍ୟାଦାସମ୍ପନ୍ନ । ଏହା ଅପେକ୍ଷାକୃତ ବୟସ୍କ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ । ସେହି ଦୃଷ୍ଟିରୁ ଲେଖକ ନିଜେ ତାଙ୍କ ରଚନାକୁ । 'ଶିଶୁ ସାହିତ୍ୟ' ନକହି 'ପିଲାଙ୍କ ସାହିତ୍ୟ ଭାବେ ଅଭିହିତ କରିଛନ୍ତି । ଯେପରି- 'ପିଲାଙ୍କ ମହାଭାରତ', 'ପିଲାଙ୍କ ରାମାୟଣ', 'ପିଲାଙ୍କ ଭାଗବତ', 'ପିଲାଙ୍କ ଗୀତ' ଇତ୍ୟାଦି । 'ପିଲା' ଶବ୍ଦ ବାଳକ ବାଳିକାଙ୍କୁ ବୁଝାଇଥାଏ ।

ପଣ୍ଡିତ ନୀଳକଣ୍ଠଙ୍କ ରଚିତ ପିଲାଙ୍କ ସାହିତ୍ୟକୁ ନିମ୍ନୋକ୍ତ ଭାବେ ବିଭକ୍ତ କରାଯାଇପାରେ –

୧) ପିଲାଙ୍କ କବିତା
୨) ପିଲାଙ୍କ ପ୍ରବନ୍ଧ
୩) ପିଲାଙ୍କ କାହାଣୀ
୪) ପିଲାଙ୍କ ପୁରାଣ – ଏଥି ମଧ୍ୟରୁ ଏହି ଗ୍ରନ୍ଥରେ ପିଲାଙ୍କ କବିତା ଓ



Digitized by PPRACHIN, SOA

କାହାଣୀଗୁଡ଼ିକୁ ସଂକଳିତ କରାଯାଇ ସେଗୁଡ଼ିକର ଆଲୋଚନା ପୂର୍ବକ ବିଭାଗୀକରଣ କରାଯାଇଛି ।

## ପିଲାଙ୍କ କବିତା :

ନୀଳକଣ୍ଠ ରଚିତ "ପ୍ରାଥମିକ ସାହିତ୍ୟ", "ସାହିତ୍ୟ ସଖା", କଥାମାଳା (୧ମ ଓ ୨ୟ ଭାଗ), 'ସାହିତ୍ୟ ଚନ୍ଦ୍ରିକା' ପୁସ୍ତକମାନ ବିଭିନ୍ନ ଶ୍ରେଣୀର ପାଠ୍ୟ ପୁସ୍ତକ ରୂପେ ନିର୍ବାଚିତ ହୋଇଥିଲା । ଏସବୁ ପୁସ୍ତକରେ ପ୍ରକାଶିତ କବିତାଗୁଡ଼ିକ ମଧ୍ୟରୁ ୨୨ଗୋଟି କବିତା "ନୀଳକଣ୍ଠ ଗ୍ରନ୍ଥାବଳୀ" (୧ମ ଖଣ୍ଡ)ରେ 'ପିଲାଙ୍କ ଗୀତ' ଶୀର୍ଷକରେ ସ୍ଥାନ ପାଇଅଛି । ସେଗୁଡ଼ିକ ହେଲା –

| | |
|---|---|
| ବୁଦ୍ଧ ଓ ବିଧବା | ଜୟ ଭାରତ |
| ମୋ ଟିକିଘର | ମୋଅରି ଗାଈ ସେ 'ଯାତ' |
| ସାପୁଆ କେଳା | କି ସୁନ୍ଦର ଏ ସଂସାର |
| ମହାତ୍ମା ଗାନ୍ଧି | ବେଙ୍ଗ ଓ ବୁଢ଼ିଆଣୀ |
| ଚକାଫଳ ନ ଖାଉଁ | ପିଲା ଓ ଚଢ଼େଇ |
| ମୋ ରଜା | ଚଷାର ଭାଗ୍ୟ |
| ଆମ ନେତ | ଆ ମୋ ପାଟ |
| ଭାଗ୍ୟନିନ୍ଦି କି ଲାଭ ? | ସିଦ୍ଧାର୍ଥ ଓ ହଂସ |
| ମାଛି ଓ ବୁଢ଼ିଆଣୀ | ଆମ ଜାତୀୟ ପତାକା |
| ହଟିଆ ଲୁଚିବା କଥା | ବଢ଼େଇ ବାଳକ |
| ଜହ୍ନମାମୁଁ | |

ଗ୍ରନ୍ଥାବଳୀରେ ସ୍ଥାନ ପାଇନଥିବା ପାଠ୍ୟପୁସ୍ତକ ଅନ୍ତର୍ଭୁକ୍ତ କବିତାଗୁଡ଼ିକ ହେଉଛି –

| | |
|---|---|
| ଈଶ୍ୱର | ବଢ଼ିପାଣି |
| ଗଛ | ଜଗନ୍ନାଥଙ୍କ ଦହିଖିଆ |
| କୁଆଁ ତରା | ବଢ଼ି ପାଣି |
| ଫୁଲର ମୂଲ | ବୋଇତ ଖେଳ |
| ସୁବୁଧି କଇଁ | |



Digitized by PPRACHIN, SOA

ଏହା ବ୍ୟତୀତ କେତୋଟି ଉଚ୍ଚମାନର କବିତା ଏ ପର୍ଯ୍ୟନ୍ତ ପାଣ୍ଡୁଲିପି ଅବସ୍ଥାରେ ଅପ୍ରକାଶିତ ରହିଥିଲା । ମନେହୁଏ, ଏହି ବର୍ଣ୍ଣନାଧର୍ମୀ ଓ ଗାଥାଧର୍ମୀ କବିତାଗୁଡ଼ିକ ଅପେକ୍ଷାକୃତ ବୟସ୍କ ପିଲାଙ୍କ ପାଇଁ ରଚିତ । ସେ କବିତାଗୁଡ଼ିକ ହେଉଛି-

| | |
|---|---|
| ପରବର ଛୁଟି | କଇଁଚି କାକୁଡ଼ି |
| କୋଇଲି ପିଲାର ପୋଇଲି ମାଆ | ସାଧବାଣି ବୋହୂ ଯିବ ବୋଇତ ବନ୍ଦାଇ |
| ବସନ୍ତ ପ୍ରଭାତ | କୁଆ ସୁନ୍ଦର |
| ଶରତ ସନ୍ଧ୍ୟା | ଗଛ ଚଢ଼ା ଓ ପହରା |
| ସ୍ତବ | ଏକାଟିଆ ତସା ପୁଅ |
| ବୁଢ଼ୀ ଅସୁରୁଣୀ କଥା | ଚିଲିକା କୂଳେ ସନ୍ଧ୍ୟା |
| ଅଖାଇ | |

ଅନ୍ତର୍ନିହିତ ଭାବ ଦୃଷ୍ଟିରୁ ନୀଳକଣ୍ଠଙ୍କ ରଚିତ ପିଲାଙ୍କ କବିତାକୁ ନିମ୍ନୋକ୍ତ ଭାବେ ଦର୍ଶାଇ ଦିଆଯାଇପାରେ । ଯେପରି –

## ୧. ଈଶ୍ୱର ପ୍ରୀତିମୂଳକ କବିତା :

'ସ୍ତବ' ଓ 'ଈଶ୍ୱର' କବିତା ଦୁଇଟିରେ ଈଶ୍ୱରଙ୍କ ମହିମା ଗାନକରି କବି ବାଳୁତ ପିଲାଙ୍କଠାରେ ଈଶ୍ୱର ବିଶ୍ୱାସ ଜନ୍ମାଇବାରେ ସଫଳ ହୋଇଛନ୍ତି । ଈଶ୍ୱରଙ୍କୁ ଜଗତର ସର୍ବମୟ କର୍ତ୍ତା ଭାବେ ବର୍ଣ୍ଣନା କରି ସେ ଲେଖିଛନ୍ତି –

"ସୁନ୍ଦର ଫୁଲ ଫଳ କିଏ ସେ କଲା ?
ସଂଜ ସକାଳ ସବୁ କାହାର ଖେଳା ?
କଳ କଳ ନଈଧାର ବହେ ମାନି କାହା ବୋଲ ?
ବିଞ୍ଚଇ ଆକାଶରେ କିଏ ସେ ତରା ?
ଈଶ୍ୱର ସେଇ ଏକା ସବୁଠି ପରା !"

'ସ୍ତବ' କବିତାଟି ଗାନୋପଯୋଗୀ । ଏହା ସଂସ୍କୃତ ଗୁରୁ-ଲଘୁ-ନିୟମରେ ରଚିତ – "ତୁଂ-ଭରି ଗୁଣ ଗା-ନେ
ତୁଂ-ଭରି ଶୁଭ ଦା-ନେ
ସୁଂ-ଦର କର ନିର୍-ମଳ କର
ପୁ-ଣ୍ୟ କର ଏ ପ୍ରା-ଣେ ।"



Digitized by PPRACHIN, SOA

## ୨. ଜାତି ପ୍ରୀତିମୂଳକ କବିତା :

ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟଗୁଡ଼ିକ ପରି ପିଲାଙ୍କ କବିତାରେ ମଧ୍ୟ ଜାତିପ୍ରୀତିର ଦୁଇଟିଧାରା ଲକ୍ଷ୍ୟ କରାଯାଇଥାଏ । 'ଆମ ଜାତୀୟ ପତାକା' ଓ 'ଜୟଭାରତ' କବିତା ଦୁଇଟି ମହାଭାରତୀୟ ଚେତନା ଉପରେ ଆଧାରିତ ହେବାବେଳେ 'ବଢ଼େଇ ବାଳକ' ଓ 'ମୋ ରଜା' କବିତାରେ ଉତ୍କଳୀୟ ଆଦର୍ଶ ଓ ପରମ୍ପରାର ଚିତ୍ର ରହିଛି ।

ଜାତୀୟ ପତାକାକୁ ସ୍ୱାଧୀନ ଜାତିର ପ୍ରାଣକେନ୍ଦ୍ର ରୂପେ ଉପସ୍ଥାପନ କରି କବି ସାମ୍ୟ, ମୈତ୍ରୀ ଓ ତ୍ୟାଗର ପ୍ରତୀକ ଏହି ପତାକାରେ ଥିବା ତ୍ରିରଙ୍ଗର ବୈଶିଷ୍ଟ୍ୟ ଅତି ସରଳ ଭାବେ ପିଲାଙ୍କୁ ବୁଝାଇ ଦେଇଛନ୍ତି -

"ଲାଲ ରଙ୍ଗେ ହିନ୍ଦୁ, ଶାଗୁଆ ରଙ୍ଗେ ମୁସଲମାନ,
ଏକାକାର ପୁଣି ଧଳାରେ ସବୁ ବର୍ଣ୍ଣ ଧରମ ।"

ସେହିପରି 'ବଢ଼େଇ ବାଳକ' କବିତାରେ କବି ଓଡ଼ିଆ ଶିଳ୍ପୀଙ୍କ ଶିଳ୍ପନୈପୁଣ୍ୟ ବର୍ଣ୍ଣନା କରିବା ସହ ଶିଳ୍ପୀକୁଳ ମାନ ରଖିବା ପାଇଁ ଏ ଜାତିର ବାଳୁତ ପିଲା ମଧ୍ୟ କିପରି ପ୍ରାଣପାତ କରିଥିଲା ପିଲାଙ୍କୁ ସେ ବିଷୟରେ ସଚେତନ କରିଛନ୍ତି -

"ବାଳକ ବୁଝିଲା କି ଅବା ମୋର ଛାର ଜୀବନ
ମୋ ପାଇଁ କାହିଁକି ବାରଶ୍ରୀ ସତେ ଖାଇବେ ହାଣ ?

ନୀଳକଣ୍ଠଙ୍କ ପରି ପଣ୍ଡିତ କବି ପିଲାମାନଙ୍କ ବୋଧଗମ୍ୟ ଭାଷା ପ୍ରୟୋଗରେ ମଧ୍ୟ ସିଦ୍ଧହସ୍ତ ଥିଲେ । ଏସବୁ କବିତା ତାହାର ପ୍ରମାଣ । 'ମୋ ରଜା' କବିତାରେ ଓଡ଼ିଶାର ରାଜାମାନଙ୍କ ରାଜ୍ୟ ଜୟ କରି ଆସିବାର ଦୃଶ୍ୟ ବର୍ଣ୍ଣିତ ହୋଇଛି ।

## ୩. ବ୍ୟକ୍ତି ପୂଜା ମୂଳକ କବିତା :

'ମହାତ୍ମା ଗାନ୍ଧି' ଶୀର୍ଷକ କବିତା ଦୁଇଟି ବ୍ୟକ୍ତି ପୂଜା ମୂଳକ କବିତା । ଏଥିରେ ମହାତ୍ମା ଗାନ୍ଧିଙ୍କ ଗୁଣାବଳୀ ସହ ତାଙ୍କ ପ୍ରଚାରି ଅହିଂସାଧର୍ମର ଜୟଗାନ କରାଯାଇଛି -

"ଡରାଇ, ହିଂସାକରି, ମଣିଷ ମାରି,
ଲୋକଙ୍କୁ ଜିଣିବାରେ କି ବହାଦୂରୀ ?



Digitized by PPRACHIN, SOA

ଜିଣା ଲୋକ ତହିଁରେ ନୁହଁଇ କିଣା,
ଜିଣି ସମ୍ଭାଳିବାର ବଡ଼ ଭାବନା
ସହି ସମ୍ଭାଳିବାର ମହତ ପଣ
ଅକାମୀ କରିଦେବ ତୋପ କମାଣ ।"

## ୪. ପ୍ରକୃତି ଚିତ୍ରଣ ମୂଳକ କବିତା :

ପାରିପାର୍ଶ୍ୱିକ ଦୃଶ୍ୟାବଳି ପ୍ରତି ପିଲାମାନଙ୍କ ମନକୁ ଆକର୍ଷଣ କରିବା ଲାଗି ପଣ୍ଡିତ ନୀଳକଣ୍ଠ 'କୁଆଁତରା', 'ଜହ୍ନମାମୁଁ', 'କି ସୁନ୍ଦର ଏ ସଂସାର', 'ଶରତ ସନ୍ଧ୍ୟା', 'ବସନ୍ତ ପ୍ରଭାତ', 'କୁଆ ସୁନ୍ଦର', 'ବଢ଼ିପାଣି', 'ଚିଲିକା କୂଳେ ସନ୍ଧ୍ୟା' କବିତା ସମୂହ ରଚନା କରିଛନ୍ତି ।

ସଂସାରର ସମସ୍ତ ସୌନ୍ଦର୍ଯ୍ୟ ମଧ୍ୟରେ ଶିଶୁକୁଳ ହିଁ ଶ୍ରେଷ୍ଠ ସୌନ୍ଦର୍ଯ୍ୟ – ଏହା ନୀଳକଣ୍ଠଙ୍କ 'କି ସୁନ୍ଦର ଏ ସଂସାର' କବିତାରେ ପ୍ରତିପାଦିତ ।

"କି ସୁନ୍ଦର ଏ ସଂସାର
କେଡ଼େ ସୁଖ ପିଲାଙ୍କର
ହସି ଖେଳି ବୁଲନ୍ତି ସେ
କି ଶୋଭା ଦିଶେ ।"

"ଚିଲିକା କୂଳେ ସନ୍ଧ୍ୟା"ରେ କବିଙ୍କ ପ୍ରକୃତି ବର୍ଣ୍ଣନା ଅତି ମନୋମୁଗ୍ଧକର । ଚିଲିକା ଜଳ ରୂପକ କେଶରାଶିର ମଧ୍ୟ ଭାଗରେ ସୁନ୍ଥା ରୂପେ ରହିଥିବା ପାହାଡ଼ ଉପରେ ଅସ୍ତରବିର ସୌନ୍ଦର୍ଯ୍ୟ ବର୍ଣ୍ଣନାତୀତ । ଦୀପାବଳୀ ଅମାବସ୍ୟା ଠାରୁ ଶୀତ ଯୋଗୁଁ ମନୁଷ୍ୟ ଶରୀରରୁ ତୈଳ ଅଂଶ କମିଯାଇ ଖାସୁରା ଦେଖାଯାଏ । କିନ୍ତୁ ଏଇ ସମୟରେ କାକର ପଡ଼ି କୁଆ ସୁନ୍ଦର ତଥା ଚିକ୍କଣ ଦିଶେ; ଋତୁ ପରିବର୍ତ୍ତନ ଜନିତ ଏହି ତଥ୍ୟ 'କୁଆ ସୁନ୍ଦର' କବିତାରେ ବର୍ଣ୍ଣିତ –

"ଆସୁଅଛି ମଗୁଶୀର
ଆସୁଛି ପୁଷର ଜାଡ଼
ଲୁଖୁରା ଖାସୁରା ହୋଇଯିବ ସଂସାର
ହିମ ପଡ଼ି ହେବ ଏକା କୁଆ ସୁନ୍ଦର ।"

ପିଲାଙ୍କ ଗୀତରେ 'ଜହ୍ନମାମୁଁ' ଏକ ପ୍ରଧାନ ଆକର୍ଷଣ । ଚନ୍ଦ୍ର ସବୁ ପିଲାଙ୍କର ଅତି



Digitized by PPRACHIN, SOA

ଆଦରର ଜହ୍ନମାମୁଁ । ଶରତ ଋତୁର କୁମାରପୂର୍ଣ୍ଣିମା ତିଥିରେ ଜହ୍ନ ସର୍ବାପେକ୍ଷା ଅଧିକ ସୁନ୍ଦର ଦିଶନ୍ତି । କବିଙ୍କ ଭାଷାରେ -

"କୁଆଁର ପୁନିଅଁ ଜହ୍ନ କେଡ଼େ ସୁନ୍ଦର
ମଜା ରୂପା ଥାଳି ଜହ୍ନ-ମାମୁଁଟି ମୋର ।
ନାହିଁ ଝଡ଼ି ଘଡ଼ ଘଡ଼ି
ନାହିଁ ଆଉ ନଈ ବଢ଼ି
ଫିଟିଅଛି ବାଟ ଘାଟ, ପାଣି ନିର୍ମଳ,
କୁଆଁର ପୁନିଅଁ ଜହ୍ନ, କେଡ଼େ ସୁନ୍ଦର ।"

"ବସନ୍ତ ପ୍ରଭାତ" କବିତାରେ କବି ବସନ୍ତ ଋତୁର ପ୍ରଭାତ କାଳ ପରି ପିଲାଙ୍କ ଜୀବନକୁ ସରସ, ସୁନ୍ଦର ଓ ଶୁଦ୍ଧ କରିବା ପାଇଁ ପ୍ରାର୍ଥନା କରିଛନ୍ତି ସେହି ପିଲାମାନଙ୍କ କଣ୍ଠରେ -

"ବସନ୍ତ ପ୍ରଭାତ ପରି
ହେଉ ମୋ ଜୀବନ
ଶରୀର ସୁନ୍ଦର ଶୁଦ୍ଧ
ନିର୍ମଳ ଏ ମନ ।"

## ୫. ପାରିବାରିକ ସମ୍ପର୍କମୂଳକ କବିତା :

ପିଲାମାନଙ୍କ ସମ୍ପର୍କ ପରିବାର ମଧ୍ୟରେ ସୀମିତ, ପରିବାରକୁ ହିଁ ସେମାନେ ସଂସାର ଜ୍ଞାନ କରନ୍ତି । ସେହି ଦୃଷ୍ଟିରୁ ବିଚାର କଲେ, 'ମୋଟିକି ଘର', 'ହଟିଆ ଲୁଚିବା କଥା', 'ଟିକି ଭଉଣୀ' ଆଦି କବିତାରେ ବର୍ଣ୍ଣିତ ବାପ, ମା, ଭାଇ, ଭଉଣୀଙ୍କ ସ୍ନେହ ସୋହାଗ ପିଲାଙ୍କ ହୃଦୟରେ ସ୍ୱର୍ଗପୁରୀର ଆନନ୍ଦ ସଂଚାର କରେ-

"ଆମେ ଦୁଇଭାଇ, ଗୋଟିଏ ଭଉଣୀ, ଯାଇଥିଲୁ ମାମୁଘର
ମାଇଁ ଦେଇଥିଲା, ତିନୋଟି କୁଣ୍ଢେଇ, ସବୁଯାକ ତିହ୍ନିଙ୍କର ।"

## ୬. ପଶୁପକ୍ଷୀ ପ୍ରୀତିମୂଳକ କବିତା :

ବାପା, ମା, ଭାଇ, ଭଉଣୀଙ୍କ ପରି ଗୃହପାଳିତ ପଶୁକୁ ମଧ୍ୟ ପିଲାମାନେ ପରିବାରର ଏକ ଅଂଶ ବୋଲି ଭାବି ତା ପ୍ରତି ଯେଉଁ ସ୍ନେହ ଶ୍ରଦ୍ଧା ଜ୍ଞାପନ କରନ୍ତି ତାହା 'ଆ ମୋ ପାଟ', 'ଆମ ନେତ', 'ପିଲା ଓ ଚଢ଼େଇ', 'ମୋରି ଗାଈ ସେ



Digitized by PPRACHIN, SOA

ଯାତ' କବିତାରେ ପ୍ରତିଫଳିତ - "ପଶିଚି କୁଣ୍ଡେ ତୋରାଣି ପାଣି
କୁଣ୍ଡା କୁଲୁଚି ଦେବି ମୁଁ ଆଣି
କତୁରା ଛଣ ବତୁରା ହୋଇ
ଏଇ ରହିଚି ତୋ'ରି ପାଇଁ
ଆ'-ଆ' ମୋ ପାଟ ।"

## ୭. ଐତିହାସିକ କିମ୍ବଦନ୍ତୀ ଆଧାରିତ କବିତା :

ବୁଦ୍ଧଦେବଙ୍କ ଜୀବନୀ ବିଷୟକ କିମ୍ବଦନ୍ତୀ ଉପରେ ନୀଳକଣ୍ଠ ତିନିଗୋଟି କବିତା ଲେଖିଛନ୍ତି- 'ବୁଦ୍ଧ ଓ ବିଧବା', 'ସିଦ୍ଧାର୍ଥ ଓ ହଂସ' ଓ 'ଫୁଲର ମୂଳ'। କେହି ମରିନଥିବା ଘରୁ ଆଞ୍ଜଳାଏ କଳାରାଶି ଆଣିଲେ ପୁଅ ବଞ୍ଚିବ - ବୁଦ୍ଧଙ୍କର ଏହି ବାଣୀକୁ ଭିତ୍ତିକରି 'ବୁଦ୍ଧ ଓ ବିଧବା' ଏବଂ ଦେବଦତ୍ତ ମାରିଥିବା ହଂସ ଉଦ୍ଧାର କରିବା କିମ୍ବାଦନ୍ତୀକୁ ନେଇ 'ସିଦ୍ଧାର୍ଥ ଓ ହଂସ' କବିତା ଲେଖାଯାଇଛି । 'ଫୁଲର ମୂଳ' କବିତାଟି ବୌଦ୍ଧ ଧର୍ମର ପ୍ରସାର କାଳରେ ବୁଦ୍ଧଙ୍କ ଉପାସନା ଉପରେ ଆଧାରିତ ।

ଏହା ବ୍ୟତୀତ 'ଜଗନ୍ନାଥଙ୍କ ଦହିଖିଆ' କବିତାଟି ମାଣିକ ପାଟଣା ସ୍ଥାନ ସମ୍ବନ୍ଧୀୟ କିମ୍ବଦନ୍ତୀକୁ ଭିତ୍ତିକରି ଲେଖାଯାଇଛି । ଏହି କବିତାରେ କବି ଉତ୍କଳକୁ 'ଦେବଭୂମି'. ରୂପେ ଉପସ୍ଥାପନ କରିଛନ୍ତି -

"ଏବେ ମଧ ତହିଁ, ମିଳଇ ଯେ ଦହି
ଓଡ଼ିଶା ମୂଳକେ ସାର,
ଏବେ ମଧ ସେହି, ପାଟଣାଟି କହେ
ଦେବ ଭୂମି ଏ ଉତ୍କଳ ।"

## ୮. ଶିକ୍ଷାମୂଳକ କବିତା :

'ଗଛ', 'ଚକାଫଳ ନ ଖାଉଁ', 'ଭାଗ୍ୟ ନିନ୍ଦି କି ଲାଭ', 'ମାଛି ଓ ବୁଢ଼ିଆଣୀ', 'ବେଙ୍ଗ ଓ ବୁଢ଼ିଆଣୀ', କବିତାଗୁଡ଼ିକ ପିଲାଙ୍କ ପାଇଁ ଶିକ୍ଷାପ୍ରଦ । ବୁଢ଼ା ଭାଲୁ କିଆରୀରେ ପଶି ଆଖୁ ଖାଇବା ପରେ ଅତି ଲୋଭବଶତଃ ଆଖୁପତ୍ର ମଧ୍ୟରେ ଥିବା ବିରୁଡ଼ି ବସାକୁ ଆଖୁର ଚକାଫଳ ଭାବି ପାଟିରେ ପୂରାଇ ଦେବାରୁ ଯେଉଁ



Digitized by PPRACHIN, SOA

ମଜା ପାଇଲା ତାହା 'ଚକାଫଳ ନ ଖାଉଁ' କବିତାରେ ବର୍ଣ୍ଣିତ -

"ଧରୁ ଧରୁ ମୁହେଁ ପୂରାଇ
ଦେଲା ଗୋଟାକ ଯାକ
ମାଇଲେ ବିରୁଡ଼ି ଫୁଟିଲା
ଆଖି, ଜଳିଲା ନାକ ।
ଜିଭ ତାଳୁ ସବୁ ପୋଡ଼ିଲା
ଭାଲୁ ଗଡ଼ିଲା ତଳେ
ନ ଛାଡ଼ନ୍ତି କେଭେ ବିରୁଡ଼ି
ବୁଢ଼ା ଗର୍ଜେ ବିକଳେ ।"

"ଭାଗ୍ୟନିନ୍ଦି କି ଲାଭ" କବିତାରେ ଦରିଦ୍ରବୁଢ଼ା ଓ ପୁଅର କଥୋପକଥନ ମାଧ୍ୟମରେ କବି ଭାଗ୍ୟ ଆଦରି କାର୍ଯ୍ୟ କରିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି । 'ଗଛ' କବିତାରେ କ୍ଷୁଦ୍ର ମଞ୍ଜିରୁ କିପରି ବିରାଟ ବୃକ୍ଷର ସୃଷ୍ଟି ହୁଏ ତା'ର ସୂଚନା ଅତି ସଂକ୍ଷେପରେ ସରଳ ଭାଷାରେ ଦିଆଯାଇଛି । 'ମାଛି ଓ ବୁଢ଼ିଆଣୀ' ଏବଂ 'ବେଙ୍ଗ ଓ ବୁଢ଼ିଆଣୀ' କବିତାରୁ ପିଲାମାନେ କାହାରି କଥାରେ ଭୁଲି ନ ଯିବା ପାଇଁ ଶିକ୍ଷା ପାଇଥାଆନ୍ତି ।

## ୯. ବର୍ଣ୍ଣନାତ୍ମକ କବିତା :

'କି ସୁନ୍ଦର ଏ ସଂସାର', 'ସାପୁଆ କେଳା', 'ଚଷାର ଭାଗ୍ୟ', 'ପରବ ଛୁଟି', 'ବୋଇତ ଖେଳ', 'ସୁବୁଦ୍ଧି କାଇଁ' କବିତାଗୁଡ଼ିକ ବର୍ଣ୍ଣନାତ୍ମକ । 'ସାପୁଆ କେଳା' କବିତାରେ କେଳା ଗାଁକୁ ଗାଁ ବୁଲି ପଦ୍ମତୋଳା ବୋଲି ବିଭିନ୍ନ ପ୍ରକାରର ସାପ ଖେଳାଇବାର ଦୃଶ୍ୟ ପିଲାଙ୍କ ମନରେ ଉତ୍କଣ୍ଠା ସୃଷ୍ଟିକରେ । କବିଙ୍କ ଭାଷାରେ-

"ଅହିରାଜ କାଢ଼ିବ ସେ ଅଠର ହାତି,
କୋଳଥିଆ ନାଗ ଏବେ ଛାଡ଼ିଛି କାତି,
ତମ୍ଭା ପରି ତମ୍ପ ମାନ କେତେ ନାଗ ବଡ଼ ସାନ
ଚାରିଆଡ଼େ ଫଣା ଟେକି ଉଠିବେ ମାତି,
ଖେଳାଇବ କେଳା ଏକା ଫୁଲାଇ ଛାତି ।"

ପିଲାମାନେ ହେଉଛନ୍ତି ଏ ସଂସାରର ଶ୍ରେଷ୍ଠ ସୌନ୍ଦର୍ଯ୍ୟ ତାହା 'କି ସୁନ୍ଦର



Digitized by PPRACHIN, SOA

ଏ ସଂସାରରେ ପ୍ରତିପାଦିତ ହୋଇଅଛି-

"କି ସୁନ୍ଦର ଏ ସଂସାର,
କେଡ଼େ ସୁଖ ପିଲାଙ୍କର,
ହସିଖେଳି ବୁଲନ୍ତି ସେ କି ଶୋଭା ଦିଶେ ।"

## ୧୦. ଲୋକଗୀତ ଆଧାରିତ କବିତା :

ବାକ୍ ଛନ୍ଦ, ବର୍ଣ୍ଣନା ବାହୁଲ୍ୟ, କଥନିକାଶକ୍ତି ଆଦି ଲୋକ ସାହିତ୍ୟର ସକଳ ବୈଶିଷ୍ଟ୍ୟ ପିଲାଙ୍କ ସାହିତ୍ୟରେ ପରିଲକ୍ଷିତ ହୁଏ । କାରଣ ନିରକ୍ଷର ଲୋକଙ୍କ ମାନସିକ ଆବଶ୍ୟକତା ଓ ପିଲାଙ୍କ ମାନସିକ ଆବଶ୍ୟକତା ପ୍ରାୟତଃ ସମାନ । ତେଣୁ ଲୋକ ସାହିତ୍ୟ ଓ ପିଲାଙ୍କ ସାହିତ୍ୟ ମଧ୍ୟରେ ଆତ୍ମିକ ସମ୍ବନ୍ଧ ରହିବା ସ୍ୱାଭାବିକ । ଏହିକଥା ହୃଦୟଙ୍ଗମ କରି ପଣ୍ଡିତ ନୀଳକଣ୍ଠ ଲୋକଗୀତ ଛାଞ୍ଚରେ "ଗଛ ଚଢ଼ା ଓ ପହରା", "କଇଁଚି କାକୁଡ଼ି", "ଅଖାଇ", "ବୁଢ଼ୀ ଅସୁରୁଣୀ କଥା", "କୋଇଲି ପିଲାର ପୋଇଲି ମାଆ", କବିତାଗୁଡ଼ିକ ଲେଖିଛନ୍ତି । କବିତାର ବିଷୟବସ୍ତୁ ଓ ରଚନା ଶୈଳୀ ଦୃଷ୍ଟିରୁ "ଗଛଚଢ଼ା ଓ ପହରା" କବିତାଟି ଅତି କୌତୁକପ୍ରଦ । ଲୋକଗୀତ ପରି ଏଥିରେ ମୂଳ ପଦଟିର ପୁନରାବୃତ୍ତି ହୋଇଅଛି -

"ସ-ର୍ଗେ ଲାଗେ ଡାଳ୍
(ବୋଇଲେ) ମଂ-ଚେ ଲାଗେ ଡାଳ୍
ପହରା ନ ଜାଣି
ନଈକି ଗଲେ
ନଈ ପାଣି ସାତ ତାଳ ।"

ଏଇ କବିତାରେ ଗଛ ଚଢ଼ା ଓ ନଈ ପହଁରାର କୌଶଳ ପିଲାଙ୍କ ବୋଧଗମ୍ୟ ଭାଷାରେ ଚମତ୍କାର ଭାବେ ବର୍ଣ୍ଣିତ -

"ଖେଳିବାରେ ଆଜି ଡାଳ-ମାଙ୍କୁଡ଼ି
ଡାଳେ ଡାଳେ ଉଠି ପଡ଼ିବା ଝୁଲି
ଓହଳି ଓହଳି ଖେଳିବା ଗଛେ
ଡେଇଁବା ଡାଳକୁ ଡାଳ ।



Digitized by PPRACHIN, SOA

x x x x

ଶିଖିଥିବ ଏକା ଚିଡି ପହଁରା
ଭାସିବ ପାଣିରେ କାଠୁଟି ପରା
ପହଁରି ପହଁରି ହାଲିଆ ହେଲେ
ସେଇ ପହଁରାଟି ସାର ।”

“କଇଁଚି କାକୁଡ଼ି” କବିତାରେ –

“ଆସ ଗୋ ସଂଗାତ ଗାଧୋଇ ଯିବା
କଇଁଚି କାକୁଡ଼ି ତୋଳି ଆଣିବା

x x x x

କଇଁଚି କାକୁଡ଼ି ଭୁଣ୍ଡିଟା ପିତା
କହିବି ତ ମତେ କାଲି ମୁକୁତା”–

ଏ ପଦଗୁଡ଼ିକ ଲୋକଗୀତର ମଧୁର ଝଙ୍କାର ସୃଷ୍ଟି କରିବାରେ ସମର୍ଥ । ‘ଅଖାଇ’ ଏକ ଭିନ୍ନ ସ୍ୱାଦର କବିତା । ଏହା – “ଅଖାଇ କରିଚି ଓଷା

ଡୋଲିକ ଚାଉଳ ଓଳିଏ କରିଚି
ପେଟ ଅଛି ଦରପୋଷା”–

ଢଗଟିର ଅନୁସରଣରେ ରଚିତ । ବ୍ୟଙ୍ଗାତ୍ମକ ଶୈଳୀରେ କବିତାଟି ଆରମ୍ଭ ହୋଇଥିଲେ ହେଁ ସମସ୍ତ କାନକୁହା କଥାକୁ ମିଛ ପ୍ରମାଣିତ କରି କବିତାଟି ଶେଷ ହୋଇଛି କାରୁଣ୍ୟରେ । “ବୁଢ଼ୀ ଅସୁରୁଣୀ କଥା” କବିତାରେ ସନ୍ଧ୍ୟାବେଳେ ପିଲାମାନେ ଆଈମାଙ୍କ ପାଖରୁ କାହାଣୀ ଶୁଣିବାର ପରିବେଶ ବର୍ଣ୍ଣିତ–

“ଚଡ଼ ଚଡ଼ ଉମ୍ନେଇରେ
ଜଳୁଥାଏ ନିଆଁ
ସମସ୍ତେ ବସିଲୁ ଧରି
କଥା କହ ମାଆ
ବୁଢ଼ୀ ଅସୁରୁଣୀ କଥା
ବସିଲା ସେ କହି
କୋଡ଼େ ବସିଥାଏ ମୁହିଁ
ମୁହଁଟି ଘୋଡ଼ାଇ ।



Digitized by PPRACHIN, SOA

'କୋଇଲି ପିଲାର ପୋଇଲି ମାଆ' କବିତାଟି ଲୋକଗୀତ ଶୈଳୀରେ ଲେଖା ଯାଇଥିଲେ ହେଁ, ଏହା ଗୋଟିଏ ଶିକ୍ଷାମୂଳକ କବିତା । କାଉ ବସାରେ କୋଇଲି ଡିମ୍ବ ଦିଏ । କାଉ ସେହି ଡିମ୍ବକୁ ଫୁଟାଇ ପୋଇଲି ପରି କୋଇଲି ଛୁଆକୁ ପାଳନ କରେ । ଏହି ବିଷୟ ପିଲାମାନଙ୍କୁ ଜଣାଇବା ଉଦ୍ଦେଶ୍ୟରେ କବିତାଟି ରଚିତ ।

ପଣ୍ଡିତ ନୀଳକଣ୍ଠଙ୍କର ପ୍ରଚଣ୍ଡ ପାଣ୍ଡିତ୍ୟ ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱର ଏକ ସହଜ, ସରଳ, ନିରାଡ଼ମ୍ବର ରୂପ ଏଇ କବିତାଗୁଡ଼ିକରେ ଉଦ୍‌ଘାଟିତ ହୋଇଛି । ଶିଶୁ-ପ୍ରାଣର ସୂକ୍ଷ୍ମତନ୍ତ୍ରୀରେ ପ୍ରଭାବ ସଞ୍ଚାରକ୍ଷମ ବିଷୟବସ୍ତୁ ନିର୍ବାଚନ କରି ଏହି କବିତା ଗୁଡ଼ିକରେ କବି ଅପୂର୍ବ ରସ ସୌନ୍ଦର୍ଯ୍ୟ ସୃଷ୍ଟି କରିଛନ୍ତି । ନିସର୍ଗ ପ୍ରକୃତିର ବିଚିତ୍ର ସୌନ୍ଦର୍ଯ୍ୟଠାରୁ ମନୁଷ୍ୟ ପ୍ରକୃତିର ସହଜ ସୁଷମା ଏସବୁ କବିତାରେ ସରଳ ଅଥଚ ବଳିଷ୍ଠ ଭାଷାରେ ପ୍ରକାଶ ଲାଭ କରିଛି । ପିଲାଙ୍କ କୋମଳ ପ୍ରାଣରେ କୌତୂହଳ ସୃଷ୍ଟି କରିବା ସହ ଏକ ବଳିଷ୍ଠ ଜୀବନବୋଧରେ ସେମାନଙ୍କ ଜୀବନକୁ ଉଦ୍ଦୀପିତ କରିବା ନୀଳକଣ୍ଠଙ୍କ ରଚିତ ପିଲାଙ୍କ କବିତାଗୁଡ଼ିକର ଅନ୍ତର୍ବାଣୀ ।

## ପିଲାଙ୍କ କାହାଣୀ

ନୀଳକଣ୍ଠଙ୍କ ରଚିତ ପିଲାଙ୍କ କାହାଣୀ ତାଙ୍କ ରଚିତ 'ପ୍ରାଥମିକ ସାହିତ୍ୟ', 'ସାହିତ୍ୟ କଥା', 'କଥାମାଳା', 'ସାହିତ୍ୟ ଚନ୍ଦ୍ରିକା' ଆଦି ପାଠ୍ୟପୁସ୍ତକରେ ପ୍ରକାଶ ପାଇଛି । ଏହା ବ୍ୟତୀତ କେତୋଟି ଐତିହାସିକ କିମ୍ବଦନ୍ତୀ ଭିତ୍ତିକ କାହାଣୀ ଅପ୍ରକାଶିତ ରହିଅଛି । ବିଷୟ ବସ୍ତୁରୁ ବିଭିନ୍ନତା ଦୃଷ୍ଟିରୁ କାହାଣୀଗୁଡ଼ିକୁ ନିମ୍ନୋକ୍ତ ଭାବେ ସଜାଇ ଦିଆଯାଇପାରେ ।

### ୧. ଜୀବନୀ ମୂଳକ କାହାଣୀ :

ପିଲାମାନଙ୍କୁ ଭବିଷ୍ୟତରେ ଆଦର୍ଶପୂର୍ଣ୍ଣ ଜୀବନ ଯାପନ ଲାଗି ଅନୁପ୍ରାଣିତ କରିବା ପାଇଁ ପଣ୍ଡିତ ନୀଳକଣ୍ଠ ବଡ଼ ମଣିଷମାନଙ୍କ ଜୀବନର କେତେକ ମହତ୍ ଘଟଣାକୁ କାହାଣୀ ରୂପ ଦେଇଛନ୍ତି । ସେଇ କାହାଣୀଗୁଡ଼ିକ ହେଲା -

ଇନ୍ଦ୍ରଦ୍ୟୁମ୍ନ, କାଶିଆ ଓ କପିଳା କଥା, ଆଦିକବି ସାରଳା ଦାସ, ବିଶ୍ୱନାଥ ମହାପାତ୍ର, ଅତିବଡ଼ି ଜଗନ୍ନାଥ ଦାସ, ପଣ୍ଡିତ ଜହରଲାଲ, ସୁଭାଷ ବୋଷ, ପଣ୍ଡିତ



Digitized by PPRACHIN, SOA

ହରିହର ଦାସ, ଗୋପବନ୍ଧୁଙ୍କ ଲୋକସେବା, ଗଞ୍ଜାମର କର୍ମୀ ପୁରୁଷ ବଳରାମ ମହାରଣା ।

ଏହିସବୁ କାହାଣୀରେ ନୀଳକଣ୍ଠ ବର୍ଣ୍ଣନା କରିଥିବା ପଣ୍ଡିତ ଜବାହର ଲାଲଙ୍କ ଭୁଲ ସ୍ୱୀକାର କରିବା ପ୍ରବୃତ୍ତି, ପଣ୍ଡିତ ହରିହରଙ୍କ କର୍ମମୟ ଜୀବନର କଥା, ପଣ୍ଡିତ ଗୋପବନ୍ଧୁଙ୍କ ସେବାମନୋଭାବ ଆଦି ପିଲାମାନଙ୍କ ଚିତ୍ତକୁ ଗଭୀର ଭାବେ ଆଲୋଡ଼ିତ କରେ ।

## ୨. ଶିକ୍ଷା ମୂଳକ କାହାଣୀ :

ଲୋଭରୁ କିପରି ମୃତ୍ୟୁ ଘଟେ ? କର୍ତ୍ତବ୍ୟ ପରାୟଣତା କଅଣ ? ଦୁଷ୍ଟ ବ୍ୟକ୍ତି କିପରି ସମାଜରେ ଅପ୍ରିୟ ହୋଇ ପିତା ଗଛର ଚାରା ସହ ତୁଳନୀୟ ହୋଇଥାଏ ? ବୁଦ୍ଧି ବଳରେ କିପରି ମନୁଷ୍ୟ ବିଭିନ୍ନ କାର୍ଯ୍ୟରେ ସଫଳ ହୋଇଥାଏ ? - ଏସବୁ ବିଷୟରେ ପିଲାମାନଙ୍କୁ ଶିକ୍ଷାଦେବାପାଇଁ ନୀଳକଣ୍ଠ ଅନେକଗୁଡ଼ିଏ କାହାଣୀ ଲେଖିଛନ୍ତି । ସେଗୁଡ଼ିକ ହେଲା -

ଈଶ୍ୱର ମଙ୍ଗଳ କରନ୍ତି, ଯୋଡ଼ିଏ ଅମୃତଭଣ୍ଡାକୁ କୋଡ଼ିଏ ଟଙ୍କା, ସିକନ୍ଦର ଓ ପଣ୍ଡିତ କଥା, ଦୁଷ୍ଟ ରାଜପୁତ୍ର କଥା, ହାକିମ କିପରି ଚୋର ଧରିଲେ ? ଦେୱାନ ଓ ରଘୁଆ, ପୋତାଧନ, ଚଷାପୁଅ ରଜା ହେବା, ବିଚାରପତି, ଆରୁଣି କଥା ଓ ପନ୍ଥକ ।

ଗୁରୁଙ୍କ ଆଦେଶ ପାଳନ କରିବା ଶିଷ୍ୟର ପରମ କର୍ତ୍ତବ୍ୟ । ଏକଥା ଲେଖକ 'ଆରୁଣି କଥା'ରେ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି, ପ୍ରାଚୀନ ଗୁରୁକୁଳର ଛାତ୍ର ଆରୁଣି ଯେପରି ନିଜ ଜୀବନକୁ ଭ୍ରୂକ୍ଷେପ ନ କରି ଗୁରୁଙ୍କ ଆଦେଶ ପାଳନ କରିଛି, ତାହା ପିଲାଙ୍କ ପାଇଁ ଖୁବ୍ ଶିକ୍ଷାପ୍ରଦ ହୋଇପାରିଛି ।

## ୩. ପୌରାଣିକ ଉପାଖ୍ୟାନ ଆଧାରିତ କାହାଣୀ :

'ଦେବବ୍ରତ ଭୀଷ୍ମ ହେଲେ', ଏବଂ 'ଲାଖ ବିନ୍ଧା' କାହାଣୀ ଦୁଇଟିରେ ଲେଖକ ପିଲାମାନଙ୍କୁ ସଂକଳ୍ପବଦ୍ଧ ଓ କର୍ମନିଷ୍ଠ ହେବା ପାଇଁ ମାର୍ଗ ଦର୍ଶାଇଛନ୍ତି ।



Digitized by PPRACHIN, SOA

### ୪. ପଶୁପକ୍ଷୀ ବିଷୟକ କାହାଣୀ :

ପିଲାମାନେ ପଶୁପକ୍ଷୀ ଆଦି ମନୁଷ୍ୟେତର ଜୀବକୁ ଅତି ଆପଣାର ମନେକରନ୍ତି । ସେମାନଙ୍କ କଳ୍ପନାରେ ପଶୁପକ୍ଷୀଙ୍କର ମଧ୍ୟ ମନୁଷ୍ୟ ପରି ବାକ୍‌ଶକ୍ତି ରହିଛି, ମନୁଷ୍ୟ ପରି ସେମାନେ ମଧ୍ୟ ଦୟା, ସ୍ନେହ, ମମତା, କ୍ଷମାଦି ଗୁଣର ମହତ୍ତ୍ୱ ବୁଝନ୍ତି । ସେମାନେ ମନୁଷ୍ୟ ପାଇଁ ବିପଦର ବନ୍ଧୁ ସାଜି ପାରନ୍ତି । ପରକୁ ରକ୍ଷା କରିବା ଲାଗି ନିଜକୁ ବିପନ୍ନ କରିପାରନ୍ତି । ସେଥିପାଇଁ ପିଲାମାନେ ପଶୁ-ପକ୍ଷୀ ସମ୍ପର୍କିତ କାହାଣୀ ଶୁଣିବାକୁ ଓ ପଢ଼ିବାକୁ ଉତ୍କଣ୍ଠାର ସହ ଅପେକ୍ଷା କରନ୍ତି । ପିଲାଙ୍କ ଏହି ଉତ୍କଣ୍ଠାକୁ ଚରିତାର୍ଥ କରିଛି ନିମ୍ନୋକ୍ତ କାହାଣୀମାନ।

ନିଷ୍ଠୁର କାଠୁରିଆ, ବିଲୁଆ, ହାତୀ ଓ କୁମ୍ଭୀର, ଲୋଭରେ ବିଲୁଆ ମଲା, ବାଘ ଅଖାରେ ବନ୍ଧା ହେଲା, କୁକୁରର ବୁଦ୍ଧି, ମାଙ୍କଡ଼ ଦଳରେ ମଣିଷ ପିଲା, ସିଂହ ବିଲୁଆ ଓ ହରିଣ କଥା, କାପେତା କାପେତୀ କଥା, ଏବଂ ପେଚାଙ୍କ କଥାବାର୍ତ୍ତା ।

### ୫. ଦେଶବିଦେଶର କାହାଣୀ :

ଅନ୍ୟ ଦେଶର ଲୋକମାନଙ୍କ ଜୀବନଯାତ୍ରା ତଥା ଆଚାର ବ୍ୟବହାର, ପରମ୍ପରା ଓ ଚଳଣି ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇବା ପାଇଁ ନୀଳକଣ୍ଠ ଲେଖିଛନ୍ତି -

ପଶ୍ଚିମ ଆଫ୍ରିକାର ଟିକି ଝିଅଟି, ଆରବ ରମଣୀ, ଜାପାନ କଥା, ଗୁରୁଶିଷ୍ୟ, ଉଇଲିଅମ୍ ଟେଲ୍, ଜାପାନୀ ବାଳକର ସାହସ, ଆମେରିକାର ଆଦିମ ନିବାସୀ, ଦୋକାନ ବାକୀ ଶୁଝିବା କଥା ଏବଂ ଲିଭିଙ୍ଗ୍ ଷ୍ଟୋନ୍ ଓ ସିଂହ ।

### ୬. ଐତିହାସିକ ଓ କିମ୍ବଦନ୍ତୀଭିତ୍ତିକ କାହାଣୀ :

ପଣ୍ଡିତ ନୀଳକଣ୍ଠ କହନ୍ତି- କିମ୍ବଦନ୍ତୀ ଇତିହାସ ନୁହେଁ, କିନ୍ତୁ କିମ୍ବଦନ୍ତୀର ଅସ୍ଥିମଜ୍ଜାରେ ଐତିହାସିକ ସତ୍ୟ ଲୁକ୍କାୟିତ ଥାଏ । କିମ୍ବଦନ୍ତୀର ମଜ୍ଜାରୁ ସାରସତ୍ୟ ସହଜରେ ମରେନାହିଁ । ସେଥିପାଇଁ ଓଡ଼ିଶାର ଇତିହାସ ପଢ଼ିବା ପୂର୍ବରୁ ସେ ବିଷୟରେ ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟ ନେଇ ପଣ୍ଡିତ ନୀଳକଣ୍ଠ ଓଡ଼ିଶାରେ ପ୍ରଚଳିତ କେତେଗୋଟି ଐତିହାସିକ କିମ୍ବଦନ୍ତୀକୁ ଭିତ୍ତିକରି କାହାଣୀ



Digitized by PPRACHIN, SOA

ଲେଖିଛନ୍ତି । ଏହି କାହାଣୀଗୁଡ଼ିକ ଏପର୍ଯ୍ୟନ୍ତ ଅପ୍ରକାଶିତ ରହିଅଛି । ବିଷୟବସ୍ତୁ ଓ ରଚନା ରୀତିରୁ ଜଣାଯାଏ ଏହିସବୁ କାହାଣୀ ଅପେକ୍ଷାକୃତ ବୟସ୍କ ପିଲାଙ୍କ ପାଇଁ ରଚିତ । ଏହି କାହାଣୀ ଗୁଡ଼ିକ ହେଲା-

ପୋଇଲି ପୁଅ ପୁରିଆ (ପୁରୁଷୋତ୍ତମ ଦେବ), କାଞ୍ଚି ଯୁଦ୍ଧ, ଶିବକରଦେବ ଓ ପ୍ରାଞ୍ଜ, ଉତ୍କଳରେ ନାରୀ ସମ୍ରାଟ, ଚୈତନ୍ୟ ଓ ପ୍ରତାପରୁଦ୍ର, ଚୈତନ୍ୟ, ରାୟ ରାମାନନ୍ଦ ରାୟ, ପଞ୍ଚସଖା, ବୀରଭଦ୍ର ଦେବ, ତେଲେଙ୍ଗା ମୁକୁନ୍ଦ ଦେବ ଏବଂ କଳାପାହାଡ଼ । ଏହି କାହାଣୀଗୁଡ଼ିକରେ ଇତିହାସ ସମର୍ଥିତ ଚରିତ୍ରମାନଙ୍କୁ ନେଇ ଓଡ଼ିଶାରେ ଗଢ଼ି ଉଠିଥିବା କେତୋଟି କିମ୍ବଦନ୍ତୀ ସହ ଲେଖକ ପିଲାଙ୍କୁ ପରିଚିତ କରାଇଛନ୍ତି । ଓଡ଼ିଶାର ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କ ରାଜା ହେବା ଏବଂ ସେ କାଞ୍ଚିଜେମା ପଦ୍ମାବତୀଙ୍କୁ ବିବାହ କରିବା ଘଟଣା ସମ୍ପର୍କରେ ପ୍ରଚଳିତ କିମ୍ବଦନ୍ତୀକୁ ନେଇ ପଣ୍ଡିତ ନୀଳକଣ୍ଠ "ପୋଇଲି ପୁଅ ପୁରିଆ" ଓ "କାଞ୍ଚିଯୁଦ୍ଧ" ଲେଖିଛନ୍ତି । ସୂର୍ଯ୍ୟବଂଶୀ ରାଜା ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ବୀର ଶ୍ରୀ କପିଳେନ୍ଦ୍ରଦେବଙ୍କର ଅଠର ଜଣ ପୁତ୍ର ଥିବା ସତ୍ତ୍ୱେ ପୋଇଲି ପୁତ୍ର ପୁରିଆ କିପରି ଶ୍ରୀମନ୍ଦିରର ବାଇଶି ପାହାଚରେ ତଳେ ପଡ଼ିଯାଇଥିବା କପିଳେନ୍ଦ୍ରଙ୍କ ପାଛୁଡ଼ା ଟେକିଦେଇ ଉତ୍ତରାଧିକାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ତାହାହିଁ "ପୋଇଲି ପୁଅ ପୁରିଆ" ବା "ପୁରୁଷୋତ୍ତମ ଦେବ" କାହାଣୀର ଉପଜୀବ୍ୟ ବିଷୟ । ଏଥିରେ ପ୍ରଭୁ ଜଗନ୍ନାଥଙ୍କ ଉପରେ କପିଳେନ୍ଦ୍ରଦେବଙ୍କ ଅଟଳ ଭକ୍ତି ଓ ବିଶ୍ୱାସ ବର୍ଣ୍ଣନା କରି ନୀଳକଣ୍ଠ ଲେଖିଛନ୍ତି – "ସମ୍ରାଟ ବଡ଼ ଜଗନ୍ନାଥ ଭକ୍ତ ଥିଲେ । ସେ ଖାଲି କହୁଥାନ୍ତି । ଜଗନ୍ନାଥେ ଯାହା କରିବେ ତାହାଇ ହେବ । x x x ମହାରାଜା ନଅରକୁ ଆସି କହିଲେ, ଜଗନ୍ନାଥେ ବାଛି ବାଇଶି ପାହାଚ ଉପରେ ଦେଖାଇ ଦେଲେ, ପୁରିଆ ଏକା ରାଜା ହେବାକୁ ଭାଜନ । "କାଞ୍ଚିଯୁଦ୍ଧ"ରେ ଗଜପତି ପୁରୁଷୋତ୍ତମ ଦେବଙ୍କ ବୀରତ୍ୱ ଓ ଦୃଢ଼ ସଂକଳ୍ପ ସହ ଜଗତରୂପୀ ପୁରୁଷ ଜଗନ୍ନାଥଙ୍କ ସେବାକର୍ମର ମହତ୍ତ୍ୱ ପ୍ରକଟିତ ହୋଇଅଛି ।

ଖ୍ରୀ. ୭ମ ଶତାବ୍ଦୀରେ ଓଡ଼ିଶାର ଭୌମବଂଶୀ ରାଜା ଶିବକର ଦେବଙ୍କ ରାଜତ୍ୱ କାଳର ଇତିହାସକୁ ଭିତ୍ତିକରି "ଶିବକର ଦେବ ଓ ପ୍ରାଞ୍ଜ" କାହାଣୀଟି ରଚିତ୍ । ଏହି କାହାଣୀ ମାଧ୍ୟମରେ ଲେଖକ ପିଲାମାନଙ୍କୁ ଭୌମବଂଶୀ ରାଜାଙ୍କ ରାଜଧାନୀ ଗୁହେଶ୍ୱର ପାଟକ (ଏବର ଯାଜପୁର)ର ଅବସ୍ଥିତି, ପୁଷ୍ପଗିରି ବିହାରର



Digitized by PPRACHIN, SOA

ବିଦ୍ୟାଚର୍ଚ୍ଚାର ଉତ୍କର୍ଷ ଆଦି ବିଷୟରେ ପରିଚିତ କରାଇଛନ୍ତି । "ଉତ୍କଳର ନାରୀ ସମ୍ରାଟ" କଥାରେ ପୂର୍ବେ ଓଡ଼ିଆ ନାରୀମାନେ କିପରି ବିଦ୍ୟା ଓ ଶକ୍ତିରେ ପୁରୁଷଙ୍କ ସମକକ୍ଷ ହୋଇ ଶାସନ ଦାୟିତ୍ୱ ମଧ ନିର୍ବାହ କରିଥିଲେ ତାହା ବର୍ଣ୍ଣିତ । ଏହି ନାରୀ ସମ୍ରାଟମାନଙ୍କ ମଧ୍ୟରୁ କରବଂଶର ସାମ୍ରାଜ୍ଞୀ ତ୍ରିଭୁବନ ମହାଦେବୀ, ଗୌରୀ ମହାଦେବୀ ଓ ଦଣ୍ଡୀ ମହାଦେବୀଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଶ୍ରୀ ଚୈତନ୍ୟ ଓଡ଼ିଆ ବୋଲି ଓଡ଼ିଶାରେ ଯେଉଁ କିମ୍ବଦନ୍ତୀ ପ୍ରଚଳିତ ଅଛି, ତାକୁ ପଣ୍ଡିତ ନୀଳକଣ୍ଠ 'ଚୈତନ୍ୟ' ଶୀର୍ଷକ କାହାଣୀରେ ଐତିହାସିକ ଭିତ୍ତି ଉପରେ ପ୍ରତିପାଦିତ କରିଛନ୍ତି । ତାଙ୍କ ମତରେ, ମହାରାଜା କପିଳେନ୍ଦ୍ର ଦେବଙ୍କ ସମୟରେ ଶାସ୍ତ୍ରସବୁ ଓଡ଼ିଆରେ ଲେଖାଯିବାରୁ, ରାଜଦ୍ୱାରରେ ଓଡ଼ିଆ ଭାଷାର ଆଦର ହେବାରୁ ଯାଜପୁରର ଅନେକ ଯାଜ୍ଞିକ ବ୍ରାହ୍ମଣ ଓଡ଼ିଶା ଛାଡ଼ି ଆସାମ ଓ ବଙ୍ଗଦେଶକୁ ପଳାଇଥିଲେ । ସେଇମାନଙ୍କ ମଧ୍ୟରେ ଚୈତନ୍ୟଙ୍କ ପୂର୍ବ ପୁରୁଷ ଥିଲେ ।

ଚୈତନ୍ୟ ଦେବ ତାଙ୍କ ପିତୃକୁଳ ଭୂମି ଓଡ଼ିଶାକୁ ଭୁଲିନଥିବାର ଦର୍ଶାଇ ନୀଳକଣ୍ଠ ଲେଖିଛନ୍ତି- "ନିଜର ପିତୃକୁଳ ଭୂମି ଓଡ଼ିଶା କଥା ଏବେ ଚୈତନ୍ୟଙ୍କର ମନେପଡ଼ିଲା । ସେ ଜଗନ୍ନାଥଙ୍କୁ ସ୍ମରଣ କଲେ । ଜଗନ୍ନାଥ ଧର୍ମ କଥା ଭାବିଲେ । ଜଗନ୍ନାଥ ଧର୍ମରେ ସମସ୍ତେ ସମାନ । ସେଇ ଏକା ଚୈତନ୍ୟଙ୍କର ସ୍ଥାନ ହେଲା ।"

ଓଡ଼ିଶା ପରାଧୀନ ହେବାର ଐତିହାସିକ କାରଣ "ଚୈତନ୍ୟ ଓ ପ୍ରତାପରୁଦ୍ର ଦେବ" କଥାରେ ପରିଲକ୍ଷିତ । ଚୈତନ୍ୟଙ୍କ ସଂକୀର୍ତ୍ତନର ପ୍ରଭାବରେ ଓଡ଼ିଶାର ଗଜପତି ପ୍ରତାପରୁଦ୍ର ଦେବ ନିଜର କ୍ଷତ୍ରିୟ ଧର୍ମ ଭୁଲିଯିବାରୁ ଓଡ଼ିଶାରେ ରାଜଶକ୍ତି ହ୍ରାସ ପାଇଲା । ଫଳରେ ପଡ଼ୋଶୀ ଶତ୍ରୁଙ୍କ ଚକ୍ରାନ୍ତରେ ସ୍ୱାଧୀନ ରାଜ୍ୟ ଓଡ଼ିଶା କ୍ରମେ ପରାଧୀନ ହେଲା ।

ପ୍ରତାପରୁଦ୍ରଙ୍କ ସମୟରେ ଓଡ଼ିଶା ଚାରିଗୋଟି ବଡ଼ବଡ଼ ଅଞ୍ଚଳରେ ବିଭକ୍ତ ଥିଲା । ଯଥା- ଏବର ଓଡ଼ିଶା; ମେଦିନୀପୁର, ସିଂହଭୂମି, ବାଙ୍କୁଡ଼ା, ପଶ୍ଚିମ ବର୍ଦ୍ଧମାନ ଓ ହୁଗୁଳିକୁ ନେଇ ମେଦିନୀପୁର ଅଞ୍ଚଳ; ଏବର ଆନ୍ଧ୍ରପ୍ରଦେଶକୁ ନେଇ ରାଜମହେନ୍ଦ୍ରୀ ଅଞ୍ଚଳ ଏବଂ ଏବର କର୍ଣ୍ଣାଟରୁ ଖଣ୍ଡେ ଓ ତାମିଲନାଡୁରୁ ଖଣ୍ଡେ ମିଶି ଉଦୟଗିରି ଅଞ୍ଚଳ । ଏଇ ଚାରିଅଞ୍ଚଳରୁ କଟକ ଓ ପୁରୀରେ ସମ୍ରାଟ ନିଜେ ରହୁଥିଲେ; ଅନ୍ୟ ତିନିଗୋଟିରେ ନାଏବ ବା ଲାଟ (ରାଜ ପ୍ରତିନିଧି) ରହୁଥିଲେ । ରାୟ ରାମାନନ୍ଦ, ରାଜମହେନ୍ଦ୍ରୀର ଲାଟ ଥିଲେ ଓ ପ୍ରତାପରୁଦ୍ରଙ୍କ ଠାରୁ 'ରାଜା'



Digitized by PPRACHIN, SOA

ଉପାଧି ପାଇଥିଲେ । ରାମାନନ୍ଦ ଚୈତନ୍ୟଙ୍କ ପ୍ରଚାରିତ ବୈଷ୍ଣବ ଧର୍ମର ଦୀକ୍ଷା ଗ୍ରହଣ କରିଥିଲେ । ନୀଳକଣ୍ଠଙ୍କ ମତରେ ତାଙ୍କରିଠାରୁ ଓଡ଼ିଶାରେ 'ଗୋଟିପୁଅ ନୃତ୍ୟ'ର ପ୍ରଚଳନ ହେଲା । ଏହା 'ରାୟରାମାନନ୍ଦ ରାୟ'ର କଥାବସ୍ତୁ ।

'ପଞ୍ଚସଖା' କଥାଟି ପ୍ରାଚୀନ ଓଡ଼ିଆ ଗ୍ରନ୍ଥ 'ଜଗନ୍ନାଥ ଚରିତାମୃତ' ଅବଲମ୍ବନରେ ରଚିତ । ଏଥିରେ ଲେଖକ 'ସିଦ୍ଧ ପୁରୁଷ' କଥାଟିକୁ ପିଲାଙ୍କୁ ବୁଝାଇବା ପାଇଁ ଲେଖିଛନ୍ତି- "'ସିଦ୍ଧପୁରୁଷ' ବୋଇଲେ କଅଣ ? ଯୋଗ ସାଧି ଯେଉଁମାନେ ଶରୀରର ଜନ୍ମମରଣ ତତ୍ତ୍ୱ ବୁଝିଯାଇଥାଆନ୍ତି, ସେଇମାନେ ସିଦ୍ଧ ବା ସାଧନାରେ ପକ୍ୱ ଅର୍ଥାତ୍ ପୂର୍ଣ୍ଣ ମନୁଷ୍ୟ ।"

"ତେଲେଙ୍ଗା ମୁକୁନ୍ଦଦେବ" କଥାରେ ଲେଖକ ଓଡ଼ିଶାରେ ରାଜା ବଛା ଯିବାର ରୀତି ସମ୍ପର୍କରେ ପିଲାଙ୍କୁ ବୁଝାଇ ଦେଇଛନ୍ତି ।

ଏଇ କାହାଣୀରେ ପୁଣି ଓଡ଼ିଶାରେ କାହାଳୀ ତିନିଖଣ୍ଡ ହୋଇ ଯୋଡ଼ାଯିବା ସମ୍ପର୍କରେ ସୁନ୍ଦର କିମ୍ବଦନ୍ତୀଟିଏ ଯୋଡ଼ି ଦିଆଯାଇଛି । "ମୁକୁନ୍ଦଦେବଙ୍କ ମା' ଗଙ୍ଗାନଦୀରେ ପ୍ରତିଦିନ ସ୍ନାନ କରିବା ପାଇଁ ଅଭିଳାଷ ପ୍ରକାଶ କରିବାରୁ ମୁକୁନ୍ଦ ଦେବ ଗଙ୍ଗାଙ୍କୁ ଓଡ଼ିଶା ଆଣିବା ପାଇଁ ତ୍ରିବେଣୀ ଠାରେ ଘୋର ତପସ୍ୟା କଲେ । ତାଙ୍କର ସଂକଳ୍ପ ଥିଲା ଯେ, ଯଦି କେହି ତାଙ୍କ ଧ୍ୟାନ ଭାଙ୍ଗେ, ସେ ତିନିଗଡ଼ ହୋଇ ହଣାଯିବ । ସେ ଧ୍ୟାନରେ ବସିବା ପରେ ଖବର ଆସିଲା - ବଙ୍ଗ ନବାବଙ୍କ ସେନାପତି କଳାପାହାଡ଼ ଲୁଟିକରି କଟକ ଘେରିଛନ୍ତି । ତେଣୁ ସମସ୍ତେ ବିଚାରକରି ସ୍ଥିର କଲେ, କାହାଳିଆ କାହାଳୀ ସ୍ୱରରେ ଗାଇବ -

ଅଇଲା କଳା ପାହାଡ଼,
ଭାଙ୍ଗିଲା ଲୁହାର ବାଡ଼
ପିଇଲା ମହାନଦୀ ପାଣି,
ସୁବର୍ଣ୍ଣ ଥାଳିରେ ହୀରା ପରଶିଲେ
ମୁକୁନ୍ଦ ଦେବଙ୍କ ରାଣୀ ।

ଏହା ଶୁଣି ମୁକୁନ୍ଦଦେବ ଧ୍ୟାନରୁ ଉଠି ସୈନ୍ୟସାମନ୍ତ ଏକାଠି କରି ଓଡ଼ିଶା ଆସିଲେ । କିନ୍ତୁ ତାଙ୍କ ସଂକଳ୍ପ ଅନୁସାରେ କାହାଳୀର ଗୀତ ତାଙ୍କ ଧ୍ୟାନ ଭାଙ୍ଗିଥିବାରୁ କାହାଳୀକୁ ତିନିଗଡ଼ କରାଗଲା । ଓଡ଼ିଶାର ମନ୍ଦିରମାନଙ୍କରେ ଏହି ତିନିଗଡ଼ିଆ କାହାଳୀ ବାଜିବାର ବିଧି ରହିଲା ।"



Digitized by PPRACHIN, SOA

'କଳାପାହାଡ଼' ଶୀର୍ଷକ କଥାରେ- ମୁକୁନ୍ଦ ଦେବଙ୍କ ସମୟରେ ବଙ୍ଗନବାବଙ୍କ ସୈନ୍ୟମାନେ ଗଡ଼ଜାତ ବାଟେ ଲୁଚିକରି କଟକ ଆକ୍ରମଣ କରି ବାରବାଟୀ ଦୁର୍ଗ ଅଧିକାର କରିବା ଓ ଏହି ସମୟରେ କଳାପାହାଡ଼ ହିନ୍ଦୁ ମନ୍ଦିର ଧ୍ୱଂସ କରିବା ବିଷୟ ବର୍ଣ୍ଣିତ ।

ଆଙ୍ଗିକ ଦୃଷ୍ଟିରୁ ବିଚାର କଲେ, ଏହି କିମ୍ବଦନ୍ତୀ ଭିତ୍ତିକ କାହାଣୀ ସବୁ ନିତିଦିନିଆ ଲୋକ ପ୍ରଚଳିତ ଭାଷାରେ ଲେଖାଯାଇଥିବାରୁ ଏସବୁରେ ବହୁ ଗ୍ରାମ୍ୟ ଶବ୍ଦ ଓ ଗ୍ରାମ୍ୟ ଭାଷାର ପ୍ରୟୋଗ ଲକ୍ଷ୍ୟ କରାଯାଏ । ମଧ୍ୟେ ମଧ୍ୟେ ଶିଶୁ ପାଠକଙ୍କ ଆଗ୍ରହର ଅଖଣ୍ଡତା ରକ୍ଷା କରିବା ପାଇଁ ଲେଖକ କାହାଣୀରେ କଥୋପକଥନ ଶୈଳୀ ପ୍ରୟୋଗ କରିଛନ୍ତି । ଯେପରି- "ଓଡ଼ିଶା ସମ୍ରାଟ ମହାରାଜା କପିଳେନ୍ଦ୍ର ଦେବଙ୍କ କଥା ଶୁଣିଥିବ । ସେ କିପରି ରାଜ୍ୟ ପାଇଲେ ତାହା ଶୁଣ ।"

"ଲୋକଗଳ୍ପ ସଂଚୟନ" ଗ୍ରନ୍ଥରେ ଡକ୍ଟର କୁଞ୍ଜବିହାରୀ ଦାଶ କହିଛନ୍ତି- "କିମ୍ବଦନ୍ତୀ ଜାତୀୟ ଚରିତ୍ରର ନିର୍ଦ୍ଦେଶକ । ଆମ ସଂସ୍କୃତିର ପ୍ରକୃତ ସ୍ୱରୂପ ଦେଖାଇବାରେ ଏହା ସାହାଯ୍ୟ କରେ ।" ଏହି ଦୃଷ୍ଟିରୁ ବିଚାର କଲେ ନୀଳକଣ୍ଠ ଶିଶୁମାନଙ୍କ ମନରେ ସାଂସ୍କୃତିକ ଚେତନା ଓ ଐତିହ୍ୟବୋଧର ସଂଚାର ଦ୍ୱାରା ସେମାନଙ୍କୁ ଜାତୀୟ ସମ୍ମାନବୋଧରେ ଉଦ୍‌ବୁଦ୍ଧ କରିବା ପାଇଁ କିମ୍ବଦନ୍ତୀ ମୂଳକ ଗଳ୍ପଗୁଡ଼ିକ ସୃଷ୍ଟି କରିଛନ୍ତି ।

ପିଲାମାନଙ୍କ ପାଇଁ ସାହିତ୍ୟ ସୃଷ୍ଟି କରିବା ସମୟରେ ପଣ୍ଡିତ ନୀଳକଣ୍ଠ ଶିଶୁ-ସାହିତ୍ୟର ସକଳ ଉପାଦାନ ପ୍ରତି ଦୃଷ୍ଟି ଦେଇଛନ୍ତି । ସେ ଜଣେ ଆଦର୍ଶବାନ୍ ଶିକ୍ଷକ ଥିବାରୁ ପିଲାମାନଙ୍କ ପାରିପାର୍ଶ୍ୱିକ ଅବସ୍ଥା, ତାଙ୍କ ସରଳ ବିଶ୍ୱାସ, ଜିଜ୍ଞାସା ପ୍ରବୃତ୍ତି ଓ କଳ୍ପନା ଶକ୍ତିକୁ ଆକଳନ କରି ସାହିତ୍ୟ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି । ପିଲାମାନଙ୍କୁ ବୁଝାଇବା ପରି ଭାଷା ପ୍ରୟୋଗ ତାଙ୍କ ସଫଳତାର ଅନ୍ୟତମ ଦୃଷ୍ଟାନ୍ତ । ଓଡ଼ିଶାରେ ପ୍ରଚଳିତ ଲୋକପ୍ରିୟ ଛନ୍ଦ, ଢଗ-ଢମାଳି ଓ ପ୍ରବଚନମାନ ବିଭିନ୍ନ ରଚନାରେ ଉଦ୍ଧାର କରି ସେ ପିଲାମାନଙ୍କୁ ଆମ ସାଂସ୍କୃତିକ ଜୀବନ ସହ ପରିଚିତ କରାଇବା ପାଇଁ ପ୍ରୟାସ କରିଛନ୍ତି ।

କୁମୁଦିନୀ ମିଶ୍ର
ତା ୨୯.୫.୨୦୧୨



Digitized by PPRACHIN, SOA

# କବିତା ଭାଗ



Digitized by PPRACHIN, SOA

- ଈଶ୍ୱର ପ୍ରୀତି ମୂଳକ କବିତା :
- ଜାତି ପ୍ରୀତି ମୂଳକ କବିତା :
- ପୂଜ୍ୟପୂଜା ମୂଳକ କବିତା :
- ପ୍ରକୃତି ପ୍ରୀତି ମୂଳକ କବିତା :
- ପାରିବାରିକ ମମତା ବୋଧକ କବିତା :
- ପଶୁପକ୍ଷୀ ପ୍ରୀତି ମୂଳକ କବିତା :
- ଐତିହାସିକ କିମ୍ବଦନ୍ତୀ ଆଧାରିତ କବିତା :
- ଶିକ୍ଷାମୂଳକ କବିତା :
- ବର୍ଣ୍ଣନାତ୍ମକ କବିତା :
- ଲୋକଗୀତ ଆଧାରିତ କବିତା :



Digitized by PPRACHIN, SOA

## ଈଶ୍ୱରପ୍ରୀତି ମୂଳକ କବିତା :

# ଈଶ୍ୱର

ସୁନ୍ଦର ଫୁଲ ଫଳ କିଏ ସେ କଲା ?
ସଞ୍ଜ ସକାଳ ସବୁ କାହାର ଲୀଳା ?
କଳ କଳ ନଈଧାର ବହେ ମାନି କାହା ବୋଲ ?
ବିଞ୍ଚଇ ଆକାଶରେ କିଏ ସେ ତରା ?
ଈଶ୍ୱର ସେଇ ଏକା ସବୁଠି ପରା ।

# ସ୍ତବ

ତୁଂ-ଭରି ଗୁଣ ଗା-ନେ
ତୁଂ-ଭରି ଶୁଭ ଦା-ନେ
ସୁଂ-ଦର କର ନିର୍-ମଳ କର
ପୁ-ଣ୍ୟ କର ଏ ପ୍ରା-ଣେ

ଈ-ଶ୍ୱର ତୁମେ ଜଗତ କରତା
ଖେଳଇ ଜଗତେ ତୁମରି ବାରତା
ମଂ-ଗଳ ଗୀତ ଶୁଭେ ଏ ଜଗତେ
ତୁମରି ଅମିୟ ଧା-ମେ



Digitized by PPRACHIN, SOA

ସୁଲୁସୁଲୁ ବାଆ ବହଇ ସକାଳେ
ନାଚିଯାଏ ଖରା ଗଛେ ଡାଳେ ଡାଳେ
ସଂ–ଜ ଗଗନେ ଉଠେ ତରା କିଆଁ
କିଏସେ ସେକଥା ଜା–ଣେ ?

ପର୍ବତ ଖୋଲୁ କୁଳୁକୁଳୁ ହୋଇ
କିଆରି ହସାଇ ବହିଯାଏ ନଈ
ବାଲି ସେଜ ଧାରା ସାଗରେ ମିଶାଇ
ଗୀତ ଗାଏ କାହା ନା–ମେ ?

ମଧୁମାସ ଆସି ହସାଏ ଧରଣୀ
ଫୁଲ ଫଳ ସବୁ କାହାର କରଣୀ
ଋତୁ ପରେ ଋତୁ ଖେଳାଇ ବରଷ
ଲାଗିଥାଏ କାହା କା–ମେ ?

ବାଆ ବହିଯାଏ ନଦୀଗୀତ ଗାଏ
ଫୁଲ ଫଳେ ଋତୁ ଜଗତ ହସାଏ
ସୂର୍ଯ୍ୟ ଉଠଇ ତାରକା ଫୁଟଇ
ତୁମରି ଜଗତ ଧ–ର୍ମେ ।

ଜଗତର ନାଥ ଜଗନ୍ନାଥ ତୁମେ
ତୁ–ମ୍ଭରି ଏଇ ଜଗତ ଧରମେ
କରୁଥିବି ସବୁ ସୁଖେ ହସି ହସି
ଲାଗି ରହି ତୁମ କ–ର୍ମେ ।
ତାରା ଫୁଲ ଫଳେ ଦେଖିବି ମୁଁ ହସ
ନଦୀରେ ପବନେ ପିଇ ଗୀତ ରସ
ସୁଖ ଦୁଖେ ସଦା ରହିବି ସରସ
ତୁମରି ଅମୃତ ପା–ନେ ।

–□–



Digitized by PPRACHIN, SOA

## ଜାତିପ୍ରୀତି ମୂଳକ କବିତା :

# ଆମ ଜାତୀୟ ପତାକା

ପବନ ଲହରେ ନାଚଇ ଆମ ତିରଙ୍ଗ ବାନା,
ତିନି ରଙ୍ଗେ ଧରି ନଚାଏ ଆମ ଘର କରଣା ।

ଲାଲ ରଙ୍ଗେ ହିନ୍ଦୁ ଶାଗୁଆ ରଙ୍ଗେ ମୁସଲମାନ
ଏକାକାର ପୁଣି ଧଳାରେ ସବୁ ବର୍ଣ୍ଣ ଧରମ ।

ଉଡ଼ରେ ପତାକା ଉଡ଼ତୁ ଉଞ୍ଚପବନେ ଖେଳି
ରହୁଏ ଭାରତ ଜଗତେ ତୋଳି ଉଞ୍ଚ ମଉଳି ।

କି ଲାଲ, କି ନେଳି, କି ଧଳା, ସବୁ ଯାଉରେ ମିଶି
ଗଗନ ପବନେ ଭାରତ ବାନା ଦିଶୁ ଝଲସି ।

ଏ ବାନା ମହିମା ପବନେ ଖେଳୁଥାଉ ସତତ
ସ୍ୱାଧୀନ ଭାରତ ସଂତକ ଦେଖୁଥାଉ ଜଗତ ।

ଭାରତର ଶିଶୁ ଯୁଆନ ବାଳ ବୃଦ୍ଧ ସକଳେ
ଜୁହାର ହେଉଛୁ, ପତାକା ଖେଳ ତୁହି ସମୀରେ ।

ବରାବର କରୁଥାଆତୁ କରୁଅଛୁ ଯେପରି
ଦେଶ ବିଦେଶରେ ଭାରତ ଦେଶ ମହତ ଜାରି ।

ତୁହିରେ ଜାତିର ଜୀବନ ଆମ ପ୍ରାଣ ଦେବତା
ତୋହରି ଲହରେ ଖେଳୁରେ ଆମ ଶୁଭବାରତା ।

ପରାଣେ ପରାଣେ ଉଠୁରେ ତୋର କମ୍ପନ ଥରି
ସେ କମ୍ପେ ଜଗତେ ଯାଉରେ ଆମ ଜୀବନ ଭରି ।

– ◘ –



Digitized by PPRACHIN, SOA

# ଜୟ ଭାରତ

କାହିଁ ନ ଥିଲା ଏହି ଭାରତବର୍ଷ,
ଜଗତେ କାହିଁ ଆଉ ଏ ପରା ଦେଶ ।
ଅଛି ଏଥି ଜଗତେ ଧରମ ଯେତେ,
ଅଛନ୍ତି ପରା ଯେତେ ଜାତି ଜଗତେ ।
ପାହାଡ଼ ହିମାଳୟ ମୁକୁଟ ତୋରା,
ଧୁଅଇ ପାଦ ମହାସାଗର ପରା ।
ପାହାଡ଼େ ଉଠି ଦେଖ ତଳେ କିଆରୀ,
ଦେଖିଲେ ଥରେ କେବେ ନ ହେବ ଭୁଲି ।
କିଆରୀ ଭେଦି ବହି ଯାଉଛି ନଈ,
ମହାସାଗରେ ଦୂରେ ମିଶୁଛି ଯାଇ ।
ଶୀତ ଯାଉଛି ପୁଣି ଆସୁଛି ଖରା,
ଚାହୁଁ ଶୀତଳ ପଡ଼େ ପାଣି ଅସରା ।
ଆକାଶେ ଉଡ଼େ ସୁଖେ ବ୍ୟୋମ ବିମାନ
ବାଣିଜ ନିଏ ଦୂରେ ବୋଇତମାନ ।
ବିଲୁ ଧାନ ଗହମ ଯାହାକୁ ଯେତେ,
ଖଣିରୁ ଲୁହା ସୁନା ହୀରା ସହିତେ ।
ସେ କାଳେ ଜୀନ ବୁଦ୍ଧ ଏ କାଳେ ଗାନ୍ଧି,
ଧର୍ମେ ପୃଥିବୀ ସାରା ରଖିଲେ ବାନ୍ଧି ।
ବେଦ ପୁରାଣ ବିଦ୍ୟା ବିଜ୍ଞାନ କଳା,
ଯେତେ କହିଲେ ହେଲେ ନୁହେଁ ସରିଲା ।
ଏ ପରା ଦେଶେ ଆମ ଧନ୍ୟ ଜନମ,
ଜୟ ଭାରତ ଜୟ ଜୟ ତୋ ନାମ ।

–□–



Digitized by PPRACHIN, SOA

# ବଢ଼େଇ ବାଳକ

॥ ୧ ॥

ଶିବେଇ ସାମନ୍ତ ଲାଗିଲେ ତୋଳିବାରେ ଦେଉଳ,
ବାରଶ ବଢ଼େଇ ପାରିଲେ ନାହିଁ ବସାଇ ଚୂଳ ।
ଥରକୁ ଥର ସେ ଉଠାଉଥାନ୍ତି ଦଧି ନଉତି,
ଅଠିକଣା ଦିଶେ, କାନ୍ଦନ୍ତି ରାତି ନୋହୁ ପାହାନ୍ତି ।
କୋଣାର୍କ ଦେଉଳ ପ୍ରତିଷ୍ଠା ଆଉ ଚାରୋଟି ଦିନ,
ତିନିଦିନ ଆଉ ରହିଲା, କରିବାକୁ ଯତନ ।
ନ ମୁଦି ଦେଉଳ ତିନୋଟି ଦିନ ଦେଲେ ବିତାଇ ।
ହାଣ ଖାଇବାର ମୁକର ବାର ଶହ ବଢ଼ାଇ ।
ଆଉ କିଏ ହେଲେ କଳେଟି ଯେବେ ପଡ଼ିବ ଜଣା,
ବାର ଶହ ଯାକ ବଢ଼େଇ ନିଶ୍ଚେ ଖାଇବେ ହଣା ।

॥ ୨ ॥

ବାର ବର୍ଷ ବିତିଯାଇଛି ଏବେ ଦେଉଳ କାମେ,
ଠିକା ବଢ଼େଇଟି ଲାଗିଛି, ଯାଇ ନାହିଁ ତା ଗ୍ରାମେ ।
ଛାଡ଼ି ଆସିଥିଲା ଘରେ ସେ ପୁଅ ଇନ୍ଦୁଡ଼ିଶାଳେ,
ବାର ବରଷର ବାଳକ ଖୋଜି ବାପକୁ ବୁଲେ ।
ବୁଲି ବୁଲି ସିନା ଭେଟିଲା, ବାପ ଭାଳଇ ବସି,
ଚିହ୍ନିଲା, ପୁଅକୁ କହିଲା, ଏବେ ଅଳପ ହସି –
"ତିନି ଦିନ ଆଉ ଅଛି ମୁଁ ବାବୁ, ଦେଖିଲି ତତେ,
ମାଆକୁ ବୁଝାଇ କହିବୁ; ମାଆ ଯିବ ପରତେ ।"
ଶୁଣି ସେ ବାଳକ କହିଲା, ଯିବ ଦେଉଳ ଦେଖି,
ଦେଉଳ ମୁଦାରେ ମନ ତା ଏବେ ରହିଲା ଲାଖି ।



Digitized by PPRACHIN, SOA

।।୩।।

ବଢ଼ାଇପୁଅ ସେ କେସନେ କଲା କି ବୁଦ୍ଧି ତହିଁ,
ରାତି ନ ପାଉଣୁ ଦେଉଳେ ଦେଲା ଚୂଳ ବସାଇ ।
ପଡ଼ିଲା ଭାଳେଣି, ଏ କଥା ଯେବେ ପଡ଼ିବ ଜଣା,
ବାରଶ ବଢ଼େଇ ମୁକର ତହିଁ ଖାଇବେ ହଣା ।
କେତେ ଲୁଚାଇବ କିଏ ସେ ପଡ଼ିଗଲା ବିଚାର,
ବାଳକଟି ବଞ୍ଚି ରହିଲେ ହୋଇଯିବ ପ୍ରଚାର ।
ବାଳକ ବୁଝିଲା - କି ଅବା ମୋର ଛାର ଜୀବନ,
ମୋ ପାଇଁ କାହିଁକି ବାରଶ ସତେ ଖାଇବେ ହାଣ ।
ରାତି ନ ପାଉଁ ସେ ଉଠିଲା ସୂର୍ଯ୍ୟ ଦେଉଳ ଚୂଳେ,
ବିଭୁଙ୍କୁ ସୁମରି ଆନନ୍ଦେ ଡେଇଁ ପଡ଼ିଲା ଜଳେ ।

-□-

## ମୋ ରଜା

।୧।

ମେଘ ବରଷିଲା ଟପର ଟପର
ଙ୍କେଣ୍ଟୁର ମାଇଲା ଗଜା
କେଉଁ ରାଇଜରୁ ଅଇଲା ମୋ ରାଜା
ତେଲିଙ୍ଗି ବାଇଦ ବଜା
ବଜାରେ ଢୋଲିଆ ବଜା
ହାତୀ ପରମାଣେ କଉଡ଼ି ଦେବି ତୁ
ତେଲିଙ୍ଗି ବାଇଦ ବଜା ।



Digitized by PPRACHIN, SOA

।୨।

ଅଶିଣ ପବନ କାହାଳୀ ବାଜିଲା
କଂସା ଗିନା ହେଲା ମଜା
ନାହାକ ଡକାଇ ଦିନ ବୁଝାଇଲେ
ଯୁଝ କରି ଯିବେ ରଜା
ଆଜି ତୁ ବାଇଦ ବଜା
କ୍ଷୀରୀପିଠା ଦେବି ଖାଇବୁ ଯେତେ ତୁ
ଡେଲିଙ୍ଗି ବାଇଦ ବଜା ।

।୩।

ରଙ୍ଗ ରଙ୍ଗ ଲୁଗା ପିଲାଏ ପିନ୍ଧିଲେ
ଗଲା ଦଶହରା ପୂଜା
କେଉଁ ରାଇଜକୁ ବିଜେ ହେବେ ରଜା
ବାଜିଲାଣି ବୀର ବାଜା
ବଜାରେ ଢୋଲିଆ ବଜା
ପେଡ଼ି ଲୁଗା ଦେବି ଦେଉଳ ଉଝେ ତୁ
ବଜାରେ ବିଜୟ ବାଜା ।

।୪।

ସୁଲୁ ସୁଲୁ ବାଆ ଏଣିକି ବହିଲା
ଆସିବେ ପରା ମୋ ରଜା,
ରାଇଜେ ଶୁଭିବ ଆନନ୍ଦ ଚହଳ
ପିଲାଏ ଖାଇବେ ଖଜା
ବଜାରେ ଆନନ୍ଦେ ବଜା
ରାଇଜ ଯାକର ଯାତ ଦେଖିବୁ ତୁ
ଖାଇବୁ ତୁ ଖଜା ଭୁଜା ।



Digitized by PPRACHIN, SOA

।୫।

ଦୋଳ ଯାଇଥିଲା ରଥଯାତ ଗଲା
ରାଇଜେ ନ ଥିଲେ ରଜା
ରାଇଜଯାକ ମୋ କେଡ଼େ ଅସୁନ୍ଦର
ଦୁଃଖରେ ଥିଲେ ପରଜା
ଆସିବେ ଏଥର ରଜା
ବଜାରେ ଢୋଲିଆ ମନ ଆନନ୍ଦେ ତୁ
ତେଲିଙ୍ଗି ବାଇଦ ବଜା ।

।୬।

ଆସେ ପାଟହାତୀ ହଲୁଚି ହାଉଦା
କି ସୁନ୍ଦର ସାଜସଜା
ଛତି ଟଣାହୋଇ ଆଡ଼େଣୀ ଦିଶଇ
ଅଇଲେ ପରା ମୋ ରଜା
ବଜାରେ ଢୋଲିଆ ବଜା
କୋଟି ପରମାୟୁ ହେଉରେ ତୋହର
ତେଲିଙ୍ଗି ବାଇଦ ବଜା ।

– ◻ –



Digitized by PPRACHIN, SOA

ପୂଜ୍ୟପୂଜା ମୂଳକ କବିତା :

## ମହାତ୍ମା ଗାନ୍ଧି-୧

ମହାତ୍ମା ଗାନ୍ଧିଙ୍କ କଥା ଥିବ ତ ଶୁଣି,
ହରିଜନ ପାଇଁ ତାଙ୍କ କେଡ଼େ ଭାଳେଣି;
କହୁଥିଲେ ସେହୁ ପରା
ବୁଲି ଏ ଭାରତ ସାରା,
ମଣିଷକୁ ବିଚାରିଲେ ଅଛୁଆଁ ବୋଲି,
ଘୋଟି ଯିବ ଧର୍ମ ବୋଲି ଅଧର୍ମ ଖାଲି ।

ଏହି କାମେ ଆସିଥିଲେ ସେ ପୁରୀଧାମେ,
ପାଦେ ଚାଲି ବୁଲୁଥିଲେ ଗ୍ରାମକୁ ଗ୍ରାମେ;
କଣ୍ଟାବଣେ ହୁଙ୍କାତଳେ
କେଡ଼େ ସୁଖେ ଶୋଉଥିଲେ;
ଖଟ ଦେଲେ କହୁଥିଲେ, 'କି ଲୋଡ଼ା ତହିଁ ?
ହିଂସାରେ ଏଠାକୁ କେହି ଆସିବେ ନାହିଁ ।'

ଦିନେ ଆମ୍ବଗଛ ତଳେ ଚାଞ୍ଚ ସନ୍ଧିରେ
ଦେଖିଲେ କୁଷ୍ଠ ରୋଗୀଏ ଯାଉଛି ଦୂରେ
ପିନ୍ଧିଛି କୋତରା କନା
ଗୋଡ଼ ପଡ଼େ କେତେ ଅନା,
ବୋଇଲେ ପାଖକୁ ଡାକ ଗାନ୍ଧି ତା ଚାହିଁ
ଖଦଡ଼ ଯୋଡ଼ିଏ ତାକୁ ଦେଲେ ପିନ୍ଧାଇ ।



Digitized by PPRACHIN, SOA

ପିଲାଙ୍କୁ ଦେଖିଲେ ତାଙ୍କ କେଡ଼େ ଶରଧା
କେଡ଼େ ବାଧୁଥିଲା ତାଙ୍କୁ ଗରିବ ବାଧା,
କାହିଁ ବଢ଼ି ମରୁଡ଼ିରେ
ଲୋକେ ପଡ଼ିଲେ ଅକାଳେ,
ଗାନ୍ଧି ଥିଲେ ସବୁବେଳେ ବଡ଼ ଭରସା,
ନିରାଶାରେ ଏକା ସେହୁ ସଭିଙ୍କ ଆଶା ।

ଏ ଭାରତ ଥିଲା ପରା ଇଂରେଜ ଦେଶ,
ସେନା ଧରି ଇଂରେଜଙ୍କ କେଡ଼େ ସାହସ;
ଏକାକିଦି ଗାନ୍ଧିଙ୍କର
ନାହିଁ ଲୋଡ଼ା ସେନାବଳ,
ଯେଝା ଦେଶ ତାର ହେଉ 'ଛାଡ଼ ଭାରତ'
ବ୍ୟାପିଗଲା ଗାନ୍ଧିଧର୍ମ ସାରା ସାରା ଜଗତ

ଭାରତ ସ୍ୱାଧୀନ ହେଲା ଅହିଂସା ବଳେ,
ସେହି ଅହିଂସାର ଧ୍ୱଜା ଜଗତେ ଉଡ଼େ;
ଯେଝା ଦେଶ ହେବ ତାର
ନ ରହିବ ସେନାବଳ,
ଗରବୀ ନୋହିବ ଧନୀ ସାଇତା ଧନେ,
ଗାନ୍ଧି ଗାନ୍ଧି ସୁମରନ୍ତି ଜଗତ ଜନେ ।

-□-



Digitized by PPRACHIN, SOA

# ମହାତ୍ମା ଗାନ୍ଧି-୨

ଜନମିଥିଲେ ଗାନ୍ଧି ଏହି ଭାରତେ,
ସୁମରୁଥିବେ ତାଙ୍କୁ ଜନେ ଜଗତେ ।
ଗୋରାଙ୍କ ତଳେ ଥିଲା ଆମ ଏ ଦେଶ,
ଗୋରାଙ୍କୁ ଲୋକଙ୍କର ଡର ବିଶେଷ ।
ତୋପ-ବନ୍ଧୁକ-ଧରା ସଇନି ଧରି
ଗୋରାଏ କଲେ ଏଥି କି ମହା ଜୁରି ।
ନ ମଣିଲେ ଆମକୁ କରି ମଣିଷ,
କେହି କିଛି ନ କହି ହେଲେ ନିରାଶ ।
ଗାନ୍ଧି କହିଲେ, "ଡର ଛାଡ ହେ ଭାଇ !
ବନ୍ଧୁକ ଆଗେ ବୁକୁ ଦେଖାଅ ଯାଇ ।
ଶତ୍ରୁ ବୋଲି କାହାକୁ ନ କର ଘୃଣା,
ଯେତେ ଦରପ ହେଲେ, ହୋଇବ ଚୂନା ।
ଡରାଇ ହିଂସାକରି ମଣିଷ ମାରି
ଲୋକଙ୍କୁ ଜିଣିବାରେ କି ବାହାଦୂରୀ ?
ଜିଣା ଲୋକ ତହିଁରେ ନୁହଇ କିଣା,
ଜିଣି ସମ୍ଭାଳିବାର ବଡ଼ ଭାବନା ।
ସହି ସମ୍ଭାଳିବାର ମହତ ପଣ
ଅକାମୀ କରିଦେବ ତୋପ କମାଣ ।"



Digitized by PPRACHIN, SOA

ଏଇ ସାଧନ ଧରି ସ୍ୱାଧୀନ ଆଜି
ଭାରତ; ଗୋରାମାନେ ଗଲେ ବରଜି ।
ଆଜି ପୃଥିବୀଯାକ ଲାଗିଛି ଗୋଳ,
ଉଡ଼ାଜାହାଜ ବୋମା କେତେ କାହାର ।
ସମସ୍ତେ ଏ ସବୁରେ ହୁଅ ସମାନ,
ଛକାଛକିରେ କର ଶାନ୍ତି ସ୍ଥାପନ ।
ମରାମରି କି ଶାନ୍ତ ହୋଇବ କେବେ,
ମୁଥ ସଜାଡ଼ି ଦାଣ୍ଡେ ଚାଲିଲେ ସର୍ବେ ?
ସେଥକୁ ପୃଥିବୀରେ ପଡ଼ିଛି ଡାକ-,
ଗାନ୍ଧି ହେ, ଧର୍ମ ଦେଇ ଜଗତ ରଖ ।

—□—



Digitized by PPRACHIN, SOA

## ପ୍ରକୃତିପ୍ରୀତି ମୂଳକ କବିତା :

# କୁଆଁତରା

କହ କହ ତୁ କୁଆଁ ତରା
କୁଉଁଠି ଘର ତୋର
ତତେ ଦେଖି କି ପଳାଇ ଯିବ
ଏ ରାତି ଅନ୍ଧାର ?
କହ କହ ତୁ କେତେ ବାଟେ
ସୂର୍ଯ୍ୟ ଆସିଲୁ ଛାଡ଼ି
ଡରୁଛୁ କିରେ ଆସିଲେ ସେହୁ
ଦବ ତତେ ତଡ଼ି ?
ଏହି ତ ଏବେ ଫରଚା ହେଲା
କିଏ ପଚାରେ ତତେ
କାଆ ବୋଇଲା ଡାମରା କାଉ
ଆଉ ଚାହିଁଚୁ କେତେ ?
ଚାହୁଁ ଚାହୁଁ ତ ପୂର୍ବ ଦିଗେ
ଫାଟିବ ସିନ୍ଦୂରା
ରାତି ଯିବ ଜହ୍ନ ଯିବ
ଯିବେ ଯେତେକ ତରା ।

— ◻ —



Digitized by PPRACHIN, SOA

# ଜହ୍ନମାମୁ

କୁଆଁର ପୁନିଅଁ ଜହ୍ନ କେଡ଼େ ସୁନ୍ଦର,
ମଜା ରୂପାଥାଳୀ ଜହ୍ନମାମୁଟି ମୋର ।
ନାହିଁ ଝଡ଼ି, ଘଡ଼ଘଡ଼ି,
ନାହିଁ ଆଉ ନଈବଢ଼ି,
ଫିଟିଅଛି ବାଟଘାଟ, ପାଣି ନିର୍ମଳ,
କୁଆଁର ପୁନିଅଁ ଜହ୍ନ କେଡ଼େ ସୁନ୍ଦର ।

ଆସଇ ସେ ଜହ୍ନମାମୁ ମାସକୁ ମାସ,
କାର୍ତ୍ତିକ ଶୀତରେ ଦେଖେ ଶରଦ ରାସ,
ଆସଇ ସେ ମଗୁଶିରେ,
ଆସଇ ପୁଷ ଶିଶିରେ,
ମାଘ ଜାଡ଼ ସହି ଆସେ କରି ସାହସ,
ହିମ କୁହୁଡ଼ିରେ କାନ୍ଦି ହୁଏ ନିରାଶ ।

ଫଗୁଣେ ବସନ୍ତ ବହେ, ଫୁଟଇ ଫୁଲ,
ଗ୍ରାମେ ଗ୍ରାମେ ଫଗୁ ଖେଳ, ଚଣା, ଶାକର,
ଜହ୍ନମାମୁ ଚାହିଁ ଥାଏ,
କେତେ ଶରଧା ଦେଖାଏ,
କିଏ ସେ ପଚାରେ ତାକୁ, ଦୋଳ ଗହଳ,
ଅବିର ପାଣିରେ ଖାଲି ଉଠଇ ଗୋଳ ।



Digitized by PPRACHIN, SOA

ବସନ୍ତ ଭୁଲାଇ ରଖେ ଚଇତ ସାରା,
ବଇଶାଖ, ଜ୍ୟେଷ୍ଠ ହୁଏ ନିଧୂମ ଖରା,
ଶୁଖଇ ନଈ, ପୋଖରୀ,
ଭୂଇଁରୁ ଉଠଇ ଧୂଳି,
ଆକାଶରେ ଜହ୍ନମାମୁ ଦିଶେ କୋତରା,
ସମସ୍ତେ ଲୋଡ଼ନ୍ତି ଖାଲି ପାଣି ଅସରା ।

ଆଷାଢ଼ ଶ୍ରାବଣ ଭାରି ବରଷା କାଳ,
ଭୋଦୁଅ ମାସକୁ ମେଘ ଥାଏ ବହଳ,
ମେଘ ଆର ପାଖେ ରହି
ଜହ୍ନମାମୁ ଥାଏ ଚାହିଁ,
ଅଶିଣକୁ ହୁଏ ସଫା ଶରଦକାଳ,
କୁଆଁର ପୁନିଅଁ ଜହ୍ନମାମୁ ସୁନ୍ଦର ।

– ☐ –

## କୁଆ ସୁନ୍ଦର

ଉଠରେ ଉଠରେ ପିଲେ ହେଲା ସକାଳ
ଦେଖିବା କାକର ଥାଉଁ କୁଆ ସୁନ୍ଦର
ସରିଲାଣି ଦୀପାବଳି
ଅଗଣାରେ ହୁଳହୁଳି
ଦେଉଚନ୍ତି ବୋହୂମାନେ ଘରକୁ ଘର
ବୋଇତ ବନ୍ଦାଇ; ଆଜି କୁଆ ସୁନ୍ଦର ।



Digitized by PPRACHIN, SOA

ଶରଦ ଯାଉଚି ପରା ବୋଇତ ଚଢ଼ି
ହେଲାଣି ପାହାନ୍ତି ଶୀତ କାକର ପଡ଼ି
କୋଇଲିର କୁଉ କୁଉ
ମହୁମାଛି ବୁଉଁ ବୁଉଁ
ନ ଶୁଭିବ; କୁଆ 'କାଆ' ହେବ ମଧୁର
ଶୀତ ପଡ଼ି ଛାଡ଼ି ଗଲା ଶରଦ କାଳ ।

ଦକ୍ଷିଣା ଗଲାଣି; ନାଇ ବଉଦ ମାଳା
ଶିରି ଶିରି ହେମନ୍ତର ବହେ ଉତ୍ତରା
ଆସୁଅଛି 'ମଗୁଶିର
ଆସୁଚି ପୁଷର ଜାଡ଼
ଲୁଖୁରା ଖାସୁରା ହୋଇ ଯିବ ସଂସାର
ହିମ ପଡ଼ି ହେବ ଏକା କୁଆ ସୁନ୍ଦର ।

ଶୀତରେ ରାତିକି ସିନା ଶିଶିର ପଡ଼ି
ଗଛ ପତ୍ର ଦେହୁ ଯିବ ଚିକ୍କଣ ଛାଡ଼ି,
ଦିହ ଅଣ୍ଟ ଝାଡ଼ିଦେଇ
ପାହାନ୍ତି କାକରେ ଧୋଇ
ଚିକ୍କଣ ଦିଶିବ କୁଆ କେଡ଼େ ସୁନ୍ଦର
'କାଆ' ବୋଲି ଫିଟାଇବ ସୁନ୍ଦର ସ୍ୱର ।

ଫୁଲ ମଉଳିବ ବନେ ଶୀତକୁ ଡରି
ଶୀତରେ ସମସ୍ତେ ଯିବେ ସକାଳୁ ଥରି
ରାତି ଥାଉଁ ଉଠି କୁଆ
କଅଳେ ବୋବାଇ କାଆ
ଦେଖାଇ ଚିକ୍କଣ ଦେହ କରିବ ଗୋଳ
ଆଜିଠାରୁ ହେଲା ଏକା କୁଆ ସୁନ୍ଦର ।

--□--



Digitized by PPRACHIN, SOA

# ବସନ୍ତ ପ୍ରଭାତ

ବସନ୍ତ ସକାଳ ଏବେ
ବହେ ଧୀରେ ଧୀରେ
ଶୀତଳ ପବନ ଛୁଇଁ
ସ୍ୱଚ୍ଛ ନଦୀ ଜଳେ ।
ସଫା ଦିଶେ ଚଉଦିଗ
ଗ୍ରାମ ବନ ବିଲ
ବାଟ ଘାଟ ସବୁ ସ୍ୱଚ୍ଛ
ଶୁଖିଲା ଶୀତଳ ।
ବଣରେ କେତକୀ ହସେ
ପଦ୍ମ ପୋଖରୀରେ
ସୁବାସ ଭସାଇ ଦେଇ
ପ୍ରଭାତ ସମୀରେ ।
ବଗିଚାରେ ମଲ୍ଲି କଢ଼
ଆକାଶକୁ ଚାହିଁ
ଫିଟାଏ ପାଖୁଡ଼ା ଧୀରେ
ମୁଣ୍ଡ ଦୋହଲାଇ ।
ଗୁଂଜରି ଭ୍ରମର ମାନେ
ବୁଲିଲେଣି ଆସି
ଏ ଫୁଲେ ସେ ଫୁଲେ ଭୁଲେ
ଯାଉଚନ୍ତି ବସି
ମନ୍ଦାର ଭ୍ରମର ଭାରେ
ପଡ଼େ ଡେଙ୍ଗେ ଲଇଁ
ପଡ଼ି ସେ ଭ୍ରମର ଉଡ଼େ
ଭୂଇଁକି ନ ଛୁଇଁ ।



Digitized by PPRACHIN, SOA

ବଗିଚାରେ ପ୍ରଜାପତି
କରି କେତେ ରଂଗ
ଏ ଫୁଲୁ ସେ ଫୁଲେ ଉଡ଼େ
ତରଙ୍ଗ ତରଙ୍ଗ ।
ମହୁ ଥିଲେ ବସିଯାଏ
ଟେକି ପକ୍ଷି ଯୋଡ଼ି
'ଯାଆ ଚାଲି ଯାଆ' ପୁଣି
ମହୁ ଗଲେ ସରି ।
ନାଚି ନାଚି ମହୁମାଛି
ବାରିଲେଣି ଫୁଲ
ଗରା ଧରି ବୋହୂ ଘାଟେ
ହେଲେଣି ବାହାର ।
ଫୁଲ ତୋଳିବାକୁ ଧରି
ପିଲାଏ ଚାଙ୍ଗୁଡ଼ି,
ସୂର୍ଯ୍ୟ ନଉଠୁଣୁ ଯିବେ
କରୁଚନ୍ତି ଅଳି ।
ଆକାଶେ କୁହୁଡ଼ି ନାଇ
ନାଇ ରାତି ଜାଡ଼
ଦୂରେ କୋଇଲିର କୁହୁ
ଶୁଭେ କି ସୁନ୍ଦର ।
କୁଆ ତ ସେ ! କେତେ ବେଳୁ
ବୋଇଲାଣି କାଆ
ମାଆ ପାରା ଡିମ୍ବେ ବସି
ଦେଉଅଛି ତାଆ ।
ଘୁମୁରନ୍ତି ଆନ ପାରା
ଚିନ୍ତା ନାହିଁ କିଛି
ଖରାକୁ ଚକାଇ ଚାଳେ
କାପେତା ବସିଚି ।



Digitized by PPRACHIN, SOA

ଘର ଚଟି ଉଡ଼ିଲେଣି
ଏ ଡାଳ ସେ ଡାଳ
କୋରଡ଼ରୁ ଉଡ଼ି ଶୁଆ
କରେ କୋଳାହଳ ।
ପୂର୍ବଦିଗ ଦିଶିଲାଣି
ଫଗୁ ପରି ରଙ୍ଗ
ଉଇଁବ ତପନ ଏବେ
ନାଇ କାହିଁ ମେଘ ।
ଭକ୍ତ ଜନ ଶେଜ ଛାଡ଼ି
ରାତି ଥାଉଁ ଥାଉଁ
ସ୍ମରି ଜଗନ୍ନାଥେ କହେ
"ଆହେ ମହାପ୍ରଭୁ ।
ଦୟାମୟ, ଏତେ ସୁଖ
ଏପରା ସୋହାଗ
ଏତେ ସେ ଆନନ୍ଦ ସବୁ
ତୁମ୍ଭ ଅନୁରାଗ ।
ତୁମ୍ଭରି ହେ ଏ ବିଚିତ୍ର
ଜଗତ ପ୍ରକାଶ
ବସନ୍ତେ ସୁନ୍ଦର ଧରା
ନିର୍ମଳ ଆକାଶ ।
ବସନ୍ତ ପ୍ରଭାତ ପରି
ହେଉ ମୋ ଜୀବନ
ଶରୀର ସୁନ୍ଦର ଶୁଦ୍ଧ
ନିର୍ମଳ ଏ ମନ ।"

– □ –



Digitized by PPRACHIN, SOA

# ଶରତ ସନ୍ଧ୍ୟା

ଆଉଟିଲା ସୁନା ପରି
ରଙ୍ଗେ ହସି ହସି,
କାହିଁ କଳା ମେଘ ପଛେ
ରବି ଗଲେ ପଶି
ଡାହାଣିଆ ଖରା ନାଇ
ଗଛ ପତ୍ରେ ଆଉ,
ଆକାଶେ ବଉଦ ରଙ୍ଗେ
ଦିଶେ ଦାଉ ଦାଉ
ପାଉଁସିଆ - ରଙ୍ଗ ବୋଳା
ଗ୍ରାମ ବିଲ ବନ,
ଧୀରେ ଧୀରେ ବହେ ଥରି
ଦକ୍ଷିଣା ପବନ
ମଧୁରେ ରବନ୍ତି ବଣେ
କେତେ ସାରୀ ଶୁଆ,
ଦୂର ପାଟେ ଉଡ଼େ ରବି
ବଗ ଗେଣ୍ଡାଳିଆ ।
ଗମ୍ଭୀରେ ଚାହୁଁଚି ପାରା
ବୁଲି ଘନ ଘନ,
ଚଞ୍ଚଳ ଚଟିଆ କରେ
କେତେ ରଙ୍ଗେ ସ୍ୱନ ।



Digitized by PPRACHIN, SOA

ଉଡ଼ି ଉଡ଼ି କୁଆ କେଡ଼େ
କଠୋର ରାବଇ,
ନଈକୂଳେ କି ଅଥୟ
ଚକୁଆ ଚକୋଇ ।
ସରବେ ଖୋଜନ୍ତି ଆଶ୍ରା
ରାତି ହେବ ପରା ।
ବସା ଛାଡ଼ି ବାହାରନ୍ତି
ଚେମେଣି ବାଦୁରା ।
ଘରେ ବାହୁଡ଼ଇ ତସା
ବିଲ ବଛା ଛାଡ଼ି
ଆସେ ଗାଈ ଜଗା ପିଲା
ଘାସ ଗୋଛା ଧରି ।
ଲଗାଇଲେ ବୋହୂ ଝିଏ
ସଂଜ ଦୀପବତୀ
ବନସ୍ତେ ହସିଲେ ଏବେ
ବଉଳ ମାଳତୀ
ଦୀପେ ଚାହିଁ ଶିରେ ନମି
କହନ୍ତି ସୁଜନ,
"ତୁମ୍ଭେ ଜ୍ୟୋତି ପରଂବ୍ରହ୍ମ
ତୁମ୍ଭେ ଜନାର୍ଦ୍ଦନ ।
ଅଜ୍ଞାନ ଅନ୍ଧାରେ ଯେବେ
ପାପ ଆସେ ମାଡ଼ି,
ତୁମ୍ଭେ ହେ ଜୁଟାଅ ଜ୍ଞାନ-
ଆଲୁଅ ବିସ୍ତାରି



Digitized by PPRACHIN, SOA

ଜଳୁ ମୋ ଭିତରେ ସେଇ
ଜ୍ଞାନ ମହାଦୀପ,
ଧର୍ମେ ବୁଦ୍ଧି ବସୁ ମୋର
ନ ପଶୁ ହେ ପାପ ।"

[ ଦ୍ରଷ୍ଟବ୍ୟ :

ଏ କଥାଟି ଶ୍ଳୋକ ସଂସ୍କୃତରେ ବୋଲନ୍ତି । ତାହା ଏଇ -
ଦୀପ ଜ୍ୟୋତିଃ ପରଂବ୍ରହ୍ମ
ଦୀପ ଜ୍ୟୋତିର୍ଜନାର୍ଦ୍ଦନ
ଦୀପ ଜ୍ୟୋତିର୍ହରେତ୍ ପାପଂ
ସନ୍ଧ୍ୟାଦୀପ ନମୋଽସ୍ତୁତେ ।

ପରଂବ୍ରହ୍ମ - ଯହିଁର ସୃଷ୍ଟିର ପ୍ରକାଶ ହୁଏ;
ଯହିଁରୁ ସୃଷ୍ଟି ହୁଏ ଓ ଯହିଁରେ ରହେ ।

ଜନାର୍ଦ୍ଦନ - ଯାହା ହେତୁରୁ ଦୁଷ୍ଟର ନାଶ ହୁଏ,
ବା ପାପ ନାଶ ହୁଏ । ]

-□-

# ଚିଲିକା କୂଳେ ସନ୍ଧ୍ୟା

ବୁଡ଼ିଯାଏ ରବି ପଶ୍ଚିମ ଗଗନେ
ପାହାଡ଼ର ଚୂଳ ସୁବର୍ଣ୍ଣ ବୋଳା,
ଚିଲିକା ଗରଭେ ତରଙ୍ଗରେ ମିଶି
କମ୍ପି କମ୍ପି ଦିଶେ ସୁନୁଲି ଖରା ।
ଡାହାଣିଆ ଖରା ଗଛପତ୍ରେ ଥରି
ପକ୍ଷିଙ୍କି ଡରାଏ ଅଇଲା ନିଶା,
କେତେମନ୍ତେ ସେହୁ କେତେ ରାବ କରି
ଖୋଜି ବୁଲିଲେଣି ଯେ ଯାହା ବସା ।



Digitized by PPRACHIN, SOA

ପାହାଡ଼ ଗଡ଼ାଣି ତଳ ପଡ଼ିଆରୁ
ହମ୍ବାରଡ଼ି କରି ଆସନ୍ତି ଗୋଠ
ଗାଈଜଗା ପିଲା ହାତ ଶିଶିରିରେ
କମ୍ପାଇ ଦେଉଚି ଚିଲିକା ତଟ ।
ତରଳ କନକ ତରଙ୍ଗରେ ମିଶି
ଭାସିଯାଏ ସ୍ୱର ଚିଲିକା ଜଳେ,
ସୁନା ପାଲ ଟେକି ଆସଇ ନଉକା
ନାଉରି ସଂଗୀତ ମିଶେ ସେ ସ୍ୱରେ ।
ଚିଲିକା ଚଢ଼ାଇ ସ୍ୱନ କରି ଉଠି
ଦୂର ନଳ ବଣେ ଯାଆନ୍ତି ଉଡ଼ି,
ଅନନ୍ତ ଆକାଶେ ସେ ସ୍ୱରର ଗୀତ
ଲାଗଇ ଦିବସେ ସ୍ୱପନ ପରି ।
ଚିଲିକାର ସୁଂଥା ପାହାଡ଼ ଉପରେ
ଟହ ଟହ ଏବେ ଥରଇ ରବି
କମ୍ପଇ ଚିଲିକା କମ୍ପଇ ଗଗନ
ତଳ ତଳ କିବା ତରଳ ଛବି ।
ସିନ୍ଦୂର ଟୋପାଟି ପରି ରବି ଏବେ
ବୁଡ଼ି ବୁଡ଼ି ଯାଏ ପାହାଡ଼ ପଛେ,
ପୂରୁବ ଗଗନୁ ତରା ସଙ୍ଗେ ଆସି
ଅନ୍ଧାର ଚିଲିକା ଗରଭେ ନାଚେ ।

– ◻ –



Digitized by PPRACHIN, SOA

## ପାରିବାରିକ ମମତାବୋଧକ କବିତା :

# ମୋ ଟିକି ଘର

।୧।

ବନସ୍ତେ ଫୁଟିଲା ଫୁଲ କେଡ଼େ ସୁନ୍ଦର
ଝାଟିମାଟି କାନ୍ଥ ଦେଇ ତୋଳିଲି ଘର
ନଥିଲା ମୋ ନଡ଼ା ପାଳ
ପାଇ ଯାଇଥିଲା କାଳ
ବାଉଁଶ ପତରେ ଘର କଲି ଛପର
ବନସ୍ତେ ପାଚିଲା କେତେ ପଣସ ତାଳ ।

।୨।

ପାଖେ ଥିଲା ନଈ ଧାର ନଥିଲା ଖାଲ
ଲଟି ମାଡ଼ିଥିଲା କେତେ ଡାଳକୁ ଡାଳ
ନଥିଲା ତ ଖଞ୍ଜାଶାଳ
ନଥିଲା ମୋର ଗୁହାଳ
ଏକୁଟିଆ ଘରଟି ମୋ ନାହିଁ ଜଞ୍ଜାଳ
ବନସ୍ତ ଭିତରେ ଘର କେଡ଼େ ସୁନ୍ଦର ।

।୩।

ବସିଥାଏ ଅଡ଼ଙ୍ଗେ ମୁଁ ଶୁଆକୁ ଚାହିଁ
ଡାକୁଥାଏ ସାରୀ ଗଛ ଗହଳେ ଥାଇ
ବୁଣେ ମୁହିଁ ଖୁଦ କଣି
ଖୁଣ୍ଟି ଖାଉଥାଏ ବଣି
ଘୁମୁରି ଘୁମୁରି ତେଣୁ ଆସଇ ପାରା
ଡେଇଁ ଉଡ଼ିଯାଏ ବଣି ନ ଦିଏ ଧରା ।



Digitized by PPRACHIN, SOA

।୪।

ଘୋଡ଼ାଇ ଆସିଲା ମେଘ କଳା ହାଣ୍ଡିଆ
ପଶ୍ଚିମୁଁ ବହିଲା ବାଆ ସୁଲୁ ସୁଲିଆ
ଶୁଆ ସାରୀ ଗଲେ କାହିଁ
ବଣି ପାରା କେହି ନାହିଁ
ଏକୁଟିଆ ଅଡ଼ଙ୍ଗେ ମୁଁ ହୋଇଛି ଠିଆ
ଚଳିଲା ଟୋପା ସେ ମେଘ ବରକୋଳିଆ ।

।୫।

ପିଟିଲା ବତାସି ବାଆ ଛିଡ଼ିଲା ଡାଳ
ବନସ୍ତ ବୁଡ଼ାଇ ଦେଲା ବରଷା ଧାର
ବାଉଁଶ ପତର ଚାଳ
ପାଣି ବହେ ଝର ଝର
ଝାଟି ମାଟି କାନ୍ଥ, ନାହିଁ ବତାସି ଡର
ବନସ୍ତେ ମୋ ଟିକି ଘର କେଡ଼େ ସୁନ୍ଦର ।

–□–

# ଟିକି ଭଉଣୀ

ଆମେ ଦୁଇ ଭାଇ ଗୋଟିଏ ଭଉଣୀ
ଯାଇଥିଲୁ ମାମୁଘର,
ମାଇଁ ଦେଇଥିଲା ତିନୋଟି କୁଣ୍ଢେଇ
ସବୁଯାକ ତିହ୍ନିଙ୍କର ।
ବୋଉ ବାଣ୍ଟିଦେଲା, ବଡ଼ କୁଣ୍ଢେଇଟି
ପଡ଼ିଲା ଭଉଣୀ ଭାଗ;
ସାନରୁ ଗୋଟିଏ ଧଇଲି ମୁଁ ନେବି,
ଭାଇ ହେଲା ମୋତେ ରାଗ ।



Digitized by PPRACHIN, SOA

ମୋଡ଼ିଲା ମୋ ହାତ, ନ ଛାଡ଼ିଲି ମୁହିଁ,
ଭିଡ଼ିଲା କୁଣ୍ଢେଇ ଧରି;
ସୁନ୍ଦର ବିରାଡ଼ି ମୂଷା ଧରିଥିଲା,
ମୂଷା ତାର ଗଲା ଛିଡ଼ି ।
ଭଙ୍ଗା କୁଣ୍ଢେଇଟା ଫୋପାଡ଼ିଦେଇ ମୁଁ
କାନ୍ଦିଲି କୋହରି ହୋଇ,
ତମତମ ହୋଇ ଚାଲିଗଲା ଭାଇ
ବାପାଙ୍କୁ ଦେବାକୁ କହି ।
ଟିକି ଭଉଣୀଟି ଫିଟାଉଥିଲା ତା
ସୁନ୍ଦର କୁଣ୍ଢେଇ ପେଡ଼ି,
"ଯାକୁ ନେଏ ଭାଇ" ବୋଲି ହସି ହସି
କହିଲା ମୋ ହାତ ଧରି ।

-□-

# ହଟିଆ ଲୁଚିବା କଥା

ବାପା ଯେତେବେଳେ, ବସନ୍ତି ଖାଇ
ହଟିଆକୁ ଖୋଜନ୍ତି ସେ,
ଯେତେ ଯେଉଁ ଆଡ଼େ ଖୋଜିଲେ ହେଲେ
ହଟିଆ କି ଆଉ ଦିଶେ ?
ଦିନେ ବାପା ଯେବେ ଗାଧୋଇ ଆସି
କହିଦେଲେ, 'ଭାତ ବାଢ଼',
ମାଆକୁ କହିଲା, 'ଲୁଚିଯିବି ମୁଁ',
ଠିଆ ହେବୁ କରି ଆଡ଼ ।



Digitized by PPRACHIN, SOA

ଖୋଜିହେବେ ବାପା, କହିବୁ ନାହିଁ,
ଦେଖିବୁ କେମିତି ହେବ ?
ଏହା କହି କଲା ହଟିଆ ପିଲା
କବାଟ କୁଣକୁ ଠାବ ।
ଓଳିଆ ସନ୍ଧରେ କବାଟ କୁଣେ
ଲୁଚି ଲୁଚି ଗଲା ପୁଅ,
ଲୁଗାଟିଏ ପାରି ପଡ଼ିଲା ଶୋଇ
ଅଳସେ ଘୋଡ଼ାଇ ମୁହଁ ।
ଖାଇବାକୁ ଏବେ ବସିଲେ ବାପା,
ଖୋଜିଲେ, 'ହଟିଆ କାହିଁ ?'
ପଚାରିଲେ, 'ପୁଅ, କୁଆଡ଼େ ଗଲା ?
ଦାଣ୍ଡରେ ତ ଖେଳୁ ନାହିଁ ?'
ବୋଇଲେ, 'ଦାଣ୍ଡକୁ ଯାଆନ୍ତା କିଆଁ ?
ଦୁଇ ପହରିଆ ବେଳ,
ଏହା କହି ଖୋଜି ଖୋଜି ଚାହିଁଲେ
ଅନ୍ଦି ସନ୍ଧି ଘର ତଳ ।
କବାଟ କୁଣକୁ ଚାହିଁଲେ ଥରେ;
ହସିଲା ହସିଲା ହୋଇ
ମାଆକୁ, କହିଲେ, 'ହଟିଆ ତେବେ
ପଡ଼ିଥିବ ଆଜି ଶୋଇ ।'
ଗୁଲ୍ କିନି ଏବେ ହଟିଆ ଉଠି
ମାଆ ପଛଆଡ଼େ ଠିଆ,
ତାଳି-ମାରି ମାରି ଉଠିଲା ହସି
ବୋଇଲା, 'ଶୁଅନ୍ତି କିଆଁ ?
ହସି ହସି ଯାଇଁ ବାପାଙ୍କ କୋଡ଼େ
ଖାଇବାକୁ ଗଲା ବସି,
'କେଉଁଠି ଥିଲା କି ପୁଅଟି ମୋର ?'
ବାପା ପଚାରିଲେ ହସି ।

— ◻ —



Digitized by PPRACHIN, SOA

## ପଶୁପକ୍ଷୀ ପ୍ରୀତି ମୂଳକ କବିତା :

# ଆ ମୋ ପାଟ

ଆ ମୋ ପାଟ	ବାଟେ ବାଟେ
କଅଁଳ ଘାସ	ଖାଇଚୁ ପେଟେ
ସକାଳୁ ଆସି	ସଞ୍ଜ ହେଲା
ଦେଖିବ ପରା	ଡାକୁଚି ପିଲା
କାହାକୁ ଡରୁ ଏତେ ?
ଧଡ଼ା ଦୁଆର	କରିଚି ମେଲା
ଚାହିଁ ବସିଚି	ଘଡ଼ିଏ ହେଲା
ଗୁମ ଲୁଚିଲେ	ଅନ୍ଧାର ହେଲେ
ଆସିବେ ବାପା	ଗୁହାଳ ଘରେ
ତୋରାଣି ଦେବେ ତତେ ।୧।

ପଶିଚି କୁଣ୍ଡେ	ତୋରାଣି ପାଣି
କୁଣ୍ଡା କୁଳୁଚି	ଦେବି ମୁଁ ଆଣି
କତୁରା ଛଣ	ବତୁରା ହୋଇ
ଏଇ ରହିଚି	ତୋରି ପାଇଁ
ଆ-ଆ' ମୋ ପାଟ ।
କୁନି ବାଛୁରୀ	କରୁଚି ଅଳି
ଖାଇବ ଦୁଧ	ମୁଣ୍ଡିଆ ମାରି
ଟେକିଦେବ ସେ	ଟିକି ଲାଙ୍ଗୁଡ଼
ମାରିବ ମୁହଁ	ଚିରକୁ ଚିର
ଦେଖିବି ମୁଁ ତା ନାଟ ।୨।

–□–



Digitized by PPRACHIN, SOA

# ଆମ ନେତ

ଆସ ଗୋ ବଉଳ, ଆ ରେ ହରି,
ଦେଖିବ ଆମ ନେତ;
ଦେବି ମୁଁ, ଖାଇବ କଅଁଳ ଦୁବ,
ଚାଟିବ ସେ ମୋ ହାତ ।
ଆମ ନେତ ଗାଈ କେଡ଼େ ସୁନ୍ଦର,
ମୁଣ୍ଡରେ ଚାନ୍ଦ, କଳା ଲାଙ୍ଗୁଡ଼,
ଶିଙ୍ଗ ଦିଓଟି ଗଙ୍ଗା;
ଆସ ଗୋ ବଉଳ, ଆ ରେ ହରି,
ଦେଖିବ ଗୋଟେ ମଜ୍ଜା ।
ଚରୁଥିବ ସେ ନଈ କୂଳେ,
ଘାସ ଖାଉଥିବ କୋଚିଲା ମୂଳେ,
ମୁଁ କହିବି 'ରହ';
ମୁହଁକୁ ଟେକି କାନ ଡେରି
ଚାହିଁ ରହିବ ପିଲାଟି ପରି;
ନିଶ୍ୱାସ ମାରି ହୋଇ ଘୁମୁରି
ସତେ ଯେମିତି ପଚାରୁଥିବ,
'କଅଣ କହିବୁ କହ ।'
କଅଁଳ କରି ଦେବି ମୁଁ କହି,
"ମାଆଟି ମୋର, ଖାଇବୁ ନାହିଁ,
କୋଚିଲା ପତର, ରସୁଣ ଘାସ୍";
ଘୁମୁରି କହିବ 'ହୁଉଁ';



Digitized by PPRACHIN, SOA

ପାଖକୁ ଆସି ରହିବ ଟାକି,
ମୁଣ୍ଡ ଉପରେ ବେକକୁ ଟେକି;
ଆଉଁସା ପାଇଁ ମୁଣ୍ଡ ହଲାଇ
ବୋଲିବ, "ମୋତେ ଛୁଉଁ ।"
ବେକ ତଳୁଟି ଦେବି କୁଣ୍ଡାଇ
ଆଉଁସି ଦେବି ମୁହଁଟି ମୁହିଁ,
ଦୋଳମୁକୁଚି ହେବି କିମିତି
ତା ବେକେ ବୁଲାଇ ହାତ,
ପାଟି ମେଲା କରି ହାତ ପୂରାଇ
ଗଣିବି ମୁଁ ତା ଦାନ୍ତ ।
ଗୋଡ଼ ସନ୍ଧିରେ ମୁହଁ ଗଳାଇ,
କୁତୁକୁତୁ କରି ପହ୍ନା ହଲାଇ,
ଚିର ଓଟାରି ଦୁହିଁବି ଦୁଧ,
ମାରିବ ନାହିଁ ସେ ନାତ;
ଆସ ଗୋ ବଉଳ ଆ ରେ ହରି,
ଦେଖିବ ଆମ ନେତ;
ଦେବି ମୁଁ, ଖାଇବ କଅଁଳ ଦୁବ,
ଚାଟିବ ସେ ମୋ ହାତ ।

—□—

# ପିଲା ଓ ଚଢ଼େଇ

ପିଲା : ଆସ ଆସ ଚଢ଼େଇ ମୋ ପିଣ୍ଡାରେ ବସ,
ଖାଇବାକୁ ଦେବି ତତେ ନଡ଼ିଆ ରସ;
ପିଇବାକୁ ଦେବି ବେଣ୍ଟ ପୋଖରୀ ପାଣି,
ରହିବାକୁ ଦେବି ସୁନାପଞ୍ଜୁରୀ ଆଣି ।



Digitized by PPRACHIN, SOA

ଚଢ଼େଇ : ବୁଲୁଛି ବନସ୍ତେ ମୁହିଁ ଡାଳକୁ ଡାଳ,
ଖାଇବାକୁ ଅଛି କେତେ ପାଚିଲା ଫଳ,
ପାହାଡ଼ ଝରଣା ପାଣି ପିଏ ମୁଁ ନିତି
ପତ୍ର ଗହଳରେ ଶୋଇ ପୁହାଏଁ ରାତି ।

ପିଲା : ଉଡ଼ି ଉଡ଼ି ବାଧିବଟି ଡେଣାକୁ ତୋର,
ଶଉରା ଛଞ୍ଚାଣ ଦେଖି ମାଡ଼ିବ ଡର ।
କିମିତି ରଖିବୁ ଡିମ୍ବ ପତର ତଳେ,
ପିଲା କିଏ ସମ୍ଭାଳିବେ ବୁଲି ତୁ ଗଲେ ?

ଚଢ଼େଇ : ବାଧିଯିବ ଯେବେ ଡେଣା କାହିଁକି ଅଛି ?
ଶଉରା ଛଞ୍ଚାଣ ଜଗି ସୁଖେ ବୁଲୁଛି ।
ଡିମ୍ବ, ପିଲା ସମ୍ଭାଳିବି କରି ମୁଁ ବସା,
ପିଲା ଯେ ଦେଉଚି, ସେହି ଏକା ଭରସା ।

ପିଲା : ଆସୁଛି ବରଷା କାଳ ଶ୍ରାବଣଧାରା,
ଖାଇବାକୁ ନ ମିଳିବ ଦିବସ ସାରା ।
ବସି ଗୀତ ଗାଉଥିବୁ ମୋ ଘରେ ସୁଖେ,
କଉତୁକେ ଧରିଥିବି ତତେ ମୁଁ ବୁକେ ।

ଚଢ଼େଇ : ଡେଣା ପିଟି ଖାଉଛି ମୁଁ ଇଚ୍ଛାରେ ଚରି,
ଉପାସ ବାଧିବ ନାହିଁ ବନ୍ଧନ ପରି;
ଗୀତ ପାଇଁ ପୋଷାହେବା ନୁହେଁ ମୋ କାମ,
ପ୍ରଭୁ ମନ ଯୋଗାଇବା ବଡ଼ ବିଷମ ।

— ◻ —



Digitized by PPRACHIN, SOA

# ମୋଅରି ଗାଈ ସେ 'ଯାତ'

ମୋଅରି ଗାଈ ସେ 'ଯାତ'
ତାହାରି ଦୁଧ ଗୋଳାଇ ନିତି
ଖାଉଛି ମୁହିଁ ଭାତ ।
ଯାତ ଉପାସକୁ କିଣା ହେଲା ବୋଲି
ନାଆଁଟି ତାହାର 'ଯାତ'
(ଏବେ) ମୋଅରି ଗାଈ ସେ 'ଯାତ' ।
ଆମ ଘରେ ଅଛି ନଅଟି ଗାଈ
ଆମେ ଦୁହେଁ ଅଛୁ ଭଉଣୀ ଭାଇ
ଗୋଟିଏ ଅଛି ପିଇସୀ ନାନୀ
ହଳିଆ ଦିଏ କୁଟା ତୋରାଣୀ
ସକାଳୁ ଉଠି ଗୁହାଳ ପୋଛି
ଗାଈଟିକି ଦୁହେଁ ମାଆ
ବାପା ଯାଇଛନ୍ତି ବିଲକୁ, ଉଠି
କୁଆ ନ ବୋବାଉଁ କାଆ ।
ଦିନେ ଇସ୍କୁଲ ଥାଏ ଛୁଟି
ଆମ ରାଧୁ ଭାଇ ସକାଳୁ ଉଠି
ଦାନ୍ତ ଘଷି ଦେଇ ପଖାଳ ଖାଇ
ବାହାରିଲା ଧରି ଗାଈ;
କହିଲି "ଭାଇ, ମୁଁ ସାଙ୍ଗରେ ଯିବି,
'ଯାତ' ଚରୁଥିବ ଗେଲ କରିବି";
ଭାଇ ହେଲା ରାଇ ରାଇ
ମାଆ କଲା ମତେ ନାହିଁ;
ତମ ତମ ହୋଇ କହିଲା ଭାଇ
"ଯାତ କି ତୋଅରି ଗାଈ ?"



Digitized by PPRACHIN, SOA

ବାଡ଼ିରେ ବସିଲି ହୋଇ ମୁଁ ତୁନୀ,
ଫାଟି ଫୁଟିଗଲା ପିଇସୀ ନାନୀ
ଦୁଧ ଗିନା ଘେନି ଅଇଲା ମାଆ,
ମତେ ବୋଇଲା 'ଖାଆ'।
ମୁଁ ବୋଇଲି 'ଯାଆ';
ମୋ ଗାଈ ନୁହେଁ 'ଯାତ'
ଖାଇବି ନାହିଁ ମୁଁ ସେ 'ଯାତ' ଦୁଧ
ଖାଇବି ନାହିଁ ମୁଁ ଭାତ ।
ସେଇଦିନ ବାପା ବିଲରୁ ଆସି
ଗାଧୋଇ ନ ଯାଇ ପିଣ୍ଡାରେ ବସି
ନାନୀ ମାଆ କଥା ଶୁଣିଲେ ନାହିଁ
ବାଣ୍ଟିଦେଲେ ସବୁ ଗାଈ,
ବାପା ନେଇଗଲେ କଜଳା, ନାଲା,
ଦାମୁଡ଼ି ଯୋଡ଼ିକ ହଳିଆ ନେଲା;
ଭାଇର ରହିଲା ଦିଓଟି ଛଡ଼ା
ନାନୀ ଆଦରିଲା କାଳିଆ ହଡା
କୁନି ବାଛୁରୀଟି ମାଆ ନେଇଗଲା,
'ଯାତ'କୁ ରଖିଲି ମୁହିଁ;
ନଅ ଗାଈ ଯାକ ବାପା ବାଣ୍ଟିଦେଲେ
ଆଉ ନାହିଁ ଗୁଇଁ ପୁଇଁ ।
ମୋ ଗାଈ ହେଲା 'ଯାତ'
ତାହାରି ଦୁଧ ମୁଁ ଗୋଳାଇ ଖାଇଲି
ବାପାଙ୍କ ସାଙ୍ଗରେ ଭାତ ।
(ଏବେ) ମୋଅରି ଗାଈ ସେ 'ଯାତ';
ତାଆରି ଦୁଧ ଗୋଳାଇ ନିତି
ଖାଉଛି ମୁହିଁ ଭାତ ।

–◘–



Digitized by PPRACHIN, SOA

ଐତିହାସିକ କିମ୍ବଦନ୍ତୀମୂଳକ କବିତା :

# ଫୁଲର ମୂଲ

ପୁଷମାସ ରାତି ଜାଡ଼େ
କାତର ବରଷା ମାଡ଼େ
ମଲେ ଯହିଁ ଯେତେ ପଦ୍ମ ଥିଲେ,
ସୁଦାସ ମାଳୀର ବାଡ଼ି
ପୋଖରୀରେ କାହୁହୁଡ଼ି
ଫୁଟିଥିଲା ଗୋଟିଏ ସକାଳେ ।

ଆନନ୍ଦେ ସେ ପଦ୍ମ ତୋଳି
ସୁଦାସ ବିକିବ ବୋଲି
ପହଞ୍ଚିଲା ରାଜାଙ୍କ ଦୁଆରେ ।

ବୁଦ୍ଧ ଥିଲେ ସେ ସହରେ
ଶିଷ୍ୟ ଜଣେ ଆସି ବୋଲେ,
"ଏ ଫୁଲଟି ବିକିବ କି ମୋରେ ?"

"ଅକାଳ ଫୁଲଟି ମୋର
ମାଢ଼େ ସୁନା ହେବ ମୂଲ"
କହେ ମାଳୀ, ସେହୁ ରାଜି ହେଲେ,
କୋଶଳରାଜ ସେ ଏବେ
ପୂଜିବାରେ ବୁଦ୍ଧ ଦେବେ
ବାହାରି ତା ଦେଖିଲେ ଦୁଆରେ ।



Digitized by PPRACHIN, SOA

କହିଲେ, "ଦିଅ ଏ ଫୁଲ,
ନିଅ ନବ କେତେ ମୂଲ"
ମାଳୀ କହେ, "ଦେବେ ମାଢ଼େ ଏହୁ"
କହିଲେ ରାଜନ ଚାହିଁ,
"ଦେବି ଦୁଇ ମାଢ଼ ମୁହିଁ"
ଆନ କହେ, "ଚାରି ମାଢ଼ ହେଉ ।"

ରାଜନ ବଢ଼ନ୍ତି ପୁଣି
ଆନ ଶିଷ୍ୟ ନୁହେଁ ତୁନି
ବଢ଼ିଲା ସେ ପଦ୍ମଫୁଲ ଦର,
ମାଳୀ ଏବେ ବିଚାରଇ
ଦୁହେଁଯାକ ଯାହା ପାଇଁ
ବଢ଼ନ୍ତି ସେ କିବା ଧନେଶ୍ୱର ।
ତାହାଙ୍କୁ ଦେବଇଁ ମୁହିଁ
ବିକିବା ମୋ ଲୋଡ଼ା ନାହିଁ
ଗଲା ସେହୁ ବୁଦ୍ଧଦେବ ଯହିଁ,
ପଦ୍ମାସନେ ପଦ୍ମମୁଖେ
ନିବାରି ଜଗତ ଦୁଃଖେ
କହୁଥିଲେ ବାରତା ବୁଝାଇ ।

ସାଷ୍ଟାଙ୍ଗେ ପ୍ରଣମି ତହିଁ
ଗଦଗଦେ ଦେଲା ଥୋଇ
ବିଭୁ ପାଦେ ଫୁଲ ସେହୁ ମାଳୀ,
ହସି ପଚାରିଲେ ପ୍ରଭୁ,
"କି ଲୋଡ଼ା ତମର ବାବୁ"
ମାଳୀ କହେ, "ଦିଅ ପଦଧୂଳି ।"

–◘–



Digitized by PPRACHIN, SOA

# ସିଦ୍ଧାର୍ଥ ଓ ହଂସ

ସିଦ୍ଧାର୍ଥ ବଗିଚା ଘରେ
ବସିଥିଲେ ଦିନେ,
ଉଡ଼ି ଯାଉଥିଲେ ହଂସ
କେତେ ସେ ଗଗନେ ।
ବୁଡ଼ି ଯାଉଥିଲା ରବି,
ସଞ୍ଜବେଳ ଛାଇ
ଆସୁଥିଲା ପଶ୍ଚିମରୁ
ଘୋଡ଼ାଇ ଘୋଡ଼ାଇ ।
ତାହୁଁ ହଂସଟିଏ ଆସି
ପଡ଼ିଗଲା ତଳେ,
ଡେଣାରେ ବାଜିଛି ଶର
ତାହେଁ ସେ ବିକଳେ ।
ସିଦ୍ଧାର୍ଥ ଉଠିଲେ, ନେଲେ
ହଂସକୁ କୁଣ୍ଢାଇ,
ଶର କାଢ଼ି ଝାଡ଼ି, ହାତ
ଦେଲେ ସେ ବୁଲାଇ ।
ହଂସର ରକତ ଧାରେ
ଢାଳି ଲୁହ ଧାର,
କଇଁ କଇଁ ହୋଇ କେତେ
କାନ୍ଦିଲେ କୁମାର ।
ଧନୁଶର ହାତେ ଧରି
ସିଦ୍ଧାର୍ଥଙ୍କ ଭାଇ
ଦେବଦତ୍ତ ଏବେ ଆସି
ମିଳିଗଲେ ତହିଁ ।



Digitized by PPRACHIN, SOA

କହିଲେ, "ସିଦ୍ଧାର୍ଥ, ହଂସ
ଛାଡ଼ିଦିଅ ମୋର,
ମୁହିଁ ପରା ଏ ହଂସକୁ
ବିନ୍ଧି ଅଛି ଶର ।"
ସିଦ୍ଧାର୍ଥ କହିଲେ, "ଏ ତ
ବିଚାର ଓଲଟା,
ସତ କହୁଛ କି ଭାଇ,
କରୁଅଛ ଥଟ୍ଟା ?
ମାଇଲା ଯେ ହଂସଟିକୁ
ହଂସ ହେବ ତାର ?
ବଞ୍ଚାଇ ରଖିଲା ଯେହୁ
ହୋଇବ ସେ ପର ?
ନିଅ ଶାକ୍ୟ-ରାଜ୍ୟ, ନାହିଁ
ତହିଁ ମୋର ଲୋଡ଼ା,
ହଂସଟିକୁ ନ କରିବି
କେବେ ହାତଛଡ଼ା ।
ଶିକାରୀ ସେ ଦେବଦତ୍ତ
ରହିଗଲେ ଚାହିଁ,
ମୁଣ୍ଡ ପୋତି ଗଲେ ଚାଲି
କିଛିହିଁ ନ କହି ।

–◻–



Digitized by PPRACHIN, SOA

# ବୁଦ୍ଧ ଓ ବିଧବା

ତଳେ ଲୋଟି ନାରୀ କହେ, "ମୁଁ ବିଧବା
ଗୋଟିକ ଏ ମୋର ପୁଅ
ଏତ ଗଲା, ମୁହିଁ ରହିବି କା ଘେନି
ଏହାକୁ ବଞ୍ଚାଇ ଦିଅ ।"
ବୁଦ୍ଧ ଦେବ ସେହୁ ଧ୍ୟାନେ ବସିଥିଲେ
ଚାହିଁଲେ ଫିଟାଇ ଆଖି,
କହିଲେ "ଯାଅ ମା ଆଂଜଳା ପୂରାଇ
ଆଣ କଳା ରାଶି ଦେଖି ।
ମାଗିଣ ଆଣିବ ତା ଘରୁ, ଯା ଘରେ
ନଥିବେଟି କେହି ମରି,
ତେବେ ଗୋ ଦେଖିବ ମଡ଼ା ଏ ଉଠିବ
ଜୀଅନ୍ତା ମଣିଷ ପରି ।"
ଗଲା ସେ ବିଧବା ଗ୍ରାମ ଯାକ ମାଗି
ଖାଲି ଠିଆ ହେଲା ଆସି,
ପଚାରନ୍ତି ବୁଦ୍ଧ "ଆଣିଲକି ନାରୀ
କହିଥିବା କଳା ରାଶି ?"
ଗଦଗଦେ ନାରୀ ଗୋଡ଼ ତଳେ ପଡ଼ି
କହିଲା, "ବୁଝିଲି ସବୁ,
ଯେତେଦିନ ଅଛି, ତୁମ୍ଭ ପାଦ ପଦ୍ମେ
ଚିତ୍ତ ମୋର ଥାଉ ପ୍ରଭୁ ।"

— ◻ —



Digitized by PPRACHIN, SOA

# ଜଗନ୍ନାଥଙ୍କ ଦହିଖିଆ

ଜଗତର ନାଥ  ଜଗନ୍ନାଥ ନିଜେ
ସହ ବଳଦେବ ଭାଇ
ଧଳା କଳା ଘୋଡ଼ା  ଆରୋହି ଯେକାଳେ
ଯୁଝିଲେ ଓଡ଼ିଆ ପାଇଁ;
ବାଟ ଅଧରେ ଲୋ  ଚିଲିକାର କୂଳେ
ଦେଖନ୍ତେ ପସରା ଦହି
ମନ ଭରି କେତେ  ଖାଇଲେ ସୁଖେ ସେ
ଗଛ ଛାଇ ତଳେ ରହି ।
ଗଉଡୁଣୀ ଝିଅ  ମାଣିକ ବିଚାରୀ
ମାଗନ୍ତେ ଦହିର ମୂଲ,
ଅଣ୍ଡାଳି ଅଣ୍ଟା ଲୋ  ନ ପାଇ ପଇସା
ବେନି ହେଲେ ହରବର ।
ଗଜପତି ସେନା  ଗଜପତି ସହ
ଆସିବାର ଜାଣି ପଛେ,
ବେନି ଭାଇ ତହୁଁ  ବୁଦ୍ଧିଏ ପାଞ୍ଚିଲେ
କହିଲେ ଏସନ ମିଛେ –
"ଦୁଇ ଭାଇ ଆମେ  ରାଜାଙ୍କ ସିପାହୀ
ଯାଉଛୁ ବାରତା ଘେନି,
ଯୁଝ ପରା କାଲି;  ନ ଚଳେ ନ ଗଲେ
ତରତର ତେଣୁ ବେନି;
ରଖ ଏ ମୁଦ୍ରିକା,  ଆସିଲେ ରାଜନ
ଦେଖାଇ ଘେନିବ ମୂଲ ।"
ହାତେ ଧରି ମୁଦି  ଚାହିଁଛି ମାଣିକା
ଗଲେ ଚାଲି ବେନି ବୀର ।



Digitized by PPRACHIN, SOA

ହାତେ ପାଇ ମଣି କାଚ ବୋଲି ସିନା
ଦେଲା ଫିଙ୍ଗି ଦୂରେ ବାଳା,
ସରଳା ଗୋପାଳୀ ସେ କିବା ବୁଝେ ଲୋ
ଦେବଦେବୀ ମାୟା ଲୀଳା ?
ଗଜପତି ଯେବେ ଦେଖିଲେ ମୁଦି ଲୋ
ଚିହ୍ନିଗଲେ ଅଳପକେ,
ବୋଇଲେ, "ମାଣିକା, ତୁମେ ସିନା ଏକା
ଭାଗ୍ୟବତୀ ଏହି ଲୋକେ ।"
ବୋଲି ଏହା, ତାରେ ଦହିମୂଲ ରୂପେ
ଦେଲେ ସେ ଗୋଟିଏ ଗାଆଁ,
ଚିଲିକାର କୂଳେ ଏବେ ମଧ୍ୟ ତାର
'ମାଣିକ ପାଟଣା' ନାଆଁ ।
ଏବେ ମଧ୍ୟ ତହିଁ ମିଳଇ ଯେ ଦହି
ଓଡ଼ିଶା ମୂଲକେ ସାର,
ଏବେ ମଧ୍ୟ ସେହି ପାଟଣାଟି କହେ
"ଦେବଭୂମି ଏ ଉତ୍କଳ ।"

– ◘ –



Digitized by PPRACHIN, SOA

## ଶିକ୍ଷାମୂଳକ କବିତା :

# ଗଛ

ମଞ୍ଜିଟି ଭିତରେ ନିଘୋଡ଼ ନିଦ
ଶୋଇଥିଲା କୁନି ଗଛଟି,
ହସ ହସ ହୋଇ ଆସିଲା ଖରା
ବୋଇଲା ଉଠରେ ଆଜଟି ।
ଟପଟପ ପୁଣି ବରଷା ପାଣି
ପଡି ଦେଲା ତାକୁ ହଲାଇ,
ଝାଡି ଝୁଡି ହୋଇ ଉଠିଲା ଗଛ
ମେଲାକୁ ଅନାଇ ଅନାଇ ।

–□–

# ଚକାଫଳ ନ ଖାଉଁ

ଅପନ୍ତରା ପାଟ ସେପାଖେ ଆମ୍ବ ତୋଟା ଗହଳ,
ଆମ୍ବତୋଟା ଗଲେ ବନସ୍ତେ ଦିଶେ ପାହାଡ଼ ତଳ ।
ପାହାଡ଼ରୁ ଫିଟି ଝରଣା ଭେଦିଯାଏ କିଆରୀ,
ସେ ବିଲେ ହୁଅଇ ରସାଳ ଆଖୁ କଳା କନ୍ତାରୀ ।
ପଲେ ପଲେ ଭାଲୁ ପାହାଡୁଁ ଗଡ଼ି ଆସନ୍ତି ତଳେ,
ଆମ୍ବ ଥିଲେ ତୋଟା ବୁଲନ୍ତି,ଆଖୁ ଖାଆନ୍ତି ବିଲେ ।
ଆମ୍ବ ଖୋଜୁ ଖୋଜୁ ଚୋବାନ୍ତି ଆମ୍ବ ପତର କେତେ,
ଚୋବାଇ ଫୋପାଡି ଦିଅନ୍ତି କଷା ଲାଗଇ ଯେତେ ।



Digitized by PPRACHIN, SOA

ଭାଙ୍ଗିକରି ସବୁ ଚୋବାନ୍ତି ଆଖୁ ପତର ମିଶା,
ବିଚାରନ୍ତି ହେବ ଏ ଗଛଫଳ କେଡ଼େ ସରସା !
ନିତି ନିତି ବୁଢ଼ା ଭାଲୁଏ ଉଣ୍ଡି ବୁଲଇ ଫଳେ,
ବିରୁଡ଼ି-ଘରା ସେ ଦେଖିଲା ଆଖୁପତ୍ର ଗହଳେ ।
ଚକାଫଳ ଦେଖି ତୁଣ୍ଡରୁ ତାର ବହିଲା ନାଳ,
ଆଖୁ ତ ସଭିଏ ଚୋବାନ୍ତି, ବୁଢ଼ା ଖାଇବ ଫଳ ।
କାହାକୁ ନ କହି ପାହାଡ଼େ ଗଲା ସେ ରାତି ଫେରି,
ଦିନ ଥାଉଁ ଆସି ଏକାରେ ମଜା ମାରିବ ବୋଲି ।
ଆରଦିନ ସଞ୍ଜ ନ ବୁଡୁଁ ବିଲେ ପଶିଲା ଲୁଚି,
ଆଗ ଗୋଡ଼ ଟେକି ଧଇଲା ଫଳ ପ୍ରାଣ ମୂରୁଛି ।
ଧରୁ ଧରୁ ମୁହେଁ ପୂରାଇଦେଲା ଗୋଟାକ ଯାକ,
ମାଇଲେ ବିରୁଡି, ଫୁଟିଲା ଆଖି, ଜଳିଲା ନାକ ।
ଜିଭ, ତାଳୁ ସବୁ ପୋଡ଼ିଲା ଭାଲୁ ଗଡ଼ିଲା ତଳେ,
ନ ଛାଡନ୍ତି କେବେ ବିରୁଡ଼ି, ବୁଢ଼ା ଗର୍ଜେ ବିକଳେ ।
ଦରାଣ୍ଡି ଦରାଣ୍ଡି ପଳାଉଁ କହେ, "କେବେ ତ ଆଉ
ଆଖୁ ବାଡି ଆମେ ନ ପଶୁଁ, ଚକାଫଳ ନ ଖାଉଁ ।"

– ◘ –

## ଭାଗ୍ୟ ନିଂଦି କି ଲାଭ ?

ସହରକୁ ତିନି କୋଶ
ଗ୍ରାମରେ ବୁଢ଼ାର ବାସ,
ଗରିବ ସେ ବଡ଼;

ପିଲା ପୁଅଟିକି ଧରି
ନିତି ନିତି ଭିକ୍ଷା କରି
ବୁଲଇ ସହର ।



Digitized by PPRACHIN, SOA

ବଡ଼ ବଡ଼ କୋଠାଘର,
ପାଚେରୀ ଫାଟକ ଦ୍ୱାର,
ଝଙ୍କି ଦେଖନ୍ତି ସେଥି
ମୁଠାଏ ମିଳଇ କାହିଁ,
କିଏ ବା କରଇ 'ନାହିଁ',
ଫେରନ୍ତି ନିରାଶେ ।
ଦିବସେ ମୁଠାଏ ଚୁଡ଼ା
କାହୁଁ ହେଲେ ଆଣେ ବୁଢ଼ା,
ସହର ବାହାରେ;
ନିତ୍ୟକର୍ମ ସାରି ଦେଇ
ଖାଆନ୍ତି ସେ ବତୁରାଇ,
ବସି ନଈକୂଳେ ।
କେତେ ଦ୍ୱାରେ ମାଗି ମାଗି
ପେଟ ତ ଗଲାଣି ଲାଗି,
ହେଲାଣି ଉବେଳ;
ଗୋଡ଼ ପଡୁଅଛି ଭାଜି
କିଛି ମିଳି ନାହିଁ ଆଜି
ଚୂଡ଼ା କି ଚାଉଳ ।
ଦେଖନ୍ତି ସେ କୋଠା ଚାହିଁ,
ଫାଟକ ତ ପଡ଼ି ନାହିଁ,
ପଶିଲେ ସାହସେ,
ଘୋଡ଼ାଏ ଦେଖିଲେ ଆସି,
ଦେହୁଁ ମାଛି ପଡ଼େ ଖସି,
ମାଜଇ ସଇସେ ।



Digitized by PPRACHIN, SOA

ମାଙ୍କିସାରି କି ସୋହାଗେ
ବତୁରା ବୁଟ ତା ଆଗେ
ସଇସ ଥୁଅଇ,
ସେ ବୁଟ ବାଲତି ଭରା
କି ଆନନ୍ଦେ ଖାଏ ଘୋଡ଼ା
କାନ ଓହଳାଇ ।
କେତେବେଳେ ରହିଯାଇ
ପୁଅ କହେ ବାପେ ଚାହିଁ,
ଦେଖାଇ କରମ,
"ପାଇ ଥାଆନ୍ତେଇ ହେଲେ
ଆମେ ଏ ମର୍ତ୍ତ୍ୟମଣ୍ଡଳେ
ଘୋଡ଼ାଇ ଜନମ ।"
କିଛି ନ କହେ ସେ ବୁଢ଼ା,
ପାଇ ଭିକ କିଣି ଚୂଡ଼ା
ଗଲେ ନଈକୂଳେ,
ଦେଖିଲେ ଘୋଡ଼ାଏ ତହିଁ;
ଆଗ ଗୋଡ଼ ଛନ୍ଦା ହୋଇ
ଚରେ ବନ୍ଧତଳେ ।
ଜଗିଆ କେ ନାହିଁ ତାର,
ଡେଇଁ ଡେଇଁ ଖାଏ ଦଳ
ଗଡ଼ିଆରେ ପଶି;
ରାତିକି ହେବ ସେ ବୁଢ଼ା,
ଠେଙ୍ଗରେ ହୋଇଛି ଘାଆ,
କୁଆ ଯାଏ ବସି ।



Digitized by PPRACHIN, SOA

ପୁଅକୁ ଦେଖାଇ ବୁଢ଼ା
କହେ, 'ଦେଖ୍ ଏଇ ଘୋଡ଼ା,
ବୁଝିଲୁ କି ଧନ,
ଆମ ଜନ୍ମେ ଘୋଡ଼ା କଥା
ହୋଇଥିଲେ ହୋଇଥାନ୍ତା
ଏହାର ସମାନ ।"

-◘-

# ମାଛି ଓ ବୁଢ଼ିଆଣୀ

ମାଛିଟିଏ ଦେଖି କହିଲା
ବୁଢ଼ିଆଣୀ ବିଚରା,
"ଆ-ମୋ ଘରକୁ ଦେଖିବୁ
କେଡ଼େ ସଫାସୁତରା ।
ଘେନିଯିବି ତତେ ଉପରେ
ଘେରା ପାହାଚ ବାଟେ,
ସଜାଡ଼ି ରଖିଛି ଆସନ
ଝିନ ଚିକ୍କଣ ପାଟେ ।'
ମାଛି କହେ, 'ଯିବି ନାହିଁ ମୁଁ,
କିଆଁ ଡାକୁଛୁ ମୋତେ ?
ତୁମ ଘରେ ପଶି କିଏ ସେ
କେବେ ଫେରିଛି ସତେ ?'



Digitized by PPRACHIN, SOA

"ଆସ ବାବୁ, ବାଧିଯିବଣି
ଉଡି ଉଡି ଶୂନ୍ୟରେ"
କହେ ବୁଢ଼ିଆଣୀ, "ଶୁଅ ହେ,
ଶେଯ ପଡିଛି ଘରେ ।
ପଡ଼ିଛି ସେ ଶେଯେ ଚାଦର
କେଡ଼େ ସରୁ ସୁନ୍ଦର
ଚାରିପଟେ ଟଣା ହୋଇଛି
ବୁଣା ପାଟ ଝାଲର ।"
କହେ ମାଛି, 'ନାହିଁ ନାହିଁ ହେ
ଶୁଣି ଅଛଇ ମୁହିଁ,
ତୁମ ଶେଯେ ଥରେ ଶୋଇଲେ
ଆଉ ଉଠନ୍ତି ନାହିଁ ।'
ବୁଢ଼ିଆଣୀ ସେ ତ ଛଉକା,
ପୁଣି କହଇ ଫାନ୍ଦି,
"କି କରିବି ବାପ, ତୋପାଇଁ
ପ୍ରାଣ ଉଠଇ କାନ୍ଦି ।
ଖାଇବା ଦରବ ବାଛି ମୁଁ
କେତେ ରଖିଛି ଘରେ;
କି ସୁଖ ଲାଗନ୍ତା ଯେବେ ତୁ
ଚାଖି ଦିଅନ୍ତୁ ଥରେ ।"
'ନାହିଁ ରେ ବାବା ସେ ସୁଆଦ
ଲୋଡ଼ା ନାହିଁ ମୋହର',
କହେ ମାଛି, "ଶୁଣା ଅଛି ହେ
ତୁମ ଘର ବେଭାର ।"



Digitized by PPRACHIN, SOA

ବୁଢ଼ିଆଣୀ ସେ କି ଛାଡୁଛି
ଏବେ କହେ କପଟେ
"କେତେ ବୁଦ୍ଧି ବାପ, ଧରିଛୁ
ଏଇ ଟିକିଏ ପେଟେ ।
କି ଶୋଭା ତୋ ପକ୍ଷ ଚମକ
କେଡ଼େ ଉଜଳ ଆଖି ।
ଦର୍ପଣ ସଜାଡ଼ି ରଖିଛି,
ଥରେ ଯାଆନ୍ତୁ ଦେଖି ।"
"ହେଉ ତେବେ" କହେ ସେ ମାଛି,
ବଡ଼ ଆନନ୍ଦ କଥା,
ବେଳ ନାହିଁ ମୋତେ, ଯାଉଛି,
ସବୁ ଘରେ ରଖିଥା ।"

–□–

## ବେଙ୍ଗ ଓ ବୁଢ଼ିଆଣୀ

ବେଣା ବୁଦା-ମୂଳେ ବସିଣ ଦାଣ୍ଡରେ
ବୁଢ଼ା ବାହ୍ଲୁଣିଆ ବେଙ୍ଗ
ଦେଖିଲା, ଉପରେ ଝଡ଼ା ଛନ୍ଦିଦେଇ
ବୁଢ଼ିଆଣୀ କରେ ରଙ୍ଗ ।
ବୁଢ଼ା ବିଚାରିଲା, 'କେମନ୍ତେ ଖାଇବି,
ଏ ତ ଅଛି ବହୁ ଦୂରେ,
ଡେଇଁ ପଡ଼ିଲେ ତ ଜଣା ପଡ଼ିଯିବ,
କାହିଁ ପଳାଇବ ଡରେ ।



Digitized by PPRACHIN, SOA

ଡେଇଁଲେ ବା ପୁଣି ଲାଖ ହେବ ବୋଲି
କି ଅବା ଭରସା ଅଛି ?"
ଭାଳିଣ ଏସନ ବୁଢ଼ିଆଣୀ ସଙ୍ଗେ
ଫାନ୍ଦି କଥା କହେ ବାଛି-
'ମିତଣି, ତୁମକୁ କାଟୁଥିବ ଖରା,
ଶୀତଳ ଏ ବୁଦାମାଳ ।
ପାଣି ଛାଡିଯାଇ ଚିକ୍‌ଣ ଶିଉଳି
ପଡ଼ି ଲାଗେ କି କଅଁଳ !
ଏକୁଟିଆଟାରେ ବସିଛି ମୁଁ ଏଥି
ଓହ୍ଲାଇ ଆସଗୋ ତଳେ,
କଥାବାରତାରେ କଟିଯିବ କାଳ
ମାତି କେତେ ହସଖେଳେ ।
କଥା ବିଢ଼ିବାକୁ ଖୁସିବାସି ହୋଇ
ବୁଢ଼ିଆଣୀ ଗଲା ମଙ୍ଗି,
କହିଲା, 'ସତେ ମୁଁ ତୁମ ପରି ଜଣେ
ଲୋଡୁଥିଲି ଏକା ସଙ୍ଗୀ ।"
କହି ଏହିପରି, ଘରୁ ସେ ବାହାରି
ଯତନେ ସୂତାକୁ ଧରି
ଅଳପେ ଅଳପେ ଓହ୍ଲାଇ ବସିଲା
ପବନରେ ଥରି ଥରି ।
ବେଙ୍ଗ ମୁହଁ ପାଖେ ରହି ହଲିଯାଏ,
ପୁଣି ଉଠେ; ପୁଣି ପଡ଼େ,
ପାଖେ ଦେଖି ଥରେ ପାଟି ଟାକୁ ଟାକୁ
କଲା ବେଙ୍ଗ ଅସମ୍ଭାଳେ ।



Digitized by PPRACHIN, SOA

ହସି ବୁଢ଼ିଆଣୀ ସୂତା ଧରି ଧରି
ତରତରେ ଗଲା ଉଠି;
ଏହା ଦେଖି ବେଙ୍ଗ ଆକୁଳେଇ ହୋଇ
କହଇ କଥାକୁ ମାଠି-
"ପଡ଼ିଯିବ ବୋଲି ଧରିନେବା ପାଇଁ
ବଢ଼ାଉଥିଲି ମୁଁ ମୁହଁ ।"
ବୁଢ଼ିଆଣୀ ବୋଲେ, ଆଚ୍ଛା, ମିତ, ତୁମେ
ସେଗୁଡ଼ାକ ରଖିଥାଅ ।
ମନ ଯେବେ ଥିଲା ଭୁଲାଇ ପାଖକୁ
ନେଇ ମତେ ଖାଇବାକୁ,
କରୁଥିଲ କିଆଁ ଏଡ଼େ ଅସମ୍ଭାଳେ
ପାଟିଟାକୁ ଟାକୁ ଟାକୁ ?"

– ◻ –

# ଚଷାର ଭାଗ୍ୟ

–୧–

ପୁଷ ମାସେ ରବି ବୁଣା ଲାଗିଯାଏ ପହିଲେ,
କେତେ ବାକୀ ପଡ଼ିଥାଏ ଧାନ କଟା ଗହୀରେ ।
ଅଗ୍ନି କୋଣେ ଉଠି ରବି ଘୁଞ୍ଚି ରହେ ଦକ୍ଷିଣେ,
ଭାରି ଜାଡ଼ ମାଡ଼ି ଆସେ ହିମାଳୟ ପବନେ ।
ନ ମାନି ସେ ଜାଡ଼ ଚଷା ଉଠି ନ ପାହୁଁ ରାତି,
ହଳ ଘେନି ଦାଆ ଧରି ବିଲେ ଯାଏ ଝଟତି ।



Digitized by PPRACHIN, SOA

ହିଡ଼େ, ବାଡ଼େ, ଘାସେ, ଗଛେ ପଡିଥାଏ ଚାକର,
ବୁଡ଼ି ସେ କାକରେ ଥରି କେଡ଼େ ସୁଖ ଚଷାର !

-୨-

ଘରେ ଧାନ ଭରା ତାର, ବିଲେ ରବି ଫସଲ,
କେତେ ତ କୋଳଥ ଏବେ ହୋଇଯିବ ଅମଳ ।
ଲହ ବିରି ଓଳିଆରେ ରଖିଅଛି ସାଇତି,
ବାଇଗଣ କିଆରୀରୁ ତୋଳା ଲାଗିଛି ନିତି ।
ମଞ୍ଚାରେ ଦୋହଲୁଅଛି ବଡ଼ ବଡ଼ କଖାରୁ,
ପିଢ଼ାରେ ଶୋଇଛି ଲାଉ, ଖୋଳା ହେଉଛି ସାରୁ ।
ଗଣ୍ଡି ଗଣ୍ଡି ଫଳ ଆଳୁ ବାଡି ସାରା ଫଳିଛି,
ଆଉ ଚିନ୍ତା ଏବେ ତାର ମନେ ନାହିଁ ତ କିଛି ।

-୩-

ଅମଳ ସରିଲେ ଧାନ, ଦିଆ ହେବ ଖଜଣା,
ମହାଜନ ନେବ, ନେବେ କିଏ କେତେ ପାଉଣା;
ସେବା ବରତନ ପୁଣି ବାକୀ ମୂଲ ଲଗୁତି,
ବେଭାର ଦକ୍ଷିଣା ଦାନ ହଳିଆର ଖାଉତି !
ଭୋକୀ ଶୋଷୀ ଆଶ୍ରା କରି ନ ଫେରିବେ ଦୁଆରୁ,
ଭିକମୁଠି ବୁଡ଼ିଗଲେ ଲକ୍ଷ୍ମୀ ଯିବେ ସେ ଘରୁ ।
ପର୍ବ ପୁଣ୍ୟ ବିଭାଘରେ ହେବେ କେତେ ଚରଚା,
ପିଲାଙ୍କର ନୂଆ ଲୁଗା ପାଠପଢ଼ା ଖରଚା ।
ଘର କଲେ ଏହିପରି କେତେ କଥା ଲାଗିବ;
ସେ ଚିନ୍ତା କାହିଁକି ଏବେ ? 'ଆଉ ଯା ହବ ହବ ।'



Digitized by PPRACHIN, SOA

ସହିଛି ସେ ଜ୍ୟେଷ୍ଠ ଖରା, ଶ୍ରାବଣର ବରଷା,
ଏବେ ଲାଗିଅଛି ତାର ପୁଷ୍ଟ ସୁଖ ବେଉସା ।
ଏ ସୁଖ ଭିତରେ ତାକୁ ଦିଅ ନାହିଁ ଶୋଚନା,
ପ୍ରଭୁ କୃପା କଲେ ତାର ନ ରହିବ ଭାବନା ।
ଚଷାର ପରମ ଭାଗ୍ୟ, ନିତି ଲାଗିଥାଏ ସେ,
ଉପୁଜାଏ ଧନ ସେହୁ, ନିଏ କେତେ କିଏ ସେ ।
ତାହାର ବଣ୍ଟାରେ ଭୁଞ୍ଜେ ସୁଖ ଶାନ୍ତି ଏ ମହୀ,
ତାହାରି କରମ ଫଳେ ରାଜ୍ୟ-ଲକ୍ଷ୍ମୀ ହସଇ ।

-□-



Digitized by PPRACHIN, SOA

## ବର୍ଣ୍ଣନାତ୍ମକ କବିତା :

# କି ସୁନ୍ଦର ଏ ସଂସାର

କି ସୁନ୍ଦର ଏ ସଂସାର,
କେଡ଼େ ସୁଖ ଶିଶୁଙ୍କର
ନାଚି ଖେଳି ବୁଲନ୍ତି ସେ
ଅତି ହରଷେ ।

ସୁଲୁ ସୁଲୁ ବାଆ ବହି
ସକାଳୁ ହସାଏ ମହୀ,
ପଡ଼ି ଗଛପତ୍ରେ ଖରା
କି ଶୋଭା ଦିଶେ ।୧।

ଗୁଣୁ ଗୁଣୁ ଗୀତ ଗାଇ
ମହୁମାଛି ମହୁ ପାଇଁ
ବାହାରନ୍ତି ଫୁଲ ଖୋଜି
ବଗିଚା, ବାରି ।

ବସାଟି-ଦୋହଲୁଥାଏ,
ବାୟାର କି ଅବା ଯାଏ,
ଖେଳୁଥାଏ ବୁଦାମୂଳେ
ସେ ଲୁଚକାଳି ।୨।



Digitized by PPRACHIN, SOA

ଘରଚଟି ଚଟ୍ କରି
ଏ ଚାଳୁ ସେ ଚାଳେ ଉଡ଼ି
ନଚାଇ ନଚାଇ ଲାଞ୍ଜ
କରଇ ନାଟ;
ଘୁମୁରି ଉଠଇ ପାରା,
କାପତା ଖୋଜଇ ଖରା,
ଦଳଫିମ୍ପି ଗଡ଼ିଆରେ
ଦିଏ କୁହାଟ ।୩।

କୁଳୁ କୁଳୁ ଗୀତ ଗାଇ
ବାଲି-ଶେଯେ ବହେ ନଈ,
ଢେଉ ଖେଳ ଖେଳି ଖେଳି
ମିଶେ ସାଗରେ;
ଧାନକ୍ଷେତେ ଚଷା ଭାଇ
ବୁଲେ ଗୀତ ଗାଇ ଗାଇ
କି ସୁନ୍ଦର ମେଘମାଳ
ପାହାଡ଼େ ଚରେ ।୪।

ରାତିକି ନ ଥାଏ ଖରା
ବିଞ୍ଛି ହୋଇଯାଏ ତରା,
ଜହ୍ନ ହସେ କେବେ ସେହି
ତାରା ଗହଳେ,
ସକାଳୁ ସତେ କି କେହି
ସେ ତରା ଗୋଟାଇ ନେଇ
ଖଞ୍ଜିଦିଏ ଗଛେ ଗଛେ
ଫୁଟନ୍ତା ଫୁଲେ ।୫।



Digitized by PPRACHIN, SOA

ସମୁଦ୍ରେ ବୋଇତ ଭାସେ,
ଆକାଶେ ବଉଦ ହସେ,
ପକ୍ଷୀ ଉଡି ଗୀତ ଗାଏ
କିବା ସରସେ;
ଖରାରେ ତୁଟଇ ଶୀତ,
ପବନେ ମିଶଇ ଗୀତ,
ଗଗନ କେସନ ଦୂର
ସାଗରେ ମିଶେ ।୬।

କି ସୁନ୍ଦର ଏ ସଂସାର,
କେଡ଼େ ସୁଖ ପିଲାଙ୍କର,
ହସି ଖେଳି ବୁଲନ୍ତି ସେ
କି ଶୋଭା ଦିଶେ ।
ଯାହାଙ୍କର ଏ ସଂସାର,
ଏତେ ସୁଖ, ହସ, ଖେଳ,
ଶିଶୁଏ ! ସୁମର ତାଙ୍କୁ
ନିଶି ଦିବସେ ।୭।

— ◘ —

# ବୋଇତ ଖେଳ

ସକାଳୁ ଉଠି ଯୋଡିକ ଭାଇ
ଗଲୁ ଗାଧୋଇ ବେଗେ
ଆଜି ତ ଛୁଟି, ଗାଁ ମୁଣ୍ଡରେ
ମନେ ପଡିଲା ଯୋଗେ ।



Digitized by PPRACHIN, SOA

ବସି ପଡିଲୁ ପଢ଼ିଆ ଘାସେ
ଗୋଟିଏ କୁଦ ତଳେ,
ବରଷା ପାଣି ରହିଛି ଜମି
ଦେଖିଲୁ ବୁଦା ମୂଳେ ।
ପତର-ନାଆ କରି ଭସାଇ
ହ୍ରଦ ତାହାକୁ କଲୁ,
କୁଦଟି ବଡ଼ ପାହାଡ଼ ହେଲା
ଦେଖିଲୁ ବୁଦାତଳୁ ।
ପାହାଡ଼ ତଳେ ବୁଦା ଜଙ୍ଗଲେ
ବସି କାଟିଲୁ ଧାର,
ବହିଲା ନଈ ବୋଇତେ ତହିଁ
ବୋଝାଇ କଲୁ ମାଲ ।
କେତେ ସେ ମାଲ ଟିକି ପଥର
ଶୁଖିଲା ଡାଙ୍ଗ ଫଳ,
ସବୁତ ହେଲା ଶୋଭା ଦିଶିଲା
ନାହିଁ ବୋଇତିଆଳ ।
ମାଟି କୁଣ୍ଢାଇ କେଉଟ ତହିଁ
ଥୋଇଲୁ ବେଗେ ନେଇ
ମଝି ନଈରେ ବୁଡ଼ିଲା ନାଆ
ହସିଲୁ ଦୁଇ ଭାଇ ।

— ◻ —



Digitized by PPRACHIN, SOA

# ସୁବୁଧି କଇଁ

ଫୁଟିଛି ପୋଖରୀରେ ସୁବୁଧି କଇଁ
ବାପା କହିଲେ ଆମେ ଯିବା ଗାଧୋଇ
ସଙ୍ଗାତ ଶିଖିଚନ୍ତି ଠିଆ ପହଁରା,
ଆଗରୁ ପୋଖରୀକୁ ଯିବେଣି ପରା ।
ଘଡ଼ିକେ ପୋଖରୀ ସେ ଆସିବେ ବୁଲି,
ସୁବୁଧି କଇଁମାନ ଆଣିବେ ତୋଳି ।
କାହାକୁ କହ ନାହିଁ ଚାଲ ସଅଳ,
ସଙ୍ଗାତ ବାହୁଡ଼ିଲେ ଯାଇ କି ଫଳ ?
ନାଡ଼କୁ ଭାଙ୍ଗି ଭାଙ୍ଗି ଚୋପାକୁ କାଢି
ସୁବୁଧି କଇଁ ନାଡ଼େ କରିବା ମାଳି ।
ପଦକ ପରି ଫୁଲ ଦୋଳିବ ତହିଁ,
ଫେରିବା ପୋଖରୀରୁ ବେକେ ଲମ୍ବାଇ ।
ଆଉ ପିଲାଏ ଦେଖି କରିବେ ଗୋଳ,
ହାତରୁ ଦେଉଥିବା ତାହାଙ୍କୁ ଫୁଲ
ସଙ୍ଗାତ ଯେବେ ଉଭା ହୋଇବେ ଆସି,
ଫୁଲେ ସଜାଡ଼ି ତାଙ୍କୁ କରିବା ଖୁସି ।
ଦେବା ଲମ୍ବାଇ କେତେ ଫୁଲର ମାଳ,
ଦିଶିବ ଆଣ୍ଠୁ ଯାଏ ପଦକ ଧାର ।
ବାପାତ କହିଛନ୍ତି ଯିବା ଗାଧୋଇ,
ତୋଳି ଆଣିବା ଚାଲ ସୁବୁଧି କଇଁ

— ◘ —



Digitized by PPRACHIN, SOA

# ବଢ଼ିପାଣି

ବଢ଼ିପାଣି ଗଲା ଚାଲି
ଦିଶିଲା ବାଲି,
ଯାଇଥିଲେ ବାପା ପୁରୀ
ଆସିବେ କାଲି ।
ବୁଡ଼ିଥିଲା ଧାନ ଗଛ
ଗହୀର ବିଲେ
କହୁଥିଲେ ବାପା ସବୁ
ଦେଖି ଆସିଲେ ।
ପାଣି ଛାଡ଼ି ପଟୁ ପଡି
ଦିଶୁଛି ହିଡ଼,
ସଡ଼ି ଅଛି ଧାନ ପତ୍ର
ବଞ୍ଚିଛି ନାଡ଼ ।
ଗୋଟା ଚାରି ଖରା କଲେ
ଉଠିବ ବୁଦା
ଏ ବରଷ ନ ହାରିବ
କେବେ ବସୁଧା ।
ସବୁ ହେବ ଇନ୍ଦ୍ର ଏକା
ପାଳିଲେ ଧାନେ,
ବଢ଼ି ପଶି ଛାଡିଗଲେ
କୁଣକୁ ମାଣେ ।

–□–



Digitized by PPRACHIN, SOA

# ସାପୁଆ କେଳା

-୧-

ଡାହାଣିଆ ଖରା ଗଲେ ବୁଡ଼ିବ ଭେଳା,
ଆସରେ ଦେଖିବା ପିଲେ ସାପୁଆ କେଳା;
ଅଙ୍ଗାକରେ ପାଞ୍ଚ ପେଡ଼ି ଆଣିଚି ଭାର ସଜାଡି,
ବଡ଼ ସାନ କେତେ ସାପ କରିବେ ଖେଳା,
ଖରା ଥାଉଁ ଥାଉଁ ଚାଲ ନ କର ହେଳା ।

-୨-

ଅହିରାଜ କାଢିବ ସେ ଅଠର ହାତି,
କୋଳଥିଆ ନାଗ ଏବେ ଛାଡିଛି କାତି;
ତମ୍ଭା ପରି ତମ୍ଭମାନ କେତେ ନାଗ ବଡ଼ ସାନ
ଚାରିଆଡ଼େ ଫଣା ଟେକି ଉଠିବେ ମାତି,
ଖେଳାଇବ କେଳା ଏକା ଫୁଲାଇ ଛାତି ।

-୩-

ବୋଲୁଥିବ ପଦ୍ମତୋଳା ମୁହଁ ବୁଲାଇ,
ପେଡ଼ି ଚାଙ୍ଗୁଡ଼ିଏ ଦେଉଥିବ ହଲାଇ,
ସମସ୍ତେ ମାରିବେ ଚୋଟ, କରିଥିବ ଦେହ କାଠ,
ଚମକି ଚମକି କେତେ କରି ବଡ଼ାଇ,
ହଲି ଯାଇ ଚୋଟ ଦେଉଥିବ ଏଡ଼ାଇ ।



Digitized by PPRACHIN, SOA

-୪-

ନାଗଟିଏ ଧରି ବେକେ ଗୁଡ଼ାଉଥିବ,
ଠିଆହୋଇ ଅହିରାଜ ଫଣା ଧରିବ,
ଏଆଡ଼େ ସେଆଡ଼େ ହୋଇ ତମ୍ଭ ଯେ ଯିବେ ପଳାଇ
ଡରୁଥିବେ ଲୋକେ, କେଳା ସମ୍ଭାଳି ନେବ,
ଛଟକେ ଛଟକେ ବୁଲି ଖେଳାଉଥିବ ।

-୫-

ଚାହୁଁ ସେ ପେଡ଼ିରେ ତମ୍ଭମାନ ପୂରାଇ
ଅହିରାଜ ମୁହଁ ଧରି ଗେଲାଇ ହୋଇ
ପଦ୍ମତୋଳା ବୋଲି ବୋଲି ଦେହଯାକ ନାଗେ ଭରି,
ବୁଲିବ ପଇସା ମାଗି ପେଟ ଦେଖାଇ,
ଆସରେ ଆସରେ ପିଲେ, ସଅଳ ହୋଇ ।

-□-

# ଏକାଟିଆ ତସା ପୁଅ

ଏକାଟିଆ ତସାପୁଅ ମାଡ଼ଇ ଡର
ଗହ ଗହ ପାଟବିଲ ବଣ ଭିତର
ମାଡି ଆସୁଅଛି ନିଶା,
ଆସୁଚି ଘୋର ବରଷା,
କି କରିବି କାହିଁଯିବି କୁଆଡ଼େ ବାଟ ?
ଗାଆଁରେ ତ ପଡ଼ିଯିବ ତାଟି କବାଟ ।



Digitized by PPRACHIN, SOA

ଆ ଆରେ ବାଟୋଇ ଭାଇ ଯାଆ ଏବାଟେ
ଆଉ କେହି ଦିଶୁନାହିଁ ଏ ବିଲ ପାଟେ
କେତେ ଦୂରେ ଅଛୁ ତୁହି ?
ଡାକିଲେକି ଶୁଘୁନାଇଁ ?
ଝାପ୍‌ସା ଦିଶୁଚି ମତେ ଚାହାଁ ତୁ ଥରେ,
ଦିଶିବତ ନାଇ ଆଉ ଅନ୍ଧାର ହେଲେ ।

କେତେଥର ସଂଜବେଳେ ଏଇ ଗହିରେ
ଝାପ୍‌ସା ଝାପ୍‌ସା ତତେ ଦେଖିଚି ଦୂରେ
ବଇଁଶି ବଜାଉ ତୁହି,
ଶୁଣି ନାଇଁ କେବେ ରହି,
କାହାକୁ ଖୋଜୁଚୁ ବୁଲି ବରଷ ସାରା
ଆଜିତ ଆସୁଚି ମାଡ଼ି ଶ୍ରାବଣ ଧାରା ।

ରହି ଯାଇ, କାହିଁକିରେ ଯାଉଚୁ ପୁଣି ?
ରହିଯା ରହିଯା ଭାଇ ମୋ ଡାକ ଶୁଣି
ପଦେ ହେଲେ ଶୁଣି ଯାଆ,
ନାହିଁ ଆଉ କେହି ସାହା,
ଏକୁଟିଆ ପଡ଼ି ମତେ ମାଡ଼ଇ ଡର,
କେମନ୍ତେ ମୁଁ ପାରି ହେବି ବଣ ଗହିର ?

ଆକାଶେ ଘୋଟିଲା ମେଘ କଜ୍ଜ୍ୱଳ ପରି
ଝଂକାରେ ବତାସି ମାଡ଼ି ଆସିଲା ଝଡ଼ି
ନଦିଶଇ ହିଡ଼ ବାଟ,
କାହିଁ ଯେ ସରିଚି ପାଟ,
କେଉଁଆଡ଼େ ନଇ ଘାଟ କୁଆଡ଼େ ଗାଆଁ ?
ଏକାଟିଆ ଚଷା ପୁଅ ନାଇତ ସାହା ।



Digitized by PPRACHIN, SOA

ବିକଳେ ଡାକୁଚି ଶୁଣ୍ ବାଟୋଇ ଭାଇ,
ସତେକି ଏ ଡାକ ମୋର ଶୁଣିବ ନାଇ
ଯାଆ ଯାଉଚୁ ଯୁଆଡ଼େ,
ଦେଖା ଦେଏ ମତେ ଥରେ,
ସବୁ ଛାଡି ତୋଓ ସଂଗେ ଯିବି ମୁଁ ଏକା,
ଏ ବିପତ୍ତି ବେଳେ ଥରେ ଦେଏରେ ଦେଖା ।

ଘର ଘାଟ ଚିନ୍ତା ଆଉ ନାହିଁତ ମୋର
ଶୁଣାଇ ଦେ ଥରେ ସେଇ ବଇଁଶି ସ୍ୱର
ଡର ଭୟ ସବୁ ଛାଡ଼ି,
ପଛେ ପଛେ ସ୍ୱରବାରି,
ହେବି ପାରିପାଟ ଘାଟ ଗହଳ ବନ
ଶୁଣାଇ ଦେ ଥରେ ତୋର ବଇଁଶି ସ୍ୱନ

ଏଇ ଶୁଘେ, ଶୁଘେନାଇ ରହିଯା ଭାଇ,
ତୋ ବିନା ଶରଣ ଆଉ କେହିତ ନାଇ
ଯାଉଚି ମୁଁ ସ୍ୱରବାରି,
ଡର ଭୟ ସବୁ ଛାଡ଼ି,
ବାଜଇ ବଇଁଶି ଆହା କେଡ଼େ ସୁନ୍ଦର,
ବତାସି ବରଷା ଭେଦି ଶୁଘଇ ସ୍ୱର ।

ନେଏରେ ବାଟୋଇ ଭାଇ କୁଆଡ଼େ ନବୁ
ତତେ ଆଶ୍ରାକରି ମୁହିଁ ଛାଡ଼ିଲି ସବୁ
ତୋଅରି ବଇଁଶି ନାଦ,
ଶୁଣି ପକାଇବି ପାଦ,
ଚିନ୍ତାନାଇ ଝଡ଼ି ପାଟ ବଣ ଭିତର,
ଏକାଟିଆ ତସାପୁଅ ନାହିଁ ମୋ ଡର ।

–□–



Digitized by PPRACHIN, SOA

# ପରବ ଛୁଟି

ଅଶିଣ ପରବ ଛୁଟି ଶରଦ କାଳ,
ଆକାଶ ଦିଶଇ କେଡ଼େ ନୀଳ ନିର୍ମଳ ।
ଭାସିଯାଏ ଧଳା ଧଳା ବଉଦ କେତେ
ଖରା ଛାଇ ଲୁଚକାଳି ଖେଳଇ ଖେତେ ।
ସୀସା କାଢ଼ି ଧାନ ଗଛ ଶୁଣ୍ଢ ଲୁଆଇଁ,
ଲହରେ ଲହରେ ନାଚି ହସାଏ ମହୀ ।
ବାଟ ଶୁଖି ଯାଏ କେବେ ପହଣ୍ଡା ପଡ଼ି,
ପୁଣି କେବେ ଝୁପୁ ଝୁପୁ ବରଷେ ବାରି ।
ବହେ ନଦୀ କୁଳୁ କୁଳୁ ନିର୍ମଳ ଧାରେ,
ପୋଖରୀରେ କଇଁ ବୁଦା ହସଇ ଫୁଲେ ।
ନାଳେ ଖାଲେ ପତ୍ରଶେଜେ ପାଣି ସିଉଳି,
ଦିଶ ପିଞ୍ଜା ତୁଳା ଫୁଟ ବୁଣିଲା ପରି ।
ପବନରେ ନାଚିଯାଏ ହଳି ଅଳପେ,
ସଂଗେ ଆମ୍ବ କଷି ଫୁଲ ଦୋହଲେ ଡେଂଫେ ।
ନୀଳ କଇଁ ଠାଏ ଠାଏ ଅଳପ ହସି,
କଇଁଫୁଲ ଗହଳରେ ଦିଶଇ ମିଶି ।
ବନସ୍ତରେ ଗଛ ତଳେ ବୁଦା ଗହଳ,
ଗଛେ ମାଡ଼ି ଦିଶେ କେବେ ମାଳତୀ ଫୁଲ ।
ଫୁଲ କଢ଼ି ପେନ୍ଥାମାଳ କାଢ଼ି ସରସେ,
ରାତିକି ବୁଡ଼ାଇ ସେହୁ ବଣ ସୁବାସେ ।
ବଉଳୁ ପଡ଼ଇ ଫୁଲ ସକାଳେ ଝଡ଼ି,
ସୂର୍ଯ୍ୟେ ଚାହିଁ ଝଡ଼ି ପଡ଼େ ଗଂଗଶିଉଳି ।



Digitized by PPRACHIN, SOA

ଅପରାଜିତା ହସୁଚି ବଗିଚା ବାଡ଼େ,
ଠାଏ ଠାଏ ଫୁଲ ଅଛି କିଆ ଗହଳେ ।
ବରଷା ପାଣିରେ ଧୁଆ ଆକାଶ ଭରା,
ରାତିକି ଦିଶନ୍ତି କେଡ଼େ ସୁନ୍ଦର ତରା ।
ଚାନ୍ଦ ଖଣ୍ଡେ ଉଠି କେବେ ତରା ଗହଳେ,
ଚଲା ବଉଦରେ ଧାଇଁ ଗଗନେ ଖେଳେ ।
ଜହ୍ନ ପଡି ସ୍ଥିର ମେଘେ କେବେ ଦିଶଇ
ଭିଣା ତୁଳା ପଡିଚିକି ସଜାଡ଼ି ହୋଇ ।
ବାଇଗଣ କୋଡ଼ା ମେଘ ଆକାଶ ଭରି,
ଦିଶେ ବାଇଗଣ ଖେତ କୋଡ଼ିଲା ପରି ।

କୁଆଁର ପୁନିଅଁ ଗଲେ ସରିବ ଛୁଟି,
ଉଜାଗରେ ସେ ରାତିତ ହେବ ପାହାନ୍ତି ।
ଜଗନ୍ନାଥେ କଲେ ଏକା ପଡ଼ିବ ଯୋଗ
ଆକାଶେ ନୋହିବ ଯେବେ ବହଳ ମେଘ ।
ନୂଆ ଲୁଗା ପିନ୍ଧି ଗୁରୁଜନେ ପ୍ରଣମି,
ଖଜା ଭୁଜା ଖାଇବାକୁ ପଇସା ଆଣି ।
ପିଲାଙ୍କର ଲାଗିଯିବ ଖେଳ କୌତୁକ
କୁଆଁର ପୁନିଅଁ ନିଶି ଜାଗର ସୁଖ ।

— ◘ —



Digitized by PPRACHIN, SOA

## ଲୋକଗୀତ ଆଧାରିତ କବିତା :

# ଅଖାଇ

(୧)

ଅଖାଇ କରିଚି ଖାଇମନ
ତୋଳିଚି ବେତାଏ ବାଇଗଣ ।
ଚଉଦ ପଶୁରି ଆଳୁଖୋଳି
ଭାଡ଼ିକି ଉଠିଚି ଲାଉ ତୋଳି
ବାଡ଼ିରେ ରଖିଚି ସଂଖସାରୁ
କଂଚାରେ ନୁହେସେ ଗାଲୁ ଗାଲୁ ।
ବିଲେଇତି ଆଳୁ କୋବିଫୁଲ
ଭେଣ୍ଡି ଜହ୍ନି ଖଡ଼ା କଂଦମୂଳ ।
କଖାରୁ କଦଳୀ କଳିମଂଜ
ପାଚିଲା ନାରଂଗ ତାଳସଜ ।
ଜମାଇଚି ଘରେ କୁଣ କୁଣ
ଦି ଅଖା ରଖିଚି ଫୁଲା ଲୁଣ ।
ଗୁଡ଼ ରଖିଚିରେ ତିନିବଣା
ରଖିଚି ନବାତ ହବ ପଣା ।
ନଡ଼ିଆ ଥୋଇଚି ଦଶ ଗଣ୍ଡା
ପିଠୋଉ କରିଚି ତିନିହଣ୍ଡା ।



Digitized by PPRACHIN, SOA

କରିବ ଚିତୋଉ ପୋଡ଼ପିଠା
କସି ଇଣ୍ଡୁରିରେ ଦବ ମିଠା ।
ଅନ୍ତରିକ୍ଷ୍ୟ ମଣ୍ଡା ବି ଅଥାର
କରିବ ସେ ଦେଇ ଛେନାପୁର ।
ଛିଂଚି ପତର ସେ କରିଥିବ
ସରୁ ଚକୁଳିରେ ପୁର ଦବ
କରିବାକୁ ପୁଣି ଛେନାସର
ଦୁଧ ଜୋଗାଡ଼ିଚି ଭାର ଭାର ।
ଖିରି ପାଇଁ ଖଣ୍ଡ ଅଛି ଥୋଇ,
ରଖିଅଛି ଘିଅ ଝୋବାଦୁଇ ।
ଲଗାଇଦେଇଚି ଚୁନା କଣ୍ଡା
କରିବ ସେ ଛେନା ଗଜମଣ୍ଡା ।
କାକେରା ଅମାଲୁ ନାନମାନ
ଆଉ ଘିଅ ପିଠା ବଡ଼ ସାନ ।
ହଳଦୀ ମଶଲା କୁଟି ଝାଡ଼ି
ରଖିଅଛି ବଡ଼ାମାନ ଭରି ।
ଚାଉଳ ରଖିଚି ସୁନାଖିଲ
କାନିକାକୁ ହବ ବୋଲି ଭଲ ।
ବଡ଼ି ଜାଇ କେତେ ଭାରମାନ
ରଖିବାରେ ନାଇ ଘରେ ଥାନ ।
ତିନ୍ତୁଳି ଆମ୍ବୁଲ ଆମ୍ବସଡା
ଅଡଙ୍ଗା ଆଚାର ସରୁଚୁଡ଼ା ।
ମକୁନ୍ଦୁ ଉଖୁଡ଼ା ଛାଚିଖଇ
ରଖିଚି ମିଠାଇ ବସାଦହି ।



Digitized by PPRACHIN, SOA

ପାହାଡ଼ ସମାନ ଚିରକାଠ
କୁଢ଼ାଇଚି ଦାଣ୍ଡେ ନାହିଁ ବାଟ ।

( ୨ )

କେତେ କେତେ କଥା ଏଇଭଳି
ତୁଣ୍ଡ ବାଇଦରେ ଗଲା ମେଲି
ଶୁଣି ଦଉଡ଼ିଲେ ଗାଆଁ ଲୋକ
ଦେଖିବେ ଅଖାଇ ବଡ଼ ଭୋକ ।
ପିଲାମାନେ ଗଲେ ପିଛାଧରି
ପାଟିତୁଣ୍ଡକରି ତାଳି ମାରି ।
ସମସ୍ତେ ହେଲେଣି ଶୁଣାଶୁଣି –
"ଅଖାଇଟା ଗୋଟେ ଅସୁରୁଣି ।
ରାତିରେ ପୋଖରି ମାଛ ଖାଏ
ଦିନକୁ ଓପାସେ ଶୋଇ ଥାଏ ।
ପିଲାଙ୍କୁ ଦେଖିଲେ ଖଣ୍ଡ ଦୂରେ
ତରାଟି ଚହେଁ ସେ ଥରେ ଥରେ ।
କଅଁଳା ବାଛୁରି ଦେଖିଲେ ସେ
ଦୁଆର ଫାଟରେ ଚାହିଁ ବସେ ।
ଦିନେ ପୋଖରିରେ ମୁହଁ ଦେଇ
ପୋଖରିକ ପାଣି ଗଲା ପିଇ ।
ଦିନେ ଓପାଡିଲା ତାଳଗଛ
ପଳାଇଲେ ଲୋକେ କରି ପଛ ।
ଉଡ଼ି ବୁଲୁଥାଏ ରାତି ଯାକ
ଦେଖିଚନ୍ତି କେତେ ଗାଆଁ ଲୋକ ।"



Digitized by PPRACHIN, SOA

ଆଜି ପିଲାଙ୍କର ଡର ନାଇଁ
ଦଉଡ଼ି ହେଲେଣି ଧଇଁ ସଇଁ
ଦିହରୁ ଭାସୁଚି ଗୋଟାଝାଳ
ଫରଫର ଉଡ଼େ ମୁଣ୍ଡବାଳ
ଭାଡ଼ିରେ ଦେଖିଲେ ଅଖାଇ କି
ସମସ୍ତେ ରହିଲେ ମୁହଁ ଟେକି
ଲିଶୁଣି ଯାଉଚି ଖସି ଖସି
ଅଖାଇ ଧରିଚି ଜହ୍ନି କସି
ପିଲାଏ କହିଲେ ପୁଣି ପୁଣି
"ଦେଖରେ ଦେଖରେ ଅସୁରୁଣି ।"
ଭାରି ଗୋଳକରି କହିଲେ ସେ
ଦେଖିଲେ ଅଖାଇ ଗୋଡ଼ ଖସେ ।
ଚିତ୍ ହେଇ ତଳେ ଗଲା ପଡ଼ି
ପେଟୁଟା ଦିଶିଲା ନାଆ ପରି ।
ଆଖି ପଶି ଅଛି ଖୋଲେ ଖୋଲେ
'ଆହା ଆହା' ବୋଲି କିଏ ବୋଲେ ।
ଅଖାଇ ଆଖିକି ତରାଟିଲା
ଦେଖିଲେ ସିଠେଇଁ ଯେତେ ପିଲା
ସମସ୍ତେ ପକାଇ ଦେଲେ ହୁରି
ଅଖାଇର ଗଲା ହଂସା ଉଡ଼ି ।



Digitized by PPRACHIN, SOA

(୪)

ପିଲାମାନେ ଏବେ ପଶିଗଲେ
ଦେଖିଲେ କିଛିତ ନାଇଁ ଘରେ ।
ଚାରି ଓପାସରେ ଜହ୍ନିତୋଳି
ପୋଡ଼ିବାକୁ ଚଢ଼ିଥିଲା ଭାଡ଼ି ।
ମାଗି ଥୋଇଥିଲା ଭାତ କଂସା
ଖାଇନାଇ ଉଡିଗଲା ହଂସା ।

– ◻ –

# କଇଁଚି କାକୁଡ଼ି

(୧)

ଆସ ଗୋ ସଂଗାତ ଗାଧୋଇ ଯିବା
କଇଁଚି କାକୁଡ଼ି ତୋଳି ଆଣିବା ।
ପୋଖରି ହୁଡ଼ାରେ ବୁଦାରେ ମାଡ଼ି
ଟହଟହ ପାଚି ଝୁଲୁଚି ଖାଲି ।
ଆସନ୍ତି ଖାଇବେ ବୋଲି ଚଢ଼େଇ
ବିକଳେ ଦିଅନ୍ତି ଅଣ୍ଟ ବଢ଼େଇ ।
ବୁଦାରେ ବସିବେ ନାହିଁତ ଆନ
ପାଇବ କେତେକେଁ ଅଣ୍ଟଟି ସାନ ।
ଫଡ୍ ଫଡ୍ ହୋଇ ମୁହଁ ଗଳାଇ
ଯାଆନ୍ତି ପଳାଇ ଟିକିଏ ରହି ।



Digitized by PPRACHIN, SOA

କେବେ ଅଣ୍ଟେ ଯାଏ ଗୋଟାଏ ଲାଗି
ଖଣ୍ଡିଆ କରି ସେ ଯାଆନ୍ତି ଫିଙ୍ଗି ।
କଇଁଚି କାକୁଡ଼ି ଭୁଣ୍ଡିଟା ପିତା
କହିଚିତ ମତେ କାଲି ମୁକୁତା ।
ଗାଧୋଇ ଯିବଣି ମୁକୁତା ଏବେ
ହାରା ଗୋପି ତା ସାଂଗେ ଯାଇଥିବେ ।
ଉଣ୍ଡିବାକୁ ସେ କଇଁଚି କାକୁଡ଼ି
ବାହାରିବେଣି ବୁଦାମୂଳ ବୁଲି ।
କେତେ ଅନାରେ ଖୋଜୁଥିବେ ଚାହିଁ
ଲଟିକି ତ ହାତ ପାଇବ ନାହିଁ ।
ଗଣ୍ଠିକେ ଗୋଟିଏ ଧରିଚି ଫଳ
ରଂଗ ଟହଟହ କେଡ଼େ ସୁନ୍ଦର ।
ହେଲେ ହଉ ତାର ଭୁଣ୍ଡିଟା ପିତା
କହୁଥିଲା ମତେ କାଲି ମୁକୁତା

( ୨ )

ହଉ ଚାଲ ଏବେ ଗାଧୋଇ ଯିବା
ସମସ୍ତେ ମିଶି ସେ ଫଳ ତୋଳିବା ।
ହାତତ ଆମର ପାଇବ ନାହିଁ
ଆଂକୁଡିରେ ହବ ନାଇ ଛିଣ୍ଡାଇ ।
ମୂଳରୁ ଲଟି ଧରି ଘୋସାରିଲେ
ବୁଦାରୁ ଛିଡ଼ି ପଡିଯିବ ତଳେ ।
ଲଟି ଛିଡ଼ି ଗଲେ ସୁଖ କି ଅବା
ଗଂଠିକି ଗଂଠି ଫଳ ସିନା ଶୋଭା ।



Digitized by PPRACHIN, SOA

ଝିଙ୍କିଲେ ପୁଣି ବାଧିଗଲା ଭଳି
ଫଳ ନ ଫଳିବ ଜାଣିଲା ପରି ।
ଦେଖିଚି ଗଲାଣି ଖୁଡ଼ି ଗାଧୋଇ
ପୋଖରି ଆଡକୁ ଗରା କାଖେଇ ।
ସମସ୍ତେ ଚାଲ ଧରିବା ଖୁଡ଼ିକି
ବୁଦା ଉପରକୁ ଦବ ସେ ଟେକି ।
ଗୋଟିକି ଗୋଟି ଡେଙ୍ଗଡେଙ୍ଗ ପିଲା
ତୋଳିବା ଫଳ ପାଚିଲା ପାଚିଲା ।
ଶୁଆକୁ ଆଣି ଦବା ପଞ୍ଜୁରିରେ
ପିତା ଭୁଣ୍ଡିଟି ଧରିବା ଉପରେ ।
ଶୁଆ ଥଣ୍ଟ ରଙ୍ଗେ ମିଶିବ ରଂଗ
ସଂଗାତେ ସଂଗାତେ ହେବେ ସେ ସାଂଗ ।
ଆହା ସେ କଇଁଚି କାକୁଡ଼ି ଫଳ
ରଂଗ ଟହଟହ କେଡ଼େ ସୁନ୍ଦର ।
କି ହେଲା ହେଲେ ତା ମୁଣ୍ଡିଟା ପିତା
ନ ଶୁଣିବ କେହି ମୁକୁତା କଥା ।

– ◘ –

# କୋଇଲି ପିଲାର ପୋଇଲି ମାଆ

କୋଇଲି ବୋବାଏ କୁଉ-କୁଉ-
କୁଆ ବୋବାଏ କାଆ-
କୋଇଲି ପିଲା, ପୋଇଲି ପିଲା,
କିଏ ସେ ତୋଅର ମାଆ ?



Digitized by PPRACHIN, SOA

ଭାଇ ଭଉଣୀ ଆଦର ପାଇ
ସାଙ୍ଗ ସୁଖରେ ଆହାର ଖାଇ
ତୁନିଟି ହେଇ ଥାଆ
ଚିହ୍ନିବୁ ତେବେ କୋଇଲି ପିଲା
କିଏ ସେ ତୋର ମାଆ ।
ବସାଟି ଆବୋରି ସଂଜ ସକାଳେ
ବୋବାଏ କାଆ କାଆ
କୋଇଲି ପିଲା ପୋଇଲି ପିଲା
ସେଇକି ତୋଅର ମାଆ ?
କିଆ ଗୁଣୁସି କୁଟା କାଠି
ଗୋଟାଇ ବାଛି ଗୋଟିକି ଗୋଟି
ସଜାଡ଼ି ରଖେ ତିଆରି ଘର
ଭିତରେ ଦେଇ କଅଁଳ ପର
ଡିମ୍ବଟି ତୋଅର ଯତନେ ରଖି
କିଏ ସେ ଦେଲା ତାଆ
କୋଇଲି ପିଲା ପୋଇଲି ପିଲା
ସେଇକି ତୋଅର ମାଆ ?
ଏଇ ବସାରେ ଦେଖିଲୁ ବସି
କେତେ ବରଷା ବାଆ ବତାସି
ଆଣ୍ଠୁଆ ଖରା ନିରାଟ ତାତି
ସୁଲୁସୁଲିଆ କହଲ ରାତି
ଓପାସେ ଭୋକେ ଏସବୁ ସହି
ଡେଣା ଘୋଡ଼ାଇ ନ ଯାଇ କାହିଁ
ଏକୁଟିଆରେ ବସାଟି ଜଗି



Digitized by PPRACHIN, SOA

ଛିଣ୍ଡି ସେ ହେଲା ସାହା

କୋଇଲି ପିଲା ପୋଇଲି ପିଲା
ସେଇ କି ତୋଅର ମାଆ ?

ଡିଂବ ଛାଡ଼ିବୁ ଆସିଲା ବେଳ
ଖସି ପଡ଼ିଲା ଉପର ଖୋଳ
ବାରିଲୁ ଏବେ ନୋହୁତୁ ଏକା
ଭାଇ ଭଉଣୀ ହେଲେ କେଁ-କାଁ
ଫିଟି ନ ଥିଲା କାହାରି ଆଖି
ଆହାର ପାଇଁ ରହିଲ ଟାକି
ନିଜେ ନଦେଇ ପେଟରେ ପାଣି
ଆହାର ଖୋଜି ଥଣ୍ଟରେ ଆଣି
କଅଁଳ ଥଣ୍ଟେ ଛୁଆଇ ଥଣ୍ଟ
କିଏ ବୋଇଲା ଖାଆ

କୋଇଲି ପିଲା ପୋଇଲି ପିଲା
ସେଇ କି ତୋଅର ମାଆ ?

ଫିଟିଛି ଏବେ ଆଖି ସବୁରି
ଡେଣାରେ ପକ୍ଷି ଆସେ ଗଜୁରି
ଘଡିଏ ଗଲେ ପହରେ ଗଲେ
ଟିକି ପେଟରେ ଭୋକ ଲାଗିଲେ
କୁଁ-କାଁ-ରବ କରୁଚ ଖାଲି
କାହାରି ପାଟି ନହୁଏ ବାରି
ସେତିକି ବେଳେ କୁଆଡୁ ଆସି
କିଏ ସେ କହେ ଚାହାଁ

କୋଇଲି ପିଲା ପୋଇଲି ପିଲା
ସେଇକି ତୋଅର ମାଆ ?



Digitized by PPRACHIN, SOA

କଣ୍ଟା ପକ୍ଷିରେ ଲାଗିବ ପର
ଖଣ୍ଡି ଉଡ଼ାରେ ଡାଳକୁ ଡାଳ
ଉଡିବ ସବୁ ଭାଇ ଭଉଣୀ
ସହିବ ଖରା ବରଷା ପାଣି
ଆଉ କି ସୁଖ ବସା ଗହଳି
ଆକାଶ ଯାକ ବୁଲିବ ଖେଳି
ମନ ହୁଲାସେ ଭଉଣୀ ଭାଇ
ନାଲି ତୁଣ୍ଡରେ ଉଠିବେ ଗାଇ
ମେଘଡାକକୁ ବଳି ସେ ରାବ
ଶୁଘିବ କାଆ କାଆ
ଖିଆ ଦେଖାଇ ଖିଆଇବା ପାଇଁ
ସଂଗେ ଥିବ ମାଆ
କୋଇଲି ବୋବାଏ କୁଉ କୁଉ
କୁଆ ବୋବାଏ କାଆ
କୋଇଲି ପିଲା ଜାଣି ରଖିଥା
ସେଇ ତୋ ପୋଇଲି ମାଆ ।
ହେଇଥିବ ଟି ବରଷା କାଳ
ଫିଟିବ ନାଇ କୋଇଲି ସ୍ୱର
ବଉଦ ଯେବେ ଦିଶିବ ଧଳା
ପଡ଼ିବ ଟାଣ ଭୋଦୁଅ ଖରା
ବଗିଚା ଭରା ଫୁଟିବ ଫୁଲ
ଫୁଟିବ କେତେ କଇଁ ବଉଳ



Digitized by PPRACHIN, SOA

ଭଅଁର ଖୋଜି ବୁଲିବ ମହୁ
ଫିଟିବ ତୋର କୁଉ-କୁଉ
ଭାଇ ଭଉଣୀ ବୋଲିବେ କାଆ
'କାହୁଁ ଅଇଲା' କହିବ ମାଆ
ଏକାଟି ହୋଇ ଯିବୁ ପଳାଇ
କେହି ନୋହିବେ ସାହା ।
ପୋଇଲି ବସାରେ କୋଇଲି ଡିଂବ
ରଖିଗଲା ତୋ ମାଆ
କୋଇଲି ପିଲା ବୋଲେ-କୁଉ
ପୋଇଲି ବୋଲେ-କାଆ ।

–□–

## ଗଛ ଚଢ଼ା ଓ ପହରା

ସର୍ଗେ ଲାଗେ- ତାଳ୍
ମଂଚେ ଲାଗେ- ତାଳ୍
ପହରା ନ ଜାଣି
ନଈକି ଗଲେ
ନଈପାଣି ସାତ ତାଳ୍ ।
ତାଳ୍‌ରେ ମଧୁ ତାଳ୍
ତାଳ୍ ଗୋପାଳ ତାଳ୍
ଆଜି ଗଛଚଢ଼ା ନଈପହରା
ପଡ଼ିବ ଢିଣା-ହାର୍ ।



Digitized by PPRACHIN, SOA

ଖେଳିବାରେ ଆଜି ଡାଳ ମାକୁଡ଼ି
ଡାଳେ ଡାଳେ ଉଠି ପଡ଼ିବା ଝୁଲି
ଓହୋଳି ଓହୋଳି ଖେଳିବା ଗଛେ
ଡେଇଁବା ଡାଳକୁ ଡାଳ୍ ।
ଚାଲରେ ମଧୁ ଚାଲ୍
ଚାଲ୍ ଗୋପାଳ ଚାଲ୍
ଗଛ ଚଢ଼ିସାରି ଡରିବୁ ଯେବେ
ଖାଇବୁ ଲଂକା- ମାଡ୍
ସର୍ଗେ ଲାଗେ-ଡାଳ୍
(ବୋଇଲେ) ମଂଚେ ଲଗେ-ଡାଳ୍
ପହରା ନ ଜାଣି
ନଈ କି ଗଲେ
ନଈପାଣି ସାତ ତାଳ୍ ।

ଡେଇଁ ଥିବ ଯେବେ ଡାଳକୁ ଡାଳ୍
କେଡ଼େ କରୁଥିବ ଧର୍ ଛାଡ୍
ଟିପ ଖସିଗଲେ ପଡିବ ତଳେ
ମୁଣ୍ଡ ହବ ଚାରି ଫାଳ୍ ।
ଚାଲ୍‌ରେ ମଧୁ ଚାଲ୍
ଚାଲ୍ ଗୋପାଳ୍ ଚାଲ୍
ଯେ ନଜଣେ, ଡାଳ ମାକୁଡ଼ି
ତା ସାଂଗ ଆଜି ଛାଡ୍ ।
ସର୍ଗେ ଲାଗେ-ଡାଳ୍
(ବୋଇଲେ) ମଂଚେ ଲାଗେ-ଡାଳ୍
ପହରା ନ ଜାଣି
ନଈ କି ଗଲେ
ନଈ ପାଣି ସାତ ତାଳ୍ ।


Digitized by PPRACHIN, SOA

ଶିଖିଥିବ ଏକା ଚିତି ପହରା
ଭାସିବ ପାଣିରେ କାଠୁଟି ପରା
ପହରି ପହରି ହାଲିଆ ହେଲେ
ସେଇ ପହରାଟି ସାର୍ ।
ଚାଲ୍‌ରେ ମଧୁ ଚାଲ୍
ଚାଲ୍ ଗୋପାଳ ଚାଲ୍
ଯେ ନଜାଣିଚି ପହଁରା ସେ ତ
ପିଲାରେ ନୁହେଁ ସୁମାର୍ ।
ସର୍ଗେ ଲାଗେ-ଡାଲ୍
(ବୋଇଲେ) ମଂଚେ ଲାଗେ-ଡାଲ୍
ପହରାନଜାଣି
ନଈକି ଗଲେ
ନଈ ପାଣି ସାତ ତାଲ୍ ।
ବଡ଼ ହୋଇଯିବା ଆମେ ସମସ୍ତେ
ପାଣିରେ ପଡ଼ିବ ପହରା କେତେ
ଗଛ ଚଢ଼ାବଳି ପଡ଼ିବ କାମ
ଆଉ ଅଛି କେତେ କାଲ୍ ।
ଚାଲ୍‌ରେ ମଧୁ ଚାଲ୍
ଚାଲ୍ ଗୋପାଳ ଚାଲ୍
କେତେ କାଳ ଥିବୁ ଡରୁଆ ପିଲା
ସେ କଥାଟିକିଏ ଭାଲ୍
ସର୍ଗେଲାଗେ-ଡାଲ୍
(ବୋଇଲେ) ମଂଚ ଲାଗେ- ଡାଲ୍
ପହରା ନଜାଣି
ନଈକି ଗଲେ
ନଈ ପାଣି ସାତ ତାଲ୍ ।

– ◻ –



Digitized by PPRACHIN, SOA

# ବୁଢ଼ି ଅସୁରୁଣି କଥା

ଶୀତଦିନ, ଚାହୁଁ ଚାହୁଁ
ଦିନ ଗଲା ପାଇ,
ଜେଜେମା ବସିଲେ ଏବେ
ଉଂଭେଇ କୁଣ୍ଢାଇ ।
ଦିନୁ ରଖିଥିଲୁ ଫୁଲ
ଧୂନି କରିବାକୁ,
ପିଲାଯାକ ଆମେ, ଏବେ
ଦେଲୁ ତା ମାଆକୁ ।
ସମସ୍ତେ ବସିଲୁ ଆସି
ଉଂଭେଇ ଆବୋରି
କୋଡ଼ ପୋଛା ଝିଅଟି ମୁଁ
କୋଡ଼ରେ ବସିଲି ।
ଚଡ଼ ଚଡ଼ ଉଂଭେଇରେ
ଜଳୁଥାଏ ନିଆଁ,
ସମସ୍ତେ ବସିଲୁ ଧରି
"କଥା କହ ମାଆ-
ବୁଢ଼ି ଅସୁରୁଣି କଥା"
ବସିଲା ସେ କହି,
କୋଡ଼େ ବସିଥାଏ ମୁହିଁ
ମୁହଁଟି ଘୋଡ଼ାଇ ।



Digitized by PPRACHIN, SOA

କହି ଯାଏ ମାଆ, 'ହୁଉଁ'
କରନ୍ତି ପିଲାଏ,
ସପନେ ଦେଖିଲି ମୁହିଁ
ଅସୁରୁଣି ଟାଏ ।
ଅନ୍ଧାରୁଆ ବନସ୍ତ ସେ
ଅଗନା ଅଗନି,
ଖରା ପଡୁ ନାଇ ତଳେ
ସବୁ ତୁନି ତାନି ।
କାହିଁ ଦୂରେ ଗଛ ମୂଳେ
ଅନ୍ଧାର ଭିତରେ,
ଘରଟିଏ; ଅସୁରୁଣି
ଅଛି ସେଇ ଘରେ ।
ରାନ୍ଧୁଚି ବସାଇ ହାଣ୍ଡି
ନାହିଁ ଜାଳ ପାଳ,
ଚୁଲି ଭିତରକୁ ବୁଡ଼ି
ମୁହାଁଇଚି ଗୋଡ଼ ।
କେହି ନାହିଁ; କି ସୁନ୍ଦର
ଝିଅଟିଏ ଖାଲି,
ବସିଚି ତା ପାଖେ, କେବେ
ପଡୁଚି ସେ ଘାଲି ।
କହୁଚି, "ମାଆତୁ ଆଜି
ନଯିବୁ କୁଆଡ଼େ,
ଏକା ରହିବାକୁ ମତେ
ଭାରି ଡର ମାଡ଼େ ।"



Digitized by PPRACHIN, SOA

ସରିଗଲା ଭାତ ରନ୍ଧା
ଗୋଡ଼ ଟିକି କାଢି,
ଝାଡିଦେଇ ବୁଢ଼ି ଗାଳି
ଭାତ ଦେଲା ବାଢ଼ି ।
ଆଗରୁ ତିଅଣ ଝିଅ
ରଖିଥିଲା ଘରେ,
ଖାଇଲେ ସେ ମାଆ ଝିଅ
ଦୁଇଟି ପତରେ ।
ଖାଇ ସାରି ଅସୁରୁଣି
ବୁଲି ବାହାରିଲା,
'ଇଲାଗେ ଆସିବି' ବୋଲି
ଝିଅକୁ କହିଲା ।
ଏତିକି ବେଳକୁ କାହୁଁ
ଘୋଡ଼ାଚଢ଼ି ଆସି,
ଚାରିମିତ ସେ ବଣରେ
ପଶିଲେ ଭରସି ।
ରଜାପୁଅ, ମନ୍ତ୍ରିପୁଅ
କଟୁଆଳ ପୁଅ
ସାଧବ ପୁଅକୁ ଘେନି;
ଦେଖିଲା ସେ ଝିଅ ।
ଗେଲେ ପଚାରିଲା ତାକୁ
ରଜାପୁଅ ବୀର
"ରାତିକ ରହିବା ପାଇଁ
ମିଳିବ କି ଘର ?"



Digitized by PPRACHIN, SOA

କହିଲା ସେ ଝିଅ, "କେଉଁ
ରାଇଜୁ ଆସିଲ ?
କେଡ଼େ ଛନ ଛନ ତୁମ
କଅଳ ଶରୀର ।
ମାଆ ମୋର ରହେ ଏଥି
ବୁଢ଼ି ଅସୁରୁଣି,
ଇଲାଗେ ଆସିବ ବୋଲି
ଯାଇଚି ସେ ପୁଣି ।
ଇଲାଗେ ବୋଇଲେ ଯାଏ
ପନ୍ଦରଟି ଦିନ
ପନ୍ଦର ଦିନକୁ ଗଲେ
ଆସଇ ତକ୍ଷଣ ।
ଏକୁଟିଆ ମୁଇ ତୁମେ
ରହ ଏଇ ଘରେ,
ଲୁଚାଇ ଦେବି ମୁଁ ମାଆ
ଆସି ପହଁଚିଲେ ।
ଘୋଡ଼ାମାନ ଛାଡ଼ିଦିଅ
ଚରନ୍ତୁ ବନସ୍ତେ,
ଅସୁରୁଣି ଝିଅ ବୋଲି
ନ ଡର ହେ ମତେ "
ସପନେ ଲାଗିଲା ମତେ
ସେଇ ଝିଅ ମୁହିଁ,



Digitized by PPRACHIN, SOA

କହି ଗଲି ସବୁ ରଜା-
ପୁଅ ମୁହଁ ଚାହିଁ ।
କୁଣ୍ଢାଇ ସେ ରଜାପୁଅ
ମତେ ଦେଲା ଟେକି,
ଘୋଡ଼ାରେ ବସାଇ; ସାଂଗେ
ତିନି ମିତ ଧରି ।
ମାରିଦେଲା ଛାଟ, ମନ-
ପବନ ସେ ଘୋଡ଼ା
ଉଡ଼ିଲା ବନସ୍ତେ, ଆଉ
ନ ଲାଗେ କୋରଡ଼ା ।
ବୁଢ଼ି ଅସୁରୁଣି କାକ-
ଚରିତ୍ରରେ ଜାଣି;
ଦଶଟି ଅସୁର ପୁଣି
ସଂଗେ ସଂଗେ ଘିନି ।
ମନ୍ତ୍ରଧୂଳି ଫୁଙ୍କି ଉଡି
ଧାଏଁ ପଛେ ପଛେ ।
ଦୁମୁକିଲା ସେ ବନସ୍ତ
ଗଛବାଜେ ଗଛେ ।
ଡରେ ଲାଗି ଗଲି ମୁହିଁ
ରଜା ପୁଅ କୋଳେ,
ଝୁଂଟିଲା ତା ଘୋଡ଼ା ଦିହେଁ
ଝୁଙ୍କିଗଲୁ ଥରେ ।



Digitized by PPRACHIN, SOA

ଭାଙ୍ଗି ଗଲା ନିଦ; ଅଛି
ମାଆ କୋଡ଼େ ମୁହିଁ,
'ହୁଉଁ' କରୁଚନ୍ତି ସବୁ
କଥାକୁ ତକାଇ ।
ନିଆଁ ଫୁଟି ପଡି ବାରୁ
ମାଆ ଲୁଗା କାଢ଼ି
ଅଳପ ହଲାଇ ମତେ
ଦେଉଥିଲା ଝାଡ଼ି ।

## ସାଧବାଣି ବୋହୂ ଯିବ ବୋଇତ ବନ୍ଦାଇ

ପପେଇ ଉଆଁସ ରାତିଯାଉଅଛି ପାଇ
ସାଧବାଣୀ ବୋହୂ ଯିବ ବୋଇତ ବନ୍ଦାଇ
କିଏ ସେ ସାଧବ ଏବେ ?
କାହାର ବୋଇତ ତେବେ
କେଉଁଠୁ କୁଆଡ଼େ ଯିବ କି ଆଣିବା ପାଇଁ ?
କେଉଁ ଠାକୁ ବୋହୂ ଯିବ ବୋଇତ ବନ୍ଦାଇ ?

ଘରେ ଘରେ ଅଗଣାରେ ବୋହୂମାନେ ଲାଗି
ମୁରୁଜେ ବୋଇତ ଲେଖି ବସିଚନ୍ତି ଜାଗି



Digitized by PPRACHIN, SOA

ପାହାନ୍ତିରୁ ଦୀପ ଜାଳି
ହାତେ ଧରି ଅର୍ଘ୍ୟ ଥାଳି
ବନ୍ଦାଇ ବୋଇତ କରିଦେବେ ସେ ମେଲାଣି,
ମଗୁଣିରେ ମହଲକ୍ଷ୍ମୀ ଧନ ଦେବେ ଆଣି ।

ସାଧବ ନାହାନ୍ତି; ଅଛୁ ତୁ ସାଧବ ବୋହୂ
'ବଡ଼ ବଡ଼ିଆଙ୍କ ଡାକ' ରାତି ପାଉ ପାଉ
ମୁରୁଜେ ବୋଇତ କରି
ଦେଇ ଶୁଭ ହୁଳ ହୁଳି
ସେଇ ବଡ଼ ବଡ଼ିଆକୁ ଛାଡିସେ ବୋଇତେ,
ବସୁଚୁ ସୁମରି ସେଇ ମହାଲକ୍ଷ୍ମୀ ଚିତ୍ତେ ।
ମୁରୁଜ ବୋଇତ ସିନା ସୁମରିବା କଥା
ବଡ଼ ବଡ଼ିଆଙ୍କ ସେଇ ବୋଇତ ବାରତା,
ଜାଣିଚୁ କି ନରହରି
ଶୁଣିଛୁ କି ବାଇକୋଳି
ସେବ କାଳେ ଆଗରେ ଏ ବଡ଼ ବଡ଼ିଆଏ
ବୋଇତରେ ଯାଉଥିଲେ ସୁନାଭୁଇଁ ଯାଏଁ ।
କୋଣାରକ, ପୁରୀକୂଳ, ଚିଲିକା ପାଲୁର
ଏବର ଧାମରା ପୁଣି ବାଲେଶ୍ୱର କୂଳ
ଥିଲା ଥାନ ବୋଇତର,
ପଡିଗଲେ ଶୀତକାଳ
ଯିବେ ସେ ସାଧବ ପୁଏ ବୋଇତ ଚଳାଇ,
ସାଧବାଣୀ ବୋହୂ ଯିବେ ବୋଇତ ବନ୍ଦାଇ ।



Digitized by PPRACHIN, SOA

କାହିଁ ଦୂରେ ବୁଲିବେସେ କେତେ ଟାପୁମାନ
ସୁନା ଭୁଇଁ ଲଂକାପୁଣି ଆଉ ଦୂର ଥାନ
ବସନ୍ତ ବୋହିଲେ ଚୋରା,
ଆସିବେ ଧରି ପସରା
ଧନଭରା ମହାଲକ୍ଷ୍ମୀ ସେ ବୋଇତେ ବାହି,
ସେଇ ସାଧବାଣୀ ବୋହୂ ଆଣିବେ ବନ୍ଦାଇ ।

– ◻ –



Digitized by PPRACHIN, SOA

# କାହାଣୀ ଭାଗ



Digitized by PPRACHIN, SOA

- ଜୀବନୀମୂଳକ କାହାଣୀ :
- ଶିକ୍ଷାମୂଳକ କାହାଣୀ :
- ପୌରାଣିକ କାହାଣୀ :
- ପଶୁପକ୍ଷୀ ବିଷୟକ କାହାଣୀ :
- ଦେଶ ବିଦେଶର କାହାଣୀ :
- ଇତିହାସ ଓ କିମ୍ବଦନ୍ତୀ ଆଧାରିତ କାହାଣୀ :



Digitized by PPRACHIN, SOA

## ଜୀବନୀମୂଳକ କାହାଣୀ :

# ଇନ୍ଦ୍ରଦ୍ୟୁମ୍ନ

॥୧॥

ମଧ୍ୟ-ଭାରତରେ ଗୋୟାଲିୟର ଓ ଇନ୍ଦୋର ବୋଲି ଯୋଡ଼ିଏ ବିଭାଗ ଅଛି । ଏହି ଦୁଇଟି ଓ ଆଖପାଖ କେତେକ ଅଞ୍ଚଳ ଘେନି ସେକାଳର ମାଳବ ରାଜ୍ୟ ଥିଲା । ସେହି ମାଳବ ରାଜ୍ୟରେ ଇନ୍ଦ୍ରଦ୍ୟୁମ୍ନ ବୋଲି ଜଣେ ରାଜା ଥିଲେ ।

ଇନ୍ଦ୍ରଦ୍ୟୁମ୍ନ ବିଷ୍ଣୁଭକ୍ତ ଥିଲେ । ଦିନେ ସେ ସ୍ୱପ୍ନ ଦେଖିଲେ, ପୂର୍ବ ସମୁଦ୍ରକୂଳେ ଥିବା ନୀଳାଚଳରେ ନୀଳମାଧବ ଅଛନ୍ତି । ଏକ ଶବର ସେହି ନୀଳମାଧବଙ୍କୁ ପୂଜା କରୁଅଛି । ଇନ୍ଦ୍ରଦ୍ୟୁମ୍ନ ନିଜେ ଯାଇ ସେହି ନୀଳମାଧବଙ୍କୁ ପୂଜା କରନ୍ତୁ ।

ନୀଳାଚଳକୁ ଇନ୍ଦ୍ରଦ୍ୟୁମ୍ନ ବାଟ ଘାଟ କିଛି ଜାଣନ୍ତି ନାହିଁ । ବିଦ୍ୟାପତି ବୋଲି ଜଣେ ଯୁବକ ବ୍ରାହ୍ମଣ ଇନ୍ଦ୍ରଦ୍ୟୁମ୍ନଙ୍କର ମନ୍ତ୍ରୀ ଥିଲେ । ବିଦ୍ୟାପତି ପଣ୍ଡିତ, ସାହସୀ ଓ ଧର୍ମପରାୟଣ ।

ନୀଳାଚଳକୁ ବାଟ ଦେଖି ନୀଳମାଧବଙ୍କୁ ଠାବ କରିବା ପାଇଁ ଇନ୍ଦ୍ରଦ୍ୟୁମ୍ନ ସେହି ବିଦ୍ୟାପତିଙ୍କୁ ପଠାଇଲେ । ବିଦ୍ୟାପତି ଜଙ୍ଗଲ, ନଈ, ପାହାଡ଼, ଦେଶ, ଗ୍ରାମ, ସହର କେତେ ଦେଖିଲେ, କେତେ ବୁଲିଲେ । ଶେଷକୁ ଆସି ଏବେ ପୁରୀର ସମୁଦ୍ରକୂଳେ ପହଞ୍ଚିଲେ । ସେଠାରେ ଦେଖିଲେ, ବିଶ୍ୱାବସୁ ବୋଲି ଜଣେ ଶବର ପ୍ରତିଦିନ ଅଗମ୍ୟ ବଣ ଭିତରେ ନୀଳମାଧବଙ୍କୁ ପୂଜା କରିବାକୁ ଯାଉଛନ୍ତି ।

ବିଦ୍ୟାପତି ବହୁ ବିଚାର କରି ବ୍ରାହ୍ମଣ ହୋଇ ମଧ୍ୟ ଶବର ଘରେ ଅତିଥି ହେଲେ । ଅତିଥିର ଅନୁରୋଧରେ ମଧ୍ୟ ଶବର ନିଜ ଦେବତାଙ୍କୁ ବ୍ରାହ୍ମଣଙ୍କୁ ଦେଖାଇବାକୁ ରାଜି ହେଲେ ନାହିଁ ।

ବିଶ୍ୱାବସୁଙ୍କର ଗୋଟିଏ ସୁନ୍ଦରୀ କନ୍ୟା ଥିଲା । ସେ ବିଭା ହୋଇନଥିଲା । ଯୁବକ ବିଦ୍ୟାପତି ଅତିଥି ହୋଇ ସେହି କନ୍ୟା ସଙ୍ଗେ ନିଜେ ବିଭା ହେବେ ବୋଲି ଗୋପନରେ କଥା କରିନେଲେ ।



Digitized by PPRACHIN, SOA

ସେହି କନ୍ୟା ବାପାଙ୍କୁ ପ୍ରବର୍ତ୍ତାଇ ରାଜି କଲା । ବିଶ୍ୱାବସୁ କହିଲେ, "ସେ ବିଦ୍ୟାପତିଙ୍କ ଆଖିରେ ଅନ୍ଧପୁଟୁଳି ବାନ୍ଧି ସଙ୍ଗରେ ଘେନି ଯାଇ ଦେବଦର୍ଶନ କରାଇବେ ଓ ପୁଣି ଅନ୍ଧପୁଟୁଳି ବାନ୍ଧି ଅତିଥିଙ୍କୁ ଘରକୁ ଘେନି ଆସିବେ । ବାଟ ଦେଖାଇ ଦେବେ ନାହିଁ ।"

ଶବର-କନ୍ୟା କିନ୍ତୁ ବିଦ୍ୟାପତିଙ୍କି କେତେଗୁଡ଼ିଏ ସୋରିଷ ଦେଲେ । ବିଦ୍ୟାପତି ବାଟଯାକ ସେହି ସୋରିଷକୁ ବୁଣି ବୁଣି ଯାଇଥିଲେ । କେତେ ଦିନରେ ସୋରଷ ଗଛ ଉଠିଲାରୁ ସେଇ ବାଟେ ଏକା ସେ ନୀଳମାଧବଙ୍କୁ ଦେଖିଲେ ।

ନୀଳମାଧବଙ୍କୁ ଠାବ କରିସାରି ବିଦ୍ୟାପତି ମାଳବକୁ ଫେରିଲେ । ସେଠାରେ ଇନ୍ଦ୍ରଦ୍ୟୁମ୍ନଙ୍କ ପାଖେ ସବୁକଥା କହିଲାରୁ ଇନ୍ଦ୍ରଦ୍ୟୁମ୍ନ ସୈନ୍ୟସାମନ୍ତ ଧରି ପୁରୀ ଆଡ଼କୁ ବାହାରିଲେ ।

ଇନ୍ଦ୍ରଦ୍ୟୁମ୍ନ ବଡ଼ ରାଜା, ପୁଣି ସାଙ୍ଗରେ ସୈନ୍ୟସାମନ୍ତ ଚାଲିଛନ୍ତି । ବାଟରେ ବିଶେଷ କିଛି ବାଧାବିଘ୍ନ ପଡ଼ିଲା ନାହିଁ । ସେ ଆସି ଏବ ବାଙ୍କୀ ରାଜ୍ୟର ଚର୍ଚ୍ଚିକା ଠାକୁରାଣୀଙ୍କଠାରେ ଉତ୍କଳର ରାଜାଙ୍କୁ ଭେଟିଲେ ।

ଉତ୍କଳର ରାଜା ବାଧା ଦେଲେ । ପରେ କଥା ହେଲା, ଶବରଠାରୁ ଦେବତାଙ୍କୁ ଛଡ଼ାଇ ଆଣିଲା ପରେ ଉତ୍କଳରାଜା ପୂଜାରେ ଅଧିକାରୀ ହେବେ ।

ବିଚରା ବିଶ୍ୱାବସୁ ଏବେ କରନ୍ତି କଅଣ ? ଅତିଥିଙ୍କୁ ସେଇଥି ପାଇଁ ଦେବତା ଦେଖାଉ ନ ଥିଲେ । ଦେଖାଇବା ଫଳରେ ଏବେ ସୈନ୍ୟସାମନ୍ତ ଘେନି ଇନ୍ଦ୍ରଦ୍ୟୁମ୍ନ ମହାରାଜା ଆସି ପହଞ୍ଚିଲେ ।

ବିଶ୍ୱାବସୁ ଦେବତାଙ୍କୁ ସୁମରଣା କରି ବସି ରହିଲେ । ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କୁ ଦେଖିବାକୁ ଯାଇ ଦେଖିଲେ, ଦେବତା ନାହାନ୍ତି, ସେ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି ।

ସୈନ୍ୟସାମନ୍ତ, ଧନ ଦଉଲତ ଏଠାରେ କେଉଁ କାମରେ ଲାଗିବ ?

ଇନ୍ଦ୍ରଦ୍ୟୁମ୍ନ ନ ଖାଇ ପିଇ ଶୋଇ ରହିଲେ । ସ୍ଥିର କଲେ, ଦେବତା ଦେଖା ନ ଦେଲେ ସେ ମରିବେ ପଛକେ ଜଳ ଗ୍ରହଣ କରିବେ ନାହିଁ ।

ଏହି ଅନଶନରେ ଇନ୍ଦ୍ରଦ୍ୟୁମ୍ନଙ୍କର ଏକୋଇଶ ଦିନ କଟିଗଲା । ଶେଷକୁ



Digitized by PPRACHIN, SOA

ନୀଳମାଧବ ସ୍ୱପ୍ନରେ ଦେଖା ଦେଇ କହିଲେ, "ବିଶ୍ୱାବସୁ ମୋର ଚିର ଭକ୍ତ । ଭକ୍ତିରେ ଶବର ନାହିଁ, କ୍ଷତ୍ରିୟ ନାହିଁ – ସମସ୍ତେ ଏକ । ତୁମେ ମୋ ବିଶ୍ୱାବସୁଙ୍କୁ ଶବର ବୋଲି ବିଚାରି ତା ହାତରୁ ମୋତେ ଛଡ଼ାଇ ନେବାକୁ ସୈନ୍ୟସାମନ୍ତ ଘେନି ଆସିଛ ? ମୁଁ ତୁମର ହେବି ନାହିଁ । ଯେବେ ମୋତେ ନିଜର କରିବ, ତେବେ କ୍ଷତ୍ରିୟ, ବ୍ରାହ୍ମଣ, ଶବର ପ୍ରଭୃତି ଭେଦଭାବ ଛାଡ଼ି, ଆଗ ବିଶ୍ୱାବସୁଙ୍କୁ ଆପଣାର କର ।"

ଇନ୍ଦ୍ରଦ୍ୟୁମ୍ନଙ୍କର ଚେତନା ହେଲା, ଗର୍ବ ଖସି ପଡ଼ିଲା; ପ୍ରାଣରେ ଧର୍ମ ଭାବ ଜାଗି ଉଠିଲା । ସେ ଆସି ବିଶ୍ୱାବସୁଙ୍କୁ ଭାଇ ବୋଲି କୁଣ୍ଢାଇ କାନ୍ଦିଲେ ।

ସେଠାରୁ ବିଶ୍ୱାବସୁ, ବିଦ୍ୟାପତି, ଇନ୍ଦ୍ରଦ୍ୟୁମ୍ନ, ବଡ଼ ବଡ଼ ସୈନ୍ୟସାମନ୍ତମାନେ ଏକାଠି ବସି ବିଚାର କଲେ । ଶ୍ରେଷ୍ଠ ଭକ୍ତ ବୋଲି ଶବର ସମସ୍ତଙ୍କଠାରୁ ଆଦର ଓ ପୂଜା ପାଇଲେ ।

ଶବର କନ୍ୟାଙ୍କ ସଙ୍ଗେ ବିଦ୍ୟାପତିଙ୍କର ବିବାହ ସମ୍ବନ୍ଧ ସ୍ଥିର ହେଲା । ଦେଶ ବିଦେଶରୁ ପ୍ରଧାନ ପ୍ରଧାନ ଲୋକେ ଡକା ହୋଇ ଆସିଲେ । ପୁରାଣରେ ଅଛି– ବ୍ରହ୍ମା, ନାରଦ ପ୍ରଭୃତି ସ୍ୱର୍ଗର ଦେବତା ଓ ଦେବର୍ଷିମାନେ ନିମନ୍ତ୍ରଣରେ ଆସି ଯୋଗ ଦେଲେ ।

ନୀଳାଚଳନାଥ ନୀଳମାଧବ ଏବେ ଦାରୁବ୍ରହ୍ମ ରୂପେ ଦେଖା ଦେଲେ । ସେଥିପାଇଁ ଏଠାରେ କୌଣସି ଭେଦ ବିଚାର ନାହିଁ । ଯେ ଭକ୍ତ, ସେ ପ୍ରଧାନ, ସେ ଶ୍ରେଷ୍ଠ ।

ବିଶ୍ୱାବସୁଙ୍କ ବଂଶଧରମାନେ ଏବେ ଦଇତା ବୋଲି ପରିଚୟ ଦିଅନ୍ତି । ଦଇତା ବୋଇଲେ ଦୈତ୍ୟ ବା ଶବର । କେହି କେହି ପୁଣି କହନ୍ତି, ଦଇତା ବୋଇଲେ ଜଗନ୍ନାଥଙ୍କର 'ଦୟିତ' ବା ଅତିପ୍ରିୟ । ଏହି ଦଇତାମାନେ ଜଗନ୍ନାଥଙ୍କ ଶରୀରରକ୍ଷା, ସେବା କରନ୍ତି ଓ ଏମାନଙ୍କୁ ଜଗନ୍ନାଥଙ୍କ ଜ୍ଞାତି ବୋଲି ସମସ୍ତେ ଜାଣନ୍ତି ।

ବିଦ୍ୟାପତିଙ୍କ ବଂଶଧରମାନେ ପତି ମହାପାତ୍ର ବୋଲି ପରିଚିତ । ସେମାନେ ମଧ୍ୟ ଦଇତାମାନଙ୍କ ପରି ଏବେ ଜଗନ୍ନାଥଙ୍କର ସେବକ ବା ସେବାୟତ ଶ୍ରେଣୀ ।



Digitized by PPRACHIN, SOA

# ଇନ୍ଦ୍ରଦ୍ୟୁମ୍ନ

॥୨॥

ବହୁ କାଳ ପୂର୍ବେ ଇନ୍ଦ୍ରଦ୍ୟୁମ୍ନ ବୋଲି ଏ ଦେଶରେ ଜଣେ ରାଜା ଥିଲେ । ସେ ଜଗନ୍ନାଥଙ୍କୁ ଆଣି ପୁରୀ ଦେଉଳରେ ବସାଇଥିଲେ । ଏହିପରି କେତେ ପୁଣ୍ୟକାର୍ଯ୍ୟ କରିବାରୁ ଦେବତାଙ୍କ ସଙ୍ଗେ ସ୍ୱର୍ଗରେ ରହିଲେ ବୋଲି କଥା ଅଛି । କେତେକାଳ ପରେ ସେ ପୁଣି ସ୍ୱର୍ଗରୁ ଥରେ ମର୍ତ୍ତ୍ୟକୁ ବୁଲିବାକୁ ଆସିଥିଲେ । ସେ କଥାଟି ଏଠାରେ କୁହାଯାଉଛି ।

ନାରଦ ଋଷି ବହୁକାଳରୁ ଏ ଦେଶରେ ଅଛନ୍ତି । ଏବେ ସେ କେଉଁଠି ପାହାଡ଼ ଜଙ୍ଗଲରେ ବସି ତପସ୍ୟା କରୁଛନ୍ତି, ତାଙ୍କୁ କେହି ଦେଖିପାରୁ ନାହାନ୍ତି । ସେକାଳେ ସମସ୍ତେ ତାଙ୍କୁ ଦେଖୁଥିଲେ । ସେ କେତେ କାଳର ଲୋକ, ତା କେହି କହି ପାରିବେ ନାହିଁ । କଥା ଅଛି, ସେ କେବେ ମରିବେ ନାହିଁ, କି ବୁଢ଼ା ହେବେ ନାହିଁ । ସେ ଅମର ।

ଇନ୍ଦ୍ରଦ୍ୟୁମ୍ନ ଆସି ନାରଦଙ୍କ ପାଖେ ପହଞ୍ଚି ପଚାରିଲେ- "ନାରଦ, ତୁମେ ମୋତେ ଚିହ୍ନି ପାରୁଚ ?" ନାରଦ କହିଲେ, "ନା, ମୁଁ ତ ଚିହ୍ନିପାରୁ ନାହିଁ ।" ସେଠୁ ଇନ୍ଦ୍ରଦ୍ୟୁମ୍ନ ପଚାରିଲେ, "ଆଚ୍ଛା, ତୁମଠୁ ବୟସରେ ବଡ଼ କିଏ ? ଚାଲ, ତାକୁ ପଚାରିବା ।"

ନାରଦ କହିଲେ, "ହିମାଳୟରେ ପ୍ରାବାରକର୍ଣ୍ଣ ବୋଲି ଗୋଟିଏ ପେଚା ଅଛି; ସେ ମୋଠୁ ବହୁତ ବଡ଼ ।" ଦୁହେଁ ସାଙ୍ଗ ହୋଇ ହିମାଳୟର ପ୍ରାବାରକର୍ଣ୍ଣଙ୍କ ପାଖକୁ ଗଲେ । ପ୍ରାବାରକର୍ଣ୍ଣଙ୍କୁ ଦେଖି ଇନ୍ଦ୍ରଦ୍ୟୁମ୍ନ ପଚାରିଲେ, "ପ୍ରାବାରକର୍ଣ୍ଣ; ମୋତେ ଚିହ୍ନୁଛ ।" ପ୍ରାବାରକର୍ଣ୍ଣ ଇନ୍ଦ୍ରଦ୍ୟୁମ୍ନଙ୍କୁ କେତେବେଳଯାଏ ନିରେଖି କରି ଚାହିଁଲେ; ପରେ କହିଲେ, "ନା, ମୁଁ ତ ଚିହ୍ନିପାରୁ ନାହିଁ ।" ତହୁଁ ଇନ୍ଦ୍ରଦ୍ୟୁମ୍ନ ପଚାରିଲେ, "ଆଚ୍ଛା, ତୁମଠୁ ବୟସରେ ବଡ଼ ଆଉ କିଏ ଅଛି ?" ପ୍ରାବାରକର୍ଣ୍ଣ କହିଲେ, "ଇନ୍ଦ୍ରଦ୍ୟୁମ୍ନ ପୋଖରୀରେ ନାଡ଼ୀଜଙ୍ଘ ବୋଲି ବଗ ଅଛି, ସେ ମୋଠୁ ବଡ଼ ।"



Digitized by PPRACHIN, SOA

ସେଠାରୁ ସମସ୍ତେ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ପାଖକୁ ଆସି ଦେଖିଲେ, ବିଚରା ବୁଢ଼ା ନାଡ଼ୀଜଙ୍ଘ ଦୀପଦଣ୍ଡିରେ ବସି ଖରା ପୁଆଉଛି । ଡାକିବାରୁ ସେ କୂଳକୁ ଆସିଲା । ଇନ୍ଦ୍ରଦ୍ୟୁମ୍ନ ପଚାରିଲେ, "ନାଡ଼ିଜଙ୍ଘ, ମୋତେ ଚିହ୍ନିପାରୁଛ ?" ନାଡ଼ୀଜଙ୍ଘ ଘଡ଼ିଏ କାଳ ଚାହିଁଲା; ଶେଷକୁ କହିଲା, "ନା, ମୁଁ ଚିହ୍ନିପାରୁ ନାହିଁ ।" ତହୁଁ ଇନ୍ଦ୍ରଦ୍ୟୁମ୍ନ ପଚାରିଲେ, "ଆଚ୍ଛା, ତୁମଠୁଁ ଆଉ ବୁଢ଼ା କିଏ ଅଛି ?" ନାଡ଼ୀଜଙ୍ଘ କହିଲା, "ହଁ, ଏହି ପୋଖରୀରେ ଅକୂପାର ବୋଲି କୂର୍ମ ଅଛି; ସେ ମୋଠୁ ବହୁତ ବଡ଼ ।"

ଅକୂପାର ପାଣି ଭିତରେ ଥିଲା । ଡାକିବାରୁ ସେ ଧୀରେ ଧୀରେ କୂଳକୁ ଆସି ପୋଖରୀ ଉପର ପାହାଚରେ ପିଠି ଦେଖାଇ ଶୋଇଲା । ଇନ୍ଦ୍ରଦ୍ୟୁମ୍ନ ପଚାରିଲେ, "ଅକୂପାର, ମୋତେ ଚିହ୍ନୁଛ ।" ବିଚରା ବୁଢ଼ା କଇଁଛ ଏହା ଶୁଣି ବେକକୁ ଟେକି ଇନ୍ଦ୍ରଦ୍ୟୁମ୍ନଙ୍କୁ ଚାହିଁଲା । ଚାହୁଁ ଚାହୁଁ ତା ଆଖି ଛଳ ଛଳ ହୋଇଗଲା, ଆନନ୍ଦରେ ତା'ର ଲୁହ ଗଡ଼ି ପଡ଼ିଲା । ସେ କହିଲା, "ମହାରାଜ ଇନ୍ଦ୍ରଦ୍ୟୁମ୍ନ, ମୁଁ ତମକୁ ଚିହ୍ନିପାରିବି ନାହିଁ, ଆଉ କାହାକୁ ଚିହ୍ନିବି ? ତମ କୀର୍ତ୍ତି କ'ଣ ଏ ପୃଥିବୀ ଭୁଲିବ ?"

ସମସ୍ତେ ତ ଇନ୍ଦ୍ରଦ୍ୟୁମ୍ନଙ୍କ କଥା ଶୁଣିଥିଲେ; ତାଙ୍କ ନାଆଁ ଜାଣିଥିଲେ । ଏବେ ତାଙ୍କୁ ଦେଖି ଚିହ୍ନି ଭାରି ଖୁସି ହେଲେ । ଇନ୍ଦ୍ରଦ୍ୟୁମ୍ନ ପୁଣି ସ୍ୱର୍ଗକୁ ଫେରିଗଲେ ।

ପୁରୀରେ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ଅଛି । ସେଥିରେ ବହୁତ 'କୁରୁମ' ଅଛନ୍ତି । କୁରୁମ ବୋଇଲେ କଇଁଛ । ଉଖୁଡ଼ା, ଭୁଜା ମିଠାଇ ପ୍ରଭୃତି ପକାଇ ଡାକିଲେ ସେମାନେ ଖାଇବାକୁ କୂଳକୁ ଆସନ୍ତି । ସେମାନଙ୍କ ଭିତରୁ କେତେକ ଗୋଟାଏ ଗୋଟାଏ ବେତା ପରି ବଡ଼ । ତାଙ୍କ ପିଠିରେ ଶିଉଳି ବସି ଗଲାଣି । ସେମାନେ କେତେ କାଳର, କିଏ କହିବ ।

ଲୋକେ କହନ୍ତି, ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ପୁରୀରେ ବଡ଼ ଦେଉଳ ଓ ଗୁଣ୍ଡିଚା ଘର ତୋଳାଇ ଥିଲେ, ସେତେବେଳେ ଯେଉଁମାନେ ପଥର ବୋହିଥିଲେ, ସେମାନେ କୁରୁମ ହୋଇ ଏହି ପୋଖରୀରେ ଅଛନ୍ତି ।

– ◻ –



Digitized by PPRACHIN, SOA

# କାଶିଆ ଓ କପିଳା କଥା

ଏ ଆଜିକି ପାଞ୍ଚ ଶହ ବର୍ଷ ତଳର କଥା । କାଶିଆ କପିଳା ବୋଲି ଯୋଡ଼ିଏ ପିଲା ଭାରି ସାଙ୍ଗ ହୋଇଥାନ୍ତି । କପିଳାଟି ଗଉଡ଼ ପିଲା କାଶିଆଟି ବ୍ରାହ୍ମଣ ପିଲା । ପୁରୀଜିଲା ବଳଙ୍ଗା ପାଖରେ ଗୋଟିଏ ଗାଆଁରେ ତାଙ୍କ ଘର ଥିଲା ବୋଲି ଲୋକେ କହନ୍ତି ।

କପିଳା ଗାଈ ଜଗି ଯାଏ । କାଶିଆ ଦିନେ ଦିନେ ସେହି ଗାଈଜଗା ପଡ଼ିଆକୁ ଯାଏ । ଗାଈ ଚରୁଥାନ୍ତି; କାଶିଆ, କପିଳା ଦୁହେଁ ଛାଇରେ ଦି ଘଡ଼ି ବସି ଖେଳନ୍ତି । ଛାଇ ଲେଉଟିଲେ କାଶିଆ ଘରକୁ ଆସେ । କପିଳା ସଞ୍ଜବେଳକୁ ଗାଈ ଘେନି ଫେରେ ।

ଦିନେ କପିଳା ଗାଈ ଘେନି ବିଲ ଦଣ୍ଡା ଆଡ଼କୁ ଯାଇଛି, ଖାଇପିଇ ସାରି କାଶିଆ ତାକୁ ଖୋଜି ଖୋଜି ସେହି ଆଡ଼କୁ ଗଲା । ଉଦୁଉଦିଆ ଖରାବେଳ । କାଶିଆ ଦୂରରୁ ଦେଖିଲା, ଦଣ୍ଡାରେ ଗାଈଗୋରୁଗୁଡ଼ାକ ଚରୁଛନ୍ତି । କେତେ ଗାଈ ଗଛମୂଳ ଦେଖି ଶୋଇଛନ୍ତି । କିନ୍ତୁ କପିଳା କାହିଁ ଦିଶୁ ନାହିଁ ।

ଟିକିଏ ପାଖକୁ ଆସି କାଶିଆ ଯାହା ଦେଖିଲା, ସେଥିରେ ତା ଆଖି ବୁଜି ହୋଇଗଲା । ସେ ଦେଖିଲା, ଦଣ୍ଡା ମଝି ବରଗଛ ମୂଳେ କପିଳା ବଇଁଶୀଟି ଆପଣା ଛାତି ଉପରେ ଥୋଇଦେଇ ନିଘୋଡ଼ ନିଦରେ ଶୋଇପଡ଼ିଛି । ଗୋଟିଏ ନାଗସାପ କାହୁଁ ଆସି ତା ମୁଣ୍ଡ ଉପରେ ଫଣା ଟେକି ଚାହିଁ ରହିଛି ।

କାଶିଆ ତାହା ଦେଖି ଖଣ୍ଡଦୂରଠି କାଠ ପରି ହୋଇଗଲା । ତାକୁ ଜଣାଗଲା, ସାପଟି ଏହିକ୍ଷଣି କପିଳା ମୁଣ୍ଡରେ ଚୋଟ ମାରିଦେବ । ତା ଗୋଡ଼ ହାତ ଥରିଲା । ସେ କଅଣ କରିବ କିଛି ବୁଝିପାରିଲା ନାହିଁ । ଖାଲି ବିକଳରେ ମନେ ମନେ ଜଗନ୍ନାଥଙ୍କୁ ଡାକିଲା ।

ଦଇବକୁ, କେତେବେଳ ଉତ୍ତାରେ ସାପଟି କିଛି ନ କରି ଧୀରେ ଧୀରେ



Digitized by PPRACHIN, SOA

ଯାଇ ବରଗଛମୂଳ ହୁଙ୍କା ଭିତରେ ପଶିଗଲା । ଏତେବେଳକୁ କାଶିଆ ଦେହରୁ ଗୋଟାଝାଳ ଭାସିଗଲାଣି । ସାପ ବାହାରିଗଲାରୁ କାଶିଆକୁ ଦମ୍ଭ ଲାଗିଲା, ଖୁସି ବି ଲାଗିଲା ।

କାଶିଆ ଶୁଣିଥିଲା, ନାଗସାପ ମୁଣ୍ଡ ଉପରେ ଫଣା ଟେକିଲେ ଭାରି ଶୁଭ ହୁଏ । ଏହା ରାଜା ହେବାର ଲକ୍ଷଣ । ଏବେ ସେ ଯାଇ କପିଳାକୁ ଉଠାଇ ସାପ କଥା କହିସାରି କହିଲା, "କପିଳା ! ତୁ ଗୋଟାଏ ରାଜା ହେବୁ ।" କପିଳା ହସି ହସି କହିଲା, "ମୁଁ ରାଜା ହେଲେ ତୋତେ ମନ୍ତ୍ରୀଟାଏ କରିବି ।"

କେତେ ଦିନରେ କପିଳା ଯାଇ ରାଜାଘରେ ଚାକିରି କଲା । ରାଜା ଦେଖିଲେ, କପିଳା ବଡ଼ ବୁଦ୍ଧିମାନ୍ ଓ ବୀର । କ୍ରମେ ତାକୁ ସେ ରାଜକାର୍ଯ୍ୟ ବୁଝିବାକୁ ଦେଲେ । ଏହିପରି ବୁଝୁ ବୁଝୁ ସେ ରାଜାଙ୍କ ଘରକାର୍ଯ୍ୟ ବୁଝିବାରେ ସବା ବଡ଼ହେଲା । ସେ ହେଲା ରାଜାଙ୍କ ପାତ୍ର । ପୁଣି ରାଜକାର୍ଯ୍ୟ ବୁଝିବାରେ କ୍ରମେ ସେ ହେଲା ବଡ଼ ସେନାପତି ।

ରାଜାଙ୍କର ପୁଅ ନ ଥିଲା । ସେହି ରାଜାଙ୍କ ନାମ ନରସିଂହ ଦେବ । ସେ ମଲେ । ଲୋକେ କହନ୍ତି, ସେକାଳେ ରାଜା ଅପୁତ୍ରିକ ହୋଇ ମଲେ ରାଜାଙ୍କ ପାଟହାତୀ ସୁନା କଳସରେ ପାଣି ଘେନି ବୁଲେ । ବୁଲୁ ବୁଲୁ ଯାହା ଉପରେ ସୁନା କଳସ ଢାଳିଦିଏ, ସେହି ହୁଏ ରାଜା । ସେକଥା ଯାହା ହେଉ, ଓଡ଼ିଶାରେ ପ୍ରଥା ଥିଲା ଯେ, ରାଜା ପୁଅ ନ ଥାଇ ମଲେ, ପାତ୍ର, ମନ୍ତ୍ରୀ, ସେନାପତି, ରାଜଗୁରୁ ପ୍ରଭୃତି ସମସ୍ତେ ବସି ଯୋଗ୍ୟ ଲୋକ ଜଣକୁ ବାଛି ରାଜା କରନ୍ତି । ଅଭିଷେକ ପୂର୍ବରୁ ରାଜାଙ୍କ ପାଟହାତୀ ଥୋଡ଼ପାହାରରେ ସୁନା କଳସରେ ପାଣି ଧରି ତାହାରି ମୁଣ୍ଡରେ ଢାଳେ ।

ନରସିଂହ ଦେବଙ୍କ ଅନ୍ତେ କପିଳ ରାଜା ହେବାପାଇଁ ବଛା ହେଲେ । ତାଙ୍କ ମୁଣ୍ଡରେ ହାତୀ ସୁନାକଳସ ଢାଳିଲା । ସେ ହେଲେ ଓଡ଼ିଶାର ରାଜା କପିଳେନ୍ଦ୍ର ଦେବ । ସେ ଭାରି ଭଲ ରାଜା ହୋଇଥିଲେ । ସେ ଓଡ଼ିଶା ସାମ୍ରାଜ୍ୟରେ ସମ୍ରାଟ ହୋଇଥିଲେ । ତାଙ୍କ ରାଜତ୍ୱରେ ଓଡ଼ିଶାର ଧନ, ଧର୍ମ, ବିଦ୍ୟା ଭାରି ବଢ଼ିଥିଲା ।



Digitized by PPRACHIN, SOA

ଶୂଦ୍ରମୁନି ସାରଳା ଦାସ ସେହି ସମୟରେ ଓଡ଼ିଆ ମହାଭାରତ ଲେଖିଥିଲେ । ସେସବୁ କଥା ଇତିହାସ ପଢ଼ିଲେ ଜାଣିବ ।

କପିଳେନ୍ଦ୍ର ଦେବ କାଶୀନାଥଙ୍କ କଥା ଅନୁସାରେ ସଙ୍ଗେ ସଙ୍ଗେ ତାଙ୍କୁ ଏକ ଗ୍ରାମ ଦାନ କଲେ । ସେହି ଗ୍ରାମର ନାମ କାଶିଆ ବେରବୋଇ । ପୁରୀ ଜିଲ୍ଲାର ଭାର୍ଗବୀ କୂଳ ବଳଙ୍ଗା ଗ୍ରାମକୁ ଏହା ପ୍ରାୟ ଦୁଇକୋଶ ଦୂର ।

–◻–

# ଆଦିକବି ସାରଳା ଦାସ

ପଣ୍ଡିତ ଗୋପବନ୍ଧୁ ଦାସ କହୁଥିଲେ, "କପିଳେନ୍ଦ୍ର ଓଡ଼ିଶାର ବିକ୍ରମାଦିତ୍ୟ ।" ଏହି କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ଆଜିକୁ ଠିକ୍ ପାଞ୍ଚ ଶତ ବର୍ଷ ତଳର କଥା । ସେତେବେଳର ବଡ଼ କବିମାନଙ୍କ ମଧ୍ୟରେ ସାରଳା ଦାସ ପ୍ରଧାନ ।

ସାରଳା ଦାସଙ୍କୁ ସେତେବେଳେ 'ଶୁଦ୍ରମୁନି' କହୁଥିଲେ । ଏବେ ମଧ୍ୟ କହନ୍ତି, ଶୁଦ୍ରମୁନି ସାରଳା ଦାସ ।

ସାରଳା ଦାସ ଓଡ଼ିଆରେ 'ମହାଭାରତ' ଲେଖିଥିଲେ । ସଂସ୍କୃତରେ ଯେଉଁ ମହାଭାରତ ଅଛି, ସାରଳା ଦାସଙ୍କ ମହାଭାରତ ତହିଁରୁ ବହୁତ ଭିନ୍ନ । ଏଥିରେ ଓଡ଼ିଶାର ଭାଇ କଳିକଜିଆ ଠାରୁ ଇତିହାସ, ପୁଣ୍ୟପର୍ବ ବିଷୟରେ ବହୁତ କଥା ଲେଖା ହୋଇଛି । ଏ କବିତା ମଧ୍ୟ ନୂଆ । ଛନ୍ଦ ସରଳ, ଭାଷା ଖାଣ୍ଟି ଗାଉଁଲି ଲୋକଙ୍କ ଭାଷା । ଗ୍ରନ୍ଥଟି ମଧ୍ୟ ଖୁବ୍ ବଡ଼ । ଅଠର ଖଣ୍ଡଯାକ ମହାଭାରତ ଏବେ ଛାପା ହୋଇ ବିକ୍ରି ହେଉଛି ।

ସାରଳା ଦାସଙ୍କ ମହାଭାରତର ପୂର୍ବରୁ ଖାଣ୍ଟି ଓଡ଼ିଆରେ ଲେଖା ହୋଇଥିବା ପୁସ୍ତକ ଆଉ ମିଳୁ ନାହିଁ । ତା ପୂର୍ବରୁ ଲୋକେ ଓଡ଼ିଆରେ ଲେଖୁ ନ ଥିଲେ । ବ୍ରାହ୍ମଣମାନଙ୍କ ଛଡ଼ା ସେତେବେଳେ ଆଉ କେହି ବେଶି ଲେଖାପଢ଼ା କରୁ ନ



Digitized by PPRACHIN, SOA

ଥଲେ । ପୁଣି ବ୍ରାହ୍ମଣମାନେ ଓଡ଼ିଆ ଭାଷାକୁ ଲୋକଙ୍କ ଭାଷା ବୋଲି ଘୃଣା କରୁଥିଲେ । ସଂସ୍କୃତକୁ ଏକା ଦେବଭାଷା ବୋଲି ଆଦର କରୁଥିଲେ ।

ଗଙ୍ଗ ବଂଶର ରାଜାମାନେ ଦକ୍ଷିଣ ଆଡୁ ଆସିଥିଲେ । ସେମାନେ ନିଜେ ଉତ୍ତର-ଭାରତର କ୍ଷତ୍ରିୟ ବୋଲି ଅହଂକାର କରୁଥିଲେ ଓ ବ୍ରାହ୍ମଣଙ୍କୁ ବେଶି ସୁଖ ପାଉଥିଲେ ।

କଥା ଅଛି, କପିଳେନ୍ଦ୍ର ଦେବ ଜାତିରେ ଗଉଡ଼ । ସେ ଖାଣ୍ଟି ଓଡ଼ିଆ ଲୋକ । ଜଗନ୍ନାଥଙ୍କର ସେ ପରମ ଭକ୍ତ ଥିଲେ । ତାଙ୍କ ସମୟରେ ଦେଶଶାସନ ଅତି ସୁନ୍ଦର ଥିଲା । ଫଳରେ ଘରେ ଘରେ ବିଦ୍ୟାର ପ୍ରଚାର ହେଲା । ଓଡ଼ିଆ ଭାଷା ମାତି ଉଠିଲା ।

ଶୁଦ୍ର ହୋଇ ମଧ ସାରଳା ଦାସ ଓଡ଼ିଆରେ ମହାଭାରତ ଲେଖି ପ୍ରଚାର କଲେ । କାଳେ ସଂସ୍କୃତ ମହାଭାରତକୁ ଦେଖି ଓଡ଼ିଆ ମହାଭାରତ ଲେଖିଲେ ଓଡ଼ିଆ ଶୁଦ୍ଧ ନ ହୋଇ ସଂସ୍କୃତିଆ ହୋଇଯିବ, ସେଥିପାଇଁ ସେ ସଂସ୍କୃତ ମହାଭାରତ ନ ଦେଖି ଓଡ଼ିଆ ମହାଭାରତ ଲେଖୁଥିଲେ ।

ଏବେ ଝଙ୍କଡ଼ରେ ଯେଉଁ ସାରଳା ଠାକୁରାଣୀ ଅଛନ୍ତି, ତାଙ୍କରି ପାଖେ ସରଳା ଦାସ ଘରଦ୍ୱାର ଛାଡ଼ି ବରାବର ରହିଥାନ୍ତି । ସେହି ସାରଳାଙ୍କ ଭକ୍ତ ବୋଲି ସେ ନିଜକୁ ସାରଳାଙ୍କର ଦାସ ବା ସାରଳା ଦାସ ବୋଲି ପରିଚୟ ଦେଇଛନ୍ତି । ତାଙ୍କ ନିଜ ନାମ କଅଣ ଥିଲା ତାହା ଏବେ କହିହେବ ନାହିଁ ।

ସାରଳା ଦେବୀଙ୍କଠାରେ ପୁରାଣ ପଢ଼ା ହୁଏ । ସାରଳା ଦାସ ସେହିଠାରେ ପ୍ରତିଦିନ କେତେ ଅଧ୍ୟାୟ ମହାଭାରତ ବ୍ରାହ୍ମଣମାନଙ୍କ ଠାରୁ ଶୁଣିଆସନ୍ତି । ଘରେ ଆସି ସେ ସେହି ବିଷୟକୁ ଧରି ନିଜର କବିତା ମିଶାଇ ଖାଣ୍ଟି ଓଡ଼ିଆରେ ତାଳପତ୍ରରେ ଲେଖିପକାନ୍ତି ।

ଏହିପରି ଓଡ଼ିଆକୁ ସଂସ୍କୃତରୁ ଅଲଗା କରି ସ୍ୱାଧୀନ ଭାଷା ବୋଲି ପ୍ରଚାର କରିବାର ପ୍ରଧାନ ଲୋକ ସାରଳା ଦାସ । ସେ ଓଡ଼ିଶାର 'ଆଦିକବି' କହିଲେ ଚଳେ ।

–□–



Digitized by PPRACHIN, SOA

# ବିଶ୍ୱନାଥ ମହାପାତ୍ର

ଏ ପ୍ରାୟ ଛଅ ଶହ ବର୍ଷ ତଳର ଲୋକ । ପୁରୀ କିମ୍ବା ଯାଜପୁର ଅଞ୍ଚଳର କୌଣସି ବ୍ରାହ୍ମଣ ଶାସନରେ ଜନ୍ମ ହୋଇଥିଲେ । ଏ ଜଣେ ଟାଣୁଆ ପଣ୍ଡିତ ଥିଲେ । ଭାରତବର୍ଷର ସବୁଆଡ଼େ ଲୋକେ ଏହାଙ୍କୁ ଜାଣିଥିଲେ । ସଂସ୍କୃତ ଅଳଙ୍କାର ଶାସ୍ତ୍ରରେ 'ସାହିତ୍ୟଦର୍ପଣ' ବୋଲି ଖଣ୍ଡିଏ ଉତ୍କୃଷ୍ଟ ଗ୍ରନ୍ଥ ଅଛି । ବିଶ୍ୱନାଥ ସେହି ଗ୍ରନ୍ଥ ରଚନା କରିଥିଲେ । ସର୍ବତ୍ର ସଂସ୍କୃତ ସାହିତ୍ୟର ଛାତ୍ରମାନେ ଏହି ଗ୍ରନ୍ଥ ଏବେ ପଢ଼ନ୍ତି । ଇଉରୋପ ଆମେରିକାରେ ମଧ୍ୟ ଏଇ ଗ୍ରନ୍ଥର ବଡ଼ ପ୍ରଶଂସା ।

ଯୁଦ୍ଧ, ସନ୍ଧି, ଶାସନ ପ୍ରଭୃତି ରାଜ୍ୟ ଚଳାଇବାର ବିଦ୍ୟାରେ ବିଶ୍ୱନାଥ ବଡ଼ ଜାଣିବାର ଲୋକ ଥିଲେ । ଓଡ଼ିଶାରୁ ଯାଇ ସବୁ ରାଜଧାନୀ ବୁଲି ବୁଲି କାଶ୍ମୀରର ଜମ୍ମୁ ରାଜ୍ୟରେ ସଭାପଣ୍ଡିତ ହୋଇଥିଲେ । କେତେଦିନ ସଭାପଣ୍ଡିତ ହେଲା ପରେ ଜମ୍ମୁ ମହାରାଜ ଏହାଙ୍କ ଗୁଣ ବୁଝିପାରି ଏହାଙ୍କୁ ରାଜ୍ୟର ସନ୍ଧି, ଯୁଦ୍ଧ ବିଭାଗର ମନ୍ତ୍ରୀ କରିଥିଲେ । ତେଣୁ ଏହାଙ୍କର ନାମ ହେଲା ମହାମହୋପାଧ୍ୟାୟ ସାନ୍ଧିବିଗ୍ରହିକ ବିଶ୍ୱନାଥ କବିରାଜ ମହାପାତ୍ର । ଏହି ନାମରେ ଏହାଙ୍କୁ ଏବେ ସମସ୍ତେ ଜାଣନ୍ତି । ମହାମହୋପାଧ୍ୟାୟ ବୋଇଲେ, ଅତି ବଡ଼ ଶିକ୍ଷକ । ସାନ୍ଧିବିଗ୍ରହକ ବୋଇଲେ, ରାଜ୍ୟର ଯୁଦ୍ଧ ସନ୍ଧି ବିଭାଗର ମନ୍ତ୍ରୀ । କବିରାଜ ବୋଇଲେ, ଶ୍ରେଷ୍ଠ କବି । ମହାପାତ୍ରଟି ଓଡ଼ିଶା ରାଜାଙ୍କ ବିଶେଷ ଉପାଧି । ଏହାର ଅର୍ଥ ଅତି ଶ୍ରେଷ୍ଠ ଯୋଗ୍ୟ ଲୋକ ।

–◻–



Digitized by PPRACHIN, SOA

# ଅତିବଡ଼ି ଜଗନ୍ନାଥ ଦାସ

ଆମ ଓଡ଼ିଶାରେ ଗାଁକୁ ଗାଁ ସବୁ ଭାଗବତ ଘର ଅଛି । ସେ ଭାଗବତ ଘରେ ଭାଗବତ ଗାଦୀ ଥାଏ ।

ଗାଦୀରେ ତାଳପତ୍ର ପୋଥି ରଖା ହୋଇଥାଏ । ସେହି ପୋଥିକୁ ପୂଜା ଦିଆଯାଏ । ସେ ପୋଥିଗୁଡ଼ିକ କଅଣ ?

ସେଗୁଡ଼ିକ ଓଡ଼ିଆ ଭାଗବତ । ଗାଦୀରେ ଆଉ ଆଉ ପୋଥି ଥାଏ, କିନ୍ତୁ ଓଡ଼ିଆ ଭାଗବତ ନ ରହିଲେ ଗାଦୀ ହେବ ନାହିଁ ।

ଏ ଓଡ଼ିଆ ଭାଗବତ କ'ଣ ? ସଂସ୍କୃତରେ ଭାଗବତ ବୋଲି ବଡ଼ଗ୍ରନ୍ଥ ଅଛି ।

ଏ ପ୍ରାୟ ଚାରିଶ ପଚାଶ ବର୍ଷ ତଳର କଥା । ପୁରୀ ପାଖରେ କପିଳେଶ୍ୱରପୁର ଗୋଟିଏ ବ୍ରାହ୍ମଣଶାସନ । ଏହି ଶାସନରେ ମିଶ୍ର କୁଳରେ ଜଗନ୍ନାଥଙ୍କ ଜନ୍ମ । ତାଙ୍କ ନାମ ଥିଲା ଜଗନ୍ନାଥ ମିଶ୍ର । ବୈଷ୍ଣବ ହୋଇ ସେ 'ମିଶ୍ର'କୁ 'ଦାସ' କରିଥିଲେ ।

ସେକାଳେ ବ୍ରାହ୍ମଣମାନେ ଅତି ପିଲାଦିନୁଁ ସଂସ୍କୃତ ପଢୁଥିଲେ । ଜଗନ୍ନାଥ ବାର ବର୍ଷ ବୟସରେ ସଂସ୍କୃତ ବ୍ୟାକରଣ ପଢ଼ା ଶେଷକରି ସଂସ୍କୃତ ଭାଗବତ ପଢ଼ିଲେ । ପିଲାଦିନୁଁ ସେ ଜଗନ୍ନାଥ ଦର୍ଶନକୁ ଆସନ୍ତି । ତାଙ୍କର ଜଗନ୍ନାଥଙ୍କଠାରେ ଭାରି ବିଶ୍ୱାସ ଥିଲା । ସେ ବିଚାରିଲେ, ବ୍ରାହ୍ମଣ, ଶୂଦ୍ର, ଚଣ୍ଡାଳ - ଏସବୁ ଭେଦ ବିଚାର କରିବା କ'ଣ ଧର୍ମ ? ଭାଗବତ ପଢ଼ି ଏହି କଥା ତାଙ୍କ ମନରେ ଦୃଢ଼ ହେଲା । ଅଳ୍ପ ବୟସରୁ ତାଙ୍କର ଘରୁ ମମତା ଛାଡ଼ିଗଲା । ତାଙ୍କ ବାପା ମା' ସେହି ବାରବର୍ଷ ବୟସରେ ପୁଅର ବିଭାଘର ଠିକ୍ କଲେ । ଜଗନ୍ନାଥ ବିଭା ହେବାକୁ ମଙ୍ଗିଲେ ନାହିଁ । ବାପ ମା'ଙ୍କୁ କହି ସେ ବୟସରୁ ଘର ଛାଡ଼ି ସନ୍ନ୍ୟାସୀ ହୋଇ ପୁରୀରେ ଆସି ରହିଲେ ।

ସବୁ ପାଠ ସେ ପଢୁଥାଆନ୍ତି ସତ; କିନ୍ତୁ ଶ୍ରୀମଦ୍‌ଭାଗବତରେ ତାଙ୍କର ଭାରି



Digitized by PPRACHIN, SOA

ମନ । ପୁଣି ଦେଖିଲେ, ସବୁ ପାଠ ଶାସ୍ତ୍ର ସଂସ୍କୃତରେ । ସଂସ୍କୃତ ନ ଜାଣିଥିବା ଲୋକେ ତାହାସବୁ ବୁଝିବେ କିପରି ? ପୁଣି ଭାଗବତ ପରା ଗ୍ରନ୍ଥ ସମସ୍ତେ ବୁଝିବା ଦରକାର । ସେଥିପାଇଁ ନିତି ସେ ପୁରୀ ମନ୍ଦିର ବଟମୂଳେ ବସି ଭାଗବତ ପଢ଼ି ଲୋକଙ୍କୁ ବୁଝାଉଥାନ୍ତି । ବୁଝାଇଲା ବେଳେ ଭକ୍ତିଭାବରେ ବୁଡ଼ିଯାଇ ସେ ଖାଲି କାନ୍ଦୁଥାଆନ୍ତି । ଶୁଣିବା ଲୋକଙ୍କ ଭିତରେ ବି କେତେ କାନ୍ଦି ପକାଉଥାଆନ୍ତି ।

କ୍ରମେ ତାଙ୍କର ଏ ଭାଗବତ ପଢ଼ା କଥା ସମସ୍ତେ ଜାଣିଲେ । କେତେ ଆଡୁ ଲୋକେ ଶୁଣିବାକୁ ଆସିଲେ । ପ୍ରତାପରୁଦ୍ର ଦେବ ସେତେବେଳେ ଓଡ଼ିଶାର ମହାରାଜା । ବାପ ବଡ଼ବାପଙ୍କ ଅମଳରୁ ଏହି ମହାରାଜାମାନଙ୍କର ଜଗନ୍ନାଥଙ୍କଠି ଭାରି ଭକ୍ତି । ପ୍ରତାପରୁଦ୍ର ଦେବ ଦେଉଳକୁ ଜଗନ୍ନାଥ ଦର୍ଶନ ପାଇଁ ଆସିଲାବେଳେ ନିଜେ ଘଡ଼ିଏ ଠିଆହୋଇ ଭାଗବତ ଶୁଣନ୍ତି । ଶୁଣି ଶୁଣି କ୍ରମେ ପ୍ରତାପରୁଦ୍ର ଦେବଙ୍କ ମନ ଭୁଲିଲା । ସେ ଭଲ କରି ବୁଝିଲେ - ଜଗନ୍ନାଥଙ୍କ ପାଖେ ବଡ଼ ସାନ ନାହିଁ, ବ୍ରାହ୍ମଣ ଚଣ୍ଡାଳ ଭେଦ ନାହିଁ । ଏହା ଜାଣିବାରୁ ଏଣିକି ବ୍ରାହ୍ମଣଙ୍କ ଅହଂକାର କଥା ଆସ୍ତେ ଆସ୍ତେ ତାଙ୍କୁ ଖରାପ ଲାଗିଲା । ବୈଷ୍ଣବଙ୍କ ଭକ୍ତି ଧର୍ମ ତାଙ୍କୁ ସୁଖ ଲାଗିଲା ।

ଏତିକିବେଳକୁ ଚୈତନ୍ୟଦେବ ପୁରୀ ଆସିଲେ । ସେ ମଧ୍ୟ ବୈଷ୍ଣବଙ୍କ ଭକ୍ତି ଧର୍ମରେ ମାତି ଘରଦ୍ୱାର, ମା' ମାଇପ ଛାଡ଼ି ସନ୍ନ୍ୟାସୀ ହୋଇଥିଲେ । ଦିନେ ଜଗନ୍ନାଥ ଦାସ ବଟମୂଳେ ଭାଗବତ ପଢ଼ି ବ୍ୟାଖ୍ୟା କରି ବୁଝାଉଥାଆନ୍ତି, ଚୈତନ୍ୟ ଆସି ଖଣ୍ଡେ ଦୂରରେ ଠିଆ ହୋଇ ଶୁଣିଲେ । ଶୁଣୁ ଶୁଣୁ ଚୈତନ୍ୟଙ୍କ ଦୁଇ ଆଖିରୁ ଝର୍ ଝର୍ ହୋଇ ଲୁହ ବୋହିଗଲା । ଚୈତନ୍ୟ ଆଉ ସେଠାରୁ ଯାଇପାରିଲେ ନାହିଁ । ଭାଗବତ ପାଠ ସାରି ଜଗନ୍ନାଥ ଚୈତନ୍ୟଙ୍କୁ ଚାହିଁଲେ । ଦୁହିଁଙ୍କ ଆଡ଼କୁ ଦୁହେଁ ଚାହିଁଛନ୍ତି, ଦୁହିଁଙ୍କ ଆଖିରୁ ଲୁହ ବୋହିଯାଉଛି । ସମସ୍ତେ ତାହା ଦେଖି ତାଟକା ହୋଇଗଲେ ।

ଶେଷକୁ ଚୈତନ୍ୟ ଯାଇ ଜଗନ୍ନାଥଙ୍କୁ କୁଣ୍ଢାଇ ପକାଇଲେ । ଜଗନ୍ନାଥ ଚୈତନ୍ୟଙ୍କୁ ମଧ୍ୟ କୁଣ୍ଢାଇଲେ । ଚୈତନ୍ୟ କହିଲେ, "ତୁମେ ଅତି ବଡ଼ ।" ସେହିଦିନଠାରୁ ଜଗନ୍ନାଥଙ୍କ ନାମ ହେଲା 'ଅତିବଡ଼ି ଜଗନ୍ନାଥ ଦାସ ।' ଏବର



Digitized by PPRACHIN, SOA

ଓଡ଼ିଆ ମଠ ଜଗନ୍ନାଥ ଦାସଙ୍କ ସ୍ଥାନ । ସେ ମଠକୁ ଏବେ ମଧ୍ୟ ଲୋକେ କହନ୍ତି 'ଅତିବଡ଼ ମଠ' ।

ସବୁ ଲୋକେ କିପରି ଧର୍ମକଥା ଜାଣିବେ, ଏଥିପାଇଁ ଜଗନ୍ନାଥ ଦାସ ଭାଗବତ ଗ୍ରନ୍ଥକୁ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ । ଧର୍ମ ବିଷୟରେ ସେ ଆଉ ଅନେକ ପୋଥି ମଧ୍ୟ ଓଡ଼ିଆରେ ଲେଖିଥିଲେ ।

–□–

# ପଣ୍ଡିତ ଜହରଲାଲ

ପଣ୍ଡିତ ଜହରଲାଲ ନେହୁରୁଙ୍କ ନାଁ ସମସ୍ତେ ଶୁଣିଥିବ । ସେ ଥିଲେ ଆମ ଦେଶର ପ୍ରଥମପ୍ରଧାନ ମନ୍ତ୍ରୀ । ସେ ଦିନେ ତୁମରିମାନଙ୍କ ପରି ପିଲା ଥିଲେ । ତାଙ୍କର ପାଠ ପଢ଼ିବାରେ ଭାରି ମନ ଥିଲା । ଶିକ୍ଷକ ଯାହା ତାଙ୍କୁ ପ୍ରତିଦିନ ପଢ଼ା ଦିଅନ୍ତି, ସେ ତାହା ଭଲକରି ପଢ଼ନ୍ତି ।

ସେ ପିଲାଟି ଦିନରୁ ରାମାୟଣ, ମହାଭାରତ କଥା ଶୁଣିବାକୁ ସୁଖ ପାଉଥିଲେ । ସେ ନିଜ ମା' ଓ ବଡ଼·ମା'ଙ୍କଠାରୁ ପୁରାଣ କାହାଣୀ ଶୁଣୁଥିଲେ ।

ଥରେ ତାଙ୍କ ବାପାଙ୍କ ଶେଜ ଉପରେ ଦୁଇଟି ଝରକଲମ ଥୁଆ ହୋଇଥିଲା । ସେଥିରୁ ଗୋଟିଏ କଲମ ଜବାହରଲାଲ କାହାକୁ ନ କହି ନେଇଗଲେ । କଲମଟି ଖୋଜା ପଡ଼ିଲା । କଲମଟିକୁ ନେଇଛନ୍ତି ବୋଲି ଜହରଲାଲ ମା'ଙ୍କୁ କହିଦେଲେ । ଏଥିରେ ତାଙ୍କ ବାପା ମୋତିଲାଲ ଭାରି ରାଗିଗଲେ । ସେ ଏହି ଦୋଷ ପାଇଁ ଜହରଲାଲଙ୍କୁ ପ୍ରହାର କଲେ । ଜହରଲାଲ ଏଥି ସକାଶେ ନିଜ ବାପାଙ୍କ ଉପରେ ଆଦୌ ବିରକ୍ତ ହୋଇନଥିଲେ । ନିଜ ଦୋଷ ପାଇଁ ସେ ବାପାଙ୍କୁ କ୍ଷମା ମାଗିଥିଲେ ।

–□–



Digitized by PPRACHIN, SOA

# ସୁଭାଷ ବୋଷ

ସୁଭାଷ ବୋଷଙ୍କ କଥା ଅନେକ ଶୁଣିଥିବ । ଭାରତବର୍ଷକୁ ସ୍ୱାଧୀନ କରିବାପାଇଁ ସେ ବରାବର ଲଢୁଥିଲେ । ଦେଶ ଛଡ଼ା ତାଙ୍କର ନିଜର ବୋଲି ଆଉ କିଛି ନ ଥିଲା । ସେ ବିଭା ହୋଇ ନ ଥିଲେ । ତାଙ୍କର ନିଜର ହୋଇ ଘରଦ୍ୱାର ମଧ୍ୟ ନ ଥିଲା ।

କଥାରେ କହନ୍ତି; 'ତୁଳସୀ ଦି ପତ୍ରରୁ ବାସେ ।' ଅତି ପିଲାଟି ଦିନୁଁ ଜଣାପଡ଼ିଥିଲା, ସୁଭାଷ ଦିନେ ଖୁବ୍ ବଡ଼ ମଣିଷ ହେବେ ।

ସୁଭାଷଙ୍କ ବାପା ଜାନକୀ ବାବୁ କଟକରେ ଓକିଲାତି କରୁଥିଲେ । ସୁଭାଷ କଟକରେ ଜନ୍ମ ହୋଇଥିଲେ । ପିଲାଦିନେ କଟକରେ ପାଠ ପଢ଼ିଥିଲେ । କଲେଜରେ ପଢ଼ିବାକୁ ସେ କଲିକତା ଯାଇଥିଲେ ।

ସୁଭାଷ କଟକ କଲେଜିଏଟ୍ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢ଼ିଲାବେଳେ ଦିନେ ଖାଇସାରି ବହିପତ୍ର ଧରି ସ୍କୁଲକୁ ଆସିଲାବେଳେ ବାଟରେ ଗୋଟିଏ ଅନ୍ଧ ଭିକାରୀ ଦେଖିଲେ । ଅନ୍ଧଟି ହାତରେ ବାଡ଼ିଟିଏ ଧରି ଠକ୍ ଠକ୍ କରି ଧୀରେ ଧୀରେ ଚାଲିଥାଏ । ସେ ବଡ଼ ବିକଳ ହୋଇ ଡକା ପକାଉଥାଏ । କାହିଁକି ନା, ତାକୁ ହାତ ଧରି ନେଉଥିବା ପିଲାଟି କୁଆଡ଼େ ଚାଲି ଯାଇଥାଏ । ସେ କିପରି ବାଟ ଚାଲି ଚାଲି ଘରଯାଏ ଯିବ ?

ସୁଭାଷ ସେତେବେଳକୁ ମୋଟେ ନଅ ଦଶ ବର୍ଷର ପିଲା । ସେ ଅନ୍ଧଟିର କରୁଣ ଡାକ ଶୁଣି ଟିକିଏ ଛିଡ଼ା ହୋଇଗଲେ । ସେଠାରୁ ଯାଇ ସେ ଅନ୍ଧ ହାତଟି ଧରିଲେ । ତା ଘର କେଉଁଠି, ସେକଥା ପଚାରି ତାକୁ ଚଲାଇ ଚଲାଇ ତା ଘର ଆଡ଼କୁ ଚାଲିଲେ । ତା ଘରେ ତାକୁ ଛାଡ଼ି ସେ ସ୍କୁଲରେ ଯାଇ ପହଞ୍ଚିଲା ବେଳକୁ ଘଣ୍ଟାକରୁ ବେଶି ଡେରି ହୋଇ ଯାଇଥିଲା ।

–□–



Digitized by PPRACHIN, SOA

# ପଣ୍ଡିତ ହରିହର ଦାସ

ସେକାଳେ ଲୋକେ ଇଂରେଜୀ ପାଠ ପଢ଼ିବାକୁ ଘୃଣା କରୁଥିଲେ । ଆଜିକାଲି ପରି ସ୍କୁଲ ବି ନ ଥିଲା । ଲୋକେ ଚାହାଳୀରେ, ନାହାକ ବା ଅବଧାନ ପାଖେ ଅକ୍ଷର, ପଣକିଆ, ଫଳା, ବନା, କଡ଼ାଗଣ୍ଡା, ଗୁଣ୍ଠ, ଶୋଧ୍ଧ, ଓଡ଼ାଙ୍କ, ହରିଗୁଣ, ଫେଡ଼ାମିଶା, କୁଟା, ନଳ ଆଦି ପଢ଼ିସାରି, ସିରସ୍ତାରେ ହିସାବ ଲେଖିବା ଶିଖି ପଢ଼ା ସାରୁଥିଲେ । ତାପରେ ଭାଗବତ ପଢୁଥିଲେ । ତାଳପତ୍ର ଖେଦା ଲେଖି, ତାକୁ ବିକି, କେହି କେହି ପେଟ ପୋଷୁଥିଲେ ।

ଆଉ କେତେ ଲୋକ ସଂସ୍କୃତ ପଢୁଥିଲେ । ସଂସ୍କୃତ ପଢ଼ିବା ପାଇଁ କାଶୀ, ନବଦ୍ୱୀପ ପ୍ରଭୃତି ସ୍ଥାନକୁ ମଧ୍ୟ ଯାଉଥିଲେ । ସେ ସବୁଠାରେ ପଣ୍ଡିତମାନଙ୍କ ସଙ୍ଗେ ଯୁକ୍ତିତର୍କ ବା ଶାସ୍ତ୍ର ଆଲୋଚନା କରୁଥିଲେ ।

ହରିହର ଦାସ ଏହିପରି ଜଣେ ସଂସ୍କୃତପଢ଼ା ବଡ଼ପଣ୍ଡିତ ଥିଲେ । ପୁରୀଜିଲ୍ଲା ସତ୍ୟବାଦୀ ପାଖ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ସେ ଜନ୍ମ ହୋଇଥିଲେ । ସେ ନିଜ ପଣ୍ଡିତପଣରେ ନବଦ୍ୱୀପ, କଲିକତା ପ୍ରଭୃତିରେ ଭାରି ନାମ କରିଥିଲେ; ରାଜଦ୍ୱାରମାନଙ୍କରେ ବହୁତ ସମ୍ମାନ ଓ ହଜାର ହଜାର ଟଙ୍କା ବିଦାକି ପାଉଥିଲେ ।

ମାତ୍ର ସେ ଦେଖିଲେ, ସ୍କୁଲ ବସାଇ ଲୋକଙ୍କୁ ସାହିତ୍ୟ, ଗଣିତ, ଭୂଗୋଳ, ଇତିହାସ, ବିଜ୍ଞାନ ପ୍ରଭୃତି ନ ପଢ଼ାଇଲେ ଦେଶର ଉନ୍ନତି ହେବ ନାହିଁ । ଲୋକେ ଇଂରେଜୀ ପଢ଼ିବା ମଧ୍ୟ ଦରକାର, ଏହା ସେ ବୁଝିଥିଲେ । ସେଥିପାଇଁ ସେ ନିଜେ ନିଜେ ଘରେ ଇଂରେଜୀ ପଢ଼ିଲେ । ଖାଲି ଇଂରେଜୀ ନୁହେଁ, ସେ ପ୍ରାଚୀନ ଗ୍ରୀସ୍ ଦେଶର ଗ୍ରୀକ୍ ଭାଷା ଓ ସାହିତ୍ୟ ମଧ୍ୟ ଭଲ ଜାଣିଥିଲେ ।

ଆପେ ଏହାସବୁ ପଢ଼ିସାରି ତାକୁ ସେ ଅନ୍ୟମାନଙ୍କ ଉପକାରରେ



Digitized by PPRACHIN, SOA

ଲଗାଇଲେ । ସେତେବେଳର ଜିଲ୍ଲା ମେଜେଷ୍ଟର ସାହେବମାନେ ତାଙ୍କୁ ବଡ଼ ଖାତିର କଲେ । କମିଶନର ଓ ବଙ୍ଗ ବିହାର ଓଡ଼ିଶାର ଶିକ୍ଷା ବିଭାଗର ବଡ଼ ସାହେବମାନଙ୍କ ସଙ୍ଗେ ତାଙ୍କର ଭାବ ହେଲା । ସେମାନଙ୍କ ସାହାଯ୍ୟରେ ସେ ଗ୍ରାମମାନଙ୍କରେ ସ୍କୁଲ ବସାଇଲେ । ସ୍କୁଲରେ ପଢ଼ିଲେ, ଏପରିକି କାଗଜ ଛୁଇଁଲେ ଧର୍ମ ଓ ଜାତି ଯିବ ବୋଲି ଲୋକେ ଭାରି ଆପତ୍ତି କଲେ । କେତେ ତାଙ୍କୁ ଏକଘରକିଆ କରିବାକୁ ବସିଲେ; କିନ୍ତୁ ସେ କିଛି ମାନିଲେ ନାହିଁ ।

ପାଦ୍ରୀ ସାହେବମାନେ ସେକାଳେ ଛାପାବହିରେ ବାଇବେଲ ପଢ଼ାଉଥିଲେ; ଜଗନ୍ନାଥଙ୍କୁ ନିନ୍ଦା କରି କେତେ ଟୋକାଙ୍କୁ ଭୁଲାଇ ଖ୍ରୀଷ୍ଟାନ କରାଇ ନେଉଥିଲେ । ଲୋକଙ୍କର ସେହି ଭୟ ଥାଏ । ଏହା ଜାଣି ହରିହର ନିଜେ ଘୋଡ଼ାଚଢ଼ା ଶିଖି ଘୋଡ଼ା ରଖିଲେ । କାହିଁକି ନା, ସେତେବେଳେ ରେଳ, ସାଇକେଲ କିଛି ନ ଥିଲା । ସେହି ଘୋଡ଼ାରେ ଚଢ଼ି ହରିହର ଗ୍ରାମେ ଗ୍ରାମେ ବୁଲି ଲୋକଙ୍କୁ ବୁଝାଇଲେ । ସେ ସୁନ୍ଦର ବକ୍ତୃତା ଦେଇ ବୁଝାଇପାରୁଥିଲେ । ତାଙ୍କୁ ମଧ୍ୟ ସଂସ୍କୃତ ଶାସ୍ତ୍ରସବୁ ଜଣାଥିବାରୁ ସେକାଳର ବଡ଼ ବଡ଼ ପଣ୍ଡିତ ଓ ଜାଣିବା ଲୋକେ ତାଙ୍କ ବକ୍ତୃତା ଶୁଣି କିଛି କହିପାରୁ ନ ଥିଲେ । କେତେ ବୁଢ଼ା ବୁଢ଼ା ଜାଣିବା ଶୁଣିବା ଲୋକ ତାଙ୍କ କଥାରେ ଭଳିଲେ । ମାତ୍ର ବେଶୀ ମାତିଲେ ଟୋକାଏ । ବୁଢ଼ାମାନଙ୍କ ଭୟରେ କେତେ ଯୁବକ ଓ ବାଳକ ଏକାବେଳେକେ ଘର ଛାଡ଼ି ତାଙ୍କ ସାଥି ଧଇଲେ ।

ହରିହର ପୁରୀରେ ଘରଭଡ଼ା ନେଇ ନିଜ ଖର୍ଚ୍ଚରେ ସେହି ଯୁବକ ଓ ବାଳକମାନଙ୍କୁ ସେଥିରେ ରଖି ଏକ ବଡ଼ ସ୍କୁଲ ଆରମ୍ଭ କଲେ । ସେହି ସ୍କୁଲ ବଢ଼ି ବଢ଼ି ପୁରୀ ସଂସ୍କୃତ କଲେଜ ହେଲା । ତାହାର ଏବକା ନାଁ ସଦାଶିବ ସଂସ୍କୃତ କଲେଜ ।

ହରିହର ରାଜଦ୍ୱାର ବୁଲି ଯାହା ବିଦାକି ପ୍ରଭୃତିରେ ରୋଜଗାର କରୁଥିଲେ ସବୁ ଏହି ସ୍କୁଲ ଓ ପ୍ରଚାରରେ ଖର୍ଚ୍ଚ କରୁଥିଲେ । ଗ୍ରାମମାନଙ୍କରେ ପ୍ରଚାର କଲାବେଳେ ସେକାଳେ ମିଳୁଥିବା ଛାପା ବହିସବୁ ବାଣ୍ଟୁଥିଲେ । ଏହିପରି ସ୍କୁଲ



Digitized by PPRACHIN, SOA

ବସାଇସାରି ଥରେ ସେ ଅଯୋଧ୍ୟା ପାଖ ବଇରାମପୁର ଯାଇଥିଲେ । ସେଠା ରାଜାଙ୍କଠାରୁ ସେ ପଞ୍ଚାବନ ଶହ ଟଙ୍କା ବିଦାକି ପାଇଲେ । ସେସବୁ ସେ ଏହି ସ୍କୁଲକୁ ଦେଇଦେଲେ । ସେହି ରାଜାଙ୍କର ପୁରୀ ଦେଉଳରେ ଭୋଗ ଖଇରାତ ପାଇଁ ବର୍ଷକୁ ତେରଶହ ଟଙ୍କା ଖଞ୍ଜା ଥିଲା । ସେ ଟଙ୍କା ପୁରୀ ପଣ୍ଡାଙ୍କ ପାଖକୁ ଆସୁଥିଲା । ହରିହର ପୁଣିଯାଇ ଏହି ଟଙ୍କାତକ ସେହି ସ୍କୁଲର ଛାତ୍ରମାନଙ୍କ ବୃତ୍ତିରେ ଖଞ୍ଜାଇ ଦେଇଥିଲେ । ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷର ପରବର୍ଷ ଏହି ସ୍କୁଲ ସ୍ଥାପିତ ହୋଇଥିଲା ।

ତାପରେ ଓଡ଼ିଶା ଗଡ଼ଜାତର ଢେଙ୍କାନାଳ, ନୂଆଗଡ଼ ପ୍ରଭୃତି ରାଜାଙ୍କଠାରୁ ସେ କେତେକ ଚାନ୍ଦା ସଂଗ୍ରହ କରି ସ୍କୁଲକୁ ଦେଲେ । ପୁରୀରେ ସେହି ସ୍କୁଲକୁ ଗୋଟିଏ ବଡ଼ କଲେଜ କରବା ତାଙ୍କର ଇଚ୍ଛା ଥିଲା । ସେଥିପାଇଁ ଚାନ୍ଦା ସଂଗ୍ରହ କରିବାକୁ ସେ ଭାରତବର୍ଷ ବୁଲି ବାହାରିଲେ । ପୂର୍ବ ବର୍ଷ କଲିକତାଠାରେ ଦେଶର ବହୁତ ବଡ଼ ବଡ଼ ଲୋକ ତାଙ୍କର ଏହି କଳ୍ପନା ଶୁଣିଥିଲେ । ସେମାନେ ବଡ଼ ଆନନ୍ଦରେ ସାହାଯ୍ୟ କରିବେ ବୋଲି କହିଥିଲେ; କିନ୍ତୁ ତାହା ହୋଇପାରିଲା ନାହିଁ ।

କଲିକତାଠାରେ ହଠାତ୍ ତାଙ୍କର କି ରୋଗ ହେଲା, ସେଥିରେ ସେ ପାଗଳ ଓ ମୂକ ହୋଇଗଲେ । ଚିକିତ୍ସାରେ ଟିକିଏ ଭଲ ହୋଇଥିଲେ; କିନ୍ତୁ ଆପଣା ଲୋକେ ତାଙ୍କୁ ସେଠାରୁ କଟକ ଓ କଟକରୁ ପୁରୀ ଘେନି ଆସିଲେ । ପୁରୀରେ ସେ ୩୨ବର୍ଷ ବୟସରେ ପ୍ରାଣତ୍ୟାଗ କଲେ ।

୨୪ ବର୍ଷ ଠାରୁ ୩୧ ବର୍ଷ ଯାଏ ସାତ ବର୍ଷ ମାତ୍ର ସେ କାର୍ଯ୍ୟ କରିଥିଲେ । ସବୁବେଳେ ତାଙ୍କର ଗୋଟିଏ ଚିନ୍ତା ଥିଲା - ଦେଶର ଭଲ କରିବା । ସେ ସେଥିପାଇଁ ନିଜର ଘରଦ୍ୱାର କଥା କେବେ ଭାବୁ ନ ଥିଲେ ।

-□-



Digitized by PPRACHIN, SOA

# ଗୋପବନ୍ଧୁଙ୍କ ଲୋକସେବା

ଗୋପବନ୍ଧୁ ଦାସଙ୍କ ନାଆଁ ଶୁଣିଥିବ । ସେ ଆମ ଓଡ଼ିଶାର ଜଣେ ପ୍ରଧାନ ଲୋକ ଥିଲେ । ଲୋକଙ୍କ ଦୁଃଖ ସେ ସହିପାରୁ ନ ଥିଲେ । ବଢ଼ିରେ ଗାଆଁ ଗଣ୍ଡା ଭାସିଗଲେ ସେ ଭିକମାଗି ଚାନ୍ଦା କରି ଆଗ ନାଆରେ ଚୂଡ଼ା ଚାଉଳ ଲଦି ଲୋକଙ୍କ ପାଖେ ପହଞ୍ଚି ଯାଉଥିଲେ । ଦୁର୍ଭିକ୍ଷ ପଡ଼ିଲେ ଲୋକେ ବିଚାରୁଥିଲେ, "ହଁ, ଗୋପବନ୍ଧୁ ଦାସେ ଅଛନ୍ତି । ସେ କୁଆଡୁ ହେଲେ ଆଣିବେ, ମୁଠାଏ ମୁଠାଏ ଦେଇ ଆମକୁ ଏଥର ବଞ୍ଚାଇଦେବେ ।"

ତିରିଶ ବର୍ଷ ତଳେ ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀରେ ଏକାବେଳକେ ଭାରି ବଢ଼ି ହେଲା । ନଈ ବନ୍ଧସବୁ ଭାଙ୍ଗିଗଲା । ଖରସୁଆଁ, ବ୍ରାହ୍ମଣୀ ଓ ବୈତରଣୀ ସବୁ ଏକାକାର ହୋଇଗଲା । ଯାଜପୁର, କେନ୍ଦ୍ରପଡ଼ା ଅଞ୍ଚଳରେ ବିଲବାଡ଼ି, ଗାଆଁଗଣ୍ଡା ସବୁ ପାଣିରେ ବୁଡ଼ି ଚିଲିକା ପରି ଦିଶିଲା । ଲୋକେ କେତେ ଭାସିଗଲେ । ଚାଳସବୁ ଭାସି ଯାଉଥାଏ । ଲୋକେ ତା ଉପରେ ଠିଆ ହୋଇ ହାହାକାର କରୁଥାନ୍ତି । କେତେ ବାଟ ଭାସି ଭାସି ଯାଇ ଚାଳଟି ବୁଡ଼ିଯାଏ । ଲୋକେ ବୁଡ଼ି ମରିଯାନ୍ତି । କେତେ ଲୋକ ଗଛରେ ଚଢ଼ି ଖାଲି ପତ୍ର ଚୋବାଇ ବଞ୍ଚିଥାନ୍ତି । ଆଉ ଖାଇବାକୁ ବା ମିଳୁଛି କଅଣ ? ସେତିକିବେଳକୁ ପୁଣି ଗୋଳିଆ ବଢ଼ିପାଣି ପିଇ ଲୋକଙ୍କ ଭିତରେ ହଇଜା ହେଲା । ହଇଜାରେ ଦୁର୍ବଳ ହୋଇ ପ୍ରାଣ ଥାଉ ଥାଉ କେତେ ଲୋକ ଗଛଉପରୁ ପାଣିକି ଖସି ପଡୁଥାନ୍ତି ।

କଟକରେ ଗୋପବନ୍ଧୁ ସେତେବେଳେ ନୂଆ ଓକିଲ । ଏ ଖବର ଶୁଣି ତାଙ୍କ ପ୍ରାଣ ବିକଳ ହେଲା । ସେ ସ୍କୁଲ, କଲେଜ ପିଲାଙ୍କୁ ଏକାଠି କରି ସବୁ ବୁଝାଇଲେ । ତେଣୁ ସମସ୍ତେ ଭିକ ମାଗିବା, ଚାନ୍ଦା ଆଦାୟ କରିବା କାମରେ ଲାଗିଗଲେ । ଭାରି



Digitized by PPRACHIN, SOA

ବର୍ଷା ହେଉଥାଏ । ଚୂଡ଼ା ଚାଉଳ ଠିକ୍ ହେଲା; କିନ୍ତୁ ସେସବୁ ନାଆରେ ଘେନି ସେ ଦରିଆ ଭିତରକୁ ଯିବ କିଏ ?

ସେତିକିବେଳକୁ ଗୋପବନ୍ଧୁଙ୍କ ହେଲା ଭାରି ଜର । ଜରକୁ ସେ ମାନିଲେ ନାହିଁ । ସେ ସେହି ବର୍ଷାରେ ଚୂଡ଼ା ଚାଉଳ ଘେନି ନାଆରେ ବସିଲେ । ସଙ୍ଗରେ ତିନିଜଣ ମାତ୍ର କଲେଜ ଓ ସ୍କୁଲ ଛାତ୍ର । ଗୋପବନ୍ଧୁ ଜରରେ କମ୍ପୁଥାଆନ୍ତି । ଉପରେ ବର୍ଷା ହେଉଥାଏ । ପରର ଦୁଃଖ କଥା ବିଚାରି ସେ ଆପଣା ଜରକୁ ଖାତିର କରୁ ନ ଥାନ୍ତି । ଆଶ୍ଚର୍ଯ୍ୟ କଥା, କେନ୍ଦ୍ରାପଡ଼ାରେ ପହଞ୍ଚିଲା ବେଳକୁ ଗୋପବନ୍ଧୁଙ୍କୁ ଜର ଛାଡ଼ିଯାଇଛି ।

ସେ କେନ୍ଦ୍ରପଡ଼ା ପାଖ ଇନ୍ଦିପୁରଠାରେ ନାଆରେ ବସି ବାହାରିଲେ । ସେତେବେଳକୁ ନଈରୁ ପୂରା ପୁରୁଷେ ପାଣି ଛାଡ଼ି ଯାଇଥାଏ । ତଥାପି କୌଣସି ଗାଆଁଦାଣ୍ଡରେ ନାଆ ଚାଲୁଥାଏ । ଗୋପବନ୍ଧୁ ହଠାତ୍ ଦେଖିଲେ, ଗୋଟିଏ ବନ୍ଧ ଉପରେ ଜଣେ ସ୍ତ୍ରୀଲୋକ ପିଲାଟିଏ କାଖରେ ଧରି ଠିଆ ହୋଇ ଡାକୁଛି; ହାତ ଦେଖାଇ ମାଗୁଛି । ଗୋପବନ୍ଧୁ ନାଆ ଲଗାଇଦେଲେ । ଅଖାରୁ ସେରେ ଚାଉଳ କାଢ଼ି ତା ଅଣ୍ଟିରେ ଅଜାଡ଼ିଦେଲେ ।

ମାଆ-ଅଣ୍ଟିରେ ଚାଉଳ ଦେଖି ପିଲାଟି ମୁଠାଏ ଧରି ଖାଇଦେଲା । ସଙ୍ଗେ ସଙ୍ଗେ ମାଆ ପିଲାଟିକି ଟିକିଏ ଦୂରକୁ ବସାଇଦେଇ ତା ହାତ ଯୋଡ଼ିକ ଗୋଟିଏ ହାତରେ ଧରିଲା । ତାପରେ ଚାଉଳକୁ ତଳେ ବୁଡ଼ାଇ ଗାଉଁ ଗାଉଁ କରି ଆପେ ଖାଇବାରେ ଲାଗିଲା ।

ତାହା ଦେଖି ଗୋପବନ୍ଧୁଙ୍କ ପ୍ରାଣ ଫାଟିଗଲା । ସେ ଚୂଡ଼ା ବସ୍ତାରେ ହାତ ପୂରାଇ ତାକୁ 'ରହ ରହ' ବୋଲି କହୁ କହୁ ଭୋ-ଭୋ କାନ୍ଦିଲେ । "ଚୂଡ଼ା ଦେଉଛି, ଖାଅ; ଚାଉଳ କାହିଁକି ଖାଉଛ ? ପିଲାକୁ ଦିଅ, ତା ହାତ ଧରନା ମା ।" - ଏହା କହୁଥାଆନ୍ତି, ଚୂଡ଼ା ଦେଉଥାଆନ୍ତି, କାନ୍ଦୁଥାଆନ୍ତି ।



Digitized by PPRACHIN, SOA

ନାଆ ଚାଲୁଥାଏ । କେଉଁଠାରେ ଲୋକେ ଗଛ ଉପରୁ ମାଗୁଥାଆନ୍ତି । ନାଆ ପାଖେ ପାଖେ କେତେ ହଇଜା ମୁର୍ଦ୍ଦାର ଭାସି ଯାଉଥାଆନ୍ତି ।

ନାଆରେ ଖାଇବାପାଇଁ ଲେନ୍ତାଏ ଶୁଖିଲା ରୁଟି, ସେରେ ଖଣ୍ଡେ ଚିନି ଓ ପିଇବାପାଇଁ ସୁରେଇଏ ମାତ୍ର ପାଣି ଗୋପବନ୍ଧୁଙ୍କ ସାଙ୍ଗରେ ଥିଲା । ତା ଛଡ଼ା ବାଣ୍ଟିବାପାଇଁ ଚାଉଳ, ଚୂଡ଼ା, ଲୁଣ ଓ ତେନ୍ତୁଳି ଥାଏ । ଦୁଇଦିନ ବାଦ୍ ସୁରେଇରୁ ପାଣି ସରିଗଲା । ପିଲାଏ କହିଲେ, "ଆଉ ପିଇବା କ'ଣ ? ବଢ଼ିପାଣି ପିଇଲେ ହଇଜା ହେବ ।"

ଗୋପବନ୍ଧୁ ଦେଖିଲେ, ଆଉ ଉପାୟ ନାହିଁ । ଏତେ ଲୋକ ଦୁର୍ଗତିରେ ମରୁଛନ୍ତି । ଚୂଡ଼ା, ଚାଉଳତକ ନ ବାଣ୍ଟି ଫେରିବେ କିପରି ? ଟିକିଏ ବିଚାରିଲେ; ନାଆ ପାଖେ ବଢ଼ି ପାଣିରେ ଗିଲାସଟି ବୁଡ଼ାଇଦେଲେ । ଗିଲାସେ ପାଣି ଆଣି କହିଲେ, "ମା ମହାନଦୀ, ତୋ ଇଚ୍ଛା ।" ଏହା କହି ଆଁ କରି ଗିଲସକ ପାଣି ଉଚ୍ଚରୁ ମୁହଁରେ ଢାଳି ଢକ୍‌ଢକ୍ କରି ପିଇଦେଲେ । ଏହାପରେ ଆଉ ନଅ ଦିନ କାଳ ଗୋପବନ୍ଧୁ ପିଲାଙ୍କୁ ଘେନି ଶୁଖିଲା ରୁଟି ଚିନି ଖାଇ, ବଢ଼ିପାଣି ପିଇ, ଚୂଡ଼ା ଚାଉଳ ବାଣ୍ଟି ବୁଲିଥିଲେ । କିନ୍ତୁ ଭାଗ୍ୟକୁ କାହାରିକି ହଇଜା ହୋଇ ନ ଥିଲା ।

–◻–

# ଗଞ୍ଜାମର କର୍ମୀ ପୁରୁଷ ବଳରାମ ମହାରଣା

ଇଂରେଜ ଶାସନ ମୂଳରୁ ଓଡ଼ିଶାର ଦକ୍ଷିଣ ଅଂଶ ଅର୍ଥାତ୍ ଗଞ୍ଜାମ ଜୟପୁର ଟଂକ ଓଡ଼ିଶାରେ ନ ଥିଲା । ଏହା ଥିଲା ମାନ୍ଦ୍ରାଜ ପ୍ରଦେଶରେ । ଏ ଅଞ୍ଚଳର ଇସ୍କୁଲ, କଚେରୀରେ ସେଇ କାଳରୁ ଓଡ଼ିଆ ଭାଷା ଚଳିବା ବନ୍ଦ ହୋଇ ଯାଇଥିଲା । ତେଲଗୁ ତାମିଲ ପ୍ରଭୃତି ଭାଷାମାନ ଏ ଅଞ୍ଚଳରେ ସମସ୍ତ ଶିକ୍ଷା ଓ ରାଜକାର୍ଯ୍ୟରେ



Digitized by PPRACHIN, SOA

ଥାନ ମାଡ଼ି ବସିଥିଲେ । ଓଡ଼ିଆଙ୍କର ବଡ଼ ଅସୁବିଧା ହେଉଥିଲା । ଓଡ଼ିଆଙ୍କ କଥା ସରକାରଙ୍କ ଉପର ମହଲରେ କେହି ଜଣାଇ ପାରୁ ନ ଥିଲେ । ଜଣାଇବା ଭଳି ଓଡ଼ିଆ ମଧ୍ୟ ସେ ଅଞ୍ଚଳରେ ବେଶୀ ନଥିଲେ । ତଥାପି ସେହି ଗଞ୍ଜାମ ଅଞ୍ଚଳର ଲୋକେ ପ୍ରାଣପଣେ ଲାଗି, ପୁଣି ସେ ଅଞ୍ଚଳକୁ ଓଡ଼ିଶାରେ ମିଶାଇବା ଯାଏଁ ଲଢ଼ିଲେ । ଏବେ ଓଡ଼ିଆମାନେ ବାସ କରୁଥିବା ଅଳ୍ପ କେତେକ ଭୂମି ଛାଡ଼ି, ବାକୀ ସେସବୁ ଅଞ୍ଚଳ ଓଡ଼ିଶାକୁ ଆସି ଯାଇଛି । ଏହି ଅଞ୍ଚଳ ଓଡ଼ିଶାକୁ ଆଣିବା ପାଇଁ ଓ ସେହି ଭୂମିରେ ଓଡ଼ିଆର ଭାଷା ଓ ସାହିତ୍ୟ ରଖିବା ପାଇଁ ଯେଉଁମାନେ ଅତି ସଂକଟ ସମୟରେ ଲାଗିଥିଲେ, ସେହିମାନଙ୍କ ମଧ୍ୟରେ ବଳରାମ ମହାରଣା ଜଣେ ପ୍ରଧାନ ପୁରୁଷ ।

ଏହାଙ୍କର ମୃତ୍ୟୁ ୩୦ ବର୍ଷରୁ ବଳିଗଲାଣି । ଏହାଙ୍କର ପାଠପଢ଼ା ବେଶୀ କିଛି ନ ଥିଲା । ସେ ତେଲୁଗୁ, ଓଡ଼ିଆ ଜାଣିଥିଲେ ଓ ଇଂରାଜୀ ଅତି ସାମାନ୍ୟ ଦେଖିଥିଲେ । ଏ ଶିକ୍ଷା ବିଭାଗର ଜଣେ ସାମାନ୍ୟ ପରିଦର୍ଶକ ପଣ୍ଡିତ ଥିଲେ, ଅଥଚ ଏ ଜଣେ ବଡ଼ ଟାଣୁଆ ଲୋକ ଥିଲେ ଓ ଖୁବ୍ କୌତୁକ କରି ହସାଇପାରୁଥିଲେ । ପୁଣି ସର୍ବୋପରି ଦେଶ କିପରି ଓଡ଼ିଆ ହେବ, ଏ ଭାବ ଏହାଙ୍କ ପ୍ରାଣରେ ସର୍ବଦା ଦାଉ ଦାଉ ହୋଇ ଜଳୁଥିଲା । ଦେଶ ଲୋକଙ୍କର ଅସୁବିଧା ଏହାଙ୍କ ପ୍ରାଣକୁ ବାଧୁଥିଲା ।

ସେକାଳେ ଲାଟ ସାହେବଙ୍କ କଥା ଦୂରେ ଥାଉ, ଉପର ହାକିମମାନଙ୍କୁ ମଧ୍ୟ ସେଠା ଲୋକଙ୍କ ଦୁର୍ଗତି କଥା କହିବାକୁ କେହି ସାହସ କରୁନଥିଲେ । ବଡ଼ ପାଠପଢୁଆ ଓଡ଼ିଆ ଜଣେ ଅଧେ ଥିଲେ ମଧ୍ୟ ସେଠା ଲୋକଙ୍କ ଦୁର୍ଗତି କଥା କହିବାକୁ କେହି ସାହସ କରୁନଥିଲେ । ମହାରଣା କେତେ ଲୋକଙ୍କୁ କେତେ କହନ୍ତି, ତାଙ୍କ ଆଗେ କାନ୍ଦନ୍ତି, କିଛି ଫଳ ହୁଏ ନାହିଁ ।

ଥରେ ମାନ୍ଦ୍ରାଜ ଲାଟସାହେବ ଗଞ୍ଜାମ ଦେଖି ଆସିବାର କଥା ହେଲା । ସେ ଘୋଡ଼ାଗାଡ଼ିରେ ବ୍ରହ୍ମପୁରରୁ ରସଲକୁଣ୍ଡା ଯିବାର ଠିକ୍ ହୋଇଥାଏ । ମହାରଣାଙ୍କର



Digitized by PPRACHIN, SOA

ବଡ଼ ଇଚ୍ଛା, ସେ ଗଞ୍ଜାମରେ ଆସି ଓଡ଼ିଆଙ୍କର ଅସୁବିଧା ଓ ଦୁର୍ଗତି କଥା ଶୁଣନ୍ତେ । କିନ୍ତୁ କି ଉପାୟ !

ମାତ୍ର ବଳରାମ ନିଶ୍ଚେ ଲାଟସାହେବଙ୍କୁ ଜଣାଇବେ । ସେଥିରେ ଯାହା ଫଳ ହେଉ ସେ ସହିବେ । ସେ ଗୋଟିଏ ଦରଖାସ୍ତ ଲେଖାଇ କେତେଗୁଡ଼ିଏ ନକଲ କରାଇ ଧରି, ବଡ଼ିସକାଳୁ ବାଟରେ ସଡ଼କ ଉପରକୁ ଛାଇ କରିଥିବା ଗୋଟିଏ ଗହଳିଆ ବରଗଛରେ ଲୁଚିକରି ବସିଲେ । ପରେ ପୁଲିସ ଆସି ବାଟ ଜଗିଲେ । କେହି ତାଙ୍କୁ ଦେଖି ନ ଥାଆନ୍ତି । ଲାଟ ସାହେବଙ୍କ ଘୋଡ଼ାଗାଡ଼ି ଦୂରରେ ସଡ଼କରେ ଦେଖା ଗଲାରୁ ବଳରାମ ତଳ ଡାଳକୁ ଖସି ଆସିଲେ । ଲାଟ ସାହେବଙ୍କ ଗାଡ଼ି କିଛି ଦୂରରେ ଥାଉ ଥାଉ ଦରଖାସ୍ତଗୁଡ଼ିକ ଗୋଟି ଗୋଟି କରି ସଡ଼କ ଉପରକୁ ବୁଣି ପକାଇ ଦେଲେ ଓ ଆପେ ହଠାତ୍ ଡେଇଁପଡ଼ି ଗାଡ଼ି ଆଗରେ ଦରଖାସ୍ତ ଧରି ଠିଆ ହୋଇଗଲେ । ଗାଡ଼ି ରହିଗଲା, ପୁଲିସ ଟିକିଏ ବ୍ୟସ୍ତ ହୋଇଗଲେ ।

ଲାଟସାହେବ ଆଶ୍ଚର୍ଯ୍ୟ ହୋଇ ଦରଖାସ୍ତଟି ନେଲେ । ସଙ୍ଗେ ସଙ୍ଗେ ବଳରାମ ଭଙ୍ଗା ଇଂରାଜୀରେ ସଡ଼କରେ ଥିବା ମାଇଲ ପଥରରେ ତେଲଗୁ ଲେଖା ଥିବା ଦେଖାଇ ଦେଇ କହିଲେ, "ଏ ଓଡ଼ିଆ ରାଜ୍ୟରେ ଲୋକେ ବାଟ ଚାଲୁଛନ୍ତି, ମାଇଲ ମଧ୍ୟ ଜାଣିପାରୁ ନାହାନ୍ତି ।" ଏଇପରି ଆଉ କେତେକଥା ସେ ତରତରରେ କହିଗଲେ । ଲାଟ ସାହେବ ଶୁଣି କଥାଟା ଧରି ନେଲେ । ସେଇଦିନ ଠାରୁ ଇଂରେଜ ଯୁଗରେ ଗଞ୍ଜାମ ଅଞ୍ଚଳରେ ଓଡ଼ିଆର ମୂଳଦୁଆ ପଡ଼ିଲା କହିଲେ ଚଳେ ।

— ◘ —



Digitized by PPRACHIN, SOA

ଶିକ୍ଷାମୂଳକ କାହାଣୀ :

# ଈଶ୍ୱର ମଙ୍ଗଳ କରନ୍ତି

ଏବର ଉଜ୍ଜୟିନୀରେ ସେ କାଳର ଅବନ୍ତୀ ରାଜ୍ୟ ଥିଲା । ସେଠାରେ ଜଣେ ରାଜା ଥିଲେ ଜୟକେତୁ । ତାଙ୍କର ମନ୍ତ୍ରୀ ଶିବଶର୍ମା । ମନ୍ତ୍ରୀ ସବୁବେଳେ ସବୁ କଥାରେ କହନ୍ତି- ଈଶ୍ୱର ଯାହା କରନ୍ତି ମଙ୍ଗଳ ପାଇଁ । ରାଜାଙ୍କୁ ସେକଥା ଅପସନ୍ଦ ଲାଗେ ।

ଦିନେ ଧନୁରେ ଗୁଣ ଚଢ଼ାଉ ଚଢ଼ାଉ ଗୁଣଟି ଛିଡ଼ିଯାଇ ରାଜାଙ୍କ ବାଁ ହାତ କାଣି ଆଙ୍ଗୁଠିରୁ ଖଣ୍ଡେ କାଟି ହୋଇଗଲା । ରାଜା ଦୁଃଖ କରି ମନ୍ତ୍ରୀଙ୍କୁ କହିଲାରୁ ମନ୍ତ୍ରୀ କହିଲେ, "ଈଶ୍ୱର ଯାହା କରନ୍ତି ମଙ୍ଗଳ ପାଇଁ ।" ଏ କଥାଟା ରାଜାଙ୍କୁ ସୁଖ ଲାଗିଲା ନାହିଁ ।

ଆଉ ଦିନେ ରାଜା ପାରିଧିକ ବାହାରିଲେ । ସାଙ୍ଗରେ ମନ୍ତ୍ରୀ ଗଲେ । ଆଉ ସୈନ୍ୟସାମନ୍ତମାନେ ବି ଗଲେ । ସମସ୍ତେ ବଣରେ ପାରିଧି କରୁ କରୁ ବେଳ ଗଡ଼ିଗଲା । ମେଘ ଉଠାଇ ଆସିଲା । ଭାରି ବର୍ଷା ବତାସ ହେଲା । ମୁହଁକୁ ମୁହଁ ଦିଶିଲା ନାହିଁ । ବତାସରେ ଡାଳସବୁ ଭାଙ୍ଗିପଡ଼ିଲା । ରାଜାମନ୍ତ୍ରୀ ଦୁହେଁ ଏକୁଟିଆ ହୋଇଗଲେ । ସୈନ୍ୟସାମନ୍ତ ସାଥୀମାନେ କୁଆଡ଼େ ଅଛନ୍ତି, କିଛି ଜାଣିପାରିଲେ ନାହିଁ । ରାଜା ବଡ଼ ରୁଷ୍ଟ ହୋଇ ମନ୍ତ୍ରୀଙ୍କି କହିଲାରୁ ମନ୍ତ୍ରୀ କହିଲେ, "ଈଶ୍ୱର ଯାହା କରନ୍ତି ମଙ୍ଗଳ ପାଇଁ ।"

ରାଜାଙ୍କ ଦେହ ଚିଡ଼ୁଥିଲା । ସେଥିରେ ଏକଥା ନିଆଁରେ ଟିଆଁ ମାଡ଼ିଲା ପରି ଲାଗିଲା । ବରଷା ଟିକିଏ ଛାଡି ଆସିଲା । ରାଜା ମନ୍ତ୍ରୀ ଦୁହେଁ ବାଟ ଖୋଜି ଖୋଜି ଗୋଟିଏ ଆଡ଼େ ଯାଉ ଯାଉ ଅଗନାଅଗନି ବଣ ଭିତରକୁ ବାହାରିଗଲେ । ଏଣେ



Digitized by PPRACHIN, SOA

ଅନ୍ଧାର ହୋଇ ଆସିଲା । ରାଜାଙ୍କୁ ଭାରି ଛଟପଟ ଲାଗିଲା । ସେ ବ୍ୟାକୁଳ ହୋଇ ମନ୍ତ୍ରୀଙ୍କି କହିଲେ, "କଅଣ କରିବା, କୁଆଡ଼େ ଯିବା ?" ମନ୍ତ୍ରୀ ପୁଣି କହିଲେ, "କିଛି ଚିନ୍ତା ନାହିଁ, ଈଶ୍ୱର ଯାହା କରନ୍ତି ମଙ୍ଗଳ ପାଇଁ ।"

ରାଜା ଆଉ ଏଥର ସମ୍ଭାଳି ପାରିଲେନାହିଁ । ବାଟରେ ଯାଉ ଯାଉ ସେ ଲଣ୍ଡା କୂଅ ପରି ଗୋଟାଏ ବଡ଼ ଗହୀରିଆ ଗାତ ଦେଖିଲେ । ମନ୍ତ୍ରୀଙ୍କି ସେହି ଗାତ ଭିତରକୁ ପେଲିଦେଲେ, ଆପେ ଆଉ ଖଣ୍ଡେ ଦୂର ଯାଇ ଗୋଟାଏ ଗଛମୂଳେ ଥକା ହୋଇ ବସିପଡ଼ିଲେ । ବସୁ ବସୁ ତାଙ୍କୁ ନିଦ ଲାଗିଗଲା ।

କିଏ ଆସି ରାଜାଙ୍କୁ ଧରି ଝିଙ୍କିଲା । ରାଜାଙ୍କ ନିଦ ଭାଙ୍ଗିଗଲା । ରାଜା ଦେଖିଲେ, ଗୁଡ଼ାଏ ବଣୁଆ ଲୋକ ତାଙ୍କୁ ଧରି ନେଇ ଯାଉଛନ୍ତି । ରାଜା ଶୁଣିଲେ, ସେ ଲୋକେ କଥାବାର୍ତ୍ତା ହେଉଛନ୍ତି- ଦେବୀଙ୍କଠାରେ ବଳି ଦେବାକୁ ତାଙ୍କର ଗୋଟିଏ ମଣିଷ ଦରକାର ଥିଲା, ସେଇ ମଣିଷଟି ଏବେ ମିଳିଲା ।

ରାଜା ଏହା ଜାଣି ସେହି ଲୋକଙ୍କୁ ବହୁତ ନେହୁରା କରି ବୁଝାଇ କହିଲେ । ସେମାନେ ଶୁଣିଲେ ନାହିଁ, ରାଜାଙ୍କୁ ଧରି ଝିଙ୍କି ନେଲେ । ବାଟ ଭଲ ନ ଦିଶିବାରୁ ସେମାନେ ମଶାଲ ଲଗାଇଲେ ।

ମଶାଲ ଆଲୁଅରେ ଦେଖିଲା ବେଳକୁ ରାଜାଙ୍କ ବାଁ ହାତ କାଣି ଆଙ୍ଗୁଠିଟି ଖଣ୍ଡିଆ । ଦେହରେ ଖଣ୍ଡିଆ ଥିଲେ ଦେବୀଙ୍କଠାରେ ବଳି ଦେବାକୁ ମନା । ବଣୁଆ ଲୋକଙ୍କର ରାଜାଙ୍କଠେଇଁ ଆଉ ଦରକାର କ'ଣ ? ସେମାନେ ରାଜାଙ୍କୁ ଛାଡ଼ିଦେଇ ଚାଲିଗଲେ ।

ରାଜା ଠାଏ ବସି ପଡ଼ିଲେ । କେତେ ବେଳ ପରେ ସକାଳ ହୋଇ ଆସିଲା । ଦୂରରେ ଘୋଡ଼ା ହାତୀ ସୈନ୍ୟସାମନ୍ତଙ୍କ ଶବ୍ଦ ଶୁଣାଗଲା । ସମସ୍ତେ ଆସି ରାଜାଙ୍କୁ ଭେଟିଲେ । ରାଜା ଖବର ପଚାରିଲେ । ସୈନ୍ୟସାମନ୍ତମାନେ କହିଲେ, "ସବୁ ଭଲ । ମହାରାଜ ! କାଲି କୋଶଳରାଜା ସୈନ୍ୟସାମନ୍ତ ଧରି ଆମ ଦେଶ ଜିଣିବାକୁ ଆସି ଅବନ୍ତୀ ଘେରିଥିଲେ । ରାତିରେ ଭାରି ବରଷା ହେଲା । ବତାସ



Digitized by PPRACHIN, SOA

ପିଟିଲା । ସେମାନେ ଅସ୍ତବ୍ୟସ୍ତ ହୋଇ ସେଇ ରାତି-ରାତି ଅବନ୍ତୀ ଛାଡ଼ି ପଳେଇଲେ । ସେଠାରୁ ଆମେ ମହାରାଜାଙ୍କୁ ଖୋଜିବାକୁ ଆସିଲୁ । ବାଟରେ ସୈନ୍ୟସାମନ୍ତଙ୍କୁ ଦେଖିଲୁଁ । ମହାରାଜ ଏବେ ନଅରକୁ ଚାଲନ୍ତୁ ।"

ମହାରାଜା ନଅରକୁ ଯିବେ କଅଣ ? ମନ୍ତ୍ରୀଙ୍କ କଥା ତାଙ୍କର ମନେପଡ଼ିଲା । କାନ୍ଦ କାନ୍ଦ ହୋଇ ରାଜା ପଚାରିଲେ, "ଶିବଶର୍ମା କାହାନ୍ତି ? ମୁଁ ଚଣ୍ଡାଳ କାଲି ରାତିରେ ତାଙ୍କୁ କୂଅକୁ ପେଲି - ଦେଇଛି ।"

ଏହା କହୁ କହୁ ମନ୍ତ୍ରୀ ଆସି ପହଞ୍ଚିଗଲେ । ରାଜା ମନ୍ତ୍ରୀଙ୍କି ଦେଖି କାନ୍ଦି କାନ୍ଦି କୁଣ୍ଢାଇ ପକାଇଲେ । ସେ କହିଲେ, "ଶିବଶର୍ମା ! ମୁଁ ଅବୋଧ, ମୋ ଦୋଷ ଘେନିବ ନାହିଁ ।"

ମନ୍ତ୍ରୀ କହିଲେ, "ଈଶ୍ୱର ଯାହା କରନ୍ତି ସବୁ ମଙ୍ଗଳ ପାଇଁ । ମହାରାଜ ମୋତେ କୂଅକୁ ପେଲି ନ ଦେଇଥିଲେ ମୁଁ ଏତେ ବେଳକୁ ବଳି ପଡ଼ି ଥାଆନ୍ତି ।"

–□–

# ଯୋଡ଼ିଏ ଅମୃତଭଣ୍ଡାକୁ କୋଡ଼ିଏ ଟଙ୍କା

ବାଲେଶ୍ୱର ସହର ପାଖେ ଗୋଟିଏ ଗାଁରେ ବୁଢ଼ୀଟିଏ ଥାଏ । ବୁଢ଼ିଟି ଭାରି ଗରିବ । ତା'ର ଗୋଟିଏ ସାନଝିଅ ଛଡ଼ା ଆଉ କେହି ନ ଥାଏ । ସେ ଦୁଃଖ କରି ଆପେ ଚଳେ, ଝିଅଟିକୁ ଚଳାଏ ।

ବୁଢ଼ୀ ଅଗଣାରେ ଗୁଡ଼ିଏ ଅମୃତଭଣ୍ଡା ଗଛ ଲଗାଇଥାଏ । ସେହି ଗଛରେ ଅମୃତଭଣ୍ଡା ଫଳିଲେ ବୁଢ଼ୀ ତାକୁ ବଜାରରେ ବିକି ସେଥିରେ ଘର ଚଳାଏ ।

ଦିନେ ସକାଳେ ବୁଢ଼ୀ ଗଛଯାକ ଦେଖି ଦେଖି ଯୋଡ଼ିଏ ଅମୃତଭଣ୍ଡା ତୋଳି ତାକୁ ବିକିବା ପାଇଁ ବାଲେଶ୍ୱର ବଜାରକୁ ଗଲା । ବଜାର ଉପରେ ଥାନା ଘର ।



Digitized by PPRACHIN, SOA

ଥାନାରେ ଜଣେ ପୁଲିସବାବୁ, ଆଉ କେତେଗୁଡ଼ିଏ କନେଷ୍ଟବଲ ବା ସିପେଇ ଥାନ୍ତି ।

ପୁଲିସ୍‌ବାବୁ ବୁଢ଼ୀକି ଦେଖି ଡାକିଲେ । ବୁଢ଼ୀ ଆସିଲାରୁ ତା ଅମୃତଭଣ୍ଡା ଯୋଡ଼ିକ ଭିତରୁ ଗୋଟିଏ ବାଛି କରି ଧରିଲେ । ସେ ବୁଢ଼ୀକୁ କହିଲେ, "ଯାଅ ।" ବୁଢ଼ୀ ପଇସା ମାଗିଲାରୁ ବାବୁ ଧମକାଇ ଦେଲେ । ସେ କହିଲେ, "ଯାଅ, ଯାଅ । ଅମୃତଭଣ୍ଡାଟାଏ ତ ବାଡ଼ିରେ ଫଳିଥିଲା । ତା ଫେରେ ଲୋକେ ପଇସା ଦେଇ କିଣିବେ ?"

ଗାଁମାନଙ୍କରେ ପୁଲିସବାବୁଙ୍କୁ ନ ଡରେ କିଏ ? ବୁଢ଼ୀ ବିଚାରୀ କରେ କଅଣ ? ଘରେ ଚାଉଳ ନାହିଁ । ଝିଅଟି କଥା ତା'ର ମନେ ପଡ଼ିଲା । ସେ କାନ୍ଦ-କାନ୍ଦ ହୋଇ ଠିଆ ହେଲା । ବାବୁ ପୁଣି ରାଗିଯାଇ କହିଲେ, "ଆଚ୍ଛା, ଯା, ଆର ଅମୃତଭଣ୍ଡାଟି ଯେତେ ଦାମରେ ବିକିବୁ, ମୋଠୁ ଆସି ସେତିକି ନେଇଯିବୁ ।"

ବୁଢ଼ୀ ନିରାଶ ହୋଇ ବାହାରିଗଲା । ଆଖିରୁ ଲୁହ ବହିଯାଉଥାଏ । ବୁଢ଼ୀ ସଡ଼କେ ସଡ଼କେ ବଜାର ଆର ମୁଣ୍ଡକୁ ଚାଲିବାକୁ ଲାଗିଲା ।

ଇଜର୍‌ଟନ୍ ବୋଲି ଜଣେ ସାହେବ ସେତେବେଳେ ବାଲେଶ୍ୱରରେ ଜିଲ୍ଲା ମେଜେଷ୍ଟର ଥାଆନ୍ତି । ସେ ଭାରି ଭଲ ଲୋକ । ଗରିବଗୁରୁବାଙ୍କ କଥା ଖୁବ୍ ବୁଝନ୍ତି । ସେ ଘୋଡ଼ାରେ ବସି ବେଳେ ବେଳେ ବୁଲି ଆସନ୍ତି । ସେଦିନ ଦୈବକୁ ସେ ସେହି ସଡ଼କରେ ଆସୁଥିଲେ । ବୁଢ଼ୀଟି ତାଙ୍କ ଆଖିରେ ପଡ଼ିଲା ।

ସାହେବ ଘୋଡ଼ାରୁ ଓହ୍ଲାଇ ପଡ଼ିଲେ । ସେ ଓଡ଼ିଆ ଭାଷା ଭଲ ଜାଣିଥିଲେ । ପଚାରିଲେ, "ବୁଢ଼ୀ, ତୁ କାନ୍ଦୁଛୁ କାହିଁକି ?" ବୁଢ଼ୀ ଡରି ଯାଉଥିଲା । ମାତ୍ର ସାହେବଙ୍କଠାରୁ ଆଶ୍ୱାସନା ପାଇ କଇଁ କଇଁ ହୋଇ କାନ୍ଦି ସକଳ କଥା କହିଲା ।

ସାହେବ କହିଲେ, "ଆଚ୍ଛା, ହେଉ, ତୁ ମୋତେ ଅମୃତଭଣ୍ଡାଟି ବିକ୍ । ଏଇ ନେ ତୋ ଅମୃତଭଣ୍ଡାର ଦାମ୍ ।" ଏହା କହି ପକେଟ୍‌ରୁ ଖଣ୍ଡେ ଦଶଟଙ୍କିଆ ନୋଟ



Digitized by PPRACHIN, SOA

କାଢ଼ି ବୁଢ଼ୀ ହାତକୁ ବଢ଼ାଇଦେଲେ । ବୁଢ଼ୀ ଏହା ଦେଖି ଅବାକ୍ ହୋଇଗଲା । ତାକୁ ବି ଟିକିଏ ଡର ମାଡ଼ିଲା । ସେ କିଛି ବୁଝିପାରିଲା ନାହିଁ ।

ସାହେବ ସେଠାରୁ କହିଲେ, "ଯାଅ, ପୁଲିସ ବାବୁଙ୍କୁ କହିବୁ, ତୁ ଆଉ ଅମୃତଭଣ୍ଡାଟି ବିକି ଏଇ ଦଶଟଙ୍କା ପାଇଲୁ । ତେଣୁ ସେ ଯେଉଁ ଅମୃତଭଣ୍ଡାଟି ନେଇଥିଲେ ତା'ର ଦାମ୍ ଦଶ ଟଙ୍କା ଦେବେ ।"

ବୁଢ଼ୀ ଏହା ଶୁଣି ଥାନା ଆଡ଼କୁ ଲେଉଟିଲା । ବଜାରକୁ ସାହେବ ଆସିଥିବା କଥା ପୁଲିସ୍ ବାବୁ ସେତେବେଳକୁ ଶୁଣିଗଲେଣି । ବୁଢ଼ୀ ଯାଇ ତାଙ୍କୁ ଅମୃତଭଣ୍ଡାର ଦାମ୍ ମାଗିଲା । ସେ ଏବେ ଆଉ କରନ୍ତି କଅଣ । ବାଧ ହୋଇ ସେ ବୁଢ଼ୀଇ ହାତକୁ ଦଶଟି ଟଙ୍କା ବଢ଼ାଇଦେଲେ ।

ବୁଢ଼ୀ ଯୋଡ଼ିଏ ଅମୃତଭଣ୍ଡାକୁ କୋଡ଼ିଏ ଟଙ୍କା ପାଇ ଆନନ୍ଦରେ ଘରକୁ ଗଲା ।

– □ –

# ସିକନ୍ଦର ଓ ପଣ୍ଡିତ କଥା

ସିକନ୍ଦର ବୋଲି ଜଣେ ଭାରି ବଡ଼ ରଜା ଥିଲେ । ସେ ଶୁଣିଲେ, ଦାଦୋନିସ୍ ବୋଲି ଜଣେ ବଡ଼ ପଣ୍ଡିତ ଅଛନ୍ତି । ସେ କାହାକୁ ଦେଖା ଦିଅନ୍ତି ନାହିଁ । ମଣିଷ ପାଖେ ରହିଲେ ପାପ ଲାଗିବ ବୋଲି ସେ ବଣରେ ଥାଆନ୍ତି । ଲୁଗା ପିନ୍ଧିଲେ ପୋକ ଯୋକ ଲୁଗାରେ ଲାଗି ମରିଯିବେ, ସେଥିପାଇଁ ସେ ଲଙ୍ଗଳା ହୋଇ ରହନ୍ତି ।

ଏହା ଶୁଣି ସିକନ୍ଦରଙ୍କୁ ବଡ଼ କୌତୁକ ଲାଗିଲା । ସେ ପଣ୍ଡିତଙ୍କୁ ଦେଖିବାକୁ ବଣକୁ ଗଲେ ।

ସିକନ୍ଦର ବଡ଼ ରଜା । ତାଙ୍କ ଗହଣରେ କେତେ ସୈନ୍ୟ ସାମନ୍ତ, ହାତୀ



Digitized by PPRACHIN, SOA

ଛଡି, ଘୋଡ଼ାସବୁ ଯାଇଥିଲେ । ସମସ୍ତେ ପଛକୁ ରହିଗଲେ । ସିକନ୍ଦର ଯାଇ ପଣ୍ଡିତଙ୍କ ଆଗେ ଠିଆ ହେଲେ ।

ପଣ୍ଡିତ ଗୋଟିଏ କୁଣ୍ଡ ଭିତରେ ବସି ଥାଆନ୍ତି । ସେ କ'ଣ ବିଚାରୁଥାନ୍ତି କେଜାଣି, ସିକନ୍ଦରଙ୍କୁ ଚାହିଁଲେ ନାହିଁ ।

ଟିକିଏ ଠିଆ ହେଲା ପରେ ସିକନ୍ଦର ପଚାରିଲେ, "ତମେ କିଏ ?"

ଦାଦୋନିସ୍ କହିଲେ "ତମେ କିଏ ?"

ସିକନ୍ଦର କହିଲେ, "ମୁଁ ମହାବୀର ସିକନ୍ଦର ।"

ଦାଦୋନିସ୍ କହିଲେ, "ମୁଁ ପଣ୍ଡିତବର ଦାଦୋନିସ୍ ।"

ପୁଣି ସିକନ୍ଦର ପଚାରିଲେ, "ତୁମେ ଯାହା ମାଗିବ ମୁଁ ଦେବି । ତୁମର କଅଣ ଲୋଡ଼ା, କହ ।"

ଦାଦୋନିସ୍ କହିଲେ, "ଆଉ କ'ଣ ମାଗିବି ? ଟିକିଏ ଆଡ଼େଇ ହୋଇ ଠିଆ ହୁଅ, ମୋ ଉପରେ ଖରାପଡୁ ।"

– ◻ –

# ଦୁଷ୍ଟ ରାଜପୁତ୍ର କଥା

ପୂର୍ବ କାଳରେ କାଶୀ ରାଜ୍ୟରେ ବ୍ରହ୍ମଦତ୍ତ ବୋଲି ଜଣେ ରାଜାଥିଲେ । ସେ ଯେମିତି ପରାକ୍ରମୀ ସେମିତି ଧାର୍ମିକ ଓ ନ୍ୟାୟବାନ୍ ଥିଲେ । ତାଙ୍କ ଭୟରେ ସେ ରାଜ୍ୟକୁ ଶତ୍ରୁ ପଶି ପାରୁ ନ ଥିଲେ । ଆଉ ତାଙ୍କ ସୁଶାସନରେ ପ୍ରଜାମାନେ ବଡ଼ ଶାନ୍ତିରେ ଥିଲେ । ସମସ୍ତେ ରାଜାଙ୍କୁ ଧନ୍ୟ ଧନ୍ୟ କରୁଥିଲେ ।

କିଛିଦିନ ପରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଗଲା । ତା'ର କାରଣ ରାଜାଙ୍କ ପୁଅ । ରାଜାପୁଅ ଭାରି ଦୁଷ୍ଟ ଥିଲେ- କାହା ଘର ପୋଡ଼ି ଦେଉଥିଲେ, କାହା ପୁଅକୁ କୁକୁର ଲଗେଇ ଦେଉଥିଲେ, କାହା ବିଲରୁ ଧାନ କଟେଇ ଘେନି



Digitized by PPRACHIN, SOA

ଆସୁଥିଲେ । ରାଜାଙ୍କ ଗୁଣ ମନେପକାଇ ଲୋକେ ଅନେକ ଦିନ ତାଙ୍କ ପୁଅଙ୍କ ଦୁଷ୍ଟାମି ବରଦାସ୍ତ କଲେ । କିନ୍ତୁ କ୍ରମେ ରଜାପୁଅଙ୍କ ଦାଉ ବଳି ପଡ଼ିବାରୁ ସେମାନେ ସହି ନ ପାରି ମେଳି ବାନ୍ଧିଲେ । ରାଜ୍ୟର ମୁଖିଆ ଲୋକମାନେ ଆସି ରାଜାଙ୍କୁ ଜଣାଇଲେ, "ଆପଣ ଯେବେ ଯୁବରାଜଙ୍କୁ ଆକଟ କରିପାରିବେ କରନ୍ତୁ । ଯଦି ସେ ଆପଣଙ୍କ ବୋଲ ନ ମାନୁଛନ୍ତି ତେବେ ତାଙ୍କୁ ରାଜ୍ୟରୁ ତଡ଼ି ଦିଅନ୍ତୁ । ନହେଲେ ଆମେ ଯାହା କରିବାର କରିବୁ ।"

"ହଉ ଏ କଥା ବୁଝି ଠିକଣା କରିବା" ବୋଲି କହି ରାଜା ଲୋକମାନଙ୍କୁ ବିଦା କଲେ ।

ରଜା କରିବେ କଅଣ ? ପୁଅକୁ ରାଜ୍ୟରେ ରଖିଲେ ପ୍ରଜାମାନେ ମେଳି କରିବେ । ପୁଅକୁ ତଡ଼ିଦେଲେ ରାଣୀ ପୁତ୍ର-ଶୋକ ସମ୍ଭାଳି ପାରିବେ କି ନାହିଁ – ରାଜା ଚିନ୍ତା କରି କରି ଥଳକୂଳ ପାଉ ନ ଥାନ୍ତି । ଏପରି ସମୟରେ ଦିନେ ଜଣେ ସନ୍ନ୍ୟାସୀ ତାଙ୍କ ପାଖରେ ଆସି ପହଞ୍ଚିଲେ । ରଜା ସମୁଦାୟ ହାଲ ସନ୍ନ୍ୟାସୀଙ୍କୁ କହିଲେ । ସନ୍ନ୍ୟାସୀ କହିଲେ, "ବାବା, ମୁଁ ତମ ପୁଅକୁ ସଜାଡ଼ି ଦେବି । ତୁମେ କିଛି ଚିନ୍ତା କରନାହିଁ ।"

ସେହି ଦିନଠାରୁ ସନ୍ନ୍ୟାସୀ ରାଜାପୁଅଙ୍କର ସାଥି ହେଲେ । ରଜାପୁଅ ଯେତେ ଅନ୍ୟାୟ କରୁଥାଆନ୍ତି ସନ୍ନ୍ୟାସୀ ସେ ସବୁରେ ଟିକିଏ ହେଲେ ଉଁ ଚୁଁ କରୁ ନଥାନ୍ତି । ଏହା ଦେଖି ରଜାପୁଅ ସନ୍ନ୍ୟାସୀଙ୍କୁ ସୁଖ ପାଇଲେ । ସବୁବେଳେ ସନ୍ନ୍ୟାସୀଙ୍କୁ ପାଖରେ ରଖିଲେ ।

ଦିନେ ଦୁହେଁଯାକ ବୁଲି ଯାଇଛନ୍ତି, ସନ୍ନ୍ୟାସୀ ଦେଖିଲେ- ବାଟ ପାଖରେ ଗୋଟିଏ ମଞ୍ଜିରୁ ଗଜାଟିଏ ବାହାରି ଯୋଡ଼ିଏ ପତ୍ର ମେଲିଛି । ସନ୍ନ୍ୟାସୀ ରାଜପୁତ୍ରଙ୍କୁ କହିଲେ, "ଯୁବରାଜ ! ଏ ପତ୍ର ଗୋଟିଏ ଚାଖିଲ ?"

ରଜାପୁଅ ସେଥିରୁ ଗୋଟିଏ ଟିକିପତ୍ର ଆଣି ପାଟିରେ ଲଗାଇଲେ । ସେହିକ୍ଷଣି ଥୁ ଥୁ କରି ପତ୍ରଟି ଫୋପାଡ଼ି ଦେଇ ସେ ଚାରା ମଞ୍ଜି ସୁଦ୍ଧା ଉପାଡ଼ି



Digitized by PPRACHIN, SOA

ହାତରେ ମଳିଦେଇ ଫୋପାଡ଼ି ଦେଲେ ।

ସନ୍ନ୍ୟାସୀ ପଚାରିଲେ, "ଏପରି କାହିଁକି କଲ ?" ରାଜପୁତ୍ର କହିଲେ, "ଚାଖିକରି ଦେଖିଲି ଏ ପତ୍ର ଭାରି ପିତା । ପିତା ଗଛଟାଏ ସଡ଼କର ପାଖରେ ରହିବ କାହିଁକି ? ଏ ଗଛର ପତ୍ର ଗାଈ କି ଛେଳି ଯାହା ପାଟିରେ ଲାଗିବ, ତାକୁ ବାନ୍ତି ମାଡ଼ିବ । ଏପରି ଗଛକୁ ପିଲାଦିନୁ ମୂଳରୁ ଦଳି ଦେବା ଭଲ ।"

ସନ୍ନ୍ୟାସୀ କହିଲେ, "ରାଜପୁତ୍ର, ଆଜି ତୁମେ ପିତା ଗଛର ଚାରାଟି ଦେଖି ଯାହା ବିଚାରିଲ, ତମକୁ ଦେଖି ତୁମ ପ୍ରଜା ସେଇ କଥା ବିଚାରୁଛନ୍ତି । ଲୋକେ କହୁଛନ୍ତି ଯୁବରାଜ ତ ଆଜିଠାରୁ ଏପରି ଦୁଷ୍ଟ ହେଲେଣି, ବଡ଼ ହେଲେ ଯାଙ୍କ ଦାଉରେ ରହି ହେବ ନାହିଁ । ସେଥିପାଇଁ ତମକୁ ଏ ରାଜ୍ୟରୁ ତଡ଼ିଦେବା ପାଇଁ ସେମାନେ କଟାଳ କରି ବସିଛନ୍ତି ।"

ରାଜପୁତ୍ର କଥାଟି ବୁଝି ପାରିଲେ । ତାଙ୍କ ମୁହଁ ତଳକୁ ହୋଇଗଲା । ସେ କହିଲେ, "ମୁଁ ଆଜିଠାରୁ ଭଲ ହେବାକୁ ଚେଷ୍ଟା କରିବି ।"

ସେହିଦିନୁ କ୍ରମେ କ୍ରମେ ରଜାପୁଅଙ୍କ ଦୁଷ୍ଟାମୀ ଛାଡ଼ିଲା । ଲୋକେ ତାଙ୍କ ପ୍ରକୃତି ବଦଳିବାର ଦେଖି ସୁଖ ପାଇଲେ ।

– ◻ –

# ହାକିମ କିପରି ଚୋର ଧରିଲେ

ଦିନେ ରାତିରେ ଗୋଟିଏ ଚଉକିଦାର ଜଣକ ଘରେ ଚୋରି କରିବାକୁ ପଶିଲା । ସେଦିନ ସେ ଲୋକ ଘରକୁ ଜଣେ ବ୍ରାହ୍ମଣ ଆସିଥିଲେ । ଖରାଦିନ, ବ୍ରାହ୍ମଣ ଖାଇସାରି ଅଗଣାରେ ମସିଣା ପକାଇ ଶୋଇଛନ୍ତି । ରାତି ଅଧ ହେଲାଣି ସତ, ମାତ୍ର ବ୍ରାହ୍ମଣଙ୍କୁ ନିଦ ଲାଗିନାହିଁ । ସେ ଖାଲି ଆଖିବୁଜି ପଡ଼ିଛନ୍ତି ।

ବ୍ରାହ୍ମଣ ଚୋର ପଶିବାର ଜାଣିଲେ; ବିଚାରିଲେ, "ମୁଁ ଜାଣୁ ଜାଣୁ ଯା ଘରୁ



Digitized by PPRACHIN, SOA

ଚୋରି ଯିବ । ନା, ମୁଁ ଏ ଚୋରକୁ ଧରିବି; ଡାକ ପକାଇବି । ଯାହା ହେବ, ହେଉ ।"

ଏହା ବିଚାରି, ସେ ଚୋରକୁ ଜକଟମକଟ କରି ଧରି 'ଚୋର' 'ଚୋର' ବୋଲି ପାଟି କଲେ । ଏତିକିବେଳେ ଚୋର ମଧ୍ୟ ସେ ବ୍ରାହ୍ମଣକୁ ସେହିପରି ଆଣ୍ଠରେ ଧରି 'ଚୋର' 'ଚୋର' ବୋଲି ଡାକ ପକାଇଲା ।

ସମସ୍ତେ ଜମା ହୋଇଗଲେ । ମାତ୍ର ଚୋର କିଏ ? ବ୍ରାହ୍ମଣ ନା ଚଉକିଦାର ? ସେକଥା ସବୁରି ସନ୍ଦେହ ହେଲା । ଦୁହେଁ ଧରା ହୋଇ ହାଜତକୁ ଗଲେ । ଚୋର ଧରିବା ତ ଚଉକିଆର କାମ । ଏଣେ ପୁଣି ବ୍ରାହ୍ମଣ କହୁଛି ଚଉକିଆ ଆପେ ଚୋର, ହାକିମ ବିଚାର କରିବେ କଅଣ ? ସାକ୍ଷୀ ନା ଗୁହା, କଅଣ ଅଛି ?

କିନ୍ତୁ କଥାଟା ନ ଧରି ଛାଡ଼ିଦେବାକୁ ହାକିମଙ୍କ ମନ ହେଲା ନାହିଁ । ସେ ଦୁଇ ଆସାମୀଙ୍କୁ ଜେଲରେ ରଖି ମକଦ୍ଦମା ତାରିଖ କରିଦେଲେ ।

ଦୁଇଟିଯାକ ଆସାମୀ ଜେଲରେ ଥାଆନ୍ତି । ଦିନେ ଜେଲ ବାବୁ ତାଙ୍କୁ ଡାକି କହିଲେ, "ଦେଖ, ସେଠାରେ ଗୋଟାଏ ମୁର୍ଦ୍ଦାର କୋକେଇରେ ବନ୍ଧା ହୋଇ ଥୁଆ ହୋଇଛି । ତାକୁ ତୁମେ ଦୁହେଁ ଶ୍ମଶାନକୁ ନେଇଯାଅ ।"

ବିଚରା ଆସାମୀ କଅଣ କରିବେ ? ମୁର୍ଦ୍ଦାରକୁ କାନ୍ଧରେ ଧରି ବାଟେ ବାଟେ ଚାଲିଲେ । ଜେଲ ପୁଲିସମାନେ ଖଣ୍ଡେ ଦୂର ପଛରେ ଓ ଆଗରେ ଯାଉଥାନ୍ତି । ବାଟରେ ବ୍ରାହ୍ମଣଟି କହିଲା, "କି ପାପ କରିଥିଲି । ତୋତେ ଧରିବାକୁ ଯାଇ ମୋର ଏ ଦଶା ଘଟିଲା । ଶବ ଛୁଇଁଲେ, ଟିକିଏ ଗାଧୋଇ ନିତ୍ୟକର୍ମ କରିବାର ବି ସୁବିଧା ନାହିଁ ହଉ, ଯାହା ଭାଗ୍ୟରେ ଅଛି, ଘଟୁଛି ।"

ଚଉକିଆଟି ଖୁସି । ସେ କହିଲା, "ଅଗଣାରେ ତ ଶୋଇଥିଲୁ; ମୋତେ ଧରିବାକୁ ଗଲୁ କାହିଁକି ? କିରେ ଆମେ ପୁଲିସବାଲାଟି । ଆମେ ଯାହାକୁ ଧରିବୁ, ସେ ଚୋର । ଆମେ ଚୋରି କଲେ ଧରିବ କିଏ ? ଏବେ ଦେଖିବୁ, ହାକିମ



Digitized by PPRACHIN, SOA

ମୋତେ ଛାଡ଼ିଦେବେ, ତୋତେ ଚୋର ବୋଲି ଦଣ୍ଡ ଦେବେ । ତୁ ଜେଲ ଖଟିବୁ, ମୁଁ ଖଲାସ ହୋଇ ଆନନ୍ଦରେ ଚାଲିଯିବି ।"

ପୁଲିସମାନେ ବାଟ କଢ଼ାଇ ଶ୍ମଶାନ ବୋଲି ଯେଉଁଠାରୁ ନେଲେ, ଶବଟି ସେହିଠାରେ ଥୁଆ ହେଲା । ସଙ୍ଗେ ସଙ୍ଗେ ସେ ଶବ ନିଜ ମୁହଁରୁ ଲୁଗା କାଢ଼ିଦେଇ ଉଠି ବସିଲା ।

ସେ ତ ମୁର୍ଦ୍ଦାର ନୁହେଁ । ହାକିମ ସାକ୍ଷୀ କରିବା ପାଇଁ ଗୋଟିଏ ଲୋକକୁ ସେହିପରି କରାଇଥିଲେ ।

ତହିଁ ଆରଦିନ ମକଦ୍ଦମା ବିଚାର ହେଲା । ଯେ ମୁର୍ଦ୍ଦାର ହୋଇଥିଲା ସେ ଏବେ ସାକ୍ଷୀ ହୋଇ, ଯାହା କଥାବାର୍ତ୍ତା ଶୁଣିଥିଲା ସବୁ କହିଗଲା । ଚଉକିଆ ଆଉ କହିବ କଅଣ ? ସେ ଚୋର ବୋଲି ସଫା ଜଣା ପଡ଼ିଲା । ହାକିମ ତାକୁ ଦଣ୍ଡ ଦେଲେ । ବ୍ରାହ୍ମଣ ଖଲାସ ହୋଇ ଘରକୁ ଗଲା ।

– ◻ –

# ଦେଓ୍ୱାନ ଓ ରଘୁଆ

ରାଜାଙ୍କ ଦେଓ୍ୱାନଙ୍କ ଦରମା ମାସକୁ ହଜାର ଟଙ୍କା । ତାଙ୍କର ଗୋଟିଏ ଚାକର ଥାଏ, ତା ଦରମା ମାସକୁ ଦଶଟି ଟଙ୍କା । ଦେଓ୍ୱାନ ପାଞ୍ଚଘଣ୍ଟା ଅଫିସରେ ବସି କାମ ବୁଝାସୁଝା କରନ୍ତି; କାଗଜ ପତ୍ରରେ ଦସ୍ତଖତ କରନ୍ତି । ଚାକରଟି ସକାଳୁ ଶୋଇଲା ଯାଏ ସବୁ କାମରେ ଧାଇଁ ଧପଡ଼ କରି ଲାଗିଥାଏ । ଚାକରଟିର ନାମ ରଘୁଆ । ତାକୁ ରାଜା ଭାରି ଦେଖିପାରନ୍ତି; ବିଶ୍ୱାସ ବି କରନ୍ତି ।

ରାଜା ଦିନେ ଖାଇସାରି 'ଚେତା ପହଡ଼'ରେ ଥିଲେ ରଘୁଆ ପାଦ ମଟାଳୁଥିଲା । ରଘୁଆ କହିଲା, "ଛାମୁ, ଦିନ ନାହିଁ, ରାତି ନାହିଁ, ଆମେ



Digitized by PPRACHIN, SOA

ଚାକରମାନେ ସବୁବେଳେ ଖଟୁଛୁ, ଆମ ଦରମା ଦଶଟଙ୍କା । ଦେୱାନ ଆସି କାଗଜରେ ଖାଲି ଦସ୍ତଖତ କରିବେ, ସେ ପାଉଛନ୍ତି ହଜାରେ ଟଙ୍କା । ଏଉଟା କ'ଣ ଛାମୁଙ୍କ ବୁଝାମଣାକୁ ସୁନ୍ଦର ହେଉଛି ?"

ରଜା କହିଲେ, "ହଉ, ସେ କଥା ବୁଝିବା ।"

ରଜାଙ୍କ ରାଜଧାନୀ ନିକଟରେ ମହାନଦୀ । ସେ ନଈରେ ବେପାରୀମାନେ ବଡ଼ ବଡ଼ ନାଆରେ ଦୂରରୁ ଜିନିଷ ଆଣନ୍ତି । ସେସବୁ ଜିନିଷ ବିକି ସେମାନେ ପଇସା ନିଅନ୍ତି କିମ୍ବା ତା ବଦଳରେ ଅନ୍ୟ ଜିନିଷ ନିଅନ୍ତି । ଦିନେ ରଜା ଶୁଣିଲେ, ଏହିପରି ଜଣେ ବେପାରୀ ନାଆରେ ଜିନିଷ ଘେନି ଦୂରରୁ ଆସିଛନ୍ତି । ରଜା ରଘୁଆକୁ ଡାକି କହିଲେ, "ରଘୁଆ, ବୁଝିଆସିଲୁ, ନାଆରେ କିଏ କି ଜିନିଷ ଆଣିଛି, କ'ଅଣ କରିବ ?"

ରଘୁଆ ଏହାଶୁଣି ନଈକୂଳକୁ ଧାଇଁଗଲା, ବୁଝି ଆସି କହିଲା, "ଛାମୁ, ସମ୍ବଲପୁରର ନାଆରେ ମାଲ ଆସିଛି । ବେପାରୀ ଗ୍ରାହକ ପାଇଲେ ବିକିବ ।"

ରାଜା କହିଲେ, "ଆରେ, କି ମାଲ ଆଣିଛି, କିମିତି ବିକିବ ? ବୁଝିଆ ।"

ରଘୁଆ ଫେରିଗଲା, ବୁଝିଆସି କହିଲା, "ସେ ମଠା ଆଣିଛି, ଚାଉଳ ଆଣିଛି । ଦର ପଟିଲେ ବିକିବ ।"

ରଜା କହିଲେ, "ଆରେ କେଉଁଠା ମଠା, କିପରି ମଠା, କିପରି ଦର ? କାଲି ଦେବକି ନାହିଁ ?"

ରଘୁଆ ଫେର୍ ବୁଝି ଆସି କହିଲା, "ସୋନପୁର, ବରପାଲିର ମଠା, ଭଲମନ୍ଦ ସବୁ ରକମ ଅଛି । ଦେଖିଲେ ଦର ହେବ । ସେ କାଲି ଦେବ ନାହିଁ ।"

ରଜା ପୁଣି କହିଲେ, "ଆରେ, ଏଆଡୁ ସେ ବେପାରୀ କି ଜିନିଷ ନେବ ? ମଠା ଆମ କାମକୁ ପାଇବ କି ନାହିଁ ? ଏଠାରେ କିଏ କିଣିବ ? ଚାଉଳ କିପରି ?"



Digitized by PPRACHIN, SOA

ଏହା କହିଲାବେଳକୁ ଦେଓ୍ୱାନ ଆସି ପହଞ୍ଚିଲେ । ରାଜା ତାଙ୍କୁ ଡକାଇ ପଠାଇଥିଲେ । ସେ ଆସିଲାକ୍ଷଣି ରାଜା କହିଲେ, "ଦେଓ୍ୱାନ ସାହେବ, ଶୁଣୁଛ, 'ନାଆରେ ମାଲ ଆସିଛି', ବୁଝି ଆସନ୍ତୁ ତ ।"

ରଘୁଆ ଆଉ ଗଲାନାହିଁ ଦେଓ୍ୱାନ ଗଲେ । ରଘୁଆ ରାଜାଙ୍କ ଗହଣରେ ଅଛି, ଦେଓ୍ୱାନ ଫେରି ଆସିଲେ । ରାଜା ପଚାରିଲେ, "କଅଣ ବୁଝିଲେ ?"

ଦେଓ୍ୱାନ କହିଲେ, "ଏ ଜଣେ ନୂଆଁ ବେପାରୀ । ସୋନପୁରିଆ ବରପାଲିଆ ମଠା ସବୁ ଆଣିଛି । ଭଲ ଶାଢ଼ୀ ଅଛି, ଯୋଡ଼ ଅଛି । ସେସବୁ ନଅରରେ ଦରକାର ହୋଇପାରେ । ପୁରୋହିତଙ୍କୁ ଦେବାଭଳି ଯୋଡ଼ ବି ଅଛି । ଦର ଖୁବ୍ ବେଶୀ ନୁହେଁ । ନୂଆ ବେପାରୀ କି ନା, ସେ ବେଶି ଲାଭ ରଖୁ ନାହିଁ । ସେ ଚାଉଳ ବି ଆଣିଛି । ଚାଉଳ ଅଳ୍ପ; କିନ୍ତୁ ଭଲ ଚାଉଳ । ଏଠା ପ୍ରତି ଖୁବ୍ ଶସ୍ତା ନୁହେଁ । ହେଲେ କ'ଣ ହେବ, ନଅର ଖର୍ଚ୍ଚପାଇଁ ସେ ଚାଉଳ ରଖିବାକୁ ହେବ । ସେଆଡେ ବିକିବା ପାଇଁ ସେ ଲୁଣ ନେବ, ଚନ୍ଦନ କାଠ ନେବ, ସରୁ ସୂତାର ଲୁଗା, ଶାଢ଼ୀ ନେବ, ଭଲ କୋଡ଼ି, କାଙ୍କ, ଦାଆ, କଟୁରି ନେବ; ବାସନ ନେବ, ରୂପା ଅଳଙ୍କାର ନେବ, ଆଉ କେତେ କଅଣ ନେବ ତେବେ ଆମେ ତାକୁ ଦେବା ଭିତରେ, ଏଠା କାରିଗରଙ୍କ କୋଡ଼ି କାଙ୍କ, ଦାଆ, କଟୁରି ଦେବା । କଣ୍ଟିଲୋ ବାସନ ତ ତାରିଫ୍, ବାସନ ଦେବା । ରଣପୁରି ମାଣିଆବନ୍ଧି ଲୁଗାକୁ ବଳି ଆମ ତନ୍ତୀଙ୍କ ଲୁଗା ଦେବା । ଦରକାର ପଡ଼ିଲେ ସେ କିଛି ଟଙ୍କା ବାକୀ ରଖିପାରେ ତେବେ, ମୁଁ ଆଗେ ବୁଝେ, ଆମେ କି କି ଜିନିଷ କେତେ ନେବା, ପୁଣି ଆମ ରାଜ୍ୟରୁ କଅଣ କଅଣ ଦେବା । କାଲି ସବୁ ଠିକ୍ କରିବା ।"

ଦେଓ୍ୱାନ୍ ବିଦାୟ ହେଲେ, ରାଜା ରଘୁଆକୁ ଚାହିଁ କହିଲେ, "ରଘୁଆ ବୁଝିଲୁ, ଦେଓ୍ୱାନ କାହିଁକି ମାସକୁ ହଜାରେ ଟଙ୍କା ନିଅନ୍ତି ?

– ◘ –



Digitized by PPRACHIN, SOA

# ପୋତା ଧନ

ଗୋଟିଏ ଚଷା ଥିଲା । ତା'ର ବହୁତଗୁଡ଼ିଏ ଜମିବାଡ଼ି, ଛଅ ପୁଅ । ପାଠ ପଢ଼ାଇବାକୁ ଗୋଟି ଗୋଟି କରି ପୁଅମାନଙ୍କୁ ସେ ସହରକୁ ପଠାଇଲା । ଆପେ କାଦୁଅ ଚକଟି, ବାହା ପିଟି, ପିଲାଏ ଯାହା ଟଙ୍କା ମାଗୁଥାଆନ୍ତି ତାହା ପଠାଉଥାଏ ।

ପିଲାଏ ତ ସହରକୁ ଆସି ଏକାବେଳକେ ବାବୁ ହୋଇଗଲେ । ତାଙ୍କର ପାଠ ହେଲା ନାହିଁ । ସମସ୍ତେ ଖଣ୍ଡେ ଖଣ୍ଡେ ସାଇକେଲ ଓ ଗୋଟାଏ ଗୋଟାଏ ଟର୍ଚ୍ଚ ଲାଇଟ ଧରି ଗାଆଁକୁ ଆସିଲେ । ଗାଆଁରେ ବି ଖାଲି ଭଲ ପୋଷାକ, ଭଲ ଲୁଗା, ଭଲ ସାବିନି, ବାସନା ତେଲ, ଏଇସବୁ ତାଙ୍କର ଚିନ୍ତା । ଦୋଅଡ଼ କଥା ତ ଛାଡ଼, ଜଳଖିଆରେ ବି ମୁଢ଼ି ଉଖୁଡ଼ା ଆଉ ରୁଚିଲା ନାହିଁ । ରସଗୋଲା, ସନ୍ଦେଶ, ମହନଭୋଗ, ଲୁଚି, ତରକାରୀ ଲୋଡ଼ା ହେଲା । ସବୁବେଳେ ପୁଣି ସହରକୁ ଯିବା ତାଙ୍କର ଦରକାର । ଗାଆଁରେ ସେତେ ମନ ଲାଗିଲା ନାହିଁ । ଆଜି ସିନେମା, କାଲି ସର୍କସ ଦେଖିବା ପାଇଁ ତାଙ୍କର ପଇସା ଲୋଡ଼ା ପଡ଼ିଲା ।

ବାପ ତ ପିଲାଙ୍କୁ ପଢ଼ାଇବାରେ କେତେ କରଜ କରିଥିଲା । ତାକୁ ଶୁଝୁଥାଏ । ଆଉ ଏତେ ଦେବ କାହୁଁ ? ପୁଏ ତା ବୁଝନ୍ତି ନାହିଁ । ବେଳେ ବେଳେ ବାପକୁ ଦି'ପଦ ବତାଇ ବି ଦିଅନ୍ତି । ବାପ କିଛି କହେ ନାହିଁ; ଭାଗ୍ୟକୁ ଆଦରି ତା ବିଲବାଡ଼ି କାମରେ ସେ ଲାଗିଥାଏ । ପୁଏ ବିଲବାଡ଼ିକି ଚାହାନ୍ତି ନାହିଁ । ସବୁବେଳେ ବିଚାରୁଥାନ୍ତି - ବାପା କେତେଧନ କେଉଁଠାରେ ପୋତି ରଖିଛି ।

କେତେ କାଳ ଗଲା ପରେ ଥରେ ବାପକୁ ଭାରି ଜର କଲା ଜର ଆଉ ଭଲ ହେଲା ନାହିଁ । କ୍ରମେ ପୁଅଙ୍କର ଚିନ୍ତା ପଶିଲା । ପୁଏ କିନ୍ତୁ ବିଚାରିଲେ, ବାପ ଯେତେ ଆମଦାନୀ କରନ୍ତି, ସେଥିରେ ସେ ନିଶ୍ଚେ ଟଙ୍କା ପୋତି ରଖିଛନ୍ତି ।

ବଇଦ ଆସୁଥାନ୍ତି । ଶେଷକୁ ବଇଦ ଛାଡ଼ିବା ବେଳ ପଡ଼ିଲା । ବୁଢ଼ା ମନରେ ଭାରି ଦୁଃଖ - ପୁଏ କିଛି ବୁଝିଲେ ନାହିଁ, କଅଣ କରିବେ ? ସେ ପୁଅଙ୍କୁ ଶେଯ ପାଖକୁ ଡାକିଲା; କେତେ କଥା ବୁଝାଇ କହିଲା । ପୁଅଙ୍କୁ ସେସବୁ କିଛି ସୁଖ ଲାଗିଲା ନାହିଁ । ସମସ୍ତେ ମୁହଁ ମୋଡ଼ିଦେଇ ଚାଲିଗଲେ ।



Digitized by PPRACHIN, SOA

ପୁଏ ଖାଲି ବିଚାରୁଥାନ୍ତି – ବାପା ଟଙ୍କା ପୋତି ରଖିବା କଥା କାହିଁକି କହୁ ନାହାନ୍ତି ? ନ କହି ମରିଗଲେ ତ ଆଉ ମିଳିବ ନାହିଁ । କଅଣ କରିବା ?

ଶେଷକୁ ବାପାଙ୍କ ଘଟାନ୍ତର ବେଳ ହୋଇ ଆସିଲା । ପୁଏ ଆଉ ସମ୍ଭାଳିପାରିଲେ ନାହିଁ; ଯାଇ ପଚାରିଲେ, "ବାପା, ଟଙ୍କା ସୁନା ଯାକ ସବୁ କେଉଁଠି ପୋତିଛ ?" ବୁଢ଼ା ବହୁତ କଷ୍ଟରେ କହିଲା, "ସବୁ ରଖିଛି ବିଲରେ ।" ବୁଢ଼ା ଆଉ କିଛି କହିପାରିଲା ନାହିଁ । ଟିକକ ପରେ ତା ପ୍ରାଣ ଛାଡ଼ିଗଲା ।

ପୁଏ ଏବେ କରନ୍ତି କଅଣ ? ବିଲରେ କେଉଁଠି ଟଙ୍କା ପୋତା ହୋଇଛି ତା ଏବେ ପାଇବେ କେମିତି ? ସର୍ବଜାଣ ଡାକି ପଚାରିବେ । ସେ ଯେବେ ଠିକଣା କଥାଟି ନ କହି ଆପେ ରାତିରେ ଖୋଳି ନେଇଯିବ, ତେବେ ଉପାୟ କଅଣ ? ସେକଥା ହେବ ନାହିଁ; କାହାକୁ କହିବା ଠିକ୍ ନୁହେଁ ।

ପୁଏ ବିଚାରିଲେ, "ଆମେ, ଚାଲ, ବିଲଯାକ ଚଷିବା । ଟଙ୍କା ଯେଉଁଠି ଥିବ, ଜଣା ପଡ଼ିଯିବ ।"

ସମସ୍ତେ ମିଳି ବିଲଯାକ ଖୁବ୍ ଗହୀରିଆ କରି ଚାଷ କଲେ । ଟଙ୍କା ତ ମିଳିଲା ନାହିଁ; ସେମାନେ ବିଚାରିଲେ, "ଚାଷ ତ ହେଲାଣି, ଚାଲ ଧାନ ବୁଣିଦେବା ।" ସେ ବର୍ଷ ଭଲ ଚାଷ ପାଇଥିବାରୁ ଭାରି କ୍ଷେତ ହେଲା । ଘର ଖର୍ଚ୍ଚ ଖଜଣା ବାଦ୍ ତାଙ୍କୁ ବହୁତ ଟଙ୍କା ମିଳିଲା । ତହିଁ ଆର ବର୍ଷକୁ ଫେର୍ ସେହିପରି ଚଷିଲେ । ଫେର୍ ଫସଲରୁ ଟଙ୍କା ମିଳିଲା । ବାପା ଏକୁଟିଆ ଯାହା କରିପାରୁ ନ ଥିଲା, ଛଅ ପୁଅ ମିଶି ତା'ଠାରୁ ଖୁବ୍ ଭଲ କଲେ । କେତେ ବର୍ଷ ବିତିଗଲା । ପୁଅଙ୍କ ବାବୁଆନି କ୍ରମେ ଛାଡ଼ିଗଲା । କାହାକୁ ନ କହି ବିଲ ଖୋଳି ଟଙ୍କା ଖୋଜିଲେ କି ଆଉ ବାବୁଆନି ରହେ ?

ପୁଏ ଏବେ ବୁଝିଲେ, ବାପ ଯାହା 'ବିଲରେ ସବୁ ରଖିଛି' ବୋଲି କହିଥିଲା, ସେ କଥା ସତ । ବିଲକୁ ଭଲ ଚାଷ କରି ସେଥିରେ ଲାଗିଲେ ଟଙ୍କା ମିଳେ ।

–□–



Digitized by PPRACHIN, SOA

# ଚଷାପୁଅ ରଜା ହେଲା

॥୧॥

ଜଣକର ତିନୋଟି ପୁଅ ଥାଆନ୍ତି । ସେ ବଡ଼ ପୁଅକୁ କହିଲେ, "ଆରେ ବାୟା, ଆମର ଯୋଉ ଧାନ କିଆରୀ ଅଛି, ସେଥିରୁ କିଏ ରାତିରେ ଧାନ କାଟି ନେଉଛି; ତୁ ଯା, କୁଡ଼ିଆ ମାରି ଜଗିବୁ ।" ଏକଥା ଶୁଣି ବଡ଼ ପୁଅ ବିଲକୁ ଗଲା ।

ସେ ଭାରି ଅଳସୁଆ । ଯେମିତି କୁଡ଼ିଆ ଭିତରକୁ ଗଲା, ସେମିତି ଶେଯଟିଏ ପାରି ଶୋଇ ପଡ଼ିଲା । ତାକୁ ନିଘୋଡ଼ ନିଦ ହେଲା । ସକାଳୁ ଉଠିଲାବେଳକୁ ସେ ଦେଖିଲା, ଧାନତକ ସବୁ କିଏ କାଟି ନେଇଯାଇଛି । କାନ୍ଦୁଣିମାନ୍ଦୁଣି ହୋଇ ସେ ଘରକୁ ଫେରିଗଲା । ବାପା ତା'ର ଏକଥା ଶୁଣି ଭାରି ବ୍ୟସ୍ତ ହେଲେ । ବର୍ଷଟିଯାକ ଧାନ ନ ପାଇ ସେମାନେ କଷ୍ଟରେ ଚଳିଲେ ।

ଆରବର୍ଷ ମାର୍ଗଶିର ମାସରେ ଧାନ ପାଚିଲା ବେଳକୁ ବାପା ମଝିଆଁ ପୁଅକୁ କହିଲେ, "ଆରେ ବାୟା, ଏଥର ତୁ ଗଲୁ ବିଲ ଜଗିବୁ । ଦେଖ୍, ରାତିରେ ଶୋଇବୁ ନାହିଁ ଏକା । ଦିନରେ ଘରକୁ ଆସି ଶୋଇ ରାତି ଅନିଦ୍ରା କଟେଇବୁ ।"

ମଝିଆଁ ପୁଅ ଗଲା । ନିଦ ମାଡ଼ି ଆସୁଥାଏ । ସେ ସେହି କୁଡ଼ିଆ ଭିତରେ ଉଠ ବସ୍ କରି ନିଦ ଭଙ୍ଗେଇଲା । ଯୋଡ଼ାଏ ଲଙ୍କାମରିଚ ନେଇଥାଏ ଯେ, ବେଶୀ ନିଦ ମାଡ଼ିଲାବେଳକୁ ତାକୁ ପୋଡ଼ି ଲଙ୍କାମରିଚ ଧୂଆଁ ଶୁଙ୍ଘେ । ସେ ଧୂଆଁରେ ଭାରି ଛିଙ୍କ ହୋଇ ତା ନିଦ ଭାଙ୍ଗିଯାଏ । ଇମିତି କେତେବେଳ ଗଲା । ପାହାନ୍ତିଆ ପହରକୁ ନିଦ ଆଉ ଲଙ୍କାମରିଚ ଧୂଆଁକୁ ମାନିଲା ନାହିଁ । ସେ ଶୋଇ ପଡ଼ିଲା ।

ଟିକିଏ ବେଳ ଯାଇଛି, ଛାନିଆ ହୋଇ ସେ ଉଠି ବିଲକୁ ଚାହିଁଲା । ଦେଖିଲା ସର୍ବନାଶ ହୋଇଛି – ଖାଲି ଚାରି ଚାରି ଆଙ୍ଗୁଳ ମରଡ଼ା ଖୁଣ୍ଟା ଅଛି, ଆଉ କୋଉଠି କିମିତି ଧାନ ଶୀଷାଟାଏ ଲେଖାଏଁ ପଡ଼ିଛି । ସେ କାନ୍ଦି କାନ୍ଦି ଘରକୁ ଗଲା । ବାପା ମୁଣ୍ଡରେ ହାତ ଦେଇ ବସିଲେ ।



Digitized by PPRACHIN, SOA

ପୁଣି ଆରବର୍ଷକୁ ଆଶା ଧରି ବାପା ଧାନ ବୁଣିଲେ । ଭାରି ଗହଳିଆ ହୋଇ ଧାନ ଗଛ ଉଠିଲା । ବେଉଷଣ ହେଲା, ବଛା ଖେଳା ହେଲା, ଧାନ ଥୋଡ଼ ଧଇଲା, ପାଚିଲା, ବାଉଁଶ ଦିଆଗଲା, ଆଉ ଖାଲି ବାକି ରହିଲା ଧାନକଟା ।

ଏଥର ବାପା ସାନପୁଅକୁ କହିଲେ, "ବାୟା, ତୁ ଯା, ଆଉ ଭାଇମାନଙ୍କ ପରି ଶୋଇପଡ଼ିବୁ ନାହିଁଟି ।" ସେ କେଉଁ ଶୋଇବ ନାହିଁ ବୋଲି ମନ ଟାଣ କରି ଗଲା । କୁଡ଼ିଆରେ ଶେଯ ପକାଇଲା ନାହିଁ, ଖାଲି ମାଟିରେ ବସିଲା, ଠେଙ୍ଗା ଧରିଥାଏ । ରାତି ପାହାନ୍ତିଆ ହେଲା, ସେତିକିବେଳକୁ ବିଲ ଭିତରେ ଦାଆ ଖସ ଖସ ଶୁଭିଲା । ଶବ୍ଦ ବାରିଯାଇ ଦେଖିଲା, ହାତେ ଉଞ୍ଚର ଗୋଟିଏ ମଣିଷ ଟିକି ଦାଆଟିଏ ଧରିଛି, ଗୀତ ଗାଉଛି -

ଖସର ଖସର ଦାଆ
ଖାଇ ଖାଇ ଚାଲିଯାଆ ।

ଦାଆ ଲାଗିଲା ମାତ୍ରକେ ଧାନଗଛସବୁ କଟିଯାଉଛି । ସାନ ପୁଅ 'ଚୋର ଚୋର' ବୋଲି ବଡ଼ ପାଟିକରି ସେ ସାନ ମଣିଷକୁ ଯାଇ ମାଡ଼ି ବସିଲା । ତହୁଁ ସେ ଭାରି ବ୍ୟସ୍ତ ହୋଇ "ମତେ ରକ୍ଷା କର, ରକ୍ଷା କର" ବୋଲି କହିଲା, ଆଉ କହିଲା, "ତୁମେ ମତେ ଏତେ ଜୋରରେ ମାଡ଼ି ବସ ନାହିଁ, ଛାଡ଼ିଦିଅ । ମୁଁ ତୁମ ଧାନ କଟାକଟି କରି ବିଡ଼ା ବାନ୍ଧି ଘରେ ନେଇ ପହଞ୍ଚାଇ ଦେବି । ଆଉ ତୁମକୁ ଗୋଟିଏ ଘୋଡ଼ା ଓ ଗୋଟିଏ ଖଣ୍ଡା ପୁରସ୍କାର ଦେବି ।"

ଘୋଡ଼ା କଥା ଶୁଣି ସାନପୁଅ ଆନନ୍ଦରେ ତାକୁ ଛାଡ଼ିଦେଲା ।

ଚାହୁଁ ଚାହୁଁ ସାନ ମଣିଷଟି ଧାନତକ ସବୁ କାଟିକୁଟି ବିଡ଼ା ବାନ୍ଧି ପକେଇଲା । ଗୋଟିଏ ଗୋଟିଏ କଳେଇ ମୁଣ୍ଡେଇ ତାଙ୍କ ଘରଠି ଆଣି ଥୋଇଦେଲା । ସବାଶେଷକୁ ସାନପୁଅ ଘରକୁ ଅଇଲା, ଦେଖିଲା ବେଳକୁ ଗୁହାଳରେ ଗୋଟିଏ ଘୋଡ଼ା ବନ୍ଧା ହୋଇଛି । ଆଉ କାନ୍ଥରେ ଗୋଟିଏ ଖଣ୍ଡା ଝୁଲୁଛି ।



Digitized by PPRACHIN, SOA

## ॥୨॥

ସାନପୁଅ ନାଁ ଶ୍ୟାମସୁନ୍ଦର । ବାପା ପୁଅକାମରେ ଭାରି ଖୁସିହୋଇ ଗାଁଯାକ ବୁଲି ବୁଲି କହୁଥାନ୍ତି, "ଆମ ଶ୍ୟାମ ଗୋଟିଏ ଘୋଡ଼ା ଆଉ ଖଣ୍ଡା ପାଇଛି ।" ଯେ ଶୁଣେ ସେ ହସେ । ସମସ୍ତେ ଥଟ୍ଟା କରି କହନ୍ତି, "ଶ୍ୟାମ କଅଣ ଘୋଡ଼ାରେ ଚଢ଼ି ଖଣ୍ଡା ଧରି ଗଡ଼ ଜିଣିବାକୁ ଯିବ ପରା ।" ଶ୍ୟାମ ସବୁ ଶୁଣେ, କିଛି କହେ ନାହିଁ । ମନରେ ବିଚାରେ, "ବଡ଼ ହେଲେ ଦେଖିବି ।"

କେତେ ବର୍ଷ ଗଲା । ଶ୍ୟାମ ଖେଳ କସରତ କରି ବଳ କମଉଥାଏ । ତାକୁ କୋଡ଼ିଏ ବର୍ଷ ହେଲାରୁ ସେ ସେଇ ଘୋଡ଼ାରେ ଚଢ଼ି ଖଣ୍ଡା ଧରି ବାହାରିଲା । ସେ ଘୋଡ଼ାର ଗୋଟିଏ ଗୁଣ ଯେ, ତା ଟାପୁ ଯୋଉଠି ପଡ଼ିବ, ସେଠୁ କେବେହେଲେ ଖସିବ ନାହିଁ । ଆଉ ସେ ଖଣ୍ଡା ତା ହାତରେ ଥିଲେ ଶତ୍ରୁ ପାଖେ ପଶିପାରିବ ନାହିଁ ।

ଶ୍ୟାମସୁନ୍ଦର ଯାଉ ଯାଉ ଗୋଟିଏ ରାଜ୍ୟରେ ପହଞ୍ଚିଲା । ସେ ରାଜ୍ୟ ରାଜାଙ୍କର ଗୋଟିଏ ବୋଲି ଝିଅ । ରାଜା ଡେଙ୍ଗୁରା ଦେଇଛନ୍ତି, "ପର୍ବତ ଉପର ଆତ ଗଛରୁ ଯେ ଯୋଡ଼ିଏ ଆତ ଫଳ ଆଣି ଦେବ, ତାକୁ ସେ ତାଙ୍କ ଜେମାଙ୍କୁ ବିଭା ଦେବେ, ଆଉ ରାଜ୍ୟ ମଧ୍ୟ ଦେବେ ।" କିନ୍ତୁ ସେ ପର୍ବତ ଉପରକୁ ଯିବା ଭାରି ଅଡୁଆ । ପର୍ବତଟା ଭାରି ଟୀଖ, ଆଉ ତା ପଥରଗୁଡ଼ାକ କାଚ ପରି ଚିଖଲ । ପୁଣି ଯେ ଯିବ, ସେ ଘୋଡ଼ା ଚଢ଼ି ଯିବ ବୋଲି ରାଜାଙ୍କର ହୁକୁମ ।

ଶ୍ୟାମସୁନ୍ଦର ରାଜାଙ୍କ ପାଖରେ ଯାଇ ପହଞ୍ଚିଲା । କହିଲା, "ମହାରାଜ । ମୁଁ ପର୍ବତ ଉପରୁ ଆତ ଆଣି ଦେବି ।" ରାଜା ହସିଲେ, ପାଖ ଲୋକେ ଥଟ୍ଟା କଲେ-

"ବଡ଼ ବଡ଼ ଗଲେ ଫସର ଫାଟି
ସାନ ବାହାରିଲେ ବେସର ବାଟି ।"

ରାଜା କହିଲେ, "ହଇ ହେ, ତୁମେ କଅଣ ଏ କାମକୁ ପାରିବ ? କେତେ



Digitized by PPRACHIN, SOA

ରଜାପୁଅ ହାରିଗଲେଣି, ତୁମେ କାହିଁକି ମିଛରେ ଚେଷ୍ଟା କରିବ ?" ଶ୍ୟାମସୁନ୍ଦର କହିଲା, "ମୁଁ ଥରେ ଚେଷ୍ଟା କରିବି, ଆପଣ ଟିକେ ଅନୁମତି ଦିଅନ୍ତୁ ।" ରାଜା ଶେଷରେ 'ହଁ' କଲେ ।

ତହୁଁ ଶ୍ୟାମ ଘୋଡ଼ାକୁ ଖୁବ୍ ହେପାଦସ୍ତ କରି ତା ଉପରେ ଚଢ଼ି ପର୍ବତ ଉପରକୁ ବାହାରିଲା । ପର୍ବତମୂଳରେ ଅନେକ ଲୋକ ରୁଣ୍ଡ ହୋଇଥାନ୍ତି । ତାକୁ ଚାହିଁ ଥଟ୍ଟା କରୁଥାନ୍ତି । କିନ୍ତୁ ଶ୍ୟାମ ସେ ଥଟ୍ଟାରେ ମନଟାଣ ନ ଭାଙ୍ଗି ଘୋଡ଼ାକୁ ପର୍ବତ ଉପରକୁ ଚଢ଼େଇଲା । ଘୋଡ଼ା ଡଗଡ଼ଗ ହୋଇ ଉପରକୁ ଚାଲିଗଲା । ଲୋକେ ଚାହିଁ ଅବାକ୍ ହେଲେ । ପୁଣି ଟିକକ ବାଦ୍ ଘୋଡ଼ା ଧୀର ଧୀର ହୋଇ ତଳକୁ ଖସି ଆସିଲା । ଶ୍ୟାମସୁନ୍ଦର ହାତରେ ଯୋଡ଼ିଏ ଆତ । ଦେଖଣାହାରୀ ସମସ୍ତେ ଆନନ୍ଦରେ ହାତତାଳି ଦେଲେ । କିନ୍ତୁ ଯେଉଁମାନେ ହାରିଥିଲେ, ସେମାନେ ଶ୍ୟାମସୁନ୍ଦରକୁ ହିଂସା କରି ତା ସଙ୍ଗେ ଲଢ଼େଇ କରିବାକୁ ବାହାରିଲେ । ଘଣ୍ଟାକ ମଧ୍ୟରେ ଶ୍ୟାମସୁନ୍ଦରର କରାମତି ଓ ଖଣ୍ଡା ଗୁଣରେ ସେମାନେ ସମସ୍ତେ ହାତ ଖଣ୍ଡିଆ, ଗୋଡ଼ ଖଣ୍ଡିଆ ହୋଇ ପଡ଼ିଗଲେ । ଶ୍ୟାମସୁନ୍ଦର ଜିଣିଥିବା ଖବର ପାଇ ରାଜା ତାକୁ ସଲଟଣରେ ନଅରକୁ ନେଲେ । ଦିନ, ବାର, ଯୋଗ ଠିକଣା ହୋଇ ଝେମା ସହିତ ତା'ର ବିଭାଘର ହେଲା । ରାଜା ଶ୍ୟାମସୁନ୍ଦର ହାତରେ ରାଜ୍ୟ ଦେଇ ନିଜେ ତୀର୍ଥ କରିବାକୁ ବାହାରିଲେ ।

–□–

# ବିଚାରପତି

ଏକ ଦେଶରେ ଜଣେ ସମ୍ରାଟ୍ ଥିଲେ । ସେ ପ୍ରଜାଙ୍କୁ ପୁଅ ପରି ପାଳୁଥିଲେ । ପ୍ରଜାଙ୍କ ଦୁଃଖ ଗୁହାରି ବୁଝିବାପାଇଁ ସ୍ଥାନେ ସ୍ଥାନେ ବିଚାରପତିମାନ ରଖାଇଥିଲେ । ତଥାପି ତାଙ୍କ ମନ ମାନୁ ନ ଥିଲା । ସେ ନିଜେ ରାଜବେଶ ଛାଡ଼ି,



Digitized by PPRACHIN, SOA

ଗାଉଁଲି ଲୋକ ପରି ଲୁଗାପଟା ପିନ୍ଧି ଘୋଡ଼ାରେ ଚଢ଼ି ବୁଲନ୍ତି । କାହିଁକି ବୁଲନ୍ତି ? ଲୋକଙ୍କ ସୁଖ ଦୁଃଖ ଦେଖିବା ପାଇଁ । ଲୋକେ ତାଙ୍କୁ ସମ୍ରାଟ୍ ବୋଲି ଚିହ୍ନି ପାରନ୍ତି ନାହିଁ; ସେ ସବୁ ବୁଝି ନିଅନ୍ତି, ଆଗେ ରାଜାମାନେ ଏହିପରି ଚିହ୍ନା ନ ଦେଇ ବୁଲି ଲୋକଙ୍କ ଭଲମନ୍ଦ ଦେଖୁଥିଲେ ।

ସେହି ସମ୍ରାଟ୍ ଦିନେ ବୁଲୁ ବୁଲୁ ବାଟରେ ଦେଖିଲେ, ଗଛ ଛାଇରେ ଗୋଟିଏ ଛୋଟା ବସିଛି; ଯାଇପାରୁ ନାହିଁ । ସେ କହିଲା, "ମତେ ଟିକିଏ ଘୋଡ଼ାରେ ବସାଇ ନେଇଯାଅ, ଧର୍ମ ହେବ । ମୁଁ ସହରକୁ ଯିବି ।"

ସମ୍ରାଟ୍ ତ ଭାରି ଦୟାଳୁ ଲୋକ । ସେ ଛୋଟାକୁ ଆପଣା ପାଖେ ଘୋଡ଼ାରେ ବସାଇ ସହର ଆଡ଼କୁ ଚାଲିଲେ । ସହରରେ ପହଞ୍ଚି ଛୋଟାକୁ କହିଲେ, "ଓହ୍ଲାଅ ।"

ଛୋଟା ଏହା ଶୁଣି ରାଗିଯାଇ କହିଲା, "ଆଚ୍ଛା ତ ଓଲଟା କଥା ! ଦୟା କରି ତତେ ଘୋଡ଼ାରେ ବସାଇ ଆଣିଲି, ତୁ ମତେ କହୁଚୁ 'ଘୋଡ଼ାରୁ ଓହ୍ଲା' ।"

ସମ୍ରାଟ୍ ତ କାବା, କରିବେ କ'ଣ ? କ୍ରମେ ଲୋକ ଜମା ହୋଇଗଲେ । କଟୁଆଳ ଆସି ଦୁହିଁଙ୍କୁ ଧରି ବିଚାରପତିଙ୍କ ପାଖେ ହାଜର କରିଦେଲା । ବିଚାରପତି ପଚାରିବାରେ ଛୋଟା କହିଲା, "ଘୋଡ଼ା ମୋର; ମୁଁ ଦୟା କରି ଏହାକୁ ଖରାବେଳେ ବସାଇ ଆଣିଛି ।"

ସମସ୍ତେ ବୁଝିଲେ- ସତ, ଛୋଟା ଲୋକ, ଘୋଡ଼ା ନ ହେଲେ ଚଳିବ କିପରି ? ଘୋଡ଼ାଟା ତାହାରି ।

ସମ୍ରାଟ୍‌ଙ୍କୁ ତ କେହି ଚିହ୍ନୁ ନାହିଁ । ସେ ବି କହିଲେ, "ଘୋଡ଼ା ମୋର; ମୁଁ ବାଟରେ ଛୋଟାଟିକି ଦେଖି ଘୋଡ଼ାରେ ବସେଇ ଆଣିଛି ।"

ଲୋକେ ବୁଝିଲେ- ଏଇଟା ମିଛକଥା । ଏ ତ କିଛି ଖଣ୍ଡିଆ ନୁହେଁ ? ଘୋଡ଼ା ନ ହେଲେ କଅଣ ଯାର ଚଳନ୍ତା ନାହିଁ ? ଛୋଟାଠୁ ଘୋଡ଼ାଟି ମାରି ନେବାପାଇଁ ଫିକର କରିଛି ।

ବିଚାରପତି ସବୁ ଶୁଣିଲେ, କିଛି କହିଲେ ନାହିଁ । କଟୁଆଳକୁ କହିଲେ,



Digitized by PPRACHIN, SOA

"ଘୋଡ଼ାକୁ ଅସ୍ତାବଲରେ ବାନ୍ଧ । ଏ ଦୁହିଁଙ୍କୁ ଅଟକରେ ରଖ, କାଲି ବିଚାର ହେବ ।"

ଆରଦିନ ବିଚରାଳୟକୁ ଆସି ବିଚାରପତି ଆଗ ଛୋଟାକୁ ସାଙ୍ଗରେ ଘେନି ଘୋଡ଼ା ଦେଖିବାକୁ ଗଲେ । ସେଆଡୁ ଆସି ଛୋଟାକୁ ଛାଡ଼ି ସମ୍ରାଟ୍‌ଙ୍କୁ ଘେନି ପୁଣି ସେହି ଘୋଡ଼ାଶାଳକୁ ଗଲେ । ଫେରି ଆସି କହିଲେ, "ଛୋଟାର ଘୋଡ଼ା ନୁହେଁ । ଛୋଟା ଠକ, ତାକୁ ଛଅମାସ ଜେଲ ଦିଆଗଲା ।"

ସମ୍ରାଟ୍ ଏବେ ଘୋଡ଼ାଟି ପାଇସାରି ଚିହ୍ନା ଦେଲେ । ବିଚାରପତି ସମ୍ରାଟ୍‌ଙ୍କ ପ୍ରଣାମ କରି କହିଲେ, "ହଜୁର, କ୍ଷମା କରିବେ । ମୁଁ ଆପଣଙ୍କୁ ଚିହ୍ନିପାରି ନାହିଁ ।"

ସମ୍ରାଟ୍ କହିଲେ, "ତୁମ ପରି ଜଣେ ବିଚାରପତି ଥିଲେ ଦେଶରେ ଅନ୍ୟାୟ ପଶିପାରିବ ନାହିଁ । ତେବେ, ମତେ କହ, ଘୋଡ଼ା ମୋର ବୋଲି ତୁମେ କିପରି ଜାଣିଲ ?"

ବିଚାରପତି କହିଲେ, "ମୁଁ ଛୋଟାକୁ କହିଲି, 'ଘୋଡ଼ାକୁ ଆଉଁସ ।' ଛୋଟା ଆଉଁସିଲାକ୍ଷଣି ଘୋଡ଼ା ତରକିଲା । ପରେ ଆପଣଙ୍କୁ ବି ଆଉଁସିବାକୁ କହିଲି । ଆପଣ ଆଉଁସିଲା ବେଳେ ଘୋଡ଼ା ଆନନ୍ଦରେ କୁରୁଡ଼ିଲା ପରି ହେଲା । ଏଥିରୁ ମୁଁ ଜାଣିଗଲି, ଘୋଡ଼ାଟା ଆପଣଙ୍କର ।"

-□-

## ଆରୁଣି କଥା

ପୂର୍ବେ ଏ ଦେଶରେ ଗ୍ରାମ, ସହରରେ ସ୍କୁଲ, କଲେଜ ବସାଇ ପାଠ ପଢ଼ା ହେଉନଥିଲା । ପଣ୍ଡିତମାନେ ବଣ ଜଙ୍ଗଲରେ ଯାଇ ଘର କରି ରହୁଥିଲେ । ସେଠାରେ ଜମି ଖଣ୍ଡେ ଚାଷ କରୁଥିଲେ, ବହୁତ ଗାଈ ରଖୁଥିଲେ ।

ଲୋକେ ସେହି ଗୁରୁଙ୍କ ପାଖେ ପିଲାଙ୍କୁ ଛାଡ଼ି ଦେଉଥିଲେ । ପିଲାମାନେ ପାଠ ପଢୁଥିଲେ; ସେଥି ସଙ୍ଗେ ଗାଈ ଜଗୁଥିଲେ, ଚାଷ କରୁଥିଲେ, ଜାଳ



Digitized by PPRACHIN, SOA

ଆଣୁଥିଲେ, ଦରକାର ପଡ଼ିଲେ ହାତରେ ଘର ତୋଳୁଥିଲେ । ଏହିପରି ସବୁ କାମ କରୁଥିଲେ ।

ମାତ୍ର ଗୁରୁ ସେମାନଙ୍କ ଖାଇବା, ପିଇବା, ରହିବା କଥାସବୁ ବୁଝୁଥିଲେ । ସେ ସବୁବେଳେ ଚାହୁଁଥିଲେ, ପିଲାଟି ମଣିଷ ହେଲା କି ନାହିଁ, ନିଜ ଗୋଡ଼ରେ ଠିଆହୋଇ ଚଳିପାରିବ କି ନାହିଁ । ଏହା ସେ କିପରି ଜାଣୁଥିଲେ ? ସେ ଦେଖୁଥିଲେ ଯେଉଁ କାମ କରିବାକୁ ହେବ, ସେ କାମରେ ହେଳା ନ କରି ପିଲା ଠିକ୍ ମନ ଲଗାଇ ତାହା କରୁଛି କି ନାହିଁ ।

ଧୌମ୍ୟ ବୋଲି ଜଣେ ଋଷି ଥିଲେ । ତାଙ୍କ ଶିଷ୍ୟଙ୍କ ଭିତରେ ଜଣଙ୍କର ନାମ 'ଆରୁଣି' । ଗୁରୁଙ୍କ ଘରକୁ ଆଶ୍ରମ କହନ୍ତି । ଆଶ୍ରମର କିଛି ଦୂରରେ ଧୌମ୍ୟଙ୍କର ଖଣ୍ଡିଏ ଧାନଜମି ଥିଲା । ରାତିରେ ଅଳ୍ପ ବର୍ଷା ହୋଇ ପାହାଡ଼ରୁ ପାଣି ଗଡୁଥିଲା । ବିଲ ବନ୍ଧାଇ ପାଣି ଅଟକାଇବାକୁ ଧୌମ୍ୟ ଆରୁଣିଙ୍କୁ ସକାଳୁ ପଠାଇ ଦେଲେ । ଅନ୍ୟ ଶିଷ୍ୟମାନେ ଭିନ୍ନ ଭିନ୍ନ କାମରେ ବାହାରିଗଲେ ।

ସଞ୍ଜ ହେଲା । ସବୁ ଶିଷ୍ୟ ଆଶ୍ରମକୁ ଫେରିଲେ; କିନ୍ତୁ ଆରୁଣିଙ୍କ ଦେଖା ନାହିଁ । ଗୁରୁଙ୍କର ଟିକିଏ ଚିନ୍ତା ପଡ଼ିଲା । ଗୁରୁ ବିଲ ଆଡ଼କୁ ଖୋଜିଗଲେ । ଦୂରରୁ ଡାକିବାରେ ଆରୁଣି ବିଲ ଭିତରୁ ଜବାବ ଦେଲେ ।

ଧୌମ୍ୟ ଯାଇ ଦେଖିଲେ, ଆରୁଣି ଖଣ୍ଡିଆ ବନ୍ଧରେ ପାଣି ଓଗାଳି ଶୋଇଛନ୍ତି । ଗୁରୁ ପଚାରିବାରୁ କହିଲେ, "ବନ୍ଧାଇପାରିଲି ନାହିଁ । ଛାଡ଼ି ଯାଇଥିଲେ ପାଣି ଚାଲି ଯାଇଥାଆନ୍ତା, ଖେତ ଖରାପ ହୋଇଯାଇଥାଆନ୍ତା । ତେଣୁ ଆପେ ଶୋଇ ପାଣି ଅଟକାଇଛି । ବିଚାରିଥିଲି, ଆପଣ ବା କେହି ହେଲେ ମୋତେ ଖୋଜି ଆସିଲେ କାମ ହୋଇଯିବ ।

ଧୌମ୍ୟ କହିଲେ, "ଉଠି ଆସ ।" ଅରୁଣି ଉଠି ଆସିଲେ । ଧୌମ୍ୟ ଟିକିଏ ଭଲ କରି ଚାହିଁଲେ; କହିଲେ, "ବାପା ଆରୁଣି, ତୁମର କାମ ଦେଖି ମୁଁ ଭାରି ଖୁସି ହେଲି । ମୁଁ ଆଶୀର୍ବାଦ କରୁଛି, ତୁମେ ଘରଦ୍ୱାର କରି ସୁଖଶାନ୍ତିରେ ରହ ।"

– ☐ –



Digitized by PPRACHIN, SOA

# ପନ୍ଥକ

ପନ୍ଥକ ବାରାଣାସୀର ଏକ ବେପାରୀ ପିଲା । ମାଆ-କୋଡ଼ରେ ଥାଉଁ ଥାଉଁ ସେ ବାପ-ଛେଉଣ୍ଡ । ବାପ ମରିବା ସଙ୍ଗେ ସଙ୍ଗେ ତା କକାମାନେ ସବୁ ସମ୍ପତ୍ତି ନେଇଯାଇ ତା ମାଆକୁ ଓ ତାକୁ ଅଲଗା କରିଦେଲେ ।

ପଡ଼ିଶା ଘରେ ଧାନକୁଟି, ପାଣି ବୋହି, ବାସନ ମାଜି ମାଆ କୌଣସି ପ୍ରକାରେ ପନ୍ଥକକୁ ବଢ଼ାଇଲା । କିନ୍ତୁ ବେପାର କରିବାକୁ ପିଲାକୁ ମୂଳଧନ ବା ପୁଞ୍ଜି ଦେବ କାହୁଁ ? ଆଉ କ'ଣ ବେପାରୀ ବୈଶ୍ୟ ପିଲାଟା ଭିକ ମାଗିବ ?

ସେହି ସହରରେ ବିଶାଖିଲ ବୋଲି ଜଣେ ମହାଜନ ଥିଲା । ସେ ଏହିପରି ଗରିବ ବେପାରୀଙ୍କୁ ପୁଞ୍ଜି ପାଇଁ କରଜ ଦିଏ, ସୁଧ ନିଏ ନାହିଁ । ପନ୍ଥକକୁ ମାଆ ସେହି ବିଶାଖିଲ ପାଖକୁ ପଠାଇଦେଲା ।

ପନ୍ଥକ ପହଞ୍ଚିଲା ବେଳକୁ ବିଶାଖିଲ ଜଣେ ବେପାରୀ ଉପରେ ବିରକ୍ତ ହେଉଛି । ସେ ବେପାରୀ ପୁଞ୍ଜି ପାଇଁ ଟଙ୍କା କରଜ ନେଇଥିଲା; କିନ୍ତୁ ବେପାର କରି ନ ଜାଣି ମୂଳ ବୁଡ଼େଇ ଦେଇଛି । ବିଶାଖିଲର ଅଗଣାରେ ଗୋଟାଏ ମଲାମୂଷା ପଡ଼ିଥାଏ । ତାକୁ ଦେଖାଇ ବିଶାଖିଲ କହୁଥାଏ, "ଲୋକେ ଅଛନ୍ତି, ଏହି ମଲାମୂଷାକୁ ପୁଞ୍ଜି କରି ପରେ ଧନୀ ହୋଇପାରନ୍ତି । ତୁ ଏତେ ଧନ ନେଇ ମୂଳ ବୁଡ଼େଇଦେଲୁ !"

ପନ୍ଥକ ଆଉ କିଛି ନ କହି ସେହି ମଲା ମୂଷାଟିକି ଧଇଲା । କହିଲା, "ମହାଜନେ ! ମୁଁ ଏହି ମୂଷାଟି ନେଉଛି । ଏହାକୁ ପୁଞ୍ଜି କରି ବେପାର କରିବି ।" ବିଶାଖିଲ ପନ୍ଥକ ଆଡ଼କୁ ଚାହିଁ ଟିକିଏ ହସିଦେଲା, ଆଉ କିଛି କହିଲା ନାହିଁ ।



Digitized by PPRACHIN, SOA

ଗୋଟିଏ ଦୋକାନୀ ବିରାଡ଼ିଟିଏ ପୋଷିଥିଲା । ସେ ପଣ୍ଡୁକଠାରୁ ନିଜ ବିରାଡ଼ି ପାଇଁ ମୂଷାଟି ରଖିଲା । ତା ବଦଳରେ ସେ ପଣ୍ଡୁକକୁ କିଛି ବୁଟଛତୁ ଓ ଟିକିଏ ଗୁଡ଼ ଦେଲା ।

ପଣ୍ଡୁକ ସେହି ଗୁଡ଼ ଓ ଛତୁ ଘେନି ରାସ୍ତାକଡ଼ରେ ଗୋଟାଏ ବରଗଛ ମୂଳେ ବସିଲା । ସେ ବାଟେ ଲୋକେ କାଠ ଓ ଘାସ ବୋଝ ଧରି ସହରକୁ ବିକିବାକୁ ଯାଆନ୍ତି । ଅନେକେ ଖରାବେଳେ ସେହି ବରଗଛ ମୂଳେ ଟିକିଏ ବିଶ୍ରାମ କରନ୍ତି । ସେତିକିବେଳେ ପଣ୍ଡୁକ ସେମାନଙ୍କୁ ଛତୁ ଗୁଡ଼ ଚକଟା ଟିକିଏ ଓ ମୁନ୍ଦିଏ ପାଣିଦେଲା । ସେମାନେ ଖୁସି ହୋଇ ଚାରି ଚାରି ଖଣ୍ଡ କାଠ ଓ ବିଡ଼ାଏ ବିଡ଼ାଏ ଘାସ ପଣ୍ଡୁକକୁ ଦେଇଗଲେ । ପଣ୍ଡୁକ ତାକୁ ସବୁ ବଜାରରେ ବିକି ବହୁତ ଛତୁ ଓ ଗୁଡ଼ କିଣିଲା । ପୁଣି ତହିଁ ଆରଦିନ ବରଗଛମୂଳେ ବସି ସେହିପରି ସମସ୍ତଙ୍କୁ ଦେଲା । କ୍ରମେ ତା'ର ପୁଞ୍ଜି ବଢ଼ିଲା ।

ଦିନେ ଭାରି ତୋଫାନ୍ ହେଲା । ରାଜାଙ୍କ ବଗିଚାରେ ବହୁତ ଶୁଖିଲା ଡାଳପତ୍ର ଭାଜି ବଗିଚା ଅଳିଆ ହୋଇଗଲା । ମାଳିର ଚିନ୍ତା ପଡ଼ିଗଲା- ଏକୁଟିଆ ତହିଁ ଆରଦିନ ତାକୁ ସଫା କରିବ କିପରି ? ପଣ୍ଡୁକ ପହଞ୍ଚି କହିଲା, "ମତେ ଯେବେ କାଠତକ ଦେବୁ, ମୁଁ ସବୁ ଅଳିଆ ଘଡ଼ିକେ ସଫା କରିଦେବି ।" ମାଳୀ 'ହଁ' କଲା ।

ପଣ୍ଡୁକ ସହର ପିଲାଙ୍କୁ ଯାଇ କହିଲା, "ପିଲାଏ, ଆସ ରାଜାଙ୍କ ବଗିଚା ସଫା କରିବା ।" ରାଜାଙ୍କ ବଗିଚାକୁ ତ କେହି ପଶନ୍ତି ନାହିଁ । ଆଜି ପିଲାଏ ଭାରି ଖୁସି ହୋଇ ଦଉଡ଼ିଲେ । ସବୁ ଅଳିଆ ଘଡ଼ିକେ ସଫା ହୋଇଗଲା । ପଣ୍ଡୁକ ସେ କାଠ ବିକି ବହୁତ ପଇସା ପାଇଲା ।

ପଣ୍ଡୁକ ସବୁବେଳେ ଛକାଛକରେ ରହି ସବୁ ଖବର ରଖୁଥାଏ । ଦିନେ ସେ ଶୁଣିଲା, ଜଣେ ଘୋଡ଼ା ବେପାରୀ ପାଞ୍ଚଶହ ଘୋଡ଼ା ଘେନି ସହରକୁ ଆସୁଛି । ଘାସ



Digitized by PPRACHIN, SOA

ବିକା ଲୋକେ ତ ତା'ର ଚିହ୍ନା । ସେମାନେ ତାକୁ ସୁଖ ବି ପାଆନ୍ତି । ସେ ସମସ୍ତଙ୍କଠୁ ସବୁଯାକ ଘାସ କିଣି ରଖିଲା । ଘୋଡ଼ା ବେପାରୀ ଆସି ଆଉ ଘାସ ପାଏ କାହୁଁ ? ପନ୍ଥୁକ ଆପଣା ଘାସତକ ବହୁତ ପଇସାରେ ବିକିଲା ।

ଦିନେ ଆଗରୁ ପନ୍ଥୁକ ଖବର ପାଇଲା, ଜଣେ ବେପାରୀ ବୋଇତରେ ମାଲ ଘେନି ବିକିବା ପାଇଁ ଆସୁଛି । ପନ୍ଥୁକର ତ କିଛି ଟଙ୍କା ହୋଇ ଯାଇଥିଲା । ସେ ଗୋଟିଏ ତମ୍ବୁ କଣିପକାଇଲା, ଭଲ ପୋଷାକ ବି କିଣିଲା । ପୋଷାକ ପିନ୍ଧି ତମ୍ବୁ ପକାଇ ନଈକୂଳେ ସେ ବୋଇତକୁ ଟକାଇ ରହିଲା । ବୋଇତ ଆସିଲାକ୍ଷଣି ସେ ବେପାରୀ ପାଖକୁ ଆଗ ଯାଇ ହଜାରେ ଟଙ୍କା ବହିନା ଦେଲା ଓ ସବୁ ମାଲଯାକ କିଣିବା ପାଇଁ ଜବାବ କରି ପକାଇଲା । ପରେ ଅନ୍ୟ ସମସ୍ତେ କିଣିବାକୁ ଆସି ପହଞ୍ଚିଲେ । ସମସ୍ତେ ପନ୍ଥୁକଠାରୁ କିଣିଲେ । ପନ୍ଥୁକ ଏଥିରେ ଦୁଇ ଲକ୍ଷ ଟଙ୍କା ଲାଭ କଲା ।

ଏବେ ପନ୍ଥୁକ ବଡ଼ ଧନୀ, ବଡ଼ ବେପାରୀ । ତା ମାଆ ଭାରି ସୁଖରେ ରହିଲା । ଦିନେ ସେ ସୁନାରେ ଗୋଟିଏ ମୂଷା ତିଆରି କରି ବିଶାଖିଲକୁ ଭେଟି ଦେଲା । ବିଶାଖିଲ ଦେଖି ଭାରି ଖୁସି ହେଲା ଓ ସବୁଆଡ଼େ ପନ୍ଥୁକର ପ୍ରଶଂସା ଗାଇଲା ।

–◻–



Digitized by PPRACHIN, SOA

# ଦେବବ୍ରତ ଭୀଷ୍ମ ହେଲେ

ପୂର୍ବକାଳରେ ଶାନ୍ତନୁ ବୋଲି ହସ୍ତିନାର କୁରୁବଂଶରେ ଜଣେ ରାଜା ଥିଲେ । ଶାନ୍ତନୁଙ୍କର ରାଣୀ ଗଙ୍ଗାଦେବୀ ଗୋଟିଏ ଶିଶୁପୁତ୍ର ଛାଡି ସ୍ୱର୍ଗକୁ ଚାଲିଗଲେ । ସେଇ ଶିଶୁପୁତ୍ରଟିର ନାମ ଦେବବ୍ରତ ।

ଶାନ୍ତନୁ ଚନ୍ଦ୍ରବଂଶର ରାଜା; ଦେଖିବାକୁ ଚନ୍ଦ୍ରପରି ଉଜ୍ଜ୍ୱଳ ଓ ସୁନ୍ଦର । ନିଜେ ଗଙ୍ଗାଦେବୀ ତାଙ୍କର ରାଣୀ । ଦେବବ୍ରତ ମଧ୍ୟ ଦେଖିବାକୁ ଅତି ସୁନ୍ଦର, ବୀର ପୁରୁଷ । କ୍ରମେ ଦେବବ୍ରତ ସବୁ ବିଦ୍ୟାରେ ପଣ୍ଡିତ ହୋଇଗଲେ । ସେ ଧନୁଶର ଧରି ଯୁଦ୍ଧକୁ ବାହାରିଲେ ସମସ୍ତେ ଡରି ଯାଉଥିଲେ ।

ସେକାଳେ ରାଜାମାନେ ବଣକୁ ଯାଇ ମୃଗୟା ବା ପାରିଧି କରୁଥିଲେ । ଶାନ୍ତନୁ ଏହିପରି ପାରିଧିରେ ଦିନେ ବଣରେ ବୁଲୁଥିଲେ । ସେ ନଈକୂଳେ ଦେଖିଲେ, ଗୋଟିଏ ନାଆରେ କେଉଟ ଘାଟ ପାରି କରୁଛି । ସେଇ କେଉଟର ଗୋଟିଏ ଯୁବତୀ ଝିଅ ସେଇ ନାଆରେ ଥିଲା । ଶାନ୍ତନୁଙ୍କର ପ୍ରାୟ କୋଡିଏ ବର୍ଷ ହେଲା ରାଣୀ ନ ଥିଲେ । ସେ ସେଇ କେଉଟ ଝିଅଟିକୁ ଦେଖି ବିଚାରିଲେ, ତାକୁ ରାଣୀ କରିବେ । କିନ୍ତୁ ମୁହଁ ଫିଟାଇ ଏ କଥା କହିବେ କିପରି ? ଘରେ କୋଡ଼ିଏ ବର୍ଷର ଯୁବରାଜ ଦେବବ୍ରତ । ସେ ଏ କଥା ଶୁଣିଲେ କଅଣ ବିଚାରିବେ ? ହେଲେହେଁ, ରାଜାଙ୍କ ମନ ବଡ଼ ଘାଣ୍ଟି ହେଉଥାଏ । ସେ ଗୁପ୍ତରେ ମନ୍ତ୍ରୀଙ୍କ ସଙ୍ଗେ ଏ କଥା ଭାଳିଲେ । ମନ୍ତ୍ରୀ ମଧ୍ୟ ଶୁଣି ତୁନୀ ହେଲେ ।

ରାଜା ସେଇ କଥା ଭାବୁଥାନ୍ତି । କ୍ରମେ ଆଉ ସବୁ କାମରୁ ତାଙ୍କ ମନ ଛାଡିଗଲା । ସେ କଥାବାର୍ତ୍ତାରେ ଟିକିଏ ବିରକ୍ତିଆ ହେଲେ । ଲୋକେ କିଛି



Digitized by PPRACHIN, SOA

ବୁଝିପାରୁ ନଥାନ୍ତି । ଏହା ଦେଖି ଦେବବ୍ରତ ମଧ ବଡ଼ ଦୁଃଖିତ ହେଲେ । ଦେବବ୍ରତ ଦିନେ ମନ୍ତ୍ରୀଙ୍କୁ ଡାକି ସବୁକଥା ପଚାରୁ ପଚାରୁ ଜାଣିଲେ, କେଉଟ ଝିଅଟିକୁ ରାଣୀ କରି ଆଣିବାକୁ ରାଜାଙ୍କର ମନ । ରାଜା ସେକଥା ମୁହଁ ଫିଟାଇ କହିପାରୁ ନାହାନ୍ତି କି ସେ କଥାଟି ମନରୁ ଛାଡିଦେଇ ପାରୁ ନାହାନ୍ତି ।

ଦେବବ୍ରତ ମନ୍ତ୍ରୀଙ୍କୁ କହିଲେ, 'ଏଇ କଥାକୁ ଏତେ ଚିନ୍ତା କାହିଁକି ? ଚାଲ, ଆମେ ଯାଇ ବାପାଙ୍କପାଇଁ କେଉଟର ସେ ଯୁବତୀ ଝିଅଟିକୁ ଘେନି ଆସିବା ।'

ଦେବବ୍ରତ କାଳେ କଅଣ ବିଚାରିବେ ବୋଲି ତ ସେକଥା ହୋଇପାରୁ ନଥିଲା । ଏବେ ମନ୍ତ୍ରୀ ଦେବବ୍ରତଙ୍କ ସଙ୍ଗେ ବଣକୁ ଯିବାପାଇଁ ରାଜି ହୋଇଗଲେ । ଦୁହେଁଯାକ ବଣକୁ ଯାଇ ସେଇ କେଉଟ ପାଖେ ପହଞ୍ଚିଲେ । କେଉଟ ଝିଅଟିର ନାମ ସତ୍ୟବତୀ । ଦେବବ୍ରତ ସତ୍ୟବତୀର ବାପାଙ୍କୁ କହିଲେ, 'ତୁମେ ଝିଅଟିକୁ ଆମ ବାପାଙ୍କ ସହିତ ବିଭା କରିଦିଅ । ତୁମ ଝିଅ ରାଣୀ ହେବ ।"

କେଉଟ କହିଲା, 'ଦେବବ୍ରତ, ତୁମେ ରାଜାଙ୍କର ଜ୍ୟେଷ୍ଠ ପୁତ୍ର । ତୁମେ ରାଜାଙ୍କ ଅନ୍ତେ ରାଜ୍ୟ ପାଇବ । ମୋ ଝିଅ ରାଣୀ ହେଲେ କଅଣ ଲାଭ ହେବ ? ମୋ ଝିଅର ପୁଅ ହେଲେ ସେମାନେ କଅଣ କରିବେ ? ତୁମେ ପଛକୁ ତାଙ୍କୁ ସବୁ ରାଜ୍ୟରୁ ତଡ଼ିଦେବ ସିନା ! ମୁଁ ରଜାଙ୍କୁ ଝିଅ ଦେବି ନାହିଁ ।'

ଦେବବ୍ରତ ବୀର ଯୁବକ; ସେ ସଙ୍ଗେ ସଙ୍ଗେ କହିଲେ 'କୈବର୍ତ୍ତ, ତୁମେ ଭୟ କରନାହିଁ । ମୁଁ ସତ୍ୟ କରୁଛି, ମୁଁ ରାଜା ହେବି ନାହିଁ । ତୁମରି ଝିଅର ପୁଅ ରାଜା ହେବ ।' ମାତ୍ର ଏ କଥାରେ କେଉଟର ବିଶ୍ୱାସ ହେଲାନାହିଁ । ସେ କହିଲା, 'ଦେବବ୍ରତ, ତୁମେ ରାଜା ନ ହେଲେ କଅଣ ହେଲା, ତୁମର ପୁଅ ହେଲେ ସେ ତ ପୁଣି ମୋ ଝିଅର ପୁଅ ନାତିମାନଙ୍କୁ ତଡ଼ି ଦେଇ ରାଜା ହେବ ? ସେ ଯେତେବେଳେ ବଡ଼ ପୁଅର ପୁଅ, ତାଙ୍କୁ ତ କେହି ମନା କରିପାରିବ ନାହିଁ । ମୋ ଝିଅ ରାଣୀ ହେବାରେ ବହୁତ ଦୁଃଖ ଅଛି । ସେ କଥା ମୋତେ କହ ନାହିଁ ।'

ବୀର ଦେବବ୍ରତ ପୁଣି ପ୍ରତିଜ୍ଞା କରି କହିଲେ, 'କୈବର୍ତ୍ତ, ପୁଣି ସତ୍ୟ କରୁଛି, ମୁଁ ବିଭା ହେବି ନାହିଁ ।'



Digitized by PPRACHIN, SOA

ଏହା ଶୁଣି ସମସ୍ତେ ଦେବବ୍ରତଙ୍କୁ ଧନ୍ୟ ଧନ୍ୟ କହିଲେ । ଦେବବ୍ରତଙ୍କର ନାମ ସେଇ ଦିନଠାରୁ ହେଲା ଭୀଷ୍ମ, ଅର୍ଥାତ୍ ଭୟଙ୍କର । କାରଣ; ସେ ଭୟଙ୍କର ସତ୍ୟ କରିଥିଲେ । ଏଇପରି ସତ୍ୟ କରିବାକୁ ଜଗତରେ ଲୋକେ ଭୟ କରନ୍ତି ବୋଲି ଏ 'ସତ୍ୟ' ଭୟଙ୍କର ।

– ◻ –

# ଲାଖବିନ୍ଧା ପରୀକ୍ଷା

ମହାଭାରତରେ କୁରୁ ପାଣ୍ଡବଙ୍କ କଥା ଶୁଣିଥିବ । ପାଣ୍ଡବ ପାଞ୍ଚଭାଇ- ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଆଉ ସହଦେବ । କୌରବମାନେ ଦୁର୍ଯ୍ୟୋଧନ ପ୍ରଭୃତି ଶହେ ଭାଇ, ସମସ୍ତେ ରଜାପିଲା । ପିଲାଦିନେ ଦ୍ରୋଣାଚାର୍ଯ୍ୟ ସେମାନଙ୍କୁ ଧନୁର୍ବିଦ୍ୟା ଶିଖାଉଥିଲେ ।

ସେ କାଳେ ଖଣ୍ଡା, ଧନୁଶର, ଗଦା ଆଦି ଧରି ଲଢ଼େଇ କରାଯାଉଥିଲା । ଧନୁରେ ଶର ମାରି ଯେ ଠିକ୍ କରି ଲାଖ କରି ପାରୁଥିଲା, ସେ ବୀର ବୋଲି ଗଣାଯାଉଥିଲା । ତୋପ, ବନ୍ଧୁକ, ଗୁଳି, ବୋମା ଏସବୁ ଆଗେ ନଥିଲା ।

ଶହେ ପାଞ୍ଚ ଭାଇ ଯାକ ଦ୍ରୋଣାଚାର୍ଯ୍ୟଙ୍କ ପାଖେ ସମସ୍ତେ ଏହି ଧନୁର୍ବାଣରେ ଲାଖ ବିନ୍ଧା ଶିଖୁଥିଲେ । ଦିନେ ଦ୍ରୋଣାଚାର୍ଯ୍ୟ ଏମାନଙ୍କ ବିଦ୍ୟା ପରୀକ୍ଷା କରିବାପାଇଁ ବାହାରିଲେ ।

ଦ୍ରୋଣାଚାର୍ଯ୍ୟ କାଠରେ ଗୋଟିଏ ନେଳି ଚଢ଼େଇ ତିଆରି କରାଇ ତାଙ୍କ ବଗିଚା ଭିତରେ ଗୋଟିଏ ଗହଳିଆ ଗଛ ଉପରେ ରଖିଦେଲେ । ସେ ସବୁ ଭାଇଙ୍କୁ ଡାକିଆଣି ଜଣ ଜଣକୁ କହିଲେ, "ହେଇଟି ଦେଖ, ଗଛ ଉପରେ ପତ୍ର ଗହଳରେ ଏହି ନେଳି ଚଢ଼େଇର ଡାହାଣ ଆଖି ଦିଶୁଛି ।'



Digitized by PPRACHIN, SOA

ପିଲାମାନେ କହିଲେ, 'ହଁ, ଦିଶୁଛି ।'

ଆଚାର୍ଯ୍ୟ କହିଲେ, 'ଧନୁରେ ଶର ମାରି ଏହି ଚଢ଼େଇର ଆଖିଟିକୁ ଲାଖ କରିବାକୁ ହେବ ।'

ପିଲାମାନେ କହିଲେ, 'ହଁ, ଲାଖ କରିବୁଁ ।'

ଦ୍ରୋଣ ସେଠାରୁ ଆଗ ଯୁଧିଷ୍ଠିରଙ୍କୁ ଡାକିଲେ, କହିଲେ, 'ତୁମେ କହିଲ, କଅଣ ଦେଖୁଛ ?'

ଯୁଧିଷ୍ଠିର କହିଲେ, 'ଗଛ ଦେଖୁଛି, ପତ୍ର ଦେଖୁଛି, ପତ୍ର ଗହଳରେ ଚଢ଼େଇଟି ଦେଖୁଛି- ସବୁ ଦେଖୁଛି ।"

ଦ୍ରୋଣ କହିଲେ, 'ଆଚ୍ଛା, ତେବେ ରହ ।' ତହୁଁ ଆଉ ସମସ୍ତଙ୍କୁ ଜଣ ଜଣ କରି ପଚାରିଲେ । ସମସ୍ତେ ସେହିପରି କହିଲେ । ଦ୍ରୋଣଙ୍କ ମୁହଁ ଶୁଖି ଯାଉଥାଏ । ସେ ବୁଝି ପାରିଲେ, ପିଲାଙ୍କ ଲାଖବିନ୍ଧା ଶିଖା ହୋଇନାହିଁ ।

ଶେଷକୁ ଥିଲେ ଅର୍ଜୁନ । ଅର୍ଜୁନଙ୍କୁ ଦ୍ରୋଣ ପଚାରିଲେ, 'ଆଚ୍ଛା, ତୁମେ କଅଣ ଦେଖୁଛ କହିଲ ?'

ଅର୍ଜୁନ କହିଲେ, 'ଗୁରୁଦେବ, ମୋତେ ତ କାହିଁ ଆଉ କିଛି ଦିଶୁନାହିଁ । ଗଛ ଦିଶୁନାହିଁ, ପତ୍ର ଦିଶୁ ନାହିଁ, ଚଢ଼େଇଟି ବି ପୂରା ଦିଶୁନାହିଁ । ଚଢ଼େଇର ଖାଲି ସେଇ ଆଖିଟି ଛଡ଼ା ମୋତେ ଆଉ କିଛି ଦିଶୁ ନାହିଁ ।'

ଦ୍ରୋଣଙ୍କ ମୁହଁ ହସରେ ପୂରି ଉଠିଲା । ଦ୍ରୋଣ ଅର୍ଜୁନଙ୍କୁ କୁଣ୍ଢାଇ ପକାଇ ଆଶୀର୍ବାଦ କରି କହିଲେ, 'ବାପା, ତୁମରି ଏକା ଲାଖବିନ୍ଧା ଶିଖା ହୋଇଛି । ଭଗବାନ କରନ୍ତୁ, ତୁମେ ଏ ବିଦ୍ୟାରେ ନାମ କର ।'

– ◻ –



Digitized by PPRACHIN, SOA

## ପଶୁପକ୍ଷୀ ବିଷୟକ କାହାଣୀ :

# ଲୋଭରେ ବିଲୁଆ ମଲା

ଗୋଟିଏ ବଣରେ ଗୋଟାଏ ବଡ଼ ବୁଢ଼ା ଛେଳି ଥାଏ । ତାର ଏଡ଼େ ଦାଢ଼ି, ଏଡ଼େ ଏଡ଼େ ଶିଙ୍ଘମାନ । ଖାଇ ପିଇ ମୋଟା ହୋଇ ସେ ଗୋଟାଏ ମଇଁଷି ପରି ଦିଶୁଥାଏ । ବଣ ଜନ୍ତୁମାନେ ତାକୁ ଦେଖିଲେ କଅଣଟାଏ ବୋଲି ଡରୁଥାନ୍ତି ।

ଗୋଟାଏ ବିଲୁଆ ସେ ଛେଳିକି ଉଣ୍ଡିଲା, ଜାଣିଲା ଏ ଛେଳିଟାଏ । ସେ ଛେଳିଟାକୁ ମାରି ଖାଇବାକୁ ତାର ଭାରି ମନ ହେଲା ।

କିନ୍ତୁ ବିଲୁଆ ପରି ଜୀବର କି ସାଧ୍ୟ, ସେ ଏଡ଼େ ଛେଳି ପାଖକୁ ଯିବ ?

ସେ ଗୋଟାଏ ଫିକର ପାଞ୍ଚିଲା । ସେ ବଣରେ ଗୋଟାଏ ବାଘ ଥିଲା । ସେ ବାଘ ବି ଏ ଛେଳିକି ଦେଖି ଡରୁଥାଏ । ବିଲୁଆ ଯାଇ କହିଲା, 'ବାଘ, ତୁ ଡରୁଛୁ କାହିଁକି ? ଏ ଯେ ଛେଳିଟାଏ; ବଢ଼ିଯାଇଛି । ତୁ ଚାଲ୍, ତାକୁ ମାରି କରି ଖାଇବା । ଚାଲ୍, ମୁଁ ତୋ ସାଙ୍ଗରେ ଅଛି, କିଛି ଡର ନାହିଁ । ତୁ ତାକୁ ଯାଇ ଧଇଲେ ସେ କିଛି କରି ପାରିବ ନାହିଁ ।"

ଏହିପରି ବାଘକୁ ବହୁତ ବୁଝାଇଲା । ବାଘ ଡରି ଡରି କେତେ କଷ୍ଟରେ ରାଜି ହେଲା । ବାଘ ଆଗେ ଆଗେ ଆସୁଥାଏ; ବିଲୁଆ ପଛେ ପଛେ ଆସୁଥାଏ ।

ଦୂରରୁ ଛେଳି ତାଙ୍କୁଦେଖି ଗୋଟାଏ ସିଝୁ ବୁଦା ଉପରକୁ ଚଢ଼ି ଡରରେ ବିକଳ ହୋଇ ଟିକିଏ ବିକଟାଳିଆ କରି ଚାହିଁ ଦେଲା ।

ସେତିକିରେ ବାଘ ଏକାବେଳକେ- ଦେ ଦଉଡ୍ । ବିଲୁଆ ଆଉ କଣ କରିବ ? ବାଘ ପଛେ ପଛେ ଦଉଡ଼ିଲା ।



Digitized by PPRACHIN, SOA

ବିଲୁଆ ପୁଣି ବାଘକୁ ବୁଝାଇଲା । ଏଥର ବାଘକୁ ଦମ୍ଭ ଦେବାପାଇଁ କହିଲା, 'ଆଛା ମୋ ଲାଙ୍ଗୁଡ଼ରେ ତୋ ଲାଙ୍ଗୁଡ଼ ମୁଁ ବାନ୍ଧି ଦଉଚି । ସେ ଖାଇଲେ ମତେ ଆଗ ଖାଇବ । ମୁଁ ତ ବିଲୁଆ ହୋଇ ଡରୁ ନାହିଁ । ତୁ ବାଘ ହୋଇ ଡରୁଛୁ କିଆଁ ?'

ବାଘ ବହୁ କଷ୍ଟରେ ପୁଣି ଆସିବାକୁ ମଙ୍ଗିଲା । ବିଲୁଆ ଏଥର ଆପଣା ଲାଙ୍ଗୁଡଟି ବାଘ ଲାଙ୍ଗୁଡରେ ଶକତ ଖରୁଡ଼ା ଫାଶଟିଏ ପକାଇ ଗଇଁଠେଇ ଦେଲା ।

ଏଥର ସେହିପରି ବାଘକୁ ଦୂରରୁ ଦେଖି ଛେଳି ସିଝୁ ବୁଦା ଉପରକୁ ଯୋଡାଏ ଗୋଡ଼ ଦେଇ ଆହୁରି ବିକଟାଳିଆକରି ଚାହିଁଦେଲା ।

ସେତିକିରେ ବାଘ ଚମକି ପଡିଲା । ଦଉଡ଼ିବ କଅଣ, ଏକାବେଳକେ ମାଇଲା ଡିଆଁ !

ବିଲୁଆତ ଲାଙ୍ଗୁଡ଼ରେ ବନ୍ଧା ହୋଇଛି, ବାଘ ଥରେ ଡିଆଁ ମାରି ତଳେ ପଡିଲେ ବିଲୁଆ କଚୋକିନି ଛେଚି ହୋଇଯାଏ ।

ଏହିପରି ଦି'ଚାରି ଥରରେ ବିଲୁଆର ହାଡ଼ଗୋଡ ସବୁ ଚୂନା ହୋଇଗଲା, ମୁଣ୍ଡରୁ ଦହି ବାହାରି ପଡିଲା ।

–□–

# ନିଷ୍ଠୁର କାଠୁରିଆ

ଗୋଟିଏ ବଣ ପାଖରେ କୁଡ଼ିଆ ବାନ୍ଧି ଗୋଟିଏ କାଠୁରିଆ ବୁଢ଼ା ଥାଏ । ତାଙ୍କ ଘରେ ମୋଟେ ଅଢେଇ ଜଣ ମଣିଷ- ସେ, ତା ଭାର୍ଯ୍ୟା ଓ ତାଙ୍କର ଦେଢ଼ ବର୍ଷର ପିଲା ପୁଅ । କାଠୁରିଆର ଗୋଟିଏ କୁକୁର ଥାଏ । ପିଲାଟି ଦିନୁ ଏ କୁକୁରକୁ କାଠୁରିଆବୁଢ଼ା ପୋଷିଥିଲା । କୁକୁର ତାର କେତେ ଉପକାର କରିଥିଲା । କିନ୍ତୁ କୁକୁର ବୁଢ଼ା ହୋଇ ଗଲାରୁ କାଠୁରିଆ ତା ଉପକାର ସବୁ ପାସୋରି ଦେଲା ।



Digitized by PPRACHIN, SOA

ଦିନେ କୁକୁରକୁ ବି' ଠେଙ୍ଗା ପିଟି ବାହାର କରିଦେଇ କାଠୁରିଆ କହିଲା, 'ଯା, ଯା, ମୋ ଘରୁ ନିକଳ, ବୁଢ଼ା କୁକୁର । ତୋର ଦାନ୍ତ ପଡିଗଲାଣି, ବି'ପାହୁଣ୍ଡ ଧାଇଁଗଲେ ଧଇଁସଇଁ ହେଇଯାଉଛୁ । ଖାଲି କଂସାଏ କଂସାଏ ମୋ ଘରେ ଗିଳିବୁ କାହିଁକି ?'

କୁକୁର ବିଚରା ବଡ଼ ଦୁଃଖରେ ବଣକୁ ବାହାରି ଗଲା । ଏତେଦିନ ତାକୁ ଖାଇବା ପୁଞ୍ଜାକ ପାଇଁ ଚିନ୍ତା ପଡୁନଥିଲା । ବୟସ ଥିବା ଦିନଯାକ ସୁଖରେ କଟିଲା । ଏ ବୁଢ଼ା ବୟସରେ କେଉଁଠାରୁ କଣ ଆଣି ଖାଇବ ?

କୁକୁରର ଗୋଟିଏ ଗଧିଆ ସଙ୍ଗେ ପରିଚୟ ଥାଏ । କୁକୁର ଯାଇ ସେଇ ଗଧିଆକୁ ସବୁ କଥା କହିଲା । ଗଧିଆ ସବୁ ଶୁଣି ଟିକିଏ ବିଚାରି କହିଲା, 'ଭାଇ, ତୋ ପାଇଁ ଗୋଟିଏ ଫନ୍ଦି ମୁଁ ପାଞ୍ଚିଲିଣି । ତୁ ଗୋଟିଏ କାମ କରିବୁ, ମୁଁ କାଲି ତମ ଘରଆଡୁ ଧାଇଁ କରି ପଳେଇ ଆସିଲା ବେଳେ, ତୁ ମୋତେ ଗୋଡ଼ାଇ ଯିବୁ, ଆଉ ବି' ପୁଳା କାମୁଡି ଦେବୁ । ବୁଢ଼ା କାଠୁରିଆ ତତେ ଏ ଅସମର୍ଥ ବୟସରେ ଛାଡି ଦେଇଛି । ତାକୁ ଉଚିତ ଶିକ୍ଷା ଦେବା ।"

କୁକୁର କହିଲା, 'ମୋର ତ ଦାନ୍ତ ନାହିଁ । ମୁଁ କାମୁଡିବି କିମିତି ? ଆଉ ଦାନ୍ତ ଥିଲେ ବା ମୁଁ ତତେ କାମୁଡିବା କଅଣ ଉଚିତ୍ ? ତୁ ପରା ମୋ ସାଙ୍ଗ ?'

ଗଧିଆ କହିଲା, 'ଖାଲି ମୋ ରୁମ୍ଗୁଡ଼ାକୁ ଟିକିଏ ଝୁଣି ଦେଲାପରି କରିପାରିବୁ ନାହିଁ ? ସେତିକି କଲେ ତତେ ଜୀବନ ତମାମ ଦିବ୍ୟ ଭାତ ଡାଲି ମିଳିବ, ଜାଣିଥା ।' କୁକୁର 'ହଉ' ବୋଲି କହିଲା ।

କାଠୁରିଆଣୀ ବୁଢ଼ୀ ପ୍ରତିଦିନ ସକାଳୁ ବାଡି ପିଣ୍ଡାରେ ପିଲାଟିକି କନା ଖଣ୍ଡକରେ ଶୁଆଇ ଦେଇ ବାସିପାଇଟି କରେ । ଗଧିଆ ଏ କଥା ଉଣ୍ଡିଥିଲା । ତହିଁ ଆରଦିନ ସକାଳୁ ସେ ଧାଇଁଯାଇଁ କନା ସୁଦ୍ଧା ପିଲାକୁ ଧରିଧାଇଁଲା । ବୁଢ଼ୀ ଯା ଦେଖିପାରି, 'ହୋ ହୋ' ହୋଇ ତା' ପଛରେ ଛାଞ୍ଚୁଣି ମୁଠା ଧରି ଧାଇଁଥାଏ, 'ମୋ



Digitized by PPRACHIN, SOA

ପିଲାକୁ ନେଇଗଲା ଲୋ' 'ମୋ ଧନକୁ ଖାଇଗଲା ଲୋ' ବୋଲି ପାଟି କରୁଥାଏ । ପାଖରେ କିଏ ଅଛି ସେ ଧାଇଁ ଆସି ପିଲାକୁ ଛଡ଼େଇ ଆଣିବ ?

କୁକୁର ଏତିକିବେଳେ ଭୋ ଭୋ ହୋଇ ଧାଇଁଆସି ଗଧିଆକୁ ଦି' ପୁଳା କାମୁଡ଼ି ଦେଲା । ଗଧିଆ ପିଲାକୁ ଛାଡିଦେଇ ପଳେଇଲା । ବୁଢ଼ୀ ଧାଇଁଆସି ପିଲାକୁ ଗୋଟେଇ ପକେଇଲା । କୁକୁରକୁ ବହୁତ ଆଉଁସିଲା ।

କାଠୁରିଆ ବୁଢ଼ା କାଠ ହାଣି କରି ଘରେ ପଶୁ ପଶୁ ବୁଢ଼ା ଧାଇଁ ଆସି ସବୁ କଥା କହିଲା । କାଠୁରିଆ ଭାରୀ ଖୁସୀ ହୋଇ କହିଲା, 'ବାଃ, ମୋ ବଳିଆ ବୁଢ଼ା ହେଲେ କଣ ହେଲା, ଗୁଣ ଛାଡ଼ି ନାହିଁ ।" ସେହି ଦିନଠାରୁ ଆଗ କୁକୁରକୁ ପେଟପୂରା ଖାଇବାକୁ ଦେଇ ସାରିଲେ ବୁଢ଼ା ଖାଇ ବସେ ।

–□–

# କାପେତା କାପେତୀ କଥା

ଗୋଟିଏ ଶବର ଥିଲା । ସେ ଖାଲି ଚଢ଼େଇ ମାରେ, ସେଇ ମାଉଁସ ଖାଏ । ଚଢ଼େଇ ମାଉଁସ ବିକି ସେଇ ପଇସାରେ କୁଟୁମ୍ବ ଚଳାଏ ।

ଦିନେ ସେ ବଣକୁ ଧନୁ, ଶର, ଅଠାକାଠି ଧରି ଚଢ଼େଇ ମାରି ଯାଇଥିଲା ।

ଭାରି ମେଘ ଉଠେଇଲା । ବିଜୁଳି ଘଡ଼ଘଡ଼ି ମାରି ଗୁଡ଼ାଏ କୁଆପଥର ବରଷି ଗଲା । ତା ଉତ୍ତାରୁ ପବନ ପିଟିଲା । ଝଡ଼ି ଧଇଲା ।

ଶବରକୁ ଭାରି ଶୀତ କଲା । ତା ହାତ ଆଉ ଚଳିଲା ନାହିଁ । ସେ ଥୁରୁ ଥୁରୁ ହୋଇ ଆସୁଥାଏ; ବାଟରେ ଦେଖିଲା ଗୋଟିଏ କାପେତୀ ଶୀତରେ ଦରମରା ହୋଇ ପଡ଼ିଚି । ଶବର କାପେତୀଟିକୁ ଗୋଟାଇ ଆପଣା ଖାଳେଇରେ ପକାଇ ଦେଲା । ଏତିକି ବେଳକୁ ସୂର୍ଯ୍ୟ ବୁଡ଼ିଗଲା । ସବୁଆଡ଼ ଅନ୍ଧାର ହୋଇ ଆସିଲା ।



Digitized by PPRACHIN, SOA

ଶବର ଦେଖିଲା, ଆଉ ଘରେ ପହଞ୍ଚି ପାରିବ ନାହିଁ । ବନସ୍ତ ଭିତରେ ଖୋଜି ଖୋଜି ସେ ଗୋଟାଏ ବଡ଼ ବରଗଛ ମୂଳକୁ ଗଲା ।

ଗଛକୁ ମୁଣ୍ଡିଆ ମାରି କହିଲା, "ହେ ବୃକ୍ଷରାଜ, ମୁଁ ଆଜି ତୋର ଅତିଥି ହେଲି । ତୁ ମୋତେ ରଖ ।"

ଏହା କହି ସେ ଥୁରୁ ଥୁରୁ ହୋଇ ଗଛମୂଳେ ପଡ଼ି ରହିଲା । ଗଛ ଉପରେ ଗୋଟିଏ କାପେତାର ବସା ଥିଲା। ସେ କାପେତାର ଗୁଡ଼ିଏ ପିଲା ଥାଆନ୍ତି ।

ସନ୍ଧ୍ୟା ହୋଇ ଯିବାରୁ କାପେତାଟି ତା ଭାରିଯାକୁ ଡାକିଲା । ଭାରିଯା ଘରକୁ ଫେରିଲା ନାହିଁ ।

କାପେତାଟି ବଡ଼ ବିକଳ ହୋଇ କାପେତୀ ପାଇଁ ବାହୁନିଲା । ଶବର ଖାଳୋଇ ଭିତରେ ଯେଉଁ କାପେତୀଟି ଥିଲା, ସେଇ ତାର ଭାରିଯା ।

କାପେତୀ କାପେତାର ବାହୁନା ଶୁଣି ଖାଳୋଇ ଭିତରୁ କହିଲା, "ମୋ ପାଇଁ କାନ୍ଦୁଛ କଅଣ ? ତୁମ ଦୁଆରେ ଯେ ଅତିଥି । ଶବର ଚଢ଼େଇମାନଙ୍କୁ ମାଇଲେ ହେଲେ କଅଣ ହେଲା, ସେ ଆଜି ଭୋକ ଶୋଷରେ ତୁମ ଦୁଆରେ ପଡିଛି । ଶୀତରେ ଥରୁଛି । ତୁମେ ତାର ସେବା ନ କରି ମାଇପ ପାଇଁ କାନ୍ଦୁଛ କଅଣ ? ଜନ୍ତୁ ଜନ୍ମ ହେଲେ ମରେ । ସେଥିପାଇଁ ଅତିଥି ସେବାଧର୍ମ ଛାଡ ନାହିଁ ।"

କାପେତା ଏହା ଶୁଣି ଚମକି ପଡିଲା । ସେ ଆସି ଶବରକୁ କହିଲା, "ହେ ଶବର ! ତୁମେ ମୋର ଆଜି ଅତିଥି । ତୁମର କଅଣ ଦରକାର କହ, ମୁଁ ପାରିଲେ କରିବି ।"

ଶବର କହିଲା, "ଆହା ଟିକିଏ ନିଆଁ ମିଳନ୍ତା । ଶୀତରେ ମୋ ମଜ୍ଜା ଥରି ଯାଉଛି ।"

କାପେତା ଉଡ଼ିଯାଇ ଗଉଡ଼ ଗୋଠରୁ ଥଣ୍ଟରେ ନିଆଁ ଘେନି ଆସିଲା । ଗଛ କୋରଡରୁ ଶୁଖିଲା ପତ୍ର ଗୋଟାଇ ଆଣିଲା; ନିଆଁଜାଳି ଦେଲା ।

ଶବର ଉଠି ନିଆଁ ପୁଆଁଇ ଟିକିଏ ଦମ୍ଭ ହେଲା ।

ସେଠାରୁ କପେତା କହିଲା,... "ଶବର, ତୁମେ ତ ଚଢ଼େଇ ମାଂସ ଖାଅ ।



Digitized by PPRACHIN, SOA

ତୁମକୁ ଭୋକ କରୁଥିବ, ଏଇ ମୋତେ ଖାଅ ।” ଏହା କହି ନିଆଁକୁ ଡେଇଁ ପଡ଼ିଲା ।

ଶବର ଏହା ଦେଖି ତା ମନରେ ଭାରି ଦୁଃଖ ହେଲା । ସେ ବିଚାରିଲା, ଆଉ ଜୀବ ହତ୍ୟା କରିବ ନାହିଁ ।

ସେଠାରୁ ସେ ଧନୁ, ଶର, ଜାଲ, ଖାଳୋଇ, ଅଠାକାଠି, ନଳ ସବୁ ଫିଙ୍ଗି ଦେଇ ସନ୍ନ୍ୟାସୀ ହୋଇ ବାହାରି ଗଲା ।

କାପେତୀଟି ଖାଳୋଇରୁ ବାହାରି ବର ପାଇଁ ଟିକିଏ କାନ୍ଦିଲା ଆପେ ଦୁଃଖରେ ନିଆଁରେ ଡେଇଁ ପଡ଼ିଲା ।

ପୁରାଣରେ ଅଛି, ଏହି ଧର୍ମ କାର୍ଯ୍ୟ ପାଇଁ କାପେତା କାପେତୀ ଦିହେଁ ସ୍ୱର୍ଗକୁ ଗଲେ । ଶବର ମଧ୍ୟ ଧର୍ମ କାର୍ଯ୍ୟରେ ରହି ମୋକ୍ଷ ହେଲା ।

– ◻ –

# ବିଲୁଆ, ହାତୀ ଓ କୁମ୍ଭୀର କଥା

ପାହାଡ଼ତଳ ବଣ ଭିତରେ ଗୋଟିଏ ନଈ । ନଈଟି ଓସାରିଆ; ସେଥିରେ ବର୍ଷସାରା ପାଣି ଥାଏ, ସୁଅ ହେଉଥାଏ । ନଈ କୂଳରେ ଖଣ୍ଡେ ଖଣ୍ଡେ ପଥର ଅଧେ ଅଧେ ଉପରକୁ ଦିଶୁଥାଏ ।

ଗୋଟିଏ ବିଲୁଆ ବଣରୁ ନିତି ସେହି ପଥର ଉପରେ ବସେ । ପଥର ପାଖେ ଗୋଟିଏ କୁମ୍ଭୀର ବସା କରି ରହିଥାଏ । କୁମ୍ଭୀରଟି ଭାରି ବଡ଼ । ବିଲୁଆ ତାକୁ ଦେଖି ଆଗ ଡରୁଥିଲା । କ୍ରମେ ଦୁହେଁ କଥାବାର୍ତ୍ତା ହେଲେ ଓ ସାଙ୍ଗସୁଖ ହୋଇଗଲେ, ସଙ୍ଗାତ ବସିଲେ ।

ବିଲୁଆ ନିତି ଆସି ଘଡ଼ିଏ କଥାବାର୍ତ୍ତା ହୋଇ ଚାଲିଯାଏ । ଦିନେ ବିଲୁଆ ଭାବିଲା, କୁମ୍ଭୀର ତାକୁ ନିର୍ବଳୁଆ ବୋଲି ବିଚାରୁଛି । ସେତେ ଖାତର କରୁନାହିଁ ।



Digitized by PPRACHIN, SOA

ଦେହରେ ବଳ ନଥିଲେ କଅଣ ହେବ, ବିଲୁଆର ବୁଦ୍ଧି ଅଛି । କୁମ୍ଭୀର ତ ସେତେ ବୁଦ୍ଧିଆ ନୁହେଁ ।

ସେହି ବଣକୁ ବେଳେ ବେଳେ ଗୋଟାଏ ହାତୀ ଆସୁଥାଏ । ବିଲୁଆ ସେହି ହାତୀ ସାଙ୍ଗେ କଥାବାର୍ତ୍ତା ହୋଇ ତା ସାଙ୍ଗେ ମିତ ବସିଲା । ହାତୀକି କହିଲା, 'ମିତ, ତୁମର ଆମର ଦିନେ ବଳ କଷାକଷି ହେବା ।" ହାତୀ ହସିଲା । କିନ୍ତୁ ବିଲୁଆ ଛାଡିଲା ନାହିଁ । ଶେଷରେ ହାତୀ କହିଲା, 'ହେଉ ତେବେ ।'

ସେ ଦିନ ମଙ୍ଗଳବାର । କଥା ହେଲା; ଆସନ୍ତା ଗୁରୁବାର ଦୁହେଁ ବଳ କଷାକଷି ହେବେ । ଗୋଟିଏ ଲମ୍ବା ଦମ୍ଭ ଦଉଡ଼ି ଆସିବ । ତାର ଗୋଟାଏ ମୁଣ୍ଡକୁ ହାତୀ ଥୋଡ଼ପାହାଡ଼ରେ ଗୁଡ଼ାଇ ଧରିବ । ତା'ପରେ ବିଲୁଆ ଯାଇ ଦୂରରେ ଆର ମୁଣ୍ଡ ଧରିବ । ଦୁହେଁ ଟଣାଟଣି ହେବେ । ଯେ ଘୋଷାରି ହୋଇ ଆସିବ, ସେ ହାରିଲା ବୋଲି ଜଣାଯିବ । ନ ହେଲେ, ସନ୍ଧ୍ୟାକୁ ସେଦିନ ଦଉଡ଼ି ଛାଡ଼ିଦେଇ ଯେଝା ଘରକୁ ଯିବେ । ରାତି ପାହିଲେ ପୁଣି ଦେଖା ହେବ ।

ହାତୀ ସାଙ୍ଗେ ଏହିପରି କଥା କରି ସାରି ବିଲୁଆ ପୁଣି କୁମ୍ଭୀର ପାଖକୁ ଗଲା ତାକୁ କହିଲା, "ସଙ୍ଗାତ । ଆମେ ବଳ କଷାକଷି ହେବା ।" କୁମ୍ଭୀର ଶୁଣି ଆଶ୍ଚର୍ଯ୍ୟ ହୋଇଗଲା । ବିଲୁଆ କି ଆଉ ଛାଡୁଛି ? କୁମ୍ଭୀର ସାଙ୍ଗେ ସେହିପରି କଥା ହେଲା । କୁମ୍ଭୀର ବି ଦଉଡ଼ିର ଗୋଟାଏ ମୁଣ୍ଡ ଧରି ଟାଣିବାକୁ ରାଜି ହେଲା ।

ବିଲୁଆ ବୁଧବାର ଦିନଯାକ ଲାଗି ଗୋଟାଏ ବଡ଼ ଟାଣୁଆ ଲମ୍ବ ଦଉଡ଼ି ଯୋଗାଡ଼ କଲା । ତାର ଗୋଟାଏ ମୁଣ୍ଡ ନଈକୂଳେ, ପୁଣି ଆର ମୁଣ୍ଡଟା ଦୂରରେ ବଣଭିତରେ ପକାଇ ଦେଲା । ଗୁରୁବାର ସକାଳୁ ଆସି କୁମ୍ଭୀରକୁ କହିଲା, 'ଚାଲ, ସଅଳ ଖିଆପିଆ ସାରିଦେବା । ତୁମେ ଦଉଡ଼ି ଧରିଲେ ମୁଁ ଯାଇ ଆର ମୁଣ୍ଡ ଧରିବି । ମୁଁ ଡାକ ଦେଲେ ତୁମେ ଟାଣିବ ।" ସେ ପୁଣି ହାତୀକି ଭେଟି ମଧ୍ୟ ଠିକ୍ ସେହି କଥା କହିଲା ।

ଦୁଇ ପହରକୁ ସମସ୍ତେ ସଜବାଜ ହୋଇ ଆସିଲେ । ବିଲୁଆ ଦଉଡ଼ିର ଗୋଟାଏ ମୁଣ୍ଡ ହାତୀକି ଧରାଇଦେଇ ଆର ମୁଣ୍ଡଟି କୁମ୍ଭୀରକୁ ଦେଲା । ଆପେ କିଛି



Digitized by PPRACHIN, SOA

ଦୂର ଆସି ବଣ ଭିତରେ ଲୁଚିଯାଇ ଗୋଟାଏ କୁହାଟ ଛାଡିଲା ।

ତେଣୁ ହାତୀ ଓ କୁମ୍ଭୀର ଦୁହେଁ କେହି କାହାକୁ ନ ଦେଖି ଦଉଡ଼ିର ଦୁଇ ମୁଣ୍ଡକୁ ଟାଣିଲେ । ଦୁହେଁ ତ ଭାରି ବଳୁଆ, କେହି କାହାକୁ ଘୋଷାରି ନେଇପାରୁନଥାନ୍ତି । ବିଲୁଆ ଦୁହିଙ୍କ ମଝିରେ ବୁଦାଭିତରେ ଲୁଚି ରହିଥାଏ । ସନ୍ଧ୍ୟା ହୋଇଗଲା । ଦଉଡ଼ି ଛାଡ଼ି ଦୁହେଁ ଯେଝା ଘରକୁ ଗଲେ । ଦୁହେଁ ମନେ ମନେ ବିଚାରିଲେ, "ଓହୋ, ବିଲୁଆ କେଡ଼େ ବଳୁଆ ସତେ ।"

ଶୁକ୍ରବାର ସକାଳୁ ବିଲୁଆ କୁମ୍ଭୀର ସଙ୍ଗାତକୁ ଦେଖିଲା; ପୁଣି ଯାଇ ହାତୀ ମିତକୁ ଦେଖିଲା । ଦୁହେଁ ଭାରି ଖୁସି ହେଲେ । ବିଲୁଆକୁ ସେମାନେ ଖୁବ୍ ବଳୁଆ ମନେ କରି ଏଣିକି ଖାତର କଲେ ।

-□-

# ବାଘ ଅଖାରେ ବନ୍ଧା ହେଲା

ବଣ ଭିତରେ ଗୋଟିଏ ପୁରୁଣା କୂଅ ଥିଲା । ଗୋଟିଏ ବାଘ ରାତିରେ ଶିକାର ପାଇଁ ବୁଲୁ ବୁଲୁ ସେହି କୂଅ ଭିତରେ ପଡ଼ିଗଲା । ସେ ଆଉ ଉଠି ପାରିଲା ନାହିଁ । କୂଅ ଭିତରଯାକ ବହେ ରାମ୍ପୁଡିଲା, ଉଠିବାକୁ କେତେ ଚେଷ୍ଟା କଲା, କିନ୍ତୁ କିଛି ହେଲା ନାହିଁ ।

ଦିନେ ଦୁଇଦିନ ବିତିଗଲା, ବାଘ ତା ଭିତରେ ଘୁମୁରୁ ଥାଏ । ଗୋଟିଏ ମଣିଷ ଗୋଟିଏ ଅଖାରେ ଅଖାଏ କନ୍ଦମୂଳ ମୁଣ୍ଡାଇ ସେ ବାଟେ ଯାଉଥିଲା । ବାଘ ଘୁମୁରା ଶୁଣି ବୋଝଟିକୁ ରଖିଦେଇ ସେ ଯାଇ କୂଅ ଭିତରକୁ ଚାହିଁଲା ।

ବାଘ ମଣିଷକୁ ଦେଖି କହିଲା, 'ତୁ ମତେ କୂଅରୁ କାଢି ଦେ, ତୋର ଧର୍ମ ହେବ । କାଢିଦେଲେ ତତେ ବହୁତ ଧନ ରତ୍ନ, ମୋତି ମାଣିକ ଦେବି ।'



Digitized by PPRACHIN, SOA

ମଣିଷର ଟିକିଏ ଦୟା ହେଲା । ଧନ ରତ୍ନ ପାଇବାକୁ ବି ଭାରି ଲୋଭ ହେଲା । ମଣିଷ ବହୁତ ବିଚାରି ବିଚାରି ବାଘକୁ କାଢ଼ିବାପାଇ ଗୋଟାଏ ବୁଦ୍ଧି ପାଞ୍ଚିଲା । ସେ ଦେଖିଲା ଯେଉଁ ଅଖାରେ ସେ କନ୍ଦମୂଳ ନେଉଥିଲା, ସେ ଅଖାଟା ଭାରି ଲମ୍ବା ଚଉଡ଼ା; ବଡ଼ ଅଖାଟାଏ, ସେ ଅଖାଟାରେ ବାଘଟା ସମ୍ଭାଇବ । ସେଠାରୁ ସେ ବଣରୁ ଲଇସବୁ ଆଣି ଗୋଟାଏ ଦଉଡ଼ି କରି ଅଖାରେ ବାନ୍ଧିଲା । ଆଗରୁ କନ୍ଦମୂଳଯାକ ତଳେ ଅଜାଡି ଦେଇଥିଲା । ଏବେ ଦଉଡ଼ି ଧରି, ଅଖାଟି କୂଅରେ ପକାଇ ବାଘକୁ କହିଲା, 'ତୁ ଏ ଅଖା ଭିତରେ ପଶ, ମୁଁ ତତେ ଟେକି ଆଣିବି ।'

ବାଘ ଅଖା ଭିତରେ ପଶି ଉପରକୁ ଆସିଲା । ସଙ୍ଗେ ସଙ୍ଗେ ଅଖା ଭିତରୁ ଡେଇଁ ପଡି ମଣିଷକୁ କହିଲା, 'ମୁଁ ଦି ଦିନ ହେଲା କିଛି ଖାଇନାଇଁ, ମତେ ଭୋଖ କରୁଚି, ମୁଁ ତତେ ଖାଇବି ।' ମଣିଷ କହିଲା, 'ବାଃ, ଏ ତ ଆଚ୍ଛା ଓଲଟା ନ୍ୟାୟ । ମୁଁ ତତେ କୂଅରୁ କାଢ଼ି ପ୍ରାଣ ରଖିଲି; ତୁ ମତେ ଖାଇବୁ ? ଚାଲିଲୁ, କାହାକୁ ପଚାରି ନ୍ୟାୟ କରିବା ।' ବାଘ କହିଲା, 'ହଉ ତେବେ ଚାଲ ।' ଦୁହେଁ ଯାକ ଯାଉ ଯାଉଁ ବାଟରେ ଗୋଟିଏ ବଳଦକୁ ଦେଖିଲେ । ତାକୁ ମଣିଷ ସବୁ କଥା କହିଲା । ପଚାରିଲା, 'ବାଘ ମତେ ଖାଇବା କଅଣ ନ୍ୟାୟ ?"

ବଳଦ ବିଚାରିଲା, ମଣିଷ ତ ଭାରି ଭଲଲୋକ । ପିଲାଦିନୁ ଆମକୁ ଧରି ଆମ ପିଠିରେ ଲଦନ ବୋହିବ, ଆମକୁ ହଳରେ ଯୋଚିବ ଶଗଡ଼ରେ ଲଗାଇବ, ଆମେ ଏହାପାଇଁ ସବୁ ଧାନ ମୁଗ କମାଇବୁ, ରୋଜଗାର କରିବୁ, ଆମକୁ ମଣିଷ ଦବ କୁଣ୍ଡାପାଣି, ପୁଣି ଆମେ କାମ କରି ନ ପାରିଲେ ଆମକୁ ବାହାରି କରିଦେବ । ଆମ ଠେଙ୍ଗୁ କୁଆ ହାଣୁଥିବ, ଆମକୁ ଇୟେ ପଚାରିବ ନାହିଁ । ୟାକୁ ବାଘ ଖାଉ । ଏହା ବିଚାରି କହିଲା, 'ବାଘକୁ ତ ଭୋଖ କରୁଚି ସେ ତତେ ଖାଉ ।"

ମଣିଷ ସେଥିରେ ମାନିଲା ନାହିଁ, କହିଲା, 'ଚାଲ ଆଉ କାହାକୁ ପଚାରିବା ।' ଦୁହେଁ ଯାକ ଯାଇ ଗୋଟିଏ ଆମ୍ବ ଗଛକୁ ପଚାରିଲେ । ମଣିଷ କହିଲା, 'ହଇରେ ଆମ୍ବଗଛ, ମୁଁ ଏ ବାଘକୁ କୂଅରୁ କାଢ଼ି ୟାର ପ୍ରାଣ ରଖିଲି ୟେ ମତେ ଖାଉବ, ୟେ କଣ ନ୍ୟାୟ ।' ଆମ୍ବଗଛ ବିଚାରିଲା, ବଉଳ ଦିନରୁ ମଣିଷ



Digitized by PPRACHIN, SOA

ମୋ ଡାଳଯାକ ଭାଙ୍ଗିବ । ମତେ ପିଟି ପାଟି ମୋ ଫଳଯାକ ଖାଇବ, ବୁଢ଼ା ହୋଇଗଲେ ମତେ ହାଣି ଜାଳିବ । ଯେ ମଣିଷକୁ ବାଘ ଖାଉ ।

ଏହା ବିଚାରି କହିଲା, "ବାଘକୁ ଭୋଖ କରୁଚି, ସେ ତତେ ଖାଇବ ନାହିଁ ଆଉ କଣ ଖାଇବ? ଏଥିରେ ଅନ୍ୟାୟ କଣ ହେଲା ? ଖାରେ ବାଘ, ଏ ମଣିଷକୁ ଖା ।"

ମଣିଷ କିନ୍ତୁ ମାନିଲା ନାହିଁ, କହିଲା, 'ଚାଲ, ଆଉ କାହାକୁ ପଚାରିବା ।' ଏହିପରି ଯାହାକୁ ପଚାରିଲେ, ସମସ୍ତଙ୍କର ତ ମଣିଷ ଅକାର୍ଯ୍ୟ କରିଚି, ସମସ୍ତେ କହିଲେ, "ଖାରେ ବାଘ, ଏ ମଣିଷକୁ ଖା ।'

ଶେଷକୁ ଗୋଟାଏ ବିଲୁଆ ହାବୁଡ଼ରେ ପଡ଼ିଲା । ମଣିଷ କହିଲା, 'ହଇରେ ବିଲୁଆ, ଏ ବାଘ କଣ ମତେ ଖାଇବା ନ୍ୟାୟ ? ତୁ କହ ।" ବିଲୁଆର । ଭାରି ବୁଦ୍ଧି, ସେ ଟିକିଏ ମୁତୁକି ହସା ଦେଲା, ମନେ ମନେ ବିଚାରିଲା, ଏ ନିର୍ବୁଦ୍ଧିଆଟା ନ୍ୟାୟ କରୁଚି; ହଉ ।

ଏହା ବିଚାରି ବିଲୁଆ କହିଲା, 'ଆରେ ମତେ ନ୍ୟାୟ ପଚାରୁଛ ଯେ , ମିଛ କଥାଗୁଡ଼ାକରେ ମୁଁ କଣ ନ୍ୟାୟ କରିବି ? ଏ ଅଖାଟା ତ ଚେପ୍ଟା ହୋଇ ଜମିରେ ପଡିଚି, ଯେ ବାଘ ଯା ଭିତରେ କେମିତି ପଶିଲା ? ଏ ତ ପସନ୍ଦ କଥା ନୁହେଁ, ଏଥିରେ କିଏ ନ୍ୟାୟ କରିବ କଅଣ ?'

ବାଘ ସେଥିରୁ ମନେ ମନେ ରାଗି ଯାଇ କହିଲା, 'କଣ, ମୁଁ ଏ ଅଖାରେ ପଶିବା ପସନ୍ଦ ହେଉନାହିଁ ?" ଏହା କହି ଅଖାଭିତରେ ପଶିଗଲା । ସଙ୍ଗେ ସଙ୍ଗେ ବିଲୁଆ ମଣିଷକୁ ଅଖା ମୁହଁଟି ବାନ୍ଧିବାକୁ ଠାରି ଦେଲା ।

ମଣିଷ ଅଖା ମୁହଁଟି ବାନ୍ଧି ଦେବାରୁ ବିଲୁଆ ମଣିଷକୁ କହିଲା, "ଯାକୁ ପିଟିକରି ମାର ! ନ୍ୟାୟ କଣ ଖୋଜୁଚୁ ?"

ମଣିଷ ପିଟି ପିଟି ବାଘଟିକୁ ମାରିଦେଲା ।

– ◻ –



Digitized by PPRACHIN, SOA

# ମାଙ୍କଡ଼ ଦଳରେ ମଣିଷ ପିଲା

ଏ ପ୍ରାୟ ତିରିଶ ବର୍ଷ ତଳର କଥା, ଖବରକାଗଜରେ ବାହାରିଥିଲା ।

ଦକ୍ଷିଣ ଆଫ୍ରିକାର ଜଙ୍ଗଲରେ ବହୁତପ୍ରକାର ମାଙ୍କଡ଼ ଅଛନ୍ତି । ଥରେ ସେହି ବଣଭିତରେ ଦଳେ ପୁଲିସ ଯାଉଥିଲେ । ଯାଉ ଯାଉ ସେମାନେ ପଲେ ମାଙ୍କଡ଼ ଭେଟିଲେ । ସେମାନଙ୍କୁ ଦେଖି ମାଙ୍କଡ଼ଯାକ ପଳାଇଲେ, ମାତ୍ର ସେଥିମଧ୍ଯରୁ ଗୋଟିଏ ବେଗରେ ଯାଇ ନ ପାରି ପଛକୁ ପଛକୁ ପଡ଼ି ଯାଉଥାଏ । ସେଇଟିକୁ ପୁଲିସମାନେ ଧରି ପକାଇଲେ । ଧରିଲାବେଳେ ସେ ଭାରି ପାଟି କଲା ଓ କାମୁଡ଼ି ରାମ୍ପୁଡି ପକାଇଲା ।

ପୁଲିସମାନେ ତାକୁ ଧରି ଦେଖିଲାବେଳକୁ ଜାଣିପାରିଲେ, ସେଇଟି ମାଙ୍କଡ଼ ନୁହେଁ, ସେ ଗୋଟିଏ ମଣିଷ ପିଲା । ତାକୁ ସହରକୁ ଆଣି ଆଗ ଗୋଟିଏ ପାଗଳଖାନାରେ ରଖିଦେଲେ । ତା ନାଆଁ ଦେଲେ ଲୁକାସ୍ । ସେଇଟି ଆଫ୍ରିକାର ବଣୁଆ ଲୋକଙ୍କ ପିଲା । କିପରି ମାଙ୍କଡ଼ଙ୍କ ଭିତରେ ଥିଲା, କିଏ କହିବ ?

ମାତ୍ର ସେ ମାଙ୍କଡ଼ ପରି ତଳେ ହାତ ଲଗାଇ ଚାଲୁଥିଲା, ଦୌଡୁଥିଲା, ଗଛରେ ଚଢ଼ି ଡାଳକୁ ଡାଳ ଡେଉଁଥିଲା । ମାଙ୍କଡ଼ଙ୍କ ପରି ପାଟି କରୁଥିଲା, ଖତେଇ ହେଉଥିଲା । ସେ କଥା କହିପାରୁ ନଥିଲା, କି ବୁଝି ପାରୁ ନଥିଲା ।

ସ୍ମିଥ୍ ବୋଲି ଜଣେ ବଡ଼ ଚାଷୀ ସାହେବ ଲୁକାସ୍‌କୁ ଘେନିଗଲେ । ତାଙ୍କର ଯେଉଁ ଗାଆଁରେ ଚାଷ ଥିଲା, ସେହି ଗାଆରେ ନେଇ ତାକୁ ଖଳା ଘରେ ଲୋକଙ୍କ ସାଙ୍ଗେ ରଖିଦେଲେ । ସେ କେବେ କେବେ ମାଙ୍କଡ଼ଙ୍କ ପରି ଝିଙ୍କାରି ହୁଏ, ବିରାଡ଼ି ଦେଖିଲେ କାମୁଡ଼ି ଗୋଡ଼ାଏ; ଜିନିଷସବୁ ଏଣେ ତେଣେ ଫିଙ୍ଗି ଫୋପାଡ଼ି ନଷ୍ଟ କରିଦିଏ । ମାତ୍ର ପିଲାଙ୍କୁ ଭାରି ସୁଖ ପାଏ ।



Digitized by PPRACHIN, SOA

କ୍ରମେ ଦଶ କୋଡ଼ିଏ ବର୍ଷ ବିତିଗଲା । ଲୁକାସ୍ ଇଂରେଜୀ ଭାଷା ଶିଖିଲା, ଇଂରେଜୀରେ ବେଶ୍ କଥାବାର୍ତ୍ତା କଲା । ତା ନିଜ ବଣୁଆ ଭାଷା ତ ସେ ଜାଣି ନଥିଲା । ତଥାପି ଯାହା ଦୁଇ ଚାରିଟା ଶବ୍ଦ ସେ ପିଲାବେଳେ ଶିଖିଥିଲା, ସେତକ ତା ମନେ ପଡିଲା । ତାହାରି ଜାତିର ବଣୁଆ କାଫ୍ରି ଲୋକେ ମଧ୍ୟ ସ୍ମିଥ୍‌ଙ୍କ ଖଳାରେ ହଳିଆ ମୂଲିଆ ହୋଇ କାମ କରୁଥିଲେ । ଲୁକାସ୍ ସେହି କାଫ୍ରିମାନଙ୍କଠାରୁ ବୁଦ୍ଧିରେ ଟିକିଏ ଊଣା ଥିଲା, ମାତ୍ର କାମ ଦେଲେ ତାହାକୁ ସେ ଭାରି ଯତ୍ନରେ କରୁଥିଲା । ଠକିବା କଥା ତାକୁ ଜଣା ନଥିଲା । ଖାଇବାରେ ମାଙ୍କଡ଼ ସ୍ୱଭାବ ତାର ରହିଲା । କଞ୍ଚା ଫଳ, ମକା ପ୍ରଭୃତି ପାଇଲେ ସେ ଭାରି ଖୁସିରେ ଦୁଇ ହାତରେ ଧରି କାମୁଡ଼ି ଚୋବାଇ ଖାଇଯାଏ ।

ଖଳାକୁ ଆଣିଲାପରେ ସ୍ମିଥ୍ ଦେଖିଲେ, ତା ଦେହରେ ବହୁତ ମାଙ୍କଡ଼ କାମୁଡ଼ା ଘାଆ ଚିହ୍ନ ଅଛି । ଗୋଟିଏ ଗୋଡ଼ର ହାଡ଼ ଭାଙ୍ଗିଯାଇ ପୁଣି ଯୋଡ଼ି ହୋଇଯାଇଛି । ତା ମୁଣ୍ଡରେ ଗୋଟାଏ ଚକା ଘାଆର ଚିହ୍ନ ଅଛି । କଥା କହି ଶିଖିଲା ପରେ ଲୁକାସ୍ କହିଲା, ‘ଏଇ ଚକା ଘାଆଟି ଗୋଟିଏ ଓଟପକ୍ଷୀର ପାଦଚିହ୍ନ ।’ ଓଟପକ୍ଷୀ ଥରେ ତାକୁ ମାଡିପକାଇ ଖଣ୍ଡିଆ କରି ଦେଇଥିଲା ।

ଗୋଟିଏ କଥା ସେ ଜମା ଜାଣିପାରୁ ନ ଥିଲା- ସଞ୍ଜ ସକାଳ, ଦିନ ରାତି ସବୁ ତାର ସମାନ । ଯେତେବେଳେ ଯାହା କରିବାକୁ ହେବ, ତା କହି ନ ଦେଲେ ସେ ମନକୁ କରିପାରେ ନାହିଁ । ‘କାଲି ସକାଳୁ ଏହା କରିବୁ’ ବୋଲି କହିଲେ ସେ କିଛି ବୁଝୁ ନଥିଲା । ପୁଣି ଠିକ୍ ସକାଳୁ ‘ଏହା କର’ ବୋଲି କହି ନ ଦେଲେ ସେ କିଛି ନ କରି ବସି ରହୁଥିଲା । ମାତ୍ର ସେ ଜମାରୁ ଅଳସୁଆ ନଥିଲା ।

–□–



Digitized by PPRACHIN, SOA

# କୁକୁରର ବୁଦ୍ଧି

ଜଣେ ଭଦ୍ରଲୋକ ଗୋଟିଏ କୁକୁର ପୋଷିଥିଲେ । ସେ କୁକୁରଟିକୁ ଭାରି ସୁଖ ପାଆନ୍ତି, ତା ବିଷୟରେ ବହୁତ ପ୍ରଶଂସା କରି ସାଙ୍ଗସାଥୀଙ୍କୁ କହନ୍ତି । ଦିନେ ସେ ଜଣେ ସାଙ୍ଗକୁ କହିଲେ, 'ଦେଖ, ମୋ କୁକୁରଟି କେଡ଼େ ଗୁଣର । ମୁଁ ଯେବେ ବାଟରେ ଯାଉଁ ଯାଉଁ କିଛି ଜିନିଷ କୌଣସିଠାରେ ଛାଡିଯାଏଁ, ତେବେ କେତେ ଦୂର ଗଲାପରେ କୁକୁରକୁ ଟିକିଏ ଇସାରା ଦେଲେ ସେ ଯାଇ ତାହା ଘେନିଆସେ ।"

ବନ୍ଧୁଟି କହିଲେ, "ଆଚ୍ଛା, ଆଜି ତୁମ କୁକୁରକୁ ପରୀକ୍ଷା କରିବା ।" ଏହା କହି ଗୋଟିଏ ଅଧୁଲିରେ ଦାଗ ଦେଇ ସେହି ଅଧୁଲିଟି ବାଟ ପାଖେ ଗୋଟିଏ ବଡ଼ ପଥର ତଳେ ରଖିଦେଲେ । କୁକୁର ଦେଖୁଥାଏ । କେତେ ଦୁର ଆସି କୁକୁରର ପ୍ରଭୁ କୁକୁରକୁ ଅଧୁଲିଟି ଆଣିବାପାଇଁ ସଙ୍କେତ ଦେଲେ । କୁକୁରଟି ସେହିଠାରୁ ଫେରିଗଲା ।

ସମସ୍ତେ ଘରକୁ ଆସିଲେ; କିନ୍ତୁ କୁକୁର ଆଉ ଫେରିଲା ନାହିଁ। କ୍ରମେ ସନ୍ଧ୍ୟା ହେଲା, ରାତି ହେଲା- କୁକୁରର ଦେଖାନାହିଁ । ଭାଳେଣି ପଡିଗଲା। କୁକୁରକୁ ବହୁତ ଖୋଜିଲେ, ସେ ମିଳିଲା ନାହିଁ ।

ବଡ଼ି ସକାଳୁ ଦେଖାଗଲା, କୁକୁର ଗୋଟିଏ କୋଟ୍ କାମୁଡ଼ି ଦୁଆରେ ଆସି ହାଜର । ସମସ୍ତେ ଆଶ୍ଚର୍ଯ୍ୟ ହେଲେ । କୁକୁର ମୁହଁରୁ ଜାମାଟି ନେଇ ପକେଟସବୁ ଦେଖି ପକାଇଲେ । ଦେଖାଗଲା, ପକେଟରୁ ସେଇ ଦାଗଦିଆ ଅଧୁଲିଟି ଓ ତା ସଙ୍ଗେ ସଙ୍ଗେ ଆଉ କେତେଗୁଡ଼ିଏ ଟଙ୍କା ପଇସା ଅଛି । ଛାତି ପକେଟରୁ ଗୋଟିଏ ସୁନା ଶିକୁଳିଲଗା ସୁନାଘଣ୍ଟା ମଧ୍ୟ ବାହାରିଲା । ଏଥିରୁ କେହି କିଛି ବୁଝିପାରିଲେ ନାହିଁ । କୁକୁରର ସ୍ୱାମୀ ଖବରକାଗଜରେ ବିଜ୍ଞାପନ ଦେଲେ- ଏହିସବୁ ଜିନିଷମାନ



Digitized by PPRACHIN, SOA

କୁକୁର ଆଣିଥିବା ଗୋଟିଏ ଜାମାରୁ ବାହାରିଛି; ଯାହାର ଜିନିଷ ସେ ଆସି ନେଇଯାନ୍ତୁ ।

ଏ ବିଜ୍ଞାପନ ପଢ଼ି ଜଣେ ଭଦ୍ରଲୋକ ଆସି ପହଞ୍ଚିଲେ । ତାଙ୍କଠାରୁ ସବୁ କଥା ଜଣାପଡିଲା । କଥାଟି ଏହି-

କୁକୁରଟି ପଥର ତଳୁ ଅଧୁଲି କାଢ଼ି ନ ପାରି ସେହି ସ୍ଥାନକୁ ରାମ୍ପୁଡି ଦେଉଥାଏ, ତାହା ପରେ ବିକଳ ହୋଇ ଭୁକୁଥାଏ । ଏହା ଦେଖି ଜାମାବାଲା ଭଦ୍ରଲୋକଟି ସେଠାକୁ ଯାଇ ପଥରଟି ଟେକି ଗଡ଼ାଇଦେଲେ । ପଥର ତଳେ ଅଧୁଲିଟି ଦେଖି ତାହା ନିଜ ପକେଟରେ ପକାଇ ଦେଇ ବାଟରେ ଚାଲିଲେ । ତହୁଁ କୁକୁରଟି ତାଙ୍କ ପଛେ ପଛେ ଚାଲିଲା । ସେ ଯାଇ ଗୋଟିଏ ଡାକ ବଙ୍ଗଳାରେ ରହିଲେ । କୁକୁରଟି ମଧ୍ୟ ସେହି ଡାକବଙ୍ଗଳା ଭିତରକୁ ପଶିଲା । ରାତିରେ ଖାଇ ପିଇ ସାରି ଜାମା କାଢି ଗୋଟିଏ କୁରୁଚି ପିଠିରେ ଝୁଲାଇଦେଇ ସେ ଖଟରେ ଶୋଇଲେ । କୁକୁର ଯାଇ ତୁନୀ ହୋଇ ସେଇ ଖଟତଳେ ବସି ରହିଲା । ଶୋଇଲାବେଳେ ପଞ୍ଝର ଗୁଡ଼ିକ ମେଲା ହୋଇଥାଏ । ସକାଳୁ ଉଠି ସେ ଦେଖିଲେ ଜାମାଟି ନାହିଁ, କୁକୁର ମଧ୍ୟ ନାହିଁ । ସେ ଅନୁମାନ କଲେ, କୁକୁର ଜାମାଟି ଧରି ରାତିରେ ଝରକା ବାଟେ ବାହାରି ଯାଇଛି ।

– ◻ –



Digitized by PPRACHIN, SOA

# ସିଂହ, ବିଲୁଆ ଓ ହରିଣ କଥା

ଏକ ବଣରେ ଗୋଟିଏ ଭାରି ସୁନ୍ଦର ହରିଣ ଥାଏ । ତା ଦେହରୁ ମାଛି ଖସି ପଡୁଥାଏ । ଗୋଟିଏ ବିଲୁଆ ତାକୁ ଦେଖିଲା । ବିଲୁଆର ଭାରି ଲୋଭ ହେଲା, କିମିତି ସେ ହରିଣର ମାଂସ ଖାଇବ ।

କିନ୍ତୁ ବିଲୁଆ ପରା ଛୋଟ ଜନ୍ତୁ, ଏଡ଼େ ବଡ଼ ହରିଣକୁ ମାରିବାପାଇଁ ତାର କି କରାମତି ? ସେ ପାଞ୍ଚି ପାଞ୍ଚି ଯାଇ ସିଂହ ପାଖେ ପହଞ୍ଚିଲା ।

ସିଂହ ତ ପଶୁରାଜ, ସେ ବଣରେ ସବୁ ପଶୁଙ୍କର ରାଜା । ବିଲୁଆ କହିଲା, 'ହେ ମହାରାଜ ! ମୋ କଥା ଶୁଣନ୍ତୁ । ମୁଁ ଗୋଟାଏ ହରିଣ ଦେଖିଛି, ତାକୁ ଦେଖିଲେ ଆପଣଙ୍କର ବି ଲୋଭ ହେବ । ଆପଣ ଯଦି ତାକୁ ମାରନ୍ତି, ଦିହେଁ ଯାକ ତା ମାଂସ ଖାଇବା ।'

ସିଂହ କହିଲା, 'କିରେ, ତୁ କଅଣ ଓଲୁ ? ଖାଲି ବିଚାରିଲେ ତ ହରିଣ ଆମ ଆଁରେ ପଶିଯିବ ନାହିଁ । ଆମକୁ ଦୂରରୁ ଦେଖିଲା କ୍ଷଣି ସେ ତ ପବନ ପରି ଦୌଡ଼ା ମାରିବ । ଆମେ ତାକୁ ଧରିବା କିପରି ଯେ ଖାଇବା ?'

ବିଲୁଆ କହିଲା, 'ଆପଣ ଟିକିଏ ଖାଲି ତୁନୀ ହୋଇ ବସିବେ । ମୁଁ ତାକୁ ଆପଣଙ୍କ ଗୋଡ଼ ତଳକୁ ଘେନି ଆସିବି ।' ସିଂହ କହିଲା, 'ଆଚ୍ଛା, ତେବେ କ'ଣ କରୁଛ କର ।'

ସେଠାରୁ ବିଲୁଆ ଯାଇ ହରିଣ ପାଖେ ପହଞ୍ଚିଲା । ତା ସାଙ୍ଗେ ଗୋଟାଏ ଖୁବ୍ ଆଳାପ ଜମାଇ ଦେଲା । ହରିଣର ବିଶ୍ୱାସ ହୋଇଗଲା । ବିଲୁଆ ତା ପରେ ତାକୁ କହିଲା, 'ହରିଣ ! ଗୋଟାଏ ବିଶ୍ୱାସ୍ କଥା କହିବାକୁ ଏ ବଣର ରାଜା ମୋତେ ପଠାଇଛନ୍ତି । ତୁ ଶୁଣିଲେ ମୁଁ କହିବି ।'

ହରିଣ କହିଲା, 'କଅଣ ତେବେ କହ ।' ବିଲୁଆ କହିଲା, 'ଏ ବଣର ରାଜା ସିଂହ ବୁଢ଼ା ହୋଇ ଆସିଲାଣି । ତାର ମରିବାକୁ ଆଉ ବା କେତେ ଦିନ



Digitized by PPRACHIN, SOA

ଅଛି ? ସେ ଏତେ ଦିନ ଯାଏ ବଣରେ ରାଜା ଥିଲା । ଏବେ କାହାକୁ ରାଜା କରିଦେଇ ଯିବ ବୋଲି ଭାଳେଣିରେ ପଡ଼ିଛି । ମୁଁ କହିଲି ତୋ ନାଁ । ଏ କଥା ଶୁଣି ତା ମନକୁ ବଡ଼ ପାଇଲା । ତୋ ପରି ସୁନ୍ଦର ଜୀବଟିଏ ବା ଆଉ କିଏ ଅଛି ? ପୁଣି ତୁ ଦଉଡ଼ିବାରେ ଯିମିତି ଚଞ୍ଚଳ, ବୁଦ୍ଧିରେ ବି ସିମିତି ସରସ; ଖାଲି ମଙ୍ଗିଲେ ହେଲା । ତୁ ରାଜା ହେଲେ ମତେ ଏକା ମନ୍ତ୍ରୀ କରିବୁ ।"

ହରିଣ ଶୁଣି ତା ମନ ଭାରି ଖୁସି ହୋଇଗଲା । ସେ ବିଲୁଆ ସାଙ୍ଗେ ସିଂହ ପାଖକୁ ଯିବାକୁ ରାଜି ମଧ୍ୟ ହୋଇଗଲା ।

ବିଲୁଆ ହରିଣକୁ ଘେନି ସିଂହ ପାଖକୁ ଗଲା । ହରିଣ ସିଂହ ପାଖେ ପହଞ୍ଚୁ ପହଞ୍ଚୁ ସିଂହ ଆଁ କରି ହରିଣକୁ ଧରିବାକୁ ଗଲା । ହରିଣ ଭୟରେ ପଳାଇ ଆସିଲାବେଳକୁ ତାର ଡାହାଣ କାନଟା ସିଂହର ପାଟିରେ ପଡ଼ିଗଲା । କାନଟା କାମୁଡ଼ି ହୋଇ ଛିଡ଼ିଗଲା । ହରିଣ ରକ୍ତସ୍ନାନ ହୋଇ ପଳାଇ ଆସିଲା ।

ସିଂହ ନିରାଶ ହେଲା । ବିଲୁଆ ପୁଣି ଏକ ବୁଦ୍ଧି ପାଞ୍ଚିଲା । ସେ ସିଂହକୁ କହିଲା, 'ଆପଣ ତ ଖାଲି ତରତର ହେଲେ ।' ସିଂହ କହିଲା, 'ଆଉ କିଛି ଉପାୟ ଅଛି ? ସେ କ'ଣ ଆଉ ଆସିବ ?'

ବିଲୁଆ କହିଲା, 'ମୁଁ ଉପାୟ କରିବି, କିନ୍ତୁ ସେ ଆସିଲେ ଆପଣ ଆଉ ତରତର ହେବେ ନାହିଁ । ଏଥର ଶିକାର ଛାଡ଼ିଦେଲେ ଆଉ ହାବୁଡ଼େ ପଡିବ ନାହିଁ ।'

ହରିଣ ଆଉ ବିଲୁଆ କଥାରେ ପଡ଼ି ଆସିବ ବୋଲି ସିଂହର ବିଶ୍ୱାସ ହେଉ ନଥାଏ । ତେବେ ମଧ୍ୟ ସିଂହ ବସି ରହିଲା । ବିଲୁଆ ହରିଣ ପାଖକୁ ଆସିଲା ।

ବିଲୁଆ କହିଲା, 'ହଇରେ ହରିଣ, ତୁ କେଡ଼େ ଓଲୁଟାଏ ରେ ! ଯେ ରାଜ୍ୟ ଦିଏ, ସେ କଅଣ ବଡ଼ ପାଁଟି କରି ଢେଙ୍ଗୁରା ବଜାଇ କହୁଥାଏ କି ? ସିଂହ ତ ତତେ ଗୁପ୍ତରେ କହିବ ବୋଲି ତୋ କାନ ପାଖକୁ ମୁହଁ ଆଣୁଥିଲା, ତୁ ପଳାଇ ଆସିଲୁ । ତେବେ ମଧ୍ୟ ସେ ତୋ କାନକୁ କାମୁଡି କରି ଭିଡ଼ି ଧଇଲା, ତୁ



Digitized by PPRACHIN, SOA

ବୁଝିପାରିଲୁ ନାହିଁ ? ଏବେ ଯାହା ହେବାର ହେଲାଣି । ସିଂହ ବଡ଼ ଦୁଃଖରେ ଚାହିଁ ବସିଛି, ତୁ ମୋ ସାଙ୍ଗେ ଫେରେ ଆ । ମୁଁ ତୋ ପାଇଁ ତାକୁ ବହୁତ କହି ପୋଛି ଆସିଛି ।

ହରିଣ ପୁଣି ବିଲୁଆ କଥାରେ ଭୁଲି ତା ସାଙ୍ଗେ ସିଂହ ପାଖକୁ ଗଲା । ସିଂହ ଏଥର ଆଉ ତରତର ହେଲାନାହିଁ । ଆସ୍ତେ ଆସ୍ତେ ବେକ ପାଖକୁ ମୁହଁ ଆଣି ଏକାବେଳକେ ବେକକୁ କାମୁଡ଼ି ଧଇଲା. ।

ସେଠାରୁ ବିଲୁଆ ସିଂହ ଦୁହେଁ ଲାଗିପଡି ହରିଣଟିକୁ ଖାଇବାରେ ଲାଗିଲେ । ମୁଣ୍ଡର ଦହିତକ ବଡ଼ ସୁଆଦ। ବିଲୁଆ ଭାରି ଚତୁର । ସେ ସେତକ ଆଗ ତୁନୀକରି ଖାଇଦେଲା ।

ସିଂହ ହରିଣ ମୁଣ୍ଡରେ ସେହି ଦହିତକ ଖୋଜିଲା ବେଳକୁ ପାଇଲା ନାହିଁ ! ବିଲୁଆକୁ ପଚାରିଲା, "କିରେ ହରିଣର ମୁଣ୍ଡଦହି କାହିଁ ? ତୁ ଆଗ ଖାଇଦେଲୁ କି ?"

ବିଲୁଆ କହିଲା, "ଏପରି ଗୋଟେ ଓଲା ଜୀବର ମୁଣ୍ଡରେ ଦହି ଥିଲା ବୋଲି ଆପଣ ବିଶ୍ୱାସ କରୁଛନ୍ତି କିପରି ?"

– □ –

# ପେଚାଙ୍କ କଥାବାର୍ତ୍ତା

ପୂର୍ବକାଳରେ ଦ୍ରାବିଡ ଦେଶରେ ଜଣେ ରାଜା ଥିଲେ । ସେ ପ୍ରଜାଙ୍କୁ ପୀଡ଼ା ଦିଅନ୍ତି । ତାଙ୍କର ବହୁତ ସୈନ୍ୟ ସାମନ୍ତ ଥାଆନ୍ତି । ରାଜା ବି ନିଜେ ଖୁବ୍ ସାହାସୀ । ତାଙ୍କୁ ଯୁଦ୍ଧରେ କେହି ପାରନ୍ତି ନାହିଁ । ଆଖ ପାଖ ରାଜ୍ୟମାନ ସେ ଜିଣି ଯାଉଥାଆନ୍ତି । ଯେଉଁ ରାଜ୍ୟ ଜିଣୁଥାନ୍ତି ତାକୁ ଲୁଟ୍‌ପାଟ୍ କରି ନାରଖାର କରି



Digitized by PPRACHIN, SOA

ପକାଉଥାଆନ୍ତି । ଲୋକେ ସହି ନ ପାରି ରାଜ୍ୟ ଛାଡ଼ି ବଣକୁ ପଳାଉଥାନ୍ତି । ଜମିବାଡ଼ି କ୍ରମେ ପଡ଼ିଆ ହୋଇ ଜଙ୍ଗଲ ହୋଇ ଯାଉଥାଏ । ଖାଇବାକୁ ନ ପାଇ ବି ଲୋକେ ପଡ଼ି ମରି ଯାଉଥାନ୍ତି । ଏହିପରି କେତେ ଗାଆଁ ମଶାଣିପଦା ହୋଇ ଯାଉଥାଏ ।

ବାପାଙ୍କ ଅମଳରୁ ସେ ରାଜାଙ୍କର ଜଣେ ବୁଢ଼ା ମନ୍ତ୍ରୀ ଥିଲେ । ସେ ଭାରି ଧାର୍ମିକ । ତାଙ୍କ ବୁଦ୍ଧି ବି ବଡ଼ ତାରିଫ୍ । ବେଳେବେଳେ ସେ ବିଚାରୁ ଥାଆନ୍ତି, ଚାକିରି ଛାଡି ପଳାଇବେ । କିନ୍ତୁ ପଚାଶ ବରଷ କାଳ ସେହି ରାଜ୍ୟର ମନ୍ତ୍ରୀ ହୋଇଛନ୍ତି । ମାୟା ମମତା ଛାଡୁଛନ୍ତି କେତେକେ ?

ଦିନେ କଥା ପଡୁ ପଡୁ ମନ୍ତ୍ରୀ ରାଜାଙ୍କୁ କହିଲେ ଯେ, ସେ ଚଢ଼େଇଙ୍କ କଥାବାର୍ତ୍ତା ବୁଝିବା ପାଠ ଶିଖିଛନ୍ତି । ରାଜା ତ ହସି ହସି ଗଡ଼ିଗଲେ । ସେ କଥା ରାଜାଙ୍କ ମନକୁ ପାଇଲା ନାହିଁ । ମନ୍ତ୍ରୀ ବି ତୁନି ହେଲେ ।

ରାଜା ବରାବର ପାରିଧିକି ଯାଆନ୍ତି । ମନ୍ତ୍ରୀ ବି ସାଙ୍ଗରେ ଥାଆନ୍ତି । ଦିନେ ପାରିଧିରୁ ଫେରୁଛନ୍ତି, ରାଜା ଦେଖିଲେ, ଯୋଡ଼ିଏ ପେଚା ଗୋଟିଏ ଗଛରେ ଲଗାଲଗି ହୋଇ ବସିଛନ୍ତି । ମନ୍ତ୍ରୀଙ୍କୁ ପରୀକ୍ଷା କରିବାକୁ ରାଜାଙ୍କୁ ମନ ହେଲା । ରାଜା କହିଲେ, "ତୁମେ ପରା ଚଢ଼େଇଙ୍କ କଥାବାର୍ତ୍ତା ବୁଝି ପାର । ଏ ପେଚା ଦିଓଟି କ'ଣ କଥାବାର୍ତ୍ତା ହେଉଛନ୍ତି, କହିଲ ଦେଖି ।'

ମନ୍ତ୍ରୀ ସେହି ଗଛ ମୂଳକୁ ଗଲେ, କାନ ଡେରିଲା ପରି କେତେବେଳ ଯାଏ ତୁନି ହୋଇ, ତାପରେ ମୁହଁ ଶୁଖାଇ ରାଜାଙ୍କ ପାଖକୁ ଫେରି ଆସିଲେ । ରାଜା କହିଲେ, 'କିହେ, ମୁହଁ ଶୁଖାଇଲ କିଆଁ ? ପେଚା କଣ ତୁମକୁ ଗାଳି ଦେଉଛନ୍ତି କି ?'

ମନ୍ତ୍ରୀ କହିଲେ, 'ମହାରାଜ, ପେଚା ଯାହା କହୁଛନ୍ତି, ତା ମୁହଁରେ ଧରିବାର ନୁହେଁ । ମୁଁ ଚାକର ହୋଇ ଛାମୁଙ୍କୁ ଯା କିପରି ଶୁଣାଇବି ?' ରାଜା କି ଆଉ ଛାଡନ୍ତି । ସେ କହିଲେ, 'କହ, ମୁଁ କିଛି କରିବି ନାହିଁ ।'



Digitized by PPRACHIN, SOA

ରାଜାଙ୍କ କଥା ତ ଆଉ ଅମାନ୍ୟ କରିବେ ନାହିଁ । ମନ୍ତ୍ରୀ କହିଲେ, 'ସେତା ଦିଓଟି ପୁଅଝିଅ ବିଭାଘର କରିବା କଥା ପକାଇଛନ୍ତି । ଗୋଟିକ ପୁଅ, ଆଉ ଗୋଟିକ ଝିଅକୁ ବାହାହେବ । ପୁଅବାଲା କହୁଛି, 'ମୋ ପୁଅକୁ କନ୍ୟା ସଙ୍ଗେ ପଚାଶଟି ଗାଆଁ ଯୌତୁକ ଦେବାକୁ ହେବ । ସେ ଗାଆଁମାନଙ୍କରେ ଏକା କେହି ମଣିଷ ନଥିବେ । ମଣିଷ ଆମର ମାରଣା । ମଣିଷ ନ ଥିଲେ ମୋ ପୁଅ ବୋହୂକୁ ଘେନି ଆନନ୍ଦରେ ବୁଲିବ ।" କନ୍ୟାବାଲା କହୁଛି, 'ପଚାଶଟି କାହିଁକି, ପାଞ୍ଚଶହ ଗାଆଁ କହିଲେ ଦେବି । ସେଥିରେ କେହି ମଣିଷ ନଥିବେ । ଆମ ରାଜା ଯେତେଦିନ ଅଛନ୍ତି, ସେତେ ଦିନ ମଣିଷ ନଥିବା ଗାଆଁ ଯାହାକୁ ଯେତେ । ଏଥିପାଇଁ ଭାବନା କଅଣ ?'

ମନ୍ତ୍ରୀ ଏହା କହି ତୁନି ହେଲେ । ଏବେ ରାଜାଙ୍କ ମୁହଁ ଭାରୀ ହୋଇଗଲା । ସେ ବିଚାରିଲେ, 'ମୁଁ ଏଡ଼େ ଦୁର୍ଜନ ଯେ ଚଢ଼େଇ ଚିରୁଗୁଣୀ ପର୍ଯ୍ୟନ୍ତ ମୋତେ ହସୁଛନ୍ତି ।" ସେହି ଦିନଠାରୁ ତାଙ୍କ ମନ ବଦଳି ଗଲା । ସେ ପ୍ରଜାଙ୍କ ଭଲ ମନ୍ଦ ବୁଝିଲେ । ଲୋକେ ସୁଖରେ ରହିଲେ ।

— ◻ —



Digitized by PPRACHIN, SOA

# ପଶ୍ଚିମ ଆଫ୍ରିକାର ଟିକି ଝିଅଟି

ପଶ୍ଚିମ ଆଫ୍ରିକାର ଜଙ୍ଗଲ ଦେଶରେ ଗାଆଁ । ଗାଆଁ ମୁଣ୍ଡେ ବଗିଚା । ତା ପଛେ ବଣ । ଗାଁଆରୁ ବଣ ବଗିଚାକୁ ବାଟ ପଡ଼ିଛି । ସେ ବାଟ ସଡ଼କ ନୁହେଁ, କି ଶଗଡ଼ ଗୁଳା ନୁହେଁ, ଏକପଦୀ ବାଟ । ପାଦ ପଡ଼ି ପଡ଼ି ଘାସ ଛିଡ଼ିଯାଇ ସମାନ କାଟିଦେଲା ପରି ହୋଇଛି । ବାଲୁକାର ମାଆ ସବୁଦିନେ ସେହି ବାଟେ ବଣ ବଗିଚାକୁ ଯାଏ । ଖାଲି ଝଡ଼ି ବରଷା ଦିନ ଯାଇପାରେନାହିଁ । ଗାଆଁର ଆଉ କେତେ ମାଇପେ ଯାଆନ୍ତି । ଗଲାବେଳେ ସମସ୍ତେ ହାତରେ ହାତକୋଡ଼ି ଓ ପିଠିରେ ଟୋକେଇ ଧରି ଥାଆନ୍ତି । ଆସିଲା ବେଳକୁ ଟୋକେଇଏ ଲେଖାଏ କାସାଭା ଧରି ଫେରନ୍ତି । ଏହି କାସଭା କନ୍ଦମୂଳ ପରି । ଏହା ଗୋଟିଏ ଗଛର ଚେର; ବଡ଼ ମିଠା । ଓଡ଼ିଆରେ ଏହାକୁ କହନ୍ତି, 'ସକର କନ୍ଦ', ଦକ୍ଷିଣରେ କହନ୍ତି, 'ଟେପିଓକା'। ଏହାକୁ ପାଳୁଅ ପରି ଗୁଣ୍ଡା କଲେ ଆରାରୁଟ୍ ହୁଏ । କାସାଭା ସଙ୍ଗେ ଟୋକେଇରେ କଦଳୀ ଥାଏ; ମକା ବି ଥାଏ ।

ଦିନେ ଦିନ ଗଡ଼ିଗଲାଣି । ବାଲୁକା ମା, ଟିକି ଝିଅ ମେଞ୍ଜିଟିକି ଘେନି ଘରକୁ ଫେରିଲା । ମେଞ୍ଜିଟି ବାଟରେ ଡେଇଁ ଡେଇଁ ଖେଳି ଖେଳି ଆସୁଥାଏ, କେତେ କଥା କହୁଥାଏ, ମାଆକୁ କେତେ କଥା ପଚାରି ପକାଉଥାଏ । ବାଟରେ ମେଞ୍ଜି ଲୁଚି ଯାଉଥାଏ । ମାଆ ବି ପିଲା ସଙ୍ଗେ ଖେଳିବାକୁ କହେ, "ମୋ ମେଞ୍ଜିଟି କୁଆଡ଼େ ବଣା ହୋଇଗଲା ଲୋ ! କୁଆଡ଼େ ଗଲା ? କେଉଁଠି ଖୋଜିବି ?" ମେଞ୍ଜି ଠୋ ଠୋ ହସି ଡେଇଁ ପଡ଼େ ।



Digitized by PPRACHIN, SOA

ବାଟରେ ଖଣ୍ଡେ ବଣ ପଡ଼ିଲା । ବଣ ପାଖ ହେଲାରୁ ମେଞ୍ଚିର ଖେଳ ସରିଗଲା । ମାଆଠି କାଖ ହୋଇ ପଡ଼ି ସେ ମାଆ ଦେହରେ ଲାଗିଗଲା । ଗଛ ଗହଳରେ ଏବେ ଆଉ ବାଟରେ ଖରା ପଡୁନାହିଁ । ମେଞ୍ଚି କହିଲା, "ମାଆ, ତୋ ସଙ୍ଗେ ମତେ ଡର ମାଡୁ ନାହିଁ । ଏକା ହୋଇ ମୁଁ କ'ଣ ଏଠାକୁ କେବେ ଆସନ୍ତି ?" ମାଆ ମେଞ୍ଚି ମୁହଁକୁ ଚାହିଁଲା, ହସି ହସି କହିଲା, "ମୋ ପିଲାର କେଡ଼େ ଦମ୍ଭ । ଏତେ ଦମ୍ଭ ତ ମୋ ତିଅଣ ରନ୍ଧା ଆଟିକାରେ ସମ୍ଭେଇବ ନାହିଁ ।" ମେଞ୍ଚି ମୁହଁ ଟିକିଏ ଶୁଖିଗଲା । ମାଆ ପୁଣି କହିଲା, "ବଡ଼ ହେଲେ ଦମ୍ଭ ବଢ଼ିଯିବ ଯେ ।"

ବଣ ସରିଲା ବେଳକୁ ଡାହାଣ ପାଖ ବାଟଟି ଘର ଆଡ଼କୁ । ବାଆଁ ପାଖ ବାଟଟି ପୁଣି ବଡ଼ବୁଦା ଭିତରକୁ । ସେଆଡ଼କୁ ସେଆଡ଼କୁ ପୁଣି ବଡ଼ ବଣ । ମେଞ୍ଚି ମନେ ମନେ ବାଆଁ ପାଖ ବାଟଟି କୁଆଡ଼େ ବୋଇଲେ କୁଆଡ଼େ ପଡ଼ିଛି । ସେବାଟେ ଚାଲିଲେ କିପରି ଲାଗେ, ମେଞ୍ଚି ତା ଜାଣେ ନାହିଁ । ମେଞ୍ଚି ଖାଲି ଜାଣେ, ତା ବାପ ଜନ୍ତୁ ମାରି ଗଲାବେଳେ ସେ ବାଟେ ଯାଏ । ଦିନେ ମେଞ୍ଚିର ଭାଇ ବାଲୁକା, ଗାଆଁର ଆଉ କେତେ ପିଲାଙ୍କ ସାଙ୍ଗେ ସେହି ବାଟେ ଯାଇଛି । ମେଞ୍ଚି ଶୁଣିଛି, ସେମାନେ ସେହି ବାଟେ ସମୁଦ୍ରକୂଳ ସହରକୁ ଯାଇଛନ୍ତି । ସେହି ସହରରେ ସେମାନେ ସ୍କୁଲରେ ପଢ଼ନ୍ତି ।

ଏବେ ବାଟକୁ ଦେଖି, ଭାଇ କଥା ମେଞ୍ଚିର ମନେ ପଡ଼ିଲା । 'ଭାଇ' ବୋଇଲେ ମେଞ୍ଚି ଛାତି କୁଣ୍ଢେ ମୋଟ ହୋଇଯାଏ । ସେ ମାଆକୁ ପଚାରିଲା, "ମାଆ, ବାଲୁକା ଭାଇ କେଉଁଦିନ ଘରକୁ ଆସିବେ ?" ମାଆ କହିଲା, "ଦି ଚାନ୍ଦ ପାଇଁ ସେ ଯାଇଛି ।" ଏହା କହି ସେ ହାତରେ ଧରିଥିବା କଦଳୀତକ ଟୋକେଇରେ ଥୋଇଦେଇ ଆଙ୍ଗୁଠିରେ ଗଣିଲା; ମନେ ମନେ କହିଲା, "ଚାନ୍ଦ ଆସିବ, ପୁଣି ଯିବ; ପୁଣି ଆସିବ, ପୁଣି ଯିବ । ପୁଣି ନୂଆଚାନ୍ଦ ଉଠିଲେ ବାଲୁକା ଆସିବ । ବରଷା ଦିନ ଗଲେ ଆସିବ ବୋଲି କହୁଥିଲା । ସେ ଆସିଲେ ବଗିଚା



Digitized by PPRACHIN, SOA

କାମରେ ଲାଗିବ ।" ଗଣି ଗଣି ବିଚାରି ବିଚାରି ସେ ମେଙ୍କିକି ଚାହିଁ କହିଲା, "ଭାଇ ଏବେ ଆସିବ ।"

ଏବେ ମାଆ ଝିଅ ଦୁହେଁ ଘର ପାଖ ଧଇଲେ । ମେଙ୍କି ମାଆ କାଖରୁ ଡେଇଁ ପଡ଼ିଲା । ମନ ଖୁସିରେ ଗୀତ ଗାଇ ଗାଇ ଗାଆଁ ଦାଣ୍ଡରେ ଦଉଡ଼ି ଗଲା-

ସମୁଦ୍ରର କୂଳେ ବଡ଼ ସହର
ପାଠ ତ ପଢୁଛି ଭାଇଟି ମୋର ।
ନୂଆ ଜହ୍ନ ଯେବେ ଆସିବ ଉଇଁ,
ଘରକୁ ଆସିବ ବାଲୁକା ଭାଇ ।

-□-

# ଆରବ ରମଣୀ

ମା' ପିଲାଟିକୁ ଲାଉକରି ବାଟ ଚାଲିଛି । କେଉଁଠିକି ଯିବ; କେଉଁଠି ରହିବ କିଛି ଠିକ୍ ନାହିଁ । କାଲି ପର୍ଯ୍ୟନ୍ତ ଏହି ମା'ଟି ଥିଲା ଜଣେ ସାଆନ୍ତାଣୀ । ତା'ର ସ୍ୱାମୀ ଆରବ ଦେଶର ମରୁଭୂମି ମଧ୍ୟରେ ଥିବା ଗୋଟିଏ ମରୁଦ୍ୱୀପର ଅଧିକାରୀ । ତାଙ୍କ ଅଧୀନରେ ପଚାଶ ଜଣ ଯୋଦ୍ଧା ଥିଲେ । ତାଙ୍କର କୋଡ଼ିଏଟି ଓଟ ଥିଲେ, ପାଞ୍ଚଟି ଭଲ ଘୋଡ଼ା ଥିଲେ । କାଲି ରାତିରେ ସବୁ ସରିଛି । ବର୍ତ୍ତମାନ ହାମିଦା ନାମ୍ନୀ ଏହି ସ୍ତ୍ରୀଲୋକଟିର ଏକମାତ୍ର ସଙ୍ଖାଳି, ପିଠିର ସେଇ ପିଲାଟି ।

ହାମିଦା ମୁହଁରେ ବେଶୀ ଦୁଃଖର ଚିହ୍ନ ନାହିଁ । ପୁଅଟି ଯୋଗୁଁ ସେସବୁ ଦୁଃଖ ପାସୋରି ଦେଇଛି । ଏହି ପୁଅଟିକି ସେ କିପରି ବଢ଼ାଇ ମଣିଷ କରିବ ଏତିକି ମାତ୍ର ହାମିଦାର ଚିନ୍ତା । ଆମ ଦେଶ ହୋଇଥିଲେ ହାମିଦା ସ୍ୱାମୀକୁ ହରାଇ ବାସ ହରାଇ, ବଡ଼ ଅସହାୟ ହୋଇ ପଡ଼ିଥାନ୍ତା; କିନ୍ତୁ ଆରବ ମରୁଭୂମିର ବେଦୁଇନ୍ ନାରୀମାନେ ଆମ ଦେଶର ନାରୀମାନଙ୍କ ପରି ସହଜେ କାତର ହୁଅନ୍ତି ନାହିଁ । ଆଜି ହାମିଦାର



Digitized by PPRACHIN, SOA

ଯାହା ଘଟିଛି ତାହା ସେଠାରେ ଅନେକ ନାରୀଙ୍କ ଭାଗ୍ୟରେ ଘଟେ । ବେଦୁଇନ୍ ଜାତିର ଲୋକେ ଘରଦ୍ୱାର କରି କୌଣସି ଗୋଟାଏ ନିର୍ଦ୍ଦିଷ୍ଟ ସ୍ଥାନରେ ରହନ୍ତି ନାହିଁ । ସେମାନେ ବାରବୁଲା ଜାତି, ତାଙ୍କ ଭିତରୁ କେତେକ ଲୋକ ମେଣ୍ଢା ଓଟ ଓ ଘୋଡ଼ାପାଳି ଗଉଡ଼ ବୃତ୍ତି କରି ରହନ୍ତି । ମରୁଭୂମିରେ ସାମାନ୍ୟ କେତୋଟି ଜାଗାରେ ପାଣି ମୁନ୍ଦିଏ ମୁନ୍ଦିଏ ଥାଏ । ସେଇ ପାଣି ଚାରିପାଖେ ସାନ ସାନ ଘାସ କେଣ୍ଡାଏ କେଣ୍ଡାଏ ହୋଇଥାଏ । ଏଇ ବାରବୁଲା ଗଉଡ଼ମାନେ ସେଇ ଘାସ ଖୋଜି ବୁଲୁଥାନ୍ତି । ସେମାନେ ମେଣ୍ଢା ପ୍ରଭୃତିଙ୍କ ପାଇଁ ଖାଦ୍ୟ ଖୋଜୁଥାନ୍ତି । ମେଣ୍ଢା ପ୍ରଭୃତି ତାଙ୍କୁ ଖାଦ୍ୟ ଯୋଗାନ୍ତି । ସେମାନେ ମେଣ୍ଢା ଓ ଓଟଙ୍କ ଦୁଧ ପିଅନ୍ତି, ମାଉଁସ ମଧ ଖାଆନ୍ତି ।

ଏଇ ବେଦୁଇନମାନଙ୍କ ମଧ୍ୟରୁ ଆହୁରି ଦଳେ ଥାଆନ୍ତି ଯେ, ସେମାନେ ନିଜ ବାହୁବଳରେ ପେଟ ପୋଷନ୍ତି । ଏହିପରି କେତେ ଜଣ ମିଶି ଗୋଟିଏ ଦଳ ଗଢ଼ନ୍ତି । ସେ ଦଳରେ ଯେ ସବୁଠାରୁ ବେଶି ପାରିବାର ସେ ନେତା ହୁଏ । ଏମାନେ ମରୁଭୂମି ମଧରେ ପାଣି, ଗଛ ପତ୍ର ଓ ଘାସ ଥିବା ମରୁଦ୍ୱୀପ ଗୋଟିଏ ଗୋଟିଏ ଅଧିକାର କରି ରହନ୍ତି । ସେଠାରେ ଆଶ୍ରୟ ପାଇବାକୁ ଆରବ ବଣିକ ଓ ବାଟୋଇମାନେ ଆସନ୍ତି । ସେଇମାନଙ୍କଠାରୁ ଚଣ୍ଡ ଅସୁଲ କରି ଏଇ ଡକାୟତ ଦଳ ପୋଷି ହୁଅନ୍ତି । ଯେ ଭଲରେ ନ ଦେଲା ତାକୁ ଜୀବନରେ ମାରି ତା'ର ସବୁ ସମ୍ପତ୍ତି ଲୁଟି କରି ରଖନ୍ତି ।

ହାମିଦାର ସ୍ୱାମୀ ଏହିପରି ଗୋଟିଏ ମରୁଦ୍ୱୀପର ଅଧିକାରୀ ଥିଲେ । କାଲି ରାତିରେ ଦଳେ ବଣିକ ତାଙ୍କ ମରୁଦ୍ୱୀପରେ ଆଶ୍ରୟ ନେବାକୁ ଆସିଲେ । ସେମାନେ କିଛି ଚଣ୍ଡ ନ ଦେବାରୁ ଉଭୟ ପକ୍ଷ ମଧରେ ଯୁଦ୍ଧ ହେଲା । ବଣିକ ମାନଙ୍କର ସଂଖ୍ୟା ବେଶିଥିଲା । ତାଙ୍କ ଭିତରେ ବେଶି ଯୋଦ୍ଧା ଥିଲେ । ହାମିଦାର ସ୍ୱାମୀ ହାଣ ଖାଇଲେ । ଦଳର ଲୋକେ ଛିନିଛତ୍ର ହୋଇଗଲେ । ବଣିକଦଳ ହାମିଦାକୁ ଧରି ନେଇ ଥା'ନ୍ତେ, ହାମିଦା ଲୁଚିକରି ପଳାଇ ଆସିଲା ।

—□—



Digitized by PPRACHIN, SOA

# ଜାପାନ କଥା

ଜାପାନୀ କୁଣ୍ଢେଇ, ଜାପାନୀ ଲୁଗା, ଜାପାନୀ ଘଣ୍ଟା, ଜାପାନୀ ସାଇକଲ ତୁମ୍ଭମାନଙ୍କ ମଧ୍ୟରୁ ଅନେକ ଦେଖିଥିବ, ସମସ୍ତେ ଶୁଣିଥିବ । ଏଇ ଜାପାନ ଗୋଟିଏ ବଡ଼ ସୁନ୍ଦର ଦେଶ । ଆମ ଭାରତବର୍ଷର ଉତ୍ତରକୁ ତିବତ୍, ତହିଁର ଉତ୍ତରକୁ ଚୀନ୍ ଦେଶ । ଏହି ଚୀନ୍ ଦେଶର ପୂର୍ବକୁ ଜାପାନ ଦ୍ୱୀପ । ଚୀନ୍ ଦେଶ ଓ ଜାପାନ ମଧ୍ୟରେ ଚୀନ ସମୁଦ୍ର ଅଛି ।

ଜାପାନ ଗୋଟିଏ ଦ୍ୱୀପ ନୁହେଁ । ଏଥିରେ ଚାରୋଟି ବଡ଼ ଦ୍ୱୀପ ଓ ପ୍ରାୟ ଚାରି ହଜାର ସାନ ସାନ ଦ୍ୱୀପ ଅଛି । ସବୁଥିରେ ମନୁଷ୍ୟ ନ ଥାନ୍ତି । କେବଳ ପାଞ୍ଚଶ ପଚାଶଟି ଦ୍ୱୀପରେ ମନୁଷ୍ୟ ଥାନ୍ତି । ଜାପାନ ଦ୍ୱୀପପୁଞ୍ଜ ଉତ୍ତର ଦକ୍ଷିଣ ହୋଇ ୩ ହଜାର ମାଇଲ ଲମ୍ବ ।

ସଭା ଉତ୍ତରରେ ଥିବା ଦ୍ୱୀପଗୁଡ଼ିକରେ ଗଛପତ୍ର ହୁଏ ନାହିଁ । ବେଶୀ ଲୋକ ସେଥିରେ ନ ଥାନ୍ତି । ଖାଲି କେତେଗୁଡ଼ିଏ କେଉଟ ଥାନ୍ତି । ସେଠାରୁ ଯେତେ ଦକ୍ଷିଣକୁ ଆସିବ, ଶୀତ ସେତେ କମ୍ ହୁଏ ଓ ସେତେ ଅଧିକ ଗଛପତ୍ର ଦେଖାଯାଏ । ଦକ୍ଷିଣରେ ଥିବା ଏହି ଦ୍ୱୀପଗୁଡ଼ିକ ଦେଖିବାକୁ ବଡ଼ ସୁନ୍ଦର । ଗଛପତ୍ରରେ ପୂର୍ଣ୍ଣ । ସୁନ୍ଦର ପର୍ବତ, ପର୍ବତମାନଙ୍କ ମଧ୍ୟରେ ସୁନ୍ଦର ନଈ, ନାଳ ଓ ହ୍ରଦରେ ଏ ଦେଶଟି ପୂର୍ଣ୍ଣ । ଜାପାନରେ ବଡ଼ ସୁନ୍ଦର ଫୁଲ ଫୁଟେ । ଜାପାନୀମାନେ ଭାରି ଫୁଲ ସଉକି । ବର୍ଷର ପ୍ରତି ମାସରେ କି କି ଫୁଲ ଫୁଟେ, ସେମାନେ ସମସ୍ତେ ମନେ ରଖିଥାନ୍ତି । ନୂଆ ଫୁଲ ଦେଖିବା ପାଇଁ ଜାପାନୀ ପିଲା ଓ ଜାପାନୀ ସ୍ତ୍ରୀ ଲୋକ କୋଶେ କୋଶେ ବାଟ ଯାଆନ୍ତି ।

ଜାପାନୀମାନେ ଭାରି ସୌନ୍ଦର୍ଯ୍ୟପ୍ରିୟ । ପ୍ରତ୍ୟେକଙ୍କ ବାଡ଼ିରେ ସୁନ୍ଦର ଫୁଲ ବଗିଚା ଥାଏ । ଘରଦ୍ୱାର ଭାରି ପରିଷ୍କାର ପରିଚ୍ଛନ୍ନ ଓ ନାନା ପ୍ରକାର ଚିତ୍ରରେ ପୂର୍ଣ୍ଣ



Digitized by PPRACHIN, SOA

ହୋଇଥାଏ । ଜାପାନୀ ସ୍ତ୍ରୀ ଲୋକମାନଙ୍କର ଲୁଗା ନାନା ରଙ୍ଗରେ ଚିତ୍ରିତ ହୋଇଥାଏ । ଛତାରେ ମଧ୍ୟ ନାନା ପ୍ରକାର ଚିତ୍ର ରହିଥାଏ । ଦେଶଟି ଯେପରି ସୁନ୍ଦର ଫୁଲରେ ପୂର୍ଣ୍ଣ; ଲୋକଗୁଡ଼ିକ ସେହିପରି ସୁନ୍ଦରପଣର ଉପାସକ ।

କିନ୍ତୁ ଜାପାନ ଦେଶର ଏ ସୁନ୍ଦରପଣ ଭିତରେ ବଡ଼ ଭୟଙ୍କର ଦୋଷଟିଏ ଅଛି । ଜାପାନର ସୁନ୍ଦର ନଦୀଗୁଡ଼ିକ ବଢ଼ି ବେଳେ ବହୁତ ଫସଲ ନଷ୍ଟ କରନ୍ତି । ଜାପାନର ପର୍ବତମାନଙ୍କ ମଧ୍ୟରୁ ଅନେକ ଏପରି ଯେ, ସେମାନଙ୍କ ଭିତରୁ ନିଆଁ, ପାଣି, ଧୂଆଁ, ଗନ୍ଧକ, ତାତିଲା ତରଳ ଲୁହା ପ୍ରଭୃତି ବାହାରି ଅନେକ କ୍ଷତି କରେ । ଜାପାନରେ ପ୍ରତିଦିନ ଭୂମିକମ୍ପ ହୁଏ । ବେଳେ ବେଳେ ବଡ଼ ଭୂମିକମ୍ପ ହୋଇ ବହୁତ ସମ୍ପତ୍ତି ନଷ୍ଟ କରିଦିଏ । ବହୁତ ଲୋକ ମରିଯାନ୍ତି । ଏବେ ଅଳ୍ପଦିନ ତଳେ ଗୋଟାଏ ବଡ଼ ଭୂମିକମ୍ପ ହେଲା । ଜାପାନର ରାଜଧାନୀ ଟୋକୀଓ ସହର ଅଧାଅଧି ନଷ୍ଟ ହୋଇଗଲା । ୟକୋହାମା ବୋଲି ଗୋଟିଏ ବଡ଼ ବନ୍ଦର ଏକାବେଳକେ ଧ୍ୱଂସ ହୋଇଗଲା । ଏଇ ବନ୍ଦରର ଖଣ୍ଡିଏ କାନ୍ଥ ବି ଠିଆ ହୋଇ ରହିଲା ନାହିଁ । ଭୂମିକମ୍ପ ସାଙ୍ଗେ ସାଙ୍ଗେ ନିଆଁ ଲାଗିଲା । କାନ୍ଥବାଡ଼ ପଡ଼ି ନିଆଁରେ ପୋଡ଼ି ହୋଇ ବନ୍ଦରର ଲୋକେ ଗୋଟିକଠାରୁ ସମସ୍ତେ ମଲେ ।

ଏହିପରି ଭୂମିକମ୍ପ ଓ ଲୋକକ୍ଷୟ ଜାପାନରେ ପ୍ରତିବର୍ଷ ଲାଗୁଚି । କିନ୍ତୁ ଜାପାନୀ ଲୋକେ ହଟିବା ପାତ୍ର ନୁହନ୍ତି । ଭୂମିକମ୍ପରୁ ରକ୍ଷା ପାଇବା ପାଇଁ ସେମାନେ କାଗଜ ଓ କାଠରେ ଘର ତିଆରି କରନ୍ତି । ଭୂମିକମ୍ପରେ ଥରକୁ ଥର ଘର ଭାଙ୍ଗିଗଲେ ନୂଆ କରି ତୋଳି ପକାନ୍ତି । ରାଜଧାନୀ ଟୋକୀଓ ସହର ଏମାନେ ପୁଣି ନୂଆ କରି ତୋଳି ସାରିଲେଣି । ୟାକୋହାମା ବନ୍ଦରଟି ମଧ୍ୟ ତୋଳା ଲାଗିଚି ।

ବଢ଼ିରେ ଫସଲ ନଷ୍ଟ ହୋଇଯାଏ ବୋଲି ଏମାନେ ଶିଳ୍ପ ଇତ୍ୟାଦି ଆଡ଼କୁ ବେଶୀ ମନ ଦେଇଛନ୍ତି । ଏମାନେ ଭାରି ପରିଶ୍ରମୀ । ଗତ ୨୫ବର୍ଷ ଭିତରେ ଲାଗିପଡ଼ି ଏମାନେ ଶିଳ୍ପ କାରଖାନାରେ ଏପରି ଉନ୍ନତି କରିଛନ୍ତି ଯେ, ଲୁଗା ପ୍ରଭୃତି ତିଆରି କରିବାରେ ଏପରି ପାରିବାର ହୋଇଛନ୍ତି ଯେ, ବିଲାତ ପ୍ରଭୃତି ଯେଉଁ ଦେଶମାନେ ଦୁଇଶହ ବର୍ଷ ହେଲା ଲୁଗା ତିଆରି କରୁଛନ୍ତି, ସେମାନଙ୍କୁ ଜାପାନୀ



Digitized by PPRACHIN, SOA

ଟପିଗଲେଣି । ଜାପାନୀମାନେ ମୌଜ ମଜଲିସରେ ଯେପରି ବିଳାସୀ, ପରିଶ୍ରମ କାମ କରିବାରେ ମଧ୍ୟ ସେହିପରି ପାରିବାର ।

ଜାପାନର ଭୂମିକମ୍ପ କଥା ଶୁଣି ବିଦେଶୀ ଲୋକେ ଡରିଯାଆନ୍ତି । ଜାପାନୀମାନେ କିନ୍ତୁ ତାଙ୍କ ନିଜ ଦେଶକୁ ଭାରି ସୁଖ ପାନ୍ତି । ନିଜ ଦେଶକୁ ସେମାନେ କିପରି ସୁଖପାନ୍ତି, ନିମ୍ନଲିଖିତ ଗଳ୍ପରୁ ବୁଝିବ ।

ଭଗବାନ ଯେତେବେଳେ ସୃଷ୍ଟି ତିଆରି କଲେ, ଜାପାନ ଆଗ ତିଆରି ହେଲା । ଏ ଦେଶଟି ଏଡ଼େ ସୁନ୍ଦର ହେଲା ଯେ, ଭଗବାନ୍ ବିଚାରିଲେ ଛାର ମନୁଷ୍ୟ ଏ ଦେଶରେ ଯାଇ ମାଲିକ ହେବାକୁ ଅଯୋଗ୍ୟ । ତହୁଁ ସେ ସୂର୍ଯ୍ୟ ଦେବତାଙ୍କ ନାତିକୁ ପଠାଇଲେ । ତାଙ୍କ ସାଙ୍ଗରେ ଆଉ କେତେଗୁଡ଼ିଏ ଦେବତା ମଧ୍ୟ ପଠାଇଲେ । ଆଜିକାଲି ଜାପାନରେ ଯେ ସମ୍ରାଟ ଅଛନ୍ତି ସେ ଏଇ ସୂର୍ଯ୍ୟ ଦେବାତଙ୍କ ନାତିଙ୍କ ବଂଶଧର । ତାଙ୍କ ସଙ୍ଗରେ ଯେଉଁ ଦେବତାମାନେ ଆସିଥିଲେ, ଜାପାନୀଲୋକ ସେଇ ଦେବତାଙ୍କ ବଂଶ । ଜାପାନୀମାନେ ଏହି ଗଳ୍ପକୁ ଅଦ୍ୟାପି ସତ ବୋଲି ବିଚାରୁଛନ୍ତି ।

–□–

# ଉଇଲିୟମ୍ ଟେଲ୍

ସୁଇଜରଲାଣ୍ଡ ବୋଲି ଇଉରୋପରେ ଗୋଟିଏ ଦେଶ ଅଛି ? ତାହା ଏବେ ସ୍ୱାଧୀନ ଦେଶ । ପ୍ରାୟ ଚାରି ଶହ ବର୍ଷ ପୂର୍ବେ ତାହା ଥରେ କେତେ କାଳ ପାଇଁ ଅଷ୍ଟ୍ରିୟା ଦେଶର ଅଧୀନ ଥିଲା ।

ସୁଇଜରଲାଣ୍ଡ ଦେଶର ଲୋକଙ୍କୁ ସୁଇସ୍ ବୋଲି କହନ୍ତି । ସୁଇସ୍‌ମାନେ ଅଷ୍ଟ୍ରିୟା ଅଧୀନରେ ନିଜ ଦେଶ ରଖିବା କଥାକୁ ବଡ଼ ଅପମାନ ବୋଲି ମନେ କରୁଥିଲେ । ଭିଲିୟମ୍ ଟେଲ୍ ବୋଲି ଜଣେ ପ୍ରଧାନ ସୁଇସ୍ ଥିଲେ । ସେ



Digitized by PPRACHIN, SOA

ଧନୁର୍ବିଦ୍ୟାରେ ବଡ଼ କୁଶଳ । ଦେଶ ସ୍ୱାଧୀନ ଥିଲେ ସେ ଜଣେ ସେନାପତି ହେବା ଭଳି ଲୋକ । ଅଷ୍ଟ୍ରିୟାର ଶାସନକର୍ତ୍ତାଙ୍କୁ ସେ ଆଦୌ ସହିପାରୁ ନ ଥିଲେ । ତାଙ୍କୁ ମନେ ମନେ ସେ ମାନୁ ନ ଥିଲେ । ସେ ନ ମାନିବାରୁ ଆଉ କେତେ ସୁଇସ୍ ମଧ ଶାସନକର୍ତ୍ତାଙ୍କ ଆଦେଶକୁ ଅବହେଳା କଲେ ।

ଥରେ ଅଷ୍ଟ୍ରିୟାର ଶାସନକର୍ତ୍ତା ସହରର ଗୋଟିଏ ପଡ଼ିଆରେ ଖୁଣ୍ଟପୋତି ସେହି ଖୁଣ୍ଟ ଉପରେ ଅଷ୍ଟ୍ରିୟା ଦେଶର ରାଜଟୀକା ଥିବା ଟୋପିଟିଏ ରଖି ଦେଇଥିଲେ । ସେ ନିୟମ କରି ଦେଇଥାନ୍ତି ଯେ, ସେ ବାଟେ ଯେ ଯିବ, ସେ ସେହି ଟୋପିକୁ ସଲାମ କରିବ - ନ କଲେ ଦଣ୍ଡ ପାଇବ ।

ଉଇଲିୟମ୍ ଟେଲ୍ ସବୁବେଳେ ନିଜର ଗର୍ବିତ ମୁଣ୍ଡ ଟେକି ଚାଲନ୍ତି । ସେ ସେହି ବାଟେ ଦିନେ ଯାଉଥିଲେ, ଟୋପିକୁ ସଲାମ୍ କଲେ ନାହିଁ ।

ଶାସନକର୍ତ୍ତାଙ୍କ ଆଦେଶ ଅନୁସାରେ ପ୍ରହରୀ ତାଙ୍କୁ ଗିରଫ କଲେ । ତାଙ୍କ ମକଦ୍ଦମା ଶାସନକର୍ତ୍ତାଙ୍କ ଆଗରେ ପଡ଼ିଲା ।

ଶାସନକର୍ତ୍ତା ଆଦେଶ କଲେ- ଉଇଲିୟମ୍ ଟେଲ୍‌ଙ୍କ ପୁଅ ଠିଆ ହେବ । ସେ ପୁଅ ମୁଣ୍ଡରେ ଗୋଟିଏ ସେଓ ଫଳ ଥୁଆ ହେବ । ଉଇଲିୟମ୍ ଟେଲ୍ ୨୦୦ ଗଜ ଦୂରରୁ ରହି ସେହି ଫଳଟିକୁ ଶର ମାରି ପୁଅ ମୁଣ୍ଡରୁ ଉଡ଼ାଇ ଦେବେ ।

ଏ ନିଷ୍ଠୁର ଆଦେଶ ଶୁଣି ଉଇଲିୟମ୍ ଟେଲ୍‌ଙ୍କର ଦେହ ଥରିଗଲା । ପୁଅର ମୁଣ୍ଡ ଉପର ଫଳକୁ ଶର ମାରିବାକୁ ହେବ; ଟିକିଏ ହାତ ଥରିଗଲେ ସର୍ବନାଶ ହୋଇପାରେ । ଯାହା ହେଉ ଉଇଲିୟମ୍ ଟେଲ୍ ଡରିଯିବାର ଭଙ୍ଗୀ ଦେଖାଇଲେ ନାହିଁ । ସେ ଠିଆହୋଇ ଆଗ ଅଣ୍ଟାରେ ଗୋଟିଏ ଶର ଖୋସିଲେ । ଆଉ ଗୋଟିଏ ଶର ଧନୁରେ ଚଢ଼ାଇ, ପୁଅର ମୁଣ୍ଡ ଉପର ସେଓ ଫଳକୁ ଲାଖ କଲେ । ତାହୁଁ ତାହୁଁ ଶରଟି ଫଳରେ ବାଜି ଫଳକୁ ଘେନି ଦୂରକୁ ଚାଲିଗଲା । ଉଇଲିୟମ୍ ଟେଲ୍ ଆନନ୍ଦରେ କାନ୍ଦି କାନ୍ଦି ପୁଅକୁ ଯାଇ କୁଣ୍ଢାଇ ପକାଇଲେ ।

ଶାସନକର୍ତ୍ତା ପଥର ପରି ଠିଆ ହୋଇଥିଲେ । ସେ ଉଇଲିୟମ୍ ଟେଲ୍‌ଙ୍କୁ



Digitized by PPRACHIN, SOA

ପଚାରିଲେ, "ଗୋଟିଏ ଶରରେ ତ ଫଳକୁ ମାରିଲ, ଆଉ ଗୋଟିଏ ଶର କାହିଁକି ଅଣ୍ଟାରେ ମାରିଥିଲ କହ ?"

ଉଇଲିୟମ୍ ଟେଲ୍ ଗର୍ବରେ ଉତ୍ତର ଦେଲେ, "ମହାଶୟ, ସେ ଶର ଯେଉଁଥିପାଇଁ ଅଣ୍ଟାରେ ରଖା ହୋଇଥିଲା, ସେ କାମ ତ ଦରକାର ହେଲା ନାହିଁ - ଆଉ କହି ଲାଭ କ'ଣ ? ଆପଣ ପୁଅର ମୁଣ୍ଡରେ ଫଳ ରଖି ବାପାକୁ ଶର ମାରିବାକୁ ଆଦେଶ କରିଥିଲେ । ଯେଡ଼େ ବାଣୁଆ ହେଲେ ମଧ୍ୟ ଏପରି କାର୍ଯ୍ୟରେ ହାତ ଥରିଯାଇପାରେ । ଯଦି ମୋ ହାତ ଥରିଯାଇ ମୋ ପୁଅ ଦେହରେ ଶର ବାଜିଥାନ୍ତା, ତେବେ ଏ ଶର ସେତେବେଳଯାଏ ଅଣ୍ଟାରେ ନ ଥାନ୍ତା । ଏହାର ସ୍ଥାନ ହୋଇଥାନ୍ତା ଆପଣଙ୍କ ଛାତି ।"

ସମସ୍ତେ ଅବାକ୍ ! ଶାସନକର୍ତ୍ତାଙ୍କ ମୁହଁ ଶୁଖିଗଲା । ଉଇଲିୟମ୍ ଟେଲ୍ ପୁଅକୁ ସାଙ୍ଗରେ ଧରି ଦାଣ୍ଡେ ଦାଣ୍ଡେ ଚାଲିଗଲେ ।

-□-

# ଜାପାନୀ ବାଳକର ସାହସ

କାଇସା ଗୋଟିଏ ଜାପାନୀ ପିଲା । ତା'ର ଜନ୍ମ ଜାପାନ ଦ୍ୱୀପପୁଞ୍ଜର ହଁସୁ ଦ୍ୱୀପରେ, ତାଗେରା ନଦୀକୂଳରେ । ତା'ର ବାପାଙ୍କ ବ୍ୟବସାୟ, ମାଛ ମାରିବା । ଘରେ ପାଞ୍ଚ ପ୍ରାଣୀ କୁଟୁମ୍ବ - ସେ, ତା ବାପା, ମା ଓ ଯୋଡ଼ିଏ ଭଉଣୀ । ଆମ ଦେଶରେ ଯେପରି ବାପ ମା' ଝିଅ ଅପେକ୍ଷା ପୁଅଟିଏ ପାଇଲେ ଭାଗ୍ୟ ବୋଲି ମନେ କରନ୍ତି, ସେହିପରି ଜାପାନରେ ଝିଅ ଅପେକ୍ଷା ପୁଅଙ୍କ ଆଦର ବେଶି । ଝିଅମାନଙ୍କୁ ଦଶ ଏଗାର ବର୍ଷ ହୋଇଗଲେ ସେମାନେ ଘରକାର୍ଯ୍ୟରେ ସାହାଯ୍ୟ କରନ୍ତି । ସାନଭାଇ ଭଉଣୀମାନଙ୍କୁ ପିଠିରେ ବାନ୍ଧି ବୁଲନ୍ତି ।

କାଇସାକୁ ତିନି ବର୍ଷ ହେବା ପର୍ଯ୍ୟନ୍ତ ସେ ଏହିପରି ଭଉଣୀ ପିଠିରେ ଲାଉ



Digitized by PPRACHIN, SOA

ହୋଇ ନିଜ ଗାଁ ନଈକୂଳ, ପାହାଡ଼ ଉପର ଫୁଲ-ବଗିଚା କେତେ ଆଡ଼େ ବୁଲୁଥାଏ । ତା ପରେ ସେ ନିଜେ ନିଜେ ଅନ୍ୟବାଳକମାନଙ୍କ ସହିତ ଖେଳାବୁଲା କଲା । ନାନା ରଙ୍ଗର ଘୁଡ଼ି ତିଆରି କରି ଉଡ଼ାଇଲା । ନିଜ ଦେଶର ସୁନ୍ଦର ଫୁଲ, ସୁନ୍ଦର ନଈ, ସୁନ୍ଦର ପର୍ବତ ଦେଖି ତା ମନ ଭାରି ଆନନ୍ଦ ହେଲା । ବାପା ପ୍ରତିଦିନ ସନ୍ଧ୍ୟାରେ ମାଛ ଧରି ଗଲାବେଳେ କାଇସାର ମନ ଉଚ୍ଛନ୍ନ ହେଉଥାଏ - ସେ କିପରି ବଡ଼ ହେବ, ବାପା ସାଙ୍ଗରେ ମାଛ ଧରି ଯିବ । ଚାହୁଁ ଚାହୁଁ କାଇସାକୁ ଦଶ ବର୍ଷ ହେଲା ! ରାତିରେ ମାଛ ଧରି ଯିବାକୁ ଆଉ ବାପା ମନା କଲେ ନାହିଁ । କାଇସାର ମହାଆନନ୍ଦ । ତା ବାପାଙ୍କ ମାଛଧରା ଆମ ଦେଶର ମାଛଧରା ପରି ନୁହେଁ । ତାଙ୍କ ଡଙ୍ଗାମଙ୍ଗରେ ଖଣ୍ଡିଏ ଲମ୍ବ ବାଡ଼ି ଲଗା ହୋଇଥାଏ । ବାଡ଼ିଅଗରେ ଖଣ୍ଡିଏ ଦଉଡ଼ିରେ ଗୋଟିଏ ଜାଲି ଝଙ୍କା ଓହଳିଥାଏ । ଝଙ୍କାଟି ପାଣିରେ ଲାଗିଲା ପରି ଥାଏ, ଝଙ୍କା ଭିତରେ ଆଲୁଅ ଜଳୁଥାଏ । ସେହି ଆଲୁଅ ଦେଖି ମାଛମାନେ ଆସି ଚାରିପାଖେ ଘେରିଯାନ୍ତି ।

କାଇସାର ବାପା ମାଛରଙ୍କା ପରି ଗୁଡ଼ିଏ ପକ୍ଷୀ ପୋଷିଥାନ୍ତି । ଏହି ପକ୍ଷୀମାନଙ୍କୁ ଛାଡ଼ିଦେଲେ ସେମାନେ ଝଙ୍କା ଚାରିପଟେ ଥିବା ମାଛମାନଙ୍କୁ ଥଣ୍ଟରେ ଧରିପକାନ୍ତି । ପକ୍ଷୀଙ୍କ ଗୋଡ଼ରେ ଦଉଡ଼ି ବନ୍ଧା ହୋଇଥାଏ, ସେମାନେ ପଳାଇ ଯାଇପାରନ୍ତି ନାହିଁ । ତାଙ୍କ ବେକରେ ଗୋଟିଏ ମୁଦିଆ ଦିଆ ଯାଇଥାଏ, ତେଣୁ ସେମାନେ ମାଛ ଗିଳିଦେଇ ପାରନ୍ତି ନାହିଁ । ବେଳେ ବେଳେ ପକ୍ଷୀ ବଡ଼ ମାଛ ଧରି ଆଣି ନ ପାରିଲେ କାଇସା ଫକ୍ କରି ପାଣିକି ଡେଇଁପଡ଼େ । ମାଛକୁ ଆପେ ଧରି ପହଁରି ପହଁରି ଡଙ୍ଗାରେ ଆସି ଚଢ଼େ । କାଇସା ପିଲାଦିନୁ ପହଁରିବା, ବୁଡ଼ାମାରି ଅଧମାଇଲ ଯାଏ ଯାଇପାରିବା ପ୍ରଭୃତି ବଡ଼ ଭଲ କରି ଶିଖିଲା ।

ଥରେ କାଇସା ବାପା ସାଙ୍ଗରେ ମାଛ ମାରିବାକୁ ଯାଇଛି, ଦେଖିଲା, ଗୋଟିଏ ସୁନ୍ଦର ଡଙ୍ଗା ନଈଭିତରେ ତାଙ୍କରି ଆଡ଼କୁ ଆସୁଛି । ଡଙ୍ଗାଟିରେ ବିଜୁଳି ଆଲୁଅ ଲାଗିଛି; ନାବିକମାନେ ବଡ଼ ସୁନ୍ଦର ପୋଷାକ ପିନ୍ଧିଛନ୍ତି । କାଇସାର ମାଛୁଆ



Digitized by PPRACHIN, SOA

ଡଙ୍ଗା ପାଖକୁ ସେ ସୁନ୍ଦର ଡଙ୍ଗାଟି ଆସିଲା । ଡଙ୍ଗାଭିତରୁ ଡଙ୍ଗାର ମାଲିକ କାଇସାର ବାପାଙ୍କୁ ମାଛ ମାଗିଲେ । ସେହିକ୍ଷଣି ଧରାହୋଇଥିବା ମାଛ ନେଇ ଭଲ ଦାମ ଦେଲେ ।

ବାପ ପୁଅ ଦୁହେଁ ଆନନ୍ଦରେ ପଇସା ନେଇ ମାଛ ଧରିବାକୁ ଅନ୍ୟ ଦିଗରେ ଯାଉଛନ୍ତି, ଏହି ସମୟରେ ବଡ଼ ଡଙ୍ଗାରୁ ଭାରି ଚିତ୍କାର ଶୁଣି ଫେରି ଚାହିଁଲେ । କାଇସା ଚାହିଁବାମାତ୍ରେ ବୁଝିପାରିଲା, ଡଙ୍ଗାରୁ ପିଲାଟିଏ ପାଣିରେ ପଡ଼ିଯାଇଛି । ଡଙ୍ଗାର ସମସ୍ତେ ଉପରୁ ପାଣିକି ଚାହିଁଛନ୍ତି, ଖାଲି ହୋ-ହୋ ହେଉଛନ୍ତି, କେହି ପାଣିକି ଡେଉଁ ନାହାନ୍ତି । ସେ ତତ୍‌କ୍ଷଣାତ୍ ପାଣିକି ଡେଇଁପଡ଼ିଲା । ପହଁରିଯାଇ ପିଲାଟିକୁ ଧରି ବଡ଼ ଡଙ୍ଗା ଉପରେ ଚଢ଼ିଲା । ସେ ପିଲାଟି ଡଙ୍ଗାର ମାଲିକଙ୍କ ପୁଅ । ଡଙ୍ଗାର ମାଲିକ ଜାପାନ ରାଜାଙ୍କ ଦରବାରର ଜଣେ ପ୍ରଧାନ ପୁରୁଷ । ପିଲାଟିକୁ ହାତରେ ପାଇ କାଇସାର ବାପାଙ୍କୁ ସେ ଡକାଇଲେ । ତାଙ୍କୁ ନିଜର ପରିଚୟ ଦେଇ କହିଲେ, "ତୁମ ପୁଅର ସାହସ ଓ ଉପସ୍ଥିତ ବୁଦ୍ଧି ଆଜି ଦେଖିଲି । ଏପରି ପିଲା ଆମ ଦେଶର ଭାରି ଦରକାର । ତୁମେ ଯଦି ଅନୁମତି ଦେବ, ମୁଁ ନେଇ ଏ ପିଲାକୁ ପୁଅ କରି ପାଳିବି । ମୋର ଭରସା ହେଉଛି, ଏ ପିଲା ଦିନେ ଜାପାନର ମୁଖ ଉଜ୍ଜ୍ୱଳ କରିବ ।"

କାଇସାର ବାପା ରାଜି ହେଲେ । କାଇସା ଯାଇ ଟୋକିଓରେ ପାଠ ପଢ଼ିଲା । ପାଠପଢ଼ା, ଖେଳକସରତ ସବୁଥିରେ ସେ ନାମ କଲା । ବଡ଼ ହୋଇ ଜାପାନର ସୈନ୍ୟଦଳରେ ମିଶିଲା । ଏବେ କାଇସା ଜାପାନର ଜଣେ ବିଖ୍ୟାତ ସେନାପତି ହୋଇଅଛନ୍ତି ।

— ◘ —



Digitized by PPRACHIN, SOA

# ଆମେରିକାର ଆଦିମ ନିବାସୀ

ଆମେରିକା ବୋଲି ଗୋଟିଏ ମହାଦେଶ ଅଛି । ପ୍ରାୟ ୫୦୦ ବର୍ଷ ପୂର୍ବେ ଇଉରୋପୀୟମାନେ ସେ ମହାଦେଶ ଅଧିକାର କରି ସେହି ଦିନଠାରୁ ସେଠାରେ ବସବାସ କରି ଆସୁଛନ୍ତି । ସେ ଦେଶରେ ଯେଉଁମାନେ ଆଗରୁ ଥିଲେ, ସେମାନଙ୍କୁ ବଣ ଜଙ୍ଗଲକୁ ତଡ଼ି ଦେଇଛନ୍ତି । ଇଉରୋପୀୟମାନେ ସେମାନଙ୍କୁ ଅସଭ୍ୟ ଜଙ୍ଗଲି ବୋଲି ଖାତିର କରନ୍ତି ନାହିଁ, ମନୁଷ୍ୟ ବୋଲି ମଧ ବିଚାରନ୍ତି ନାହିଁ । ସେମାନେ ଏବେ ବଣ ଜଙ୍ଗଲରେ ରହି ଶିକାର କରି ଖାଆନ୍ତି । ସହରକୁ ବେଶି ଆସନ୍ତି ନାହିଁ । ଇଉରୋପୀୟ ବସତିମାନ ଯେଉଁଠାରେ ଥାଏ, ସେଠାରେ ପ୍ରାୟ ଆଦିମ ନିବାସୀଙ୍କ ଦେଖା ମିଳେ ନାହିଁ । ଇଉରୋପୀୟମାନେ ଶିକାର କରିବାପାଇଁ ବଣ ଜଙ୍ଗଲକୁ ଗଲେ, କେବେ କେବେ ଆଦିମ ନିବାସୀମାନଙ୍କୁ ଦେଖନ୍ତି ।

ଦିନେ ଜଣେ ଆଦିମ ନିବାସୀ ବଣରେ ଶିକାର ଖୋଜି ବୁଲୁ ବୁଲୁ ସନ୍ଧ୍ୟା ହୋଇଗଲା । ସେ ବାଟ ନ ପାଇ ଜଙ୍ଗଲ ବାହାରକୁ ଆସି ଜଣେ ଇଉରୋପୀୟଙ୍କ ଦୁଆରେ ପହଞ୍ଚିଲା । ସେ ଦିନଯାକ କିଛି ଖାଇନାହିଁ । ବଣରେ ବହୁତ ଦଉଡ଼ି ଦଉଡ଼ି ତାକୁ ଖୁବ୍ ବାଧୁଚି । ଶୋଷରେ ତା'ର ହଂସା ଉଡ଼ି ଯାଉଛି । ସେ ଆସି କହିଲା, "ମତେ ଭାରି ଭୋକ କରୁଚି । ମୋତେ କିଛି ଖାଇବାକୁ ଦିଅ ।"

ଇଉରୋପୀୟ କହିଲେ, "ତୋ ପାଇଁ ଆମେ ଖାଇବା ଜିନିଷ ତିଆରି କରି ଧରି ବସିନାହୁଁ । ଯା, ଏଇ ଦୁଆରୁ ବେଗେ ଯା; ନ'ହେଲେ ଇଲାଗେ ଦେଖିବୁ ।"

ସେଠାରୁ ଆଦିମ ନିବାସୀଟି କହିଲା, "ମହାଶୟ, ଆପଣମାନେ ତ ସଭ୍ୟ, ମୁଁ ଅସଭ୍ୟ ଜାତିର ଲୋକ ହେଲେ ହେଁ ଶୋଷରେ ମୋର ଛାତି ଫାଟି ଯାଉଛି । ଖାଇବାକୁ ନ ଦବ ତ ନାଇଁ ମତେ ପିଇବାକୁ ମୁନ୍ଦିଏ ପାଣି ଦିଅ ।"

ଇଉରୋପୀୟ ଅତ୍ୟନ୍ତ ରାଗିଯାଇ କହିଲେ, "ଥରେ କହିଲି ଏ ଦୁଆରୁ ଯା,



Digitized by PPRACHIN, SOA

ଫେର ବକ୍ ବକ୍ କରୁଚି । ତୋର ଛାତି ଫାଟିଗଲେ ଆମର କି ଗଲା ? ଏଠାରେ ପାଣି ଫାଣି କିଛି ନାହିଁ ।"

ଆଦିମ ନିବାସୀଟି ନିରାଶ ହୋଇ ଚାଲିଗଲା । କେତେଦିନ ପରେ ସେହି ସେହି ଇଉରୋପୀୟ କେତେଜଣ ବନ୍ଧୁଙ୍କ ସଙ୍ଗେ ବଣକୁ ଶିକାର କରିବାକୁ ଗଲେ । ଶିକାର କରୁ କରୁ ସମସ୍ତେ ଅଲଗା ଅଲଗା ହୋଇଗଲେ । କ୍ରମେ ସନ୍ଧ୍ୟା ହୋଇଗଲା । ଏହି ଇଉରୋପୀୟଟି ଆଉ ବାଟ ପାଇଲେ ନାହିଁ । ଏଣେ ତେଣେ ବୁଲୁ ବୁଲୁ ଆସି ଗୋଟିଏ ଆଦିମ ନିବାସୀର ପତ୍ରକୁଡ଼ିଆ ଦୁଆରେ ପହଞ୍ଚିଲେ । ସେହି କୁଟୀର ସ୍ୱାମୀକୁ ଡାକି ପୁରସ୍କାର ଦେବେ ବୋଲି ଶୁଣାଇ ଟିକିଏ ବାଟ ଦେଖାଇ ଦେବାକୁ କହିଲେ । କୁଟୀର ସ୍ୱାମୀ କହିଲେ, "ରାତି ଆସି ହୋଇ ଗଲାଣି, ଆଉ ବାଟ ଦେଖାଇ ଦେବାକୁ ବେଳ ନାହିଁ । ଆପଣ ଆଜି କଷ୍ଟେ ମଷ୍ଟେ ମୋ ଘରେ ରହିଯାନ୍ତୁ । କାଲି ସକାଳୁ ମୁଁ ବାଟ ଦେଖାଇ ଦେବି ।"

ଇଉରୋପୀୟ ସେହି କୁଟୀରରେ ରହିଲେ । ଗୃହସ୍ୱାମୀଙ୍କର ଯାହା ଥିଲା ସେ ତାହା ଆଣି ବହୁତ ଆଦରରେ ଅତିଥିଙ୍କୁ ଖୁଆଇଲେ । ଶୋଇବାକୁ ଶେଯ ପାରିଦେଲେ । ସକାଳୁ ଉଠି ବିଦାୟ ନେବାର ବେଳ ହେଲା । ଗୃହସ୍ୱାମୀ ଦିନ ଆଲୁଅରେ ଅତିଥିଙ୍କୁ ଦେଖି କେତେବେଳଯାଏଁ ତାଙ୍କ ମୁହଁକୁ ଚାହିଁ ରହିଲେ ।

ଚାହିଁ ଚାହିଁ ଶେଷକୁ କହିଲେ, "ଆପଣ ମୋତେ ଚିହ୍ନି ପାରୁଛନ୍ତି ? ଆପଣଙ୍କୁ ମୁଁ ଦେଖିଲା ପରି ଲାଗୁଚି ।" ଇଉରୋପୀୟ ଏବେ ବୁଝି ପାରିଲେ- ଏ ସେହି ଲୋକଟି, ଯାହାକୁ ସେ ନିଜେ ପାଣି ମୁନ୍ଦିଏ ନ ଦେଇ ତଡ଼ି ଦେଇଥିଲେ ।

ଇଉରୋପୀୟ ଲଜ୍ଜାରେ ମୁଣ୍ଡ ପୋତି ଦେଲେ । ଗୃହସ୍ୱାମୀ କହିଲେ, "କିଛି ଦୁଃଖ ନାହିଁ । ବିପଦରେ ପଡ଼ିଲେ ସଭ୍ୟ ହେଉ ଅସଭ୍ୟ ହେଉ ଲୋକକୁ ସାହାଯ୍ୟ କରିବା ଆମ ଜାତିର ଅଭ୍ୟାସ ।"

– ◻ –



Digitized by PPRACHIN, SOA

# ଦୋକାନ ବାକୀ ଶୁଝିବା କଥା

ପ୍ରାୟ ଦେଢ଼ଶ ବର୍ଷ ତଳେ ଫ୍ରାନ୍ସ ଦେଶର ଗୋଟିଏ ଛୋଟ ସହରରେ ଗୋଟିଏ ଗରିବ ପିଲା ପାଠ ପଢୁଥିଲା । ସେ ଯେଉଁ ବିଦ୍ୟାଳୟରେ ପଢୁଥିଲା; ସେଠାରେ ଲୋକେ ସୈନ୍ୟମାନଙ୍କ ମଧ୍ୟରେ ଅଫିସର ବା ନାୟକ ହେବାପାଇଁ ଶିକ୍ଷା ପାନ୍ତି । ସେ ଗରିବ ପିଲାଟି ସେହିପରି ଗୋଟିଏ ନାୟକ ହେବବୋଲି ବିଦ୍ୟାଳୟର ଶିକ୍ଷାରେ ଭାରି ମନ ଦେଇଥାଏ । ତାକୁ ଖର୍ଚ୍ଚ କରିବାକୁ ବେଶୀ ଧନ ମିଳେ ନାହିଁ । ତଥାପି ସେ ଗୋଟିଏ ସ୍ତ୍ରୀ ଲୋକର ଫଳ କୋଳି ଦୋକାନରୁ ନିତି ସନ୍ଧ୍ୟାବେଳେ କାଳି କରି ଫଳ କୋଳି ଖାଏ । ମାସ ଶେଷରେ ବହୁ କଷ୍ଟରେ ଦାମ ତକ ଦିଏ । ଏଇପରି କେତେକାଳ କଟିଯିବା ପରେ, ଦିନେ ଉପରୁ ଆଦେଶ ଆସିଲା ସ୍କୁଲରୁ କେତେକ ଛାତ୍ର ବଛା ହୋଇ ଆଉରି ବଡ଼ ଶିକ୍ଷା ପାଇଁ ଅନ୍ୟ ସ୍ଥାନକୁ ଯିବେ । ଏହି ବାଳକଟି ମଧ୍ୟ ସେମାନଙ୍କ ମଧ୍ୟରୁ ଜଣେ । ବାଳକର ସେତେବେଳକୁ ସାମାନ୍ୟ କିଛି ଫଳାର ଦାମ ବାକୀ ହୋଇଯାଇଥାଏ । ସେ ବଡ଼ ଦୁଃଖରେ ଦୋକାନକୁ ଯାଇ ସ୍ତ୍ରୀଲୋକଟିକୁ କହିଲା, "ମତେ ଅନ୍ୟ ସ୍ଥାନକୁ ଚାଲିଯିବାକୁ ହେବ, ଆଉ ହୁଏତ ଫେରିବି ନାଇଁ । ତୁମର ଦାମ୍‌ତକ ଦେବାକୁ ମୋ ପାଖରେ ଇଲେ କିଛି ନାଇଁ, କେବେ କିପରି ଏହା ଶୁଝିବି, କହିପାରୁ ନାହିଁ ।"

ସ୍ତ୍ରୀ ଲୋକଟି କହିଲା, "ବାବୁ ତୁମର ଭଲ ହେଉ । ମୋଠାରୁ ଏପରି ବେଶି କିଛି ଧାରି ନାହଁ । ସେଥିପାଇଁ ମନ ଖରାପ କରିବାର କିଛି କାରଣ ନାଇଁ । ତମେ ନିଶ୍ଚିନ୍ତରେ ଯାଅ ।"

କେତେକାଳ ଚାଲିଗଲା, ସେହି ବାଳକଟି ପରେ ନାୟକରୁ ସେନାପତି ହେଲେ । ଆହୁରି କେତେକାଳ ପରେ ସେ ନିଜେ ଫ୍ରାନ୍ସ ଦେଶର ସମ୍ରାଟ ହେଲେ । ସମ୍ରାଟ ହୋଇ ଅନେକ ଦିନ ଚାଲିଗଲା । ଯେଉଁ ସହରରେ ଦାମ୍ ବାକୀ ଥିଲା ସେଠାକୁ ଆସିବାର ତାଙ୍କର ସୁବିଧା ଘଟି ନ ଥିଲା । ଦିନେ ଅକସ୍ମାତ୍ ସେଇ ସହର



Digitized by PPRACHIN, SOA

ବାଟେ ସମ୍ରାଟ୍‌ଙ୍କୁ ସେନା ଘେନି ଯିବାକୁ ପଡ଼ିଲା । ତାଙ୍କର ଫଳ ଦୋକାନ କଥାଟି ମନେ ଥାଏ । ଦୋକାନଟି ଖୋଜି ଖୋଜି ସେ ସନ୍ଧ୍ୟାବେଳେ ସେଠାରେ ଯାଇ ପହଞ୍ଚିଲେ । ସେ ଦେଖିଲେ, ସେଇ ସ୍ତ୍ରୀ ଲୋକଟି ଫଳ ଦୋକାନ ଧରି ସେଇଠାରେ ବସିଅଛି । ମାତ୍ରକ ବୟସ ବେଶୀ ହବାରୁ ବୁଢ଼ୀ ହୋଇ ଯାଇଅଛି ।

ସମ୍ରାଟ ସେଠାକୁ ସାଧାରଣ ଲୋକର ବେଶ ଧରି ଯାଇଥିଲେ । ବୁଢ଼ୀ ସମ୍ରାଟ ବୋଲି ତାଙ୍କୁ ଚିହ୍ନିବ କିଆଁ । ଭଦ୍ରଲୋକ ବୋଲି ବିଚାରି ବୁଢ଼ୀ ତାଙ୍କୁ ଆସନ ଦେଲା । ସମ୍ରାଟ ଆସନରେ ବସି ପଚାରିଲେ, 'ବୁଢ଼ୀ ତୁମେ ସମ୍ରାଟଙ୍କୁ ଜାଣ ?' ବୁଢ଼ୀ କହିଲା, "ମୁଁ ଜାଣେ ନାହିଁ । ସମ୍ରାଟ ପରା ପିଲାଦିନେ ଏଇ ସହରରେ ଯୁଦ୍ଧବିଦ୍ୟା ଶିଖୁଥିଲେ । ସେତେବେଳେ ସେ ରୋଜ ସନ୍ଧ୍ୟାରେ ଆସି ମୋର ଏଇ ଦୋକାନରୁ ଫଳ ଖା'ନ୍ତି ।"

ସମ୍ରାଟ କହିଲେ, "ତୁମର ତାଙ୍କ ଉପରେ ଫଳର ଦାମ ବାକି ଥିଲା, ମନେ ଅଛି ?" ବୁଢ଼ୀର କାହିଁକି ସେକଥା ମନେ ଥିବ ! ବୁଢ଼ୀ ଅବାକ୍ ହୋଇ ଚାହିଁଲା, କିଛି ବୁଝିପାରିଲା ନାହିଁ । ସମ୍ରାଟ୍ ସବୁକଥା କହି ବୁଢ଼ୀର ଦାମ୍ ତାକୁ ଶୁଝିଦେଲେ, ଖାଲି ସେତିକି ନୁହେଁ ତାକୁ ବହୁତ ଧନଧାନ୍ୟ ଦେଇ ସୁଖରେ ରଖିଦେଲେ । ଏହି ସମ୍ରାଟଙ୍କ ନାମ ନେପୋଲିଅନ୍ ବୋନାପାର୍ଟ ।

— ◻ —

# ଗୁରୁ ଶିଷ୍ୟ

ଚାରି ଶହ ବର୍ଷ ତଳର କଥା । ଜର୍ମାନୀ ଦେଶର ଗୋଟିଏ ବିଦ୍ୟାଳୟରେ ଏହା ଘଟିଥିଲା ।

ଶ୍ରେଣୀ ଭିତରକୁ ଶିକ୍ଷକ ଆସିଲା ବେଳେ ପିଲାଏ ମୁଣ୍ଡ ନୁଆଇଁ ପ୍ରଣାମ କରନ୍ତି । ଜର୍ମାନୀରେ ମଧ୍ୟ ପୂର୍ବେ ଏହି ବିଧି ଥିଲା । ମାତ୍ର ସେ ବିଦ୍ୟାଳୟରୁ ଜଣେ



Digitized by PPRACHIN, SOA

ଶିକ୍ଷକ ଶ୍ରେଣୀକୁ ଆସୁ ଆସୁ ସେହି ଆଡୁ ଖୁବ୍ ମୁଣ୍ଡ ନୁଆଇଁ ପିଲାଙ୍କୁ ପ୍ରଣାମ କରି ଘର ଭିତରେ ପଶନ୍ତି । ପିଲାଏ କେବେହେଲେ ଆଗ ପ୍ରଣାମ କରିପାରନ୍ତି ନାହିଁ ।

ଏହିପରି ନିତି ହୁଏ । ଦିନେ ଶିକ୍ଷକ ପ୍ରଣାମ କରି ପଶିଆସି ଚଉକିରେ ବସିଲା ଉତ୍ତାରୁ ଗୋଟିଏ ପିଲା ଠିଆ ହୋଇ ପଚାରିଲା, "ମହାଶୟ, ଏ କି କଥା ! ଆମେ ଆପଣଙ୍କ ଛାତ୍ର । ଆମର ଆପଣଙ୍କୁ ପ୍ରଣାମ ଜଣାଇବାର କଥା । ଆମେ ତାହା କରୁ କରୁ ଆପଣ ଆଗରୁ ମୁଣ୍ଡ ନୁଆଇଁ ନିତି ଆମକୁ ପ୍ରଣାମ କରି ପକାଉଛନ୍ତି । ଏ ତ ଭଲ ହେଉନାହିଁ !"

ସେ ପିଲାଟିକୁ ଚାହିଁ ଶିକ୍ଷକଙ୍କ ଆଖି ଛଳ ଛଳ ହୋଇଗଲା । ଶିକ୍ଷକ କହିଲେ, "ବାବୁ, ତୁମେ ବୁଝିପାରୁ ନାହଁ । ଆମେ ପଢ଼ି, ଶୁଣି ତୁମର ଶିକ୍ଷକ ହୋଇଛୁ । ଭଗବାନ୍ ତୁମକୁ ଆମ ହାତରେ ଦେଇଛନ୍ତି । ଆମେ ତୁମକୁ ମଣିଷ କରିବୁ । ଏ ଆମର ବହୁ ଭାଗ୍ୟ । କିନ୍ତୁ ଆମେ ଯାହା ହେବାର ହୋଇ ସାରିଛୁଁ । ତୁମେ ସବୁ କଅଣ ହେବ, କିଏ ଜାଣେ ? ତୁମ ଭିତରେ କିଏ ବୁଦ୍ଧ, ଯୀଶୁଖ୍ରୀଷ୍ଟଙ୍କ ପରି ଲୋକ ଥାଇପାରେ । ମୁଁ ଏହିକଥା ଭାବି ତୁମକୁ ନମସ୍କାର କରେ । ତୁମକୁ ଦେଖିଲେ ମୁଁ ବିଚାରେ, ତୁମ ଭିତରେ ମୋଠାରୁ କେଡ଼େ ବଡ଼ ମଣିଷସବୁ ଥାଇପାରନ୍ତି ।"

ବୁଝିପାରୁଥିବ, ସେ କେଡ଼େ ଭଲ ଶିକ୍ଷକ ! ସେହିଦିନଠାରୁ ପିଲାମାନେ ତାଙ୍କୁ ଦେବତା ପରି ମାନିଲେ ।

ଆଶ୍ଚର୍ଯ୍ୟର କଥା, ଯେଉଁ ବାଳକ-ଶିଷ୍ୟଟି ଗୁରୁଙ୍କୁ ଏ କଥା ପଚାରିଥିଲା, ସତକୁ ସତ ସେ ପରେ ଚୈତନ୍ୟ, ଶଙ୍କରାଚାର୍ଯ୍ୟଙ୍କ ପରି ଜଣେ ମହାପୁରୁଷ ହେଲା । ଖ୍ରୀଷ୍ଟଧର୍ମର ଲୋକେ ତାଙ୍କୁ ଭଲ କରି ଜାଣନ୍ତି । ତାଙ୍କ ନାମ 'ମାର୍ଟିନ୍ ଲୁଥର୍' ।

–□–



Digitized by PPRACHIN, SOA

# ଲିଭିଙ୍ଗ୍‌ଷ୍ଟୋନ୍ ଓ ସିଂହ

ଆଫ୍ରିକା ମହାଦେଶ କଥା ଶୁଣିଥିବେ । ସେଥିରେ ବଡ଼ ବଡ଼ ନଦୀମାନ ଅଛି । ସେହି ମହାଦେଶ ଭିତରେ ସାହାରା ବୋଲି ଗୋଟିଏ ବଡ଼ ମରୁଭୂମି ଅଛି । ସାହାରା ମରୁଭୂମି ଆମ ଭାରତବର୍ଷ ପରି ବଡ଼ ହେବ । ଏହି ମରୁଭୂମି ଛଡ଼ା ନଦୀମାନଙ୍କର ଅବବାହିକାରେ ଭାରି ଜଙ୍ଗଲସବୁ ଅଛି । ସେ ଜଙ୍ଗଲରେ ଅତି ବଡ଼ ବଡ଼ ଗଛ । ଗଛ ଛାଇରେ ଠାଏ ଠାଏ ସୂର୍ଯ୍ୟକିରଣ ତଳେ ପଡ଼େ ନାହିଁ । ତା ଭିତରେ ସିଂହ, ହାତୀ, ଗରିଲା ପ୍ରଭୃତି ବଣଜନ୍ତୁ ବହୁତ ଥାନ୍ତି ।

ସେଦେଶର ବଣୁଆ ଲୋକମାନେ ଏ ଜଙ୍ଗଲ ମଝିରେ ଗାଁ କରି ରହିଥାନ୍ତି । ସିଂହ, ହାତୀ ପ୍ରଭୃତିଙ୍କି ତଡ଼ିବାର ବହୁତ ଉପାୟ ସେଇ ଲୋକଙ୍କୁ ଜଣା । ଏ ଜନ୍ତୁମାନେ ମରୁଭୂମିରେ ମଧ୍ୟ ବୁଲନ୍ତି । ମରୁଭୂମିରେ ସ୍ଥାନେ ସ୍ଥାନେ ପାହାଡ଼ ଥାଏ, ଝରଣା ଥାଏ; ସେଇ ଝରଣା ପାଖେ ଲୋକବସତି ମଧ୍ୟ ଥାଏ ।

ମରୁର ସେହି ଲୋକବସତି ଜାଗାଗୁଡ଼ିକୁ 'ମରୂଦ୍ୟାନ' କହନ୍ତି । ସିଂହମାନେ ବେଳେ ବେଳେ ଏଇ ମରୂଦ୍ୟାନ ପାଖକୁ ଜନ୍ତୁ ମାରି ଖାଇବାକୁ ଆସନ୍ତି । ଠିକଣାରେ ହାବୁଡ଼େ ପଡ଼ିଲେ ମଣିଷ ମଧ୍ୟ ଖାଇଯାନ୍ତି ।

ଏହି ଆଫ୍ରିକା ଭିତରର କଥା ଇଉରୋପ ଲୋକଙ୍କୁ ଅନେକ କାଳଯାଏ ଜଣା ନ ଥିଲା । ଏବେ ମଧ୍ୟ କେତେ ଜାଗାକୁ ଇଉରୋପୀୟ ଲୋକେ ଯାଇ ନାହାନ୍ତି ।

ପ୍ରାୟ ପଚାଶ ବର୍ଷରୁ ଅଧିକ କାଳ ହେବ, ଲିଭିଙ୍ଗ୍‌ଷ୍ଟୋନ୍ ବୋଲି ଜଣେ ଇଂରେଜ ଦେଶ ଦେଖିବା ପାଇଁ ଆଫ୍ରିକା ମରୁ ଜଙ୍ଗଲ ଭିତରେ ପଶିଥିଲେ । ଅନେକକାଳ ସେ ଜଙ୍ଗଲି ଲୋକଙ୍କ ଭିତରେ କଟାଇଥିଲେ । ସେ ଥରକୁ ଥର ଇଉରୋପକୁ ଆସୁଥାନ୍ତି । ସେଥିରେ ତାଙ୍କ ମନ ବସୁ ନ ଥାଏ । ପୁଣି ସେ



Digitized by PPRACHIN, SOA

ଆଫ୍ରିକାର ଜଙ୍ଗଲ ଭିତରକୁ ଯାନ୍ତି । ଶେଷରେ ସେହି ଜଙ୍ଗଲି ଲୋକଙ୍କ ଭିତରେ ସେ ମରିଥିଲେ ।

ଥରେ ସେ ଜଙ୍ଗଲ ପାଖ ମରୁଭୂମିରେ ଚାଲି ଚାଲି ଯାଉଛନ୍ତି, ଗର୍ଜନ କରି ଗୋଟାଏ ସିଂହ ଆସିଲା । ଲିଭିଙ୍ଗ୍‌ଷ୍ଟୋନ୍ ଅଜ୍ଞାନ ହୋଇ ପଡ଼ିଗଲେ । ପ୍ରାୟ ଦିନକ ପରେ ତାଙ୍କର ଜ୍ଞାନ ଆସିଲା । ସେ ଦେଖିଲେ, ଭାଗ୍ୟକୁ ସିଂହ ତାଙ୍କର କିଛି କ୍ଷତିକରି ନାହିଁ । ସିଂହ କାହିଁକି ତାଙ୍କୁ ନ ମାଇଲା, କଅଣ କଲା, କୁଆଡ଼େ ଗଲା, ସେ ଜାଣିପାରିଲେ ନାହିଁ ।

ଆଉ ଦିନକର କଥା ଶୁଣ । ସେ ଗୋଟିଏ ପାହାଡ଼ ପାଖେ ଯାଉଛନ୍ତି, ଗୋଟାଏ ସିଂହ ତାଙ୍କୁ ଦୂରରୁ ଦେଖି ଗୋଡ଼ାଇଲା । ଲିଭିଂଷ୍ଟୋନ୍ ପଳାଇଲେ, କିନ୍ତୁ ପାହାଡ଼ ଭିତରେ ସିଂହ ଆଗେ ଦଉଡ଼ି ପଳାଇବା ମନୁଷ୍ୟର ସାଧ ନୁହେଁ ।

ଲିଭିଙ୍ଗ୍‌ଷ୍ଟୋନ୍ ଦେଖିଲେ, ଆଉ ଉପାୟ ନାହିଁ । ଲିଭିଙ୍ଗ୍‌ଷ୍ଟୋନ୍‌ଙ୍କ ମୁଣ୍ଡରେ ସାହାବଟୋପି ଥିଲା, ହାତରେ ବନ୍ଧୁକ ଥିଲା । ସେ ଦଉଡ଼ି ଯାଉ ଯାଉ ଦେଖିଲେ, ତଳେ ଭାରି ଖାଲଟାଏ । ସେ ତଳକୁ ପଡ଼ିଗଲେ ଆଉ ହାଡ଼ ଗୋଡ଼ ରହିବ ନାହିଁ । ସେ ସେହି ଖାଲ ଉପରେ ପଥର ତଳେ ବସିପଡ଼ିଲେ । ବନ୍ଧୁକଟି ଠିଆ କରିଦେଇ ତା ଉପରେ ଟୋପିଟି ରଖିଦେଲେ । ପଥର ଉପରକୁ ଟୋପିଟି ଦିଶୁଥାଏ । ସେପାଖୁଁ ସିଂହ ଟୋପିକୁ ଲାଖ କରି ଗର୍ଜନ କରି ଡିଆଁ ମାରିଲା । ଏକା ଡିଆଁକେ ବନ୍ଧୁକ ଉପରୁ ଟୋପିଟି ଧରି ସିଂହ ତଳେ ସେହି ଖାଲ ଭିତରେ କଚାଡ଼ି ହୋଇପଡ଼ି ଛତୁ ହୋଇଗଲା ।

ଏହିପରି କେତେ କଥା ଲିଭିଙ୍ଗ୍‌ଷ୍ଟୋନ୍‌ଙ୍କ ଜୀବନରେ ଘଟିଥିଲା । ଲୋକେ ଏହିପରି ଘଟଣା ଭିତରେ ପୃଥିବୀର ନାନା ସ୍ଥାନ ଦେଖି ସେସବୁ ସ୍ଥାନର ଖବର ସାଧାରଣଙ୍କୁ ଜଣାଇଛନ୍ତି ।

—□—



Digitized by PPRACHIN, SOA

## ଇତିହାସ ଓ କିମ୍ବଦନ୍ତୀ ଆଧାରିତ କାହାଣୀ :

# ପୁରୁଷୋତ୍ତମ ଦେବ

(ପୋଇଲି ପୁଅ ପୁରିଆ)

ଓଡ଼ିଶା ସମ୍ରାଟ୍ ମହାରାଜା କପିଳେନ୍ଦ୍ର ଦେବଙ୍କ କଥା ଶୁଣିଥିବ । ସେ ନିଜେ ଗଉଡ଼; ଗଉଡ଼ କାମ କରିବା ପାଇଁ ପିଲାଦିନେ ରଜା ଘରକୁ ଆସିଥିଲେ । ଶେଷକୁ ରଜା ଅପୁତ୍ରିକ ହୋଇ ମରିବାରୁ ସମସ୍ତେ ତାଙ୍କ ଗୁଣ ଦେଖି ତାଙ୍କୁ ରାଜା କରିଥିଲେ । ତାଙ୍କର ପୁଅ ମହାରାଜା ପୁରୁଷୋତ୍ତମ ଦେବ । ସେ କିପରି ରାଜ୍ୟ ପାଇଲେ, ତା' ଶୁଣ ।

ମହାରାଜା କପିଳେନ୍ଦ୍ର ଦେବଙ୍କର ଚାରୋଟିରୁ ବେଶୀ ରାଣୀ ଥିଲେ । ରାଜା ନ ହବା ବେଳେ ସେ ଯାହାଙ୍କୁ ବିଭା ହୋଇଥିଲେ, ସେ ମଧ୍ୟ ଥିଲେ । ତା ବାଦ୍ ପୋଇଲି ପରିବାରୀ ଥାଆନ୍ତି । କଥା ଅଛି, ଏ ସମସ୍ତଙ୍କର ମିଶି ୧୯ଟି ପୁଅ ଥିଲେ; ୧୮ଟି ରାଣୀମାନଙ୍କର, ଆଉ ଗୋଟିଏ ପୋଇଲି ପୁଅ 'ପୁରିଆ' । ହୁଏତ ଏଇ ପୁରିଆଟି ଆଗରୁ ବିଭା ହୋଇଥିବା ଗଉଡୁଣୀର ପୁଅ । ରାଣୀମାନେ ସମସ୍ତେ ରାଜା ଝିଅ । ତେଣୁ ତାଙ୍କର ୧୮ଟି ଯାକ ପୁଅ ହେଲେ, ରାଜପୁତ୍ର ।

ଏବେ କପିଳେନ୍ଦ୍ରଙ୍କ ପରେ ରାଜା ହେବ କିଏ ? ରାଜପୁତ୍ରମାନଙ୍କ ଭିତରେ ଯେ ସଭା ବଡ଼, ସେଇ ଜେନାମଣି ବା ଯୁବରାଜ । ସେଇ ରାଜା ହବାର କଥା । ମାତ୍ର କପିଳେନ୍ଦ୍ର ନିଜେ ନିଜ ଗୁଣରେ ଗଉଡ଼ରୁ ସମ୍ରାଟ୍ ହୋଇଥିଲେ । ତାଙ୍କର ଇଚ୍ଛା, ଗୁଣରେ ଯେ ବଡ଼ ସେଇ ଏକା ରଜା ହେଲେ ଠିକ୍ ହେବ । ନ ହେଲେ, ଏଡ଼େ ବଡ଼ ସାମ୍ରାଜ୍ୟ ସମ୍ଭାଳିବା କଷ୍ଟ । ପୁଣି ରଜା ବା ରାଜପୁତ୍ର ବୋଲି ମନମୋଟ୍ କଲେ, ରାଜ୍ୟ ସମ୍ଭାଳିବା ସହଜ ନୁହେଁ ।



Digitized by PPRACHIN, SOA

ସମ୍ରାଟଙ୍କର ଏ ମନକଥା କ୍ରମେ ସମସ୍ତେ ବାରିଗଲେ । ସମସ୍ତେ ବୁଝିଲେ, କପିଳେନ୍ଦ୍ର ଥାଉଁ ଥାଉଁ ତାଙ୍କପରେ ଯେ ରଜା ହବ, ତାକୁ ବାଛି ତାଲିମ୍ କରି ଯିବେ । ରାଣୀମାନେ ଏବେ ଯେଝା ଖଞ୍ଜରେ ଆପଣା ଆପଣା ପୁଅ ଭିତରୁ ଗୋଟିକୁ ବାଛିବା ପାଇଁ ତାଙ୍କୁ ଧରି ବସିଲେ । ସମ୍ରାଟ୍ ବଡ଼ ଜଗନ୍ନାଥ ଭକ୍ତ ଥିଲେ । ସେ ଖାଲି କହୁଥାନ୍ତି, "ଜଗନ୍ନାଥେ ଯାହା କରିବେ ତାହାଇ ହବ ।"

ସେତେବେଳେ କଟକ ବାରବାଟି ଦୁର୍ଗରେ ରାଜଧାନୀ ଥାଏ । ମାତ୍ର ପର୍ବପୁଣ୍ୟ ଜାନିଯାତ୍ରାରେ ଜଗନ୍ନାଥ ଦର୍ଶନ କରିବାକୁ ରାଜା, ରାଣୀ, ଜେନାମଣି ଜେମା ଆଉ ଆଉ ରାଜପରିବାର ଲୋକମାନେ, ପାତ୍ର ମନ୍ତ୍ରୀ ସବୁ ଆସନ୍ତି । ସେଥିପାଇଁ ପୁରୀରେ ମଧ ଗୋଟିଏ ନଅର ଥାଏ । ପୁରୀ ବାଲିସାଇରେ ଭଙ୍ଗାରୁଜା ହୋଇ ସେଇ ନଅରଟି ଏବେ ଅଛି । ତାକୁ ଏବେ କହନ୍ତି ପୁରୁଣା ନଅର । ଏବେ ମଧ ରଜାଙ୍କର ଅଭିଷେକ ସେଇଠାରେ ହୁଏ, ପୁଣି ପର୍ବଦିନମାନଙ୍କରେ ରାଜା ସେଇ ନଅରକୁ ବିଜେ ହୁଅନ୍ତି ।

ସମ୍ରାଟ୍ କପିଳେନ୍ଦ୍ର ଏଇପରି ରାଣୀ ଓ ଅନ୍ୟମାନଙ୍କ କଥା ଶୁଣି ଶୁଣି ଶେଷରେ ଯୁବରାଜ ବାଛିବା ପାଇଁ ପୁରୀ ଆସିଲେ । ଜଗନ୍ନାଥଙ୍କୁ ସୁମରଣ କରି ୧୯ଟି ଯାକ ପୁଅ ଓ ପାତ୍ର ମନ୍ତ୍ରୀଙ୍କୁ ଧରି ଦେଉଳକୁ ଦରଶନକୁ ବାହାରିଲେ । ସଭା ଆଗରେ ସମ୍ରାଟ୍, ତାଙ୍କ ଦୁଇପଟେ ପାତ୍ର ମନ୍ତ୍ରୀମାନେ, ପଛକୁ ପୁଅମାନେ ଏଇପରି ଯାଉଥାନ୍ତି । ପୋଇଲି ପୁଅ ପୁରିଆଟି ସଭା ପଛରେ ଥାଏ ।

ହଠାତ୍ ଦେଉଳର ବାଇଶିପାହାଚ ଉପରେ ଉଠୁ ଉଠୁ ସମ୍ରାଟଙ୍କ ପାଛୁଡ଼ାଟି ଖସିଯାଇ ତଳେ ଘୁସୁରିଲା । ମହାରାଜା ଜାଣିନାହାନ୍ତି, ଚାହିଁ ନାହାନ୍ତି; ପାତ୍ରମନ୍ତ୍ରୀଙ୍କ ସଙ୍ଗେ କଥାବାର୍ତ୍ତା ହୋଇ ଚାଲିଛନ୍ତି । ରଜାପୁଅଯାକ, 'କିଏ ଆସି ପାଛୁଡ଼ାଟା ଟେକି ଦବ' ବୋଲି ଏଣିକି ତେଣିକି ଚାହିଁଲେ । ପୁରିଆ କିନ୍ତୁ ପଛରୁ ଦୌଡ଼ିଯାଇ ପାଛୁଡ଼ାଟି ଟେକି ଧଇଲା । ରଜାପୁଅମାନେ ଟିକିଏ ଟିକିଏ ହସିଲେ । କାହିଁକି ? ପୁରିଆ ଛୋଟଲୋକ କାମ କଲା ବୋଲି । ମହାରାଜାବି ଟିକିଏ ହସିଲେ ।



Digitized by PPRACHIN, SOA

କାହିଁକି ? କାଳେ ତାକୁ ଛୋଟଲୋକ କହିବେ, କି ଭାଇମାନେ ହସିବେ ବୋଲି ଲାଜ ନ କରି, ପୁରିଆ ଠିକ୍ ବେଳେ ଠିକ୍ କାମ କଲା ବୋଲି ।

ପୁରିଆ ବୁଦ୍ଧିମାନ୍ ଓ ଗୁଣର ବୋଲି ମହାରାଜା ଆଗରୁ ଜାଣିଥିବେ । ଏବେ ପରୀକ୍ଷାରେ ସେଇ ଏକା ପାରିଲା । ମହାରାଜା ନଅରକୁ ଆସି କହିଲେ, "ଜଗନ୍ନାଥେ ବାଛି ବାଇଶି ପାହାଚ ଉପରେ ଦେଖାଇ ଦେଲେ, ପୁରିଆ ଏକା ରଜା ହବାକୁ ଭାଜନ । ସେଇ ରଜା ହବ ।"

କଥା ଛିଡ଼ିଗଲା, ପୋଇଲି ପୁଅ ପୁରିଆ ରଜା ହବ । ୧୮ଟି ଯାକ ରଜାପୁଅ କୁହୁଳି କରି ରହିଲେ । ସେତେବେଳେ ଆଉ କଅଣ ବା କରନ୍ତେ ?

କପିଳେନ୍ଦ୍ରଙ୍କ ଉତ୍ତାରୁ ପୁରିଆ ସମ୍ରାଟ୍ ହେଲେ । ଏବେ ତାଙ୍କ ନାମ ହେଲା, 'ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ବୀରାଧିବୀରବର, ପ୍ରତାପଶ୍ରୀ ପୁରୁଷୋତ୍ତମ ଦେବ ।' ଗଜପତି ବୋଇଲେ, ଓଡ଼ିଶାର ସମ୍ରାଟ୍, ଏବେ ୧୮ଟି ଯାକ ଭାଇ କେତେ ସୈନ୍ୟସାମନ୍ତଙ୍କୁ ହାତକରି ପୁରୁଷୋତ୍ତମଦେବଙ୍କୁ ରାଜ୍ୟରୁ ବାଡ଼େଇ ବାହାର କରିଦେବା ପାଇଁ ଲଢ଼ିଲେ । କିନ୍ତୁ ପାରିଲେ ନାଇ । ଶେଷକୁ ସମସ୍ତେ ରାଜ୍ୟ ଛାଡ଼ି ବଣକୁ ପଳାଇଲେ । ଏବେ ଗଡ଼ଜାତର କେତେ ରଜା ତାଙ୍କରି ବଂଶ ବୋଲି ଲୋକେ କହନ୍ତି ।

– ◘ –

# କାଞ୍ଚି ଯୁଦ୍ଧ

ସେ ଆଜକୁ ଚାରିଶ ବର୍ଷରୁ ବେଶି କାଳର କଥା; ସେତେବେଳେ ଏଇ ଓଡ଼ିଶା ଗୋଟିଏ ବଡ଼ ସାମ୍ରାଜ୍ୟ ଥିଲା । ରାଜଧାନୀ ଥିଲା କଟକ, ରାଜା ଥିଲେ ପୁରୁଷୋତ୍ତମ ଦେବ ।



Digitized by PPRACHIN, SOA

ଓଡ଼ିଶା ସାମ୍ରାଜ୍ୟର ଦକ୍ଷିଣକୁ ଲାଗିଥିଲା କାଞ୍ଚି ରାଜ୍ୟ । ଏବର ମାନ୍ଦ୍ରାଜଠାରୁ ଆଉରି ଦକ୍ଷିଣକୁ ଏଇ କାଞ୍ଚିରାଜ୍ୟ ଥିଲା । ଏହି ରାଜ୍ୟର ରାଜଧାନୀ କାଞ୍ଚି ନଗର ଥିଲା କାବେରୀ ନଦୀ କୂଳରେ ।

କାଞ୍ଚି ରାଜାଙ୍କର ପଦ୍ମାବତୀ ବୋଲି ଗୋଟିଏ ସୁନ୍ଦରୀ ଜେମା ଥିଲେ । ଓଡ଼ିଶା ରାଜା ପୁରୁଷୋତ୍ତମ ଦେବଙ୍କ ସଙ୍ଗେ ସେହି ଜେମାଙ୍କର ବିଭାଘର ଠିକ୍ ହୋଇଥିଲା । ଏହି ବିଭାଘର ଠିକ୍ କରିବା ପାଇଁ କାଞ୍ଚି ରାଜାଙ୍କ ମନ୍ତ୍ରୀ ଓଡ଼ିଶାକୁ ଆସିଥିଲେ । ସେହି କାଞ୍ଚି ମନ୍ତ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଦେଖିବାକୁ ପୁରୀ ଆସିଲେ । ପୁରୁଷୋତ୍ତମ ଦେବ ମଧ୍ୟ ଜଗନ୍ନାଥଙ୍କ ରଥ ସେବା କରିବା ପାଇଁ ସେତେବେଳକୁ ପୁରୀରେ ଥିଲେ । ରାଜାଙ୍କର ରଥରେ କାମ ହେଉଛି ରଥ ଓଳାଇବା । କାଞ୍ଚି ମନ୍ତ୍ରୀ ଦେଖିଲେ ପୁରୁଷୋତ୍ତମ ରଥ ଓଳାଇବା କାମ କରୁଛନ୍ତି । ତାଙ୍କ ମନ ଖରାପ ହୋଇଗଲା । ସେ ବିଚାରିଲେ ଓଳାଇବା କାମ ମେହେନ୍ତରଙ୍କର । ଏଇ ମେହେନ୍ତର କାମ କରୁଥିବା ରଜାଙ୍କୁ କାଞ୍ଚି ରାଜାଙ୍କର ଜେମା ଦେବା ଠିକ୍ ହେବ ନାହିଁ । ମନ୍ତ୍ରୀ ଦେଶକୁ ଯାଇ ରାଜାଙ୍କୁ ସେଇକଥା ଜଣାଇଲେ । ରାଜା ଠିକ୍ କଲେ, ପୁରୁଷୋତ୍ତମ ଦେବଙ୍କ ପରି ଗୋଟାଏ ମେହେନ୍ତରକୁ ସେ ଝିଅ ଦେବେ ନାହିଁ ।

ପୁରୁଷୋତ୍ତମ ସେତେବେଳେ ମହା ପ୍ରତାପୀ ସମ୍ରାଟ୍ । ସେ ଏକଥା ଶୁଣି ସହିବେ କିଆଁ ? ସେ କହିଲେ, "ହାଁ, କାଞ୍ଚି ରାଜାଙ୍କର ଏଡ଼େ ଦିମାକ ! ମୁଁ କାଞ୍ଚି ଜିଣି ପଦ୍ମାବତୀକୁ ଆଣି ମେହେନ୍ତରକୁ ବିଭା କରାଇଦେବି ।"

ଓଡ଼ିଶା ଓ କାଞ୍ଚି ଦୁଇ ରାଜ୍ୟ ଭିତରେ ଏଥିପାଇଁ ଯୁଦ୍ଧ ଲାଗିଲା । ଦୁଇ ପକ୍ଷ ଭାରି ଦମ୍ଭରେ ଯୁଦ୍ଧ କଲେ । ପୁରୁଷୋତ୍ତମଙ୍କ ପରି ବଡ଼ ସମ୍ରାଟଙ୍କ ପାଖେ କାଞ୍ଚି ପରି ଛୋଟ ରାଜ୍ୟର ବଳ ବା କେତେ ?

ଶେଷକୁ କାଞ୍ଚି ରାଜା ପରାସ୍ତ ହେଲେ । ପୁରୁଷୋତ୍ତମ ଦେବ ପଦ୍ମାବତୀଙ୍କୁ ଧରି କଟକ ଘେନି ଆସିଲେ ।



Digitized by PPRACHIN, SOA

ପଦ୍ମାବତୀଙ୍କ ସଙ୍ଗେ ପୁରୁଷୋତ୍ତମ କାଞ୍ଚିର ଗଣେଶ ଓ ସତ୍ୟବାଦୀ ବା ସାକ୍ଷିଗୋପାଳ, ଏହି ଦିଓଟି ଦେବ ମୂର୍ତ୍ତି ଘେନି ଆସିଥିଲେ । କାଞ୍ଚି ଗଣେଶ ଏବେ ପୁରୀ ମନ୍ଦିରରେ ଅଛନ୍ତି । ସାକ୍ଷିଗୋପାଳଙ୍କ କଥା ସମସ୍ତେ ଜାଣନ୍ତି ।

ପୁରୁଷୋତ୍ତମ ପଦ୍ମାବତୀଙ୍କୁ ନିଜର ମନ୍ତ୍ରୀଙ୍କ ହାତେ ସମର୍ପି ଦେଇ କହିଲେ. "ଏହି ରାଜଜେମାଙ୍କୁ ଗୋଟିଏ ମେହେନ୍ତର ସଙ୍ଗେ ବିବାହ କରାଇ ଦିଅ ।" ମନ୍ତ୍ରୀ 'ହଉ' ବୋଲି କହି ପଦ୍ମାବତୀଙ୍କୁ ଘେନି ଘରକୁ ଗଲେ । ମନ୍ତ୍ରୀଙ୍କ ଭାର୍ଯ୍ୟା, ଝିଅ, ବୋହୂ, ସମସ୍ତ ପଦ୍ମାବତୀଙ୍କୁ ଦେଖି ତାଙ୍କର ଏ ଦଶା ଭାଳି କାନ୍ଦିଲେ ଓ ପଦ୍ମାବତୀଙ୍କୁ ଭାରି ଆଦରରେ ରଖିଲେ ।

ମନ୍ତ୍ରୀ କାହାକୁ କିଛି କହୁ ନ ଥାନ୍ତି । ରାଜା ପଚାରିଲେ କହନ୍ତି, "ମୁଁ ପଦ୍ମାବତୀଙ୍କୁ ବିବାହ ଦେବା ପାଇଁ ଗୋଟିଏ ମେହେନ୍ତର ଖୋଜୁଚି ।"

ସେ ବର୍ଷ ପୁଣି ରଥ ଯାତ ଆସି ହୋଇଗଲା । ରାଜା ପୁରୁଷୋତ୍ତମ ପୁରୀକୁ ବିଜେ କଲେ । ମନ୍ତ୍ରୀ ମଧ ପିଲାକୁଟୁମ୍ବଙ୍କୁ ଘେନି ପୁରୀ ଆସିଲେ । ରଥ ଓଳାଇବା କାମଟି କରିବାକୁ ରାଜା ବାହାରିଲେ ।

ମନ୍ତ୍ରୀ ମଧ ପିଲା କୁଟୁମ୍ବ ଘେନି ରଥ ଓଳାଇବା ବା 'ଛେରା ପହଁରା' ଦେଖିବାକୁ ଗଲେ ।

ରାଜା ଝାଡୁମୁଠା ଧରି ଛେରାପହଁରା କରୁଛନ୍ତି, ଠିକ୍ ଏତିକିବେଳେ ମନ୍ତ୍ରୀ ପଦ୍ମାବତୀଙ୍କୁ ଆଣି ପୁରୁଷୋତ୍ତମଙ୍କ ହାତେ ସମର୍ପିଦେଇ କହିଲେ, "ମହାରାଜା ବର୍ତ୍ତମାନ ମେହେନ୍ତର । ଏଇ ମେହେନ୍ତରଙ୍କ ହାତେ ମୁଁ ପଦ୍ମାବତୀଙ୍କୁ ଦେଉଅଛି । ମେହେନ୍ତର ମହାରାଜା ଏହାଙ୍କୁ ବିଭା ହୁଅନ୍ତୁ ।"

ରାଜା ମନ୍ତ୍ରୀଙ୍କ ବୁଦ୍ଧିରେ ଆଶ୍ଚର୍ଯ୍ୟ ହୋଇଗଲେ । ସେଇଦିନଠାରୁ ପଦ୍ମାବତୀ ଓଡ଼ିଶାର ରାଣୀ ହେଲେ ।

–□–



Digitized by PPRACHIN, SOA

# ଶିବକରଦେବ ଓ ପ୍ରାଞ୍ଜ

ଏ ପ୍ରାୟ ୧୩୦୦ ବର୍ଷ ତଳ କଥା । ସେତେବେଳେ ଉତ୍କଳ ସାମ୍ରାଜ୍ୟର ରାଜଧାନୀ ଥିଲା, ଯାଜପୁର (ଜାଜ୍‌ପୁର)। ଏହାକୁ କିନ୍ତୁ ସେତେବେଳେ ଯାଜପୁର ବୋଲି କହୁନଥିଲେ । ଏହାର ନାମ ଥିଲା 'ବିରଜା-ବାସ୍ତବ୍ୟ' ବା ବିରଜାଙ୍କ ଥାନ । ଏଇ ବିରଜାଙ୍କ ଥାନକୁ ଲାଗି ସେ କାଳ ମହାରାଜାଙ୍କ ନଅର ଥିଲା । ସେତେବେଳେ ତାକୁ କହୁଥିଲେ, 'ଗୁହେଶ୍ୱର-ପାଟକ'।

ଏବେ ଯାଜପୁର ଅଞ୍ଚଳରେ ଉଦୟଗିରି ଲଳିତଗିରି ରତ୍ନଗିରି ବୋଲି ପାହାଡ଼ମାନ ଅଛି । ସେଇ ପାହାଡ଼ମାନଙ୍କ ପାଖେ ପୂର୍ବକାଳର କୋଠାବାଡ଼ି ଦେଉଳ ସବୁ ଏବେ ଭାଙ୍ଗିକରି ପଡ଼ିଚି । ସେତେବେଳେ ଏଇ ଥାନଟିରେ ଗୋଟିଏ ବଡ଼ 'ବିହାର' ଥିଲା । 'ବିହାର' ବୋଇଲେ ଛାତ୍ର ରହି ପାଠ ପଢ଼ିବାର ଜାଗା । ବଡ଼ ବଡ଼ ପଣ୍ଡିତମାନେ ସେଠାରେ ଶହ ଶହ ହଜାର ହଜାର ଛାତ୍ରଙ୍କୁ ଘେନି ଥାଆନ୍ତି । ରାଜା ସେମାନଙ୍କ ଖାଇବା ପିଇବା ରହିବା ପଢ଼ିବା ପାଇଁ ସବୁ ଖଞ୍ଜାକରି ଦେଇଥାନ୍ତି ।

ସେକାଳେ ଏଇ ବିହାରର ନାମ ଥିଲା, 'ପୁଷ୍ପଗିରି ବିହାର'। ମହାରାଜ ଶିବକରଦେବ ସେତେବେଳେ ଉତ୍କଳର ସମ୍ରାଟ୍ । ସେ କାଳ ରାଜା ସମ୍ରାଟ୍‌ମାନେ ବଡ଼ ପଣ୍ଡିତ ହେଉଥିଲେ ଓ ବିଦ୍ୟାର ଭାରି ଆଦର କରୁଥିଲେ । ଛାପାଖାନା ନ ଥିଲା । ସମସ୍ତେ ହାତରେ ତାଳପତ୍ର ଲେଖନ ଧରି ପୋଥି ଲେଖୁଥିଲେ । ସମ୍ରାଟ୍ ଶିବକରଦେବଙ୍କର ପୋଥି ଲେଖି ରଖିବାରେ ଭାରି ମନ ଥାଏ । ସେ ନିଜ ହାତରେ ଭଲ ଭଲ ପୋଥିମାନ ଲେଖି ରଖୁଥିଲେ ।

'ବିହାର'ରେ ରହି ବିଦ୍ୟା ଅର୍ଜିବା ପାଇଁ ବହୁତ୍ ଦୂରଦେଶରୁ ଲୋକେ ଆସୁଥିଲେ । ଏବର କାବୁଲ ସେ ପାଖ ଦେଶରୁ 'ପ୍ରାଞ୍ଜ' ବୋଲି ଜଣେ ଆସି ଦିନେ



Digitized by PPRACHIN, SOA

ଶିବକର ଦେବଙ୍କୁ ଭେଟିଲେ । ସେ କହିଲେ, "ମହାରାଜ, ମୁଁ ଭାରତ ବର୍ଷରେ ବହୁତ ବୁଲି ବିହାରମାନଙ୍କରେ ରହି ଆସିଛି । ମାତ୍ର ଏଇ ପୁଷ୍ପଗିରି ବିହାରରେ ଯେ ବିଦ୍ୟା ମିଳେ, ତା ଆଉ କାହିଁ ନାହିଁ । ମୁଁ ଏଠାରେ କେତେ ବର୍ଷ ରହି ପଢ଼ିବି । ମହାରାଜ ଅନୁଗ୍ରହ କରନ୍ତୁ ।"

ମହାରାଜ କଥାବାର୍ତ୍ତାରୁ ଜାଣିଲେ, ପ୍ରାଜ୍ଞ ନିଜେ ବଡ଼ ବୁଦ୍ଧିମାନ୍ ଓ ମହାପଣ୍ଡିତ । ତାଙ୍କୁ ପାଖରେ ରଖିବାକୁ ମହାରାଜାଙ୍କର ଭାରି ଇଚ୍ଛା ହେଲା । ସେ ସଙ୍ଗେ ସଙ୍ଗେ ପ୍ରାଜ୍ଞଙ୍କର ପୁଷ୍ପଗିରି ବିହାରରେ ରହିବା ପାଇଁ ସବୁ ଠିକ୍ ଠାକ୍ କରିଦେଲେ । ପ୍ରାଜ୍ଞ କେତେବର୍ଷ ବିହାରରେ ରହିବାରେ ମହାରାଜଙ୍କ ସଙ୍ଗେ ତାଙ୍କର ଖୁବ୍ ମିଳାମିଶା ଓ ଭାବ ହୋଇଗଲା । ପ୍ରାଜ୍ଞ ମଧ୍ୟ ଦେଖିଲେ ମହାରାଜା କମ୍ ଜାଣିବା ଲୋକ ନୁହନ୍ତି ।

ସେତେବେଳେ ଉତ୍କଳର ଦୂରଦେଶମାନଙ୍କରେ ବାଣିଜ୍ୟ ଥାଏ । ବୋଇତରେ ବସି ଉତ୍କଳର 'ସାଧବ'ମାନେ ଲଙ୍କା ଚୀନ ପ୍ରଭୃତି ଦେଶକୁ ବରାବର ଯିବା ଆସିବା କରୁଥାନ୍ତି । ଏବ ଚୀନକୁ ସେକାଳେ କହୁଥିଲେ 'ମହାଚୀନ' । ସେଇ ମହାଚୀନର ମହାରାଜାଙ୍କ ସଙ୍ଗେ ଉତ୍କଳ ମହାରାଜାମାନଙ୍କର ଖୁବ୍ ଚିଠିପତ୍ର ଦିଆନିଆ ଚାଲୁଥାଏ । ଦୁହିଁଙ୍କର ଧର୍ମ, ବୁଦ୍ଧଙ୍କ ଧର୍ମ ବା ବୌଦ୍ଧ ଧର୍ମ । ସେଇ ଧର୍ମର ବିଦ୍ୟାରେ ଦୁହିଁଙ୍କର ଭାରି ମନ । ସେଥିପାଇଁ ମହାଚୀନର ମହାରାଜା ଏ ଦେଶର ପଣ୍ଡିତ ଓ ପୋଥିସବୁ ପାଇଲେ ତାଙ୍କୁ କୋଟିନିଧି ପାଇଲା ପରି ଲାଗୁଥିଲା । ସେ ମହାରାଜ ଶିବକରଙ୍କୁ ଗୋଟିଏ ପଣ୍ଡିତ ଓ ଗୋଟିଏ ଭଲ ପୋଥି ମଗାଇ ପଠାଇଲେ ।

ମହାଚୀନରେ ମଧ୍ୟ ସେତେବେଳେ ବହୁତ ବଡ଼ ପଣ୍ଡିତ ଓ ଭଲ ପୋଥିମାନ ଥାଏ । ପ୍ରାଜ୍ଞଙ୍କର ଭାରି ଇଚ୍ଛା ହେଲା ସେ ଉତ୍କଳ ମହରାଜାଙ୍କ ଠାରୁ ପୋଥି ଘେନି ମହାଚୀନକୁ ଯିବେ । ପ୍ରାଜ୍ଞଙ୍କୁ ଛାଡ଼ିବାରେ ଶିବକରଙ୍କ ମନଦୁଃଖ ହବା କଥା । ହେଲେହେଁ ସେ ବୁଝିଲେ, ମହାଚୀନ ଭଳି ଥାନକୁ ଉତ୍କଳରୁ ଯିବାଭଳି ଲୋକ ଏକା



Digitized by PPRACHIN, SOA

ପ୍ରାଙ୍ଗ । ସେ ପ୍ରାଙ୍ଗଙ୍କୁ ପଠାଇଲେ ଓ ମହାଚୀନ ମହାରାଜା ତାଙ୍କୁ ମନେ ପକାଉଥିବେ ବୋଲି ପ୍ରାଙ୍ଗଙ୍କ ହାତେ ନିଜ ହାତ ଲେଖା ଖଣ୍ଡିଏ ଭଲ ପୋଥି ଦେଲେ ।

ପ୍ରାଙ୍ଗ ଚୀନ ଦେଶରେ କେତେ କାଳ ରହି ସେଠା ଭାଷା ଓ ବିଦ୍ୟା ଶିଖିଲେ । ତାପରେ ଉତ୍କଳ ରଜାଙ୍କ ହାତଲେଖା ପୋଥି ଚୀନ ଭାଷାରେ ଅନୁବାଦ କଲେ । ଏବେ ସେ ଅନୁବାଦ ଚୀନ ଦେଶରୁ ମିଳୁଚି । ଶୁଣିବାରେ ଶିବକର ଦେବଙ୍କ ହାତଲେଖା ପୋଥିଟି ମଧ୍ୟ ରଖା ହୋଇଛି ।

–□–

# ଉତ୍କଳରେ ନାରୀ ସମ୍ରାଟ୍

ଏବେ ଇଂଲଣ୍ଡରେ ଦରକାର ପଡ଼ିଲେ ନାରୀମାନେ ସମ୍ରାଟ୍ ହୁଅନ୍ତି । ଏବ ମହାରାଜାଙ୍କ ବାପାଙ୍କ ଜେଜେମା ମହାରାଣୀ ଭିକ୍ଟୋରିଆ ପ୍ରାୟ ଚାଳିଶ୍ ବର୍ଷ ପୂର୍ବେ ବଞ୍ଚିଥିଲେ । ସେ ସମ୍ରାଟ୍ ଥିଲେ । ପୁଣି ଏଇ ସମ୍ରାଟ୍ ୬ଷ୍ଠ ଜର୍ଜଙ୍କ ଝିଅ ମଧ୍ୟ ସମ୍ରାଟ୍ ହୋଇପାରନ୍ତି । ପୂର୍ବେ ସେ ଦେଶମାନଙ୍କରେ କେତେ ନାରୀ ସମ୍ରାଟ୍ ହୋଇ ଯାଇଛନ୍ତି ।

ଏହା ଦେଖାଇ ଲୋକେ କହନ୍ତି । ଏ ଦେଶର ନାରୀଙ୍କଠୁ ସେ ଦେଶର ନାରୀ ଭାରି ସ୍ୱାଧୀନ । ତା ନୁହେଁ ଏ ଦେଶ ସବୁକାଳେ ଏବ ପରି ନ ଥିଲା । ଯେତେବେଳେ ଏ ଦେଶ ଲୋକଙ୍କର ନିଜର ରାଜ୍ୟ ଥିଲା, ସେତେବେଳେ ଏ ଦେଶରେ ମଧ୍ୟ ଦରକାର ପଡ଼ିଲେ ନାରୀମାନେ ସମ୍ରାଟ୍ ହେଉଥିଲେ । ଏଇ ଉତ୍କଳରେ ସେ କାଳ କଥାରୁ ଟିକିଏ ଶୁଣ ତେବେ ।

ବାର ତେର ଶହ ବର୍ଷ ପୂର୍ବେ ଉତ୍କଳରେ କର ବଂଶର ସମ୍ରାଟ୍‌ମାନେ ମହାରାଜା ଥିଲେ । ଏଇ ବଂଶର ପ୍ରଥମ ରାଜାଙ୍କ ନାମ 'ଉନ୍ମର୍ତ୍ତ ସିଂହ' ବା ଉନ୍ମତ୍ତ



Digitized by PPRACHIN, SOA

କେଶରୀ । ସେଥିପାଇଁ ଏଇ ବଂଶକୁ 'କେଶରୀ ବଂଶ' କହନ୍ତି । ସବୁ ସମ୍ରାଟ୍‌ଙ୍କ ନାମ ଶେଷରେ 'କର' ଉପାଧି ଥିଲା । ତାପରେ ସେମାନେ 'କେଶରୀ' ଉପାଧି ମଧ୍ୟ ଲଗାଇ ନାମକୁ 'କର-କେଶରୀ' ବୋଲି ପ୍ରକାଶ କରୁଥିଲେ । ସୁଭାକର-କେଶରୀ, ଶାନ୍ତିକର-କେଶରୀ, ଶିବକର-କେଶରୀ, ଏଇପରି ନାମ ସେମାନଙ୍କର ଥିଲା । ଏହା ଉତ୍କଳର ପ୍ରଥମ କେଶରୀ ବଂଶ । ଏହା ପରେ ଆଉ ଗୋଟିଏ କେଶରୀ ବଂଶ ଥିଲା ।

ଏବର ଯାଜପୁର ଏମାନଙ୍କର ରାଜଧାନୀ ଥିଲା । ଏଇ ରାଜଧାନୀର ନାମ ସେତେବେଳେ ଥିଲା, 'ଗୁହେଶ୍ୱର ପାଟକ'।

ପ୍ରଥମ ଶାନ୍ତିକର କେଶରୀ ମଲା ବେଳକୁ ତାଙ୍କ ପୁଅ ନାବାଳକ ଥିଲେ । ତାଙ୍କ ମହାରାଣୀଙ୍କ ନାମ ଥିଲା, ତ୍ରିଭୁବନ-ମହାଦେବୀ । ସେତେବେଳେ ରାଜା ମରିଗଲେ ପାତ୍ରମନ୍ତ୍ରୀ ସେନାପତି ବଡ଼ ବଡ଼ ସାମନ୍ତରାଜା ଓ ଆଉ ଆଉ ପ୍ରଧାନ ଲୋକେ ବିଚାର କରି ପାରିବାର ଲୋକଙ୍କୁ ସିଂହାସନରେ ବସାଉଥିଲେ ।

ଶାନ୍ତିକର କେଶରୀ ହଠାତ୍ ନାବାଳକ ଯୁବରାଜ ଛାଡ଼ି ମରିଗଲେ । ଏଣୁ ତ୍ରିଭୁବନ ମହାଦେବୀ ଶୋକରେ ବିକଳ ହୋଇ ପଡିଲେ, କିନ୍ତୁ ସମସ୍ତେ ଦେଖିଲେ, ମହାରାଣୀଙ୍କ ଛଡ଼ା ଏଡ଼େ ବଡ଼ ସାମ୍ରାଜ୍ୟ ସମ୍ଭାଳିବାକୁ ଆଉକେହି ନାଇ । ସେଥିପାଇଁ ରାଜ୍ୟର 'ମହାସାମନ୍ତ ଚକ୍ର' ବା ପାତ୍ରମନ୍ତ୍ରୀ ସେନାପତି ସାମନ୍ତ ଓ ପ୍ରଧାନମାନଙ୍କ ସଭାର ଲୋକେ ପିଲା ଯୁବରାଜଟିକୁ ସଂଗେ ଧରି, ଆସି ମହାରଣୀକୁ ବୋଧ ଦେଇ କହିଲେ -

"ମହାରାଣୀ, ଆପଣ ଏଡ଼େବଡ଼ ମହାପଣ୍ଡିତ ମହାବୀର ଶ୍ରେଷ୍ଠ ପୁରୁଷଙ୍କ ହାତ ଧରିଥିଲେ । ପ୍ରଜାମାନଙ୍କ କଥା ସର୍ବଦା ତାଙ୍କର ଏକା ଚିନ୍ତା ଥିଲା । ଏବେ ସେକଥା ମନେ ପକାଇ ଶୋକ ଛାଡ଼ି ପ୍ରଜାଙ୍କୁ ଆପଣ ଚାହାନ୍ତୁ । ଆପଣ ତ ଜାଣନ୍ତି, ପୂର୍ବେ ଗୋସ୍ୱାମିନୀ ସଂସାର ଛାଡ଼ି ଖାଲି ଧର୍ମ କାର୍ଯରେ ରହି ସନ୍ନ୍ୟାସ କରିଥିଲେ । ମାତ୍ର ଦରକାର ପଡ଼ିବାରୁ ପ୍ରଜାଙ୍କ ହିତ ପାଇଁ ସେଇ ଗୋସ୍ୱାମିନୀ ବି ପୁଣି ସିଂହାସନରେ ବସି ରାଜ୍ୟ ଚଳାଇବାର ଭାର ନେଇଥିଲେ । ଆପଣ ଏବେ



Digitized by PPRACHIN, SOA

ସିଂହାସନରେ ବସନ୍ତୁ । ନ ହେଲେ ପ୍ରଜାଙ୍କର ଗତି ନାଇ ।"

[ଢେଙ୍କାନାଳରୁ ମିଳିଥିବା ତ୍ରିଭୁବନ ମହାଦେବୀଙ୍କ ଏକ ତମ୍ବାପଟା ସନନ୍ଦର ଅନୁବାଦ ।]

ଏହା ଶୁଣି ପିଲା ପୁଅ ମୁହଁକୁ ଚାହିଁ ତ୍ରିଭୁବନ ମହାଦେବୀ ସିଂହାସନରେ ବସିଲେ । ପୁଣି ତାଙ୍କ ନାତିର ନାତି ୪ର୍ଥ ଶୁଭାକର ଦେବ ଅଳ୍ପ ବୟସରେ ମରିଯିବାରେ ତାଙ୍କ ରାଣୀ ଗୌରୀ ମହାଦେବୀ ସିଂହାସନରେ ବସି ରାଜ୍ୟ ଚଳାଇଥିଲେ । ତାଙ୍କର ଗୋଟିଏ ଝିଅ ଥିଲା । ଗୌରୀ ମହାଦେବୀଙ୍କ ଉତ୍ତାରୁ ସେଇ ଝିଅଟି ସମ୍ରାଟ୍ ହୋଇଥିଲେ । ସେଇ ନାରୀ ସମ୍ରାଟ୍‌ଙ୍କ ନାମ ଦଣ୍ଡୀ ମହାଦେବୀ । ସେ ଉତ୍କଳ ସାମ୍ରାଜ୍ୟକୁ ସମ୍ଭାଳି ବହୁତ୍ ଦାନ କୀର୍ତ୍ତିମାନ କରିଥିଲେ ।

ଏ ଉତ୍କଳ ରାଜ୍ୟରେ ନାରୀ ପୁରୁଷ ବୋଲି ଭେଦ କେହି ବାଛୁନଥିଲେ । ବିଦ୍ୟା ଓ ଗୁଣରେ ଯେ ପାରିବାର ତାକୁଇ ସମ୍ରାଟ୍ କରି ବସାଇ ଦେଉଥିଲେ ।

– □ –

# ଚୈତନ୍ୟ

ପ୍ରାୟ ହଜାରେ ବର୍ଷପୂର୍ବେ ମହାରାଜ ଯଜାତିକେଶରୀ ଓଡ଼ିଶାର ସମ୍ରାଟ ଥିଲେ । ଏ ଓଡ଼ିଶାର ଦ୍ୱିତୀୟ କେଶରୀ ବଂଶର ରାଜା । ଆଗେ ସୋନପୁର ଆଡ଼େ ମଧ୍ୟପ୍ରଦେଶ ଧରି ଏହାଙ୍କ ବଂଶର ରାଜ୍ୟ ଥିଲା । ଓଡ଼ିଶାର ଧର୍ମରେ ବ୍ରାହ୍ମଣ ଚଣ୍ଡାଳ ପ୍ରଭୃତି ବଡ଼ ସାନ ଭେଦ ନାଇ । ଯଜାତିଙ୍କ ବଂଶ ଲୋକଙ୍କୁ ଏହା ସୁଖ ଲାଗୁ ନଥିଲା । ସେ ବୁଝିଗଲେ ଏ ଦେଶ ବ୍ରାହ୍ମଣେ କ୍ରିୟାରେ ନାହାନ୍ତି । ସେଥିପାଇଁ ବ୍ରାହ୍ମଣର ବଡ଼ପଣିଆ ଓ କ୍ରିୟା ଠିକ୍ ରଖିବା ପାଇଁ ଯଜାତି ହିମାଳୟ ପାଖ ସେକାଳ ମଧ୍ୟଦେଶର କାନ୍ୟକୁବ୍‌ଜରୁ ଦଶହଜାର ବ୍ରାହ୍ମଣ ଓଡ଼ିଶାକୁ ଅଣାଇଥିଲେ । ଏବେର ଓଡ଼ିଶାର 'ଉତ୍କଳ' ବ୍ରାହ୍ମଣମାନେ ସେଇମାନଙ୍କ ବଂଶ ।



Digitized by PPRACHIN, SOA

ଯାଜପୁର ଥିଲା ଯଜାତିଙ୍କ ରାଜଧାନୀ । ଏଇ ବ୍ରାହ୍ମଣମାନେ ତେଣୁ ପହିଲେ ଯାଜପୁରେ ଓ ଯାଜପୁର ପାଖେ ଆଖେ ରହିଥିଲେ ।

ଏହାର ପ୍ରାୟ ପାଆଁଶ ବର୍ଷ ପରେ ମହାରାଜ କପିଳେନ୍ଦ୍ର ଦେବ ଓଡ଼ିଶାର ସମ୍ରାଟ୍ ହେଲେ । କପିଳେନ୍ଦ୍ର କଞ୍ଚା ଓଡ଼ିଆ । ସେ ଗଉଡ଼ ଘରେ ଜନ୍ମ ହୋଇ ନିଜ ଗୁଣରେ ସମ୍ରାଟ୍ ହୋଇଥିଲେ । ଓଡ଼ିଆ ଭାଷା, ଓଡ଼ିଆ ଧର୍ମ, ଓଡ଼ିଆ ଚାଲିଚଳଣରେ ତାଙ୍କର ଭାରି ସ୍ନେହ । ଶାସ୍ତ୍ରସବୁ ଓଡ଼ିଆରେ ଲେଖାଇବା, ଓଡ଼ିଆ ଯାତ୍ରା କରାଇବା, ଓଡ଼ିଆ ଗୀତ ବୋଲାଇବା ଓଡ଼ିଆର ଜଗନ୍ନାଥ ଧର୍ମରେ ସବୁ ବଡ଼ସାନ ଏକ କରାଇବା ତାଙ୍କର କାର୍ଯ୍ୟ । ଯାଜପୁରିଆ ସେଇ ବ୍ରାହ୍ମଣଙ୍କ ବଂଶରେ ଜନ୍ମିଥିବା ଉତ୍କଳ ବ୍ରାହ୍ମଣଙ୍କୁ ଏସବୁ ସୁଖ ଲାଗିବ କୁଆଡୁ ? ସେମାନେ ସବୁ ବଡ଼ ବ୍ରାହ୍ମଣ କ୍ରିୟା ଓ ନିଷ୍ଠାରେ ଚଳୁଥିଲେ । ସେମାନଙ୍କ ଭିତରେ ବଡ଼ ବଡ଼ ସଂସ୍କୃତ ପଣ୍ଡିତ ଥିଲେ । ଶାସ୍ତ୍ର ସବୁ ଓଡ଼ିଆରେ ହେବା, ରାଜଦ୍ୱାରରେ ଓଡ଼ିଆଭାଷାର ଆଦର ବଢ଼ିବା, ସମସ୍ତେ 'ଏକାକାର' ହେବା, ତାଙ୍କୁ ରୁଚିଲା ନାଇ । ଅନେକ ବଡ଼ ବଡ଼ ପଣ୍ଡିତ ସେତେବେଳେ ଯାଜପୁର ଛାଡ଼ି ଦୂର ଦେଶକୁ ପଳାଇଥିଲେ ।

ଯେଉଁମାନେ ଏଇପରି ପଳାଇଥିଲେ, ତାଙ୍କ ଭିତରେ ଜଣେ ବିଶୁଦ୍ଧ ମିଶ୍ରଙ୍କ ପୁଅ ପଣ୍ଡିତ ମଧୁକର ମିଶ୍ର । ସେ ଏବର ଆସାମରେ ଥିବା ସିଲେଟ (ସେବର ଶ୍ରୀହଟ୍ଟ)କୁ ଯାଇ ସେଇଠାରେ ରହିଲେ । ଏଇ ମଧୁକର ମିଶ୍ରଙ୍କ ବଡ଼ପୁଅ, ଉପେନ୍ଦ୍ର ମିଶ୍ର । ଉପେନ୍ଦ୍ର ମିଶ୍ରଙ୍କର ଗୋଟିଏ ପୁଅ ଜଗନ୍ନାଥ ମିଶ୍ର ପାଠ ପଢ଼ିବାକୁ ନବଦ୍ୱୀପରେ ଆସିଥିଲେ । ଏ ମଧ୍ୟରେ ସିଲେଟରେ ଭାରି ଦୁର୍ଭିକ୍ଷ ପଡ଼ିବା ଶୁଣି, ପଣ୍ଡିତ ଜଗନ୍ନାଥ ମିଶ୍ର ଆଉ ଫେରିଲେ ନାଇ । ନବଦ୍ୱୀପ ବା ନଦିଆରେ ଘରଦ୍ୱାର କରି ରହିଗଲେ । ସେଇବଂଶ ବ୍ରାହ୍ମଣମାନେ ଏବେ ବି ସିଲେଟ ଆଡ଼େ ଅଛନ୍ତି ।

ଏଇପରି ନାନା କାରଣରୁ ବହୁକାଳରୁ ଉତ୍କଳ ବ୍ରାହ୍ମଣମାନେ ବିଦେଶମାନଙ୍କୁ ଯାଉଥିଲେ । କେତେ ମଧ୍ୟ ନିଜ ବିଦ୍ୟା ଘେନି ଆଦର ପାଇବାକୁ ଓ ରୋଜଗାର କରିବାକୁ ବିଦେଶକୁ ଯାଉଥିଲେ । ସେଥିରୁ କେତେ ମଧ୍ୟ ରହିଯାଉଥିଲେ । ବଂଗଦେଶ ଓ ଆସାମରେ ଏଇପରି ଅନେକ ଉତ୍କଳ ବ୍ରାହ୍ମଣ ରହିଥିଲେ । ସେମାନେ ପଣ୍ଡିତ ଓ ରାଜସଭାମାନଙ୍କରୁ ବେଳେ ବେଳେ ଆଚାର୍ଯ୍ୟ ଓ ଚକ୍ରବର୍ତ୍ତୀ ଉପାଧି



Digitized by PPRACHIN, SOA

ପାଉଥିଲେ । ଏହି ନାମର ମିଶ୍ର ପ୍ରଭୃତି ଉପାଧି କାଟି ସେଇ ଆଚାର୍ଯ୍ୟ ଓ ଚକ୍ରବର୍ତ୍ତୀ ଉପାଧି ରଖୁଥିଲେ । ତାଙ୍କ ବଂଶର ବ୍ରାହ୍ମଣମାନେ ଏବେ ବଙ୍ଗଦେଶରେ ବହୁତ ଅଛନ୍ତି । ସେମାନେ ନିଜକୁ ବୈଦିକ ବା ଦାକ୍ଷିଣାତ୍ୟବୈଦିକ ବୋଲି କହନ୍ତି । ବଙ୍ଗାଳୀ ବ୍ରାହ୍ମଣଙ୍କ ସଙ୍ଗେ ତାଙ୍କର ବିବାହ ସମ୍ବନ୍ଧ ହୁଏ ନାହିଁ ।

ଜଗନ୍ନାଥ ମିଶ୍ର ନୀଳାମ୍ବର ଚକ୍ରବର୍ତ୍ତୀଙ୍କ ଝିଅ ଶଚୀଙ୍କୁ ବିଭା ହୋଇଥିଲେ । ତାଙ୍କର ଦୁଇପୁଅ ବିଶ୍ୱରୂପ ଓ ବିଶ୍ୱଂଭର । ବିଶ୍ୱରୂପ ୧୬ବର୍ଷ ବୟସରେ ଘର ଛାଡ଼ି ସନ୍ନ୍ୟାସୀ ହୋଇଗଲେ । ସେଇଦିନଠାରୁ ତାଙ୍କ ଖବର ଆଉ ଜଣା ନାଇ । ବିଶ୍ୱଂଭର ସେତେବେଳକୁ ୫ ବରଷର ପିଲା । ବିଶ୍ୱଂଭର ମଧ୍ୟ ୧୬/୧୭ ବରଷକୁ ବଡ଼ ପଣ୍ଡିତ ହୋଇଥିଲେ । ବଲ୍ଲଭାଚାର୍ଯ୍ୟଙ୍କ ଝିଅ ଲକ୍ଷ୍ମୀଙ୍କୁ ସେ ବିଭା ହେଲେ । ଜଗନ୍ନାଥ ମିଶ୍ର ସେତେବେଳକୁ ମରିଗଲେଣି । ବିଶ୍ୱଂଭର ମିଶ୍ରଙ୍କ ପରି ପଣ୍ଡିତ ସେତେବେଳେ ଆଉ କେହି ନାହାନ୍ତି । ଆଉ ସବୁ ପଣ୍ଡିତ ତାଙ୍କୁ ଡରିଲେ ଓ ତାଙ୍କ ପାଖେ ହାର୍ ମାନିଲେ । ସେ ଉପାଧିମାନ ପାଇଲେ । ତାଙ୍କ ନାମ ଏବେ ହେଲା, ଶ୍ରୀ ବିଶ୍ୱଂଭର ମିଶ୍ର ବିଦ୍ୟାସାଗର ବାଦୀସିଂହ । ବିଶ୍ୱଂଭର ବହୁତ ପଣ୍ଡିତ ବିଦାକି ପାଇଲେ, ଖୁବ୍ ଧନୀ ହେଲେ । ସେ ପୂର୍ବବଂଗ ଆଡ଼କୁ ଦିଗ୍ ବିଜୟ କରିଗଲେ । ପଣ୍ଡିତମାନେ ଦେଶ ବିଦେଶରେ ବୁଲି ଅନ୍ୟ ପଣ୍ଡିତଙ୍କୁ ହଟାଇ ଫେରିବାକୁ ଦିଗ୍‌ବିଜୟ କହନ୍ତି ।

ଏଇ ଦିଗ୍‌ବିଜୟରୁ ଫେରିଲା ବେଳକୁ ସାପମାରି ଲକ୍ଷ୍ମୀ ମରିଯାଇ ଥିଲେ । ସେଦିନଠାରୁ ବିଶ୍ୱଂଭର ଏକାବେଳକେ ବଦଳି ଗଲେ । ପଣ୍ଡିତପଣ, ଦିଗ୍‌ବିଜୟ, ଧନ ରୋଜଗାର, ଘରଦ୍ୱାର ସବୁଥିରୁ ତାଙ୍କ ମନ ଛାଡ଼ିଗଲା । ସେ ଖାଲି 'କୃଷ୍ଣ' 'କୃଷ୍ଣ' ହେଲେ ଓ କଥା ପଡ଼ିଲେଇ କୃଷ୍ଣଙ୍କୁ ସ୍ମରଣ କରି କାନ୍ଦିବାରେ ଲାଗିଲେ । ସମସ୍ତେ ବିଚାରିଲେ, ବିଶ୍ୱଂଭର ପାଗଳ ହୋଇଗଲେ । ମାତ୍ର ସେ ପାଗଳ କାହିଁକି ହେବେ ? ଖୋଳ, କରତାଳ ଧରି ଏବେ ସେ ବିଷ୍ଣୁନାମ ସଂକୀର୍ତ୍ତନରେ ବାହାରିଲେ । ଲୋକେ ମାତିଗଲେ । ହଜାର ହଜାର ଲୋକ ସଂକୀର୍ତ୍ତନରେ ତାଙ୍କ ପିଛା ଧରିଲେ । ସେ ଆଉ ବ୍ରାହ୍ମଣ-ଚଣ୍ଡାଳ ଭେଦ ମାନିଲେ ନାଇ । 'ସବୁ ଏକାକାର ହୋଇଗଲା' ବୋଲି ନଦିଆର ବ୍ରାହ୍ମଣ ପଣ୍ଡିତମାନେ ରାଗି ଗଲେ । ସେମାନେ ସେକାଳର ମୁସଲମାନ 'କାଜି' (ବିଚାରପତି ବା ଜଜ୍)ଙ୍କ ପାଖେ ନାଲିସ୍ କଲେ । ନିଜେ ମଧ୍ୟ ବିଶ୍ୱଂଭରଙ୍କୁ ମାରିବାକୁ ବାହାରିଲେ ।



Digitized by PPRACHIN, SOA

ଏ ମଧ୍ୟରେ ବିଶ୍ୱଂଭର ମାଆଙ୍କ ଅନୁରୋଧ ଭାଙ୍ଗିନପାରି ସନାତନ ମିଶ୍ରଙ୍କ ଝିଅ ବିଷ୍ଣୁପ୍ରିୟାଙ୍କୁ ପୁଣି ବିଭା ହୋଇଥିଲେ । ହେଲେ କ'ଣ ହବ, ଘରଦ୍ୱାର କରି ରହିବାକୁ ଆଉ ତାଙ୍କ ମନ ହେଲା ନାହିଁ । ବହୁ କଷ୍ଟରେ ମାଆଙ୍କଠାରୁ ଅନୁମତି ଘେନି ସେ ଏବେ ଘରଛାଡ଼ି ସନ୍ନ୍ୟାସୀ ବା ବାବାଜୀ ହେଲେ । ବାବାଜୀ କେଶବ ଭାରତୀଙ୍କଠୁଁ ସେ ବୈଷ୍ଣବ 'ନାମ' ମନ୍ତ୍ର ନେଲେ । ତାଙ୍କ ନାମ ଏବେ ହେଲା 'ଶ୍ରୀକୃଷ୍ଣ ଚୈତନ୍ୟ'। ଲୋକେ ତାଙ୍କୁ 'ଚୈତନ୍ୟ' ବୋଲି ଜାଣନ୍ତି । ନିମଗଛ ତଳେ ଗୋଟିଏ ଘରେ ଜନ୍ମ ହୋଇଥିଲେ ବୋଲି ତାଙ୍କ ନାମ ଥିଲା 'ନିମାଇ'। ଦେଖିବାକୁ ସେ ବଡ଼ ଗୋରା ଆଉ ସୁନ୍ଦର ଥିଲେ ବୋଲି ତାଙ୍କ ନାମ ମଧ୍ୟ 'ଗୌରାଙ୍ଗ' ବା 'ଗଉର୍'।

ଏଡ଼େ ବଡ଼ ପଣ୍ଡିତ ସେ । ସବୁ ଛାଡ଼ି ଏବେ କୀର୍ତ୍ତନରେ ଦେଶ ଭସାଇ ଦେଲେ । କେତେ ବଡ଼ ବଡ଼ ଲୋକେ ସେଥିରେ ଭାସିଗଲେ । ସମସ୍ତେ ବୈଷ୍ଣବ ହେଲେ - ସଂକୀର୍ତ୍ତନ କଲେ । ସେକାଳର ବଂଗଦେଶ ବ୍ରାହ୍ମଣମାନେ ସହିଲେ ନାହିଁ । ସେମାନେ ଭାରି ଉପଦ୍ରବ ଲଗାଇ ଦେଲେ । ଚୈତନ୍ୟଙ୍କୁ ଆଉ ରଖି ଦେଲେ ନାଇ ।

ନିଜର ପିତୃକୁଳ ଭୂମି ଓଡ଼ିଶା କଥା ଏବେ ଚୈତନ୍ୟଙ୍କ ମନେପଡ଼ିଲା । ସେ ଜଗନ୍ନାଥଙ୍କୁ ସ୍ମରଣ କଲେ, ଜଗନ୍ନାଥ ଧର୍ମ କଥା ଭାବିଲେ । ଜଗନ୍ନାଥ ଧର୍ମରେ ସମସ୍ତେ ସମାନ । ସେଇ ଏକା ଚୈତନ୍ୟଙ୍କର ସ୍ଥାନ ହେଲା । ୨୩ ବରଷରେ ସେ ସନ୍ନ୍ୟାସ କରିଥିଲେ । ତା'ପରେ ୧୮ବର୍ଷ ସେ ଥିଲେ । ଏଇ ୧୮ବର୍ଷ ଯାକ ପୁରୀରେ ତାଙ୍କର ଆସ୍ଥାନ ହୋଇଥିଲେ । ନିତ୍ୟାନନ୍ଦ ଅଦ୍ୱୈତ ପ୍ରଭୃତି ତାଙ୍କର କେତେ ସଂଗୀ ବୈଷ୍ଣବମାନେ ଆସି ମଧ୍ୟ ପୁରୀରେ ରହୁଥିଲେ । ମଧ୍ୟେ ମଧ୍ୟେ ଚୈତନ୍ୟ ଦାକ୍ଷିଣାତ୍ୟ ଓ ବୃନ୍ଦାବନ ଯାଇଥିଲେ ସତ, ମାତ୍ର ପୁରୀରୁ ଯାଇ ପୁରୀକୁ ଆସୁଥାନ୍ତି । ପୁରୀରେ ସେ ୧୫୩୩ ଖ୍ରୀଷ୍ଟାବ୍ଦରେ ୪୭ ବର୍ଷ ବୟସରେ ଦେହତ୍ୟାଗ କରିଥିଲେ ।

–□–



Digitized by PPRACHIN, SOA

# ଚୈତନ୍ୟ ଓ ପ୍ରତାପରୁଦ୍ର

ଆଜିକି ପ୍ରାୟ ୪୦୦ ବର୍ଷ ତଳେ ଚୈତନ୍ୟ ପୁରୀକୁ ଆସି ବୈଷ୍ଣବ ସଂକୀର୍ତ୍ତନରେ ସମସ୍ତଙ୍କୁ ମତାଇ ଦେଲେ । ସେଥିରେ ଦେଶର ତସାଠାରୁ ସୈନ୍ୟ ଓ ରାଜାଙ୍କ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତେ ମାତିଲେ । ସମସ୍ତେ ହରି ନାମ କଲେ । ମହାରାଜ ପ୍ରତାପରୁଦ୍ରଦେବ ସେତେବେଳେ ଓଡ଼ିଶାର ସମ୍ରାଟ୍ । ସେ ଭାରି ପ୍ରତାପୀ । ତାଙ୍କ ସାମ୍ରାଜ୍ୟ ଉତ୍ତରରେ ଗଙ୍ଗାନଦୀ କୂଳରୁ ଦକ୍ଷିଣରେ ଏବ ମାନ୍ଦ୍ରାଜର ଆହରି ବହୁତ ଦକ୍ଷିଣକୁ ବ୍ୟାପିଥାଏ । ଏଇ ବଡ଼ ସମ୍ରାଜ୍ୟଟି ଚାରିଭାଗ କରି ସମ୍ରାଟ ଶାସନ କରୁଥାନ୍ତି । ଗୋଟିଏ ଭାଗ ନିଜେ ସମ୍ରାଟ୍ ବୁଝୁଥାନ୍ତି । ସମ୍ରାଟ୍ ରହୁଥାନ୍ତି କଟକ ବାରବାଟି ଗଡ଼ରେ - ପୁଣି କେବେ କେବେ ପୁରୀରେ । ବାକୀ ତିନି ଜାଗାରେ ସମ୍ରାଟ୍‌ଙ୍କର ତିନୋଟି ପ୍ରତିନିଧି ବା ନାଏବ ଥାଆନ୍ତି । ମାନ୍ଦ୍ରାଜ୍ ଦକ୍ଷିଣକୁ ଉଦୟଗିରିରେ ଥାନ୍ତି, ସମ୍ରାଟ୍‌ଙ୍କ ନିଜ ପୁଅ ବୀରଭଦ୍ର ଦେବ । ଗୋଦାବରୀ ନଦୀକୂଳ ରାଜମହେନ୍ଦ୍ରିରେ ଥାଆନ୍ତି, ରାମାନନ୍ଦ ରାୟ ଉତ୍ତରକୁ ମେଦିନୀପୁରରେ ଥାଆନ୍ତି, ରାମାନନ୍ଦଙ୍କ ବଡ଼ ଭାଇ ଗୋପିନାଥ ବଡ଼ଜେନା ପଟ୍ଟନାୟକ । ଏଇ ରାୟ ପଟ୍ଟନାୟକ ବଂଶ ବୈଷ୍ଣବ ଥିଲେ । ରାମାନନ୍ଦରାୟ ବୈଷ୍ଣବ ଶାସ୍ତ୍ରରେ ମଧ୍ୟ ପଣ୍ଡିତ ଥିଲେ ।

ଚୈତନ୍ୟ ନବଦ୍ୱୀପରୁ ଆସିଲାବେଳେ ବାଟରେ ଗୋପୀନାଥ ବଡ଼ଜେନା ତାଙ୍କ ଶିଷ୍ୟ ହୋଇଥିଲେ । ଏବେ ନିଜେ ପ୍ରତାପରୁଦ୍ର ଦେବ ଏକାବେଳକେ ଚୈତନ୍ୟଙ୍କ ସଂକୀର୍ତ୍ତନରେ ଭାସିଗଲେ । ପ୍ରତାପରୁଦ୍ର ମହାରାଜ କପିଳେନ୍ଦ୍ର ଦେବଙ୍କ ନାତି, ପୁଣି ମହାରାଜ ପୁରୁଷୋତ୍ତମ ଦେବଙ୍କ ପୁଅ । ବାପାଙ୍କଠାରୁ ଏଇ ସାମ୍ରାଜ୍ୟଟି ସେ ପାଇ, ତାକୁ ଆଜି ଯାଏ ସମ୍ଭାଳି ଥିଲେ । ଏଣିକି ଆଉ ରାଜ୍ୟ ସମ୍ଭାଳିବା ସହଜ ହେଲା ନାଇ ଯୁଦ୍ଧରେ ମଣିଷ ମାରିବା, ଦୋଷରେ ଦଣ୍ଡଦେବା - ଏସବୁ ତାଙ୍କୁ ଆଉ



Digitized by PPRACHIN, SOA

ରୁଚିଲା ନାଇ । ଚୈତନ୍ୟ ଏବେ ତାଙ୍କ ଗୁରୁ ହେଲେ । ସବୁ କଥାରେ ସେ ଚୈତନ୍ୟଙ୍କୁ ପଚାରିଲେ । ଯେ ଦୋଷକରି ଦଣ୍ଡ ପାଇବାର କଥା, ସେ ହୁଏତ ଆଗରୁ ଯାଇ ଚୈତନ୍ୟଙ୍କ ଗୋଡ଼ତଳେ ପଡ଼ିଗଲା । ଚୈତନ୍ୟ ମହାରାଜାଙ୍କୁ କହି ତାକୁ ଖଲାସ କରାଇଦେଲେ ।

ଚୈତନ୍ୟ ବୁଝାଉଥିଲେ, ଧାର୍ମିକ ବୈଷ୍ଣବ ମାନଅପମାନ ବୁଝିବ ନାଇ, ସବୁ ଆପେ ସହିବ, କାହାକୁ ଛୋଟ ବୋଲି ବିଚାରିବ ନାଇ । ତେବେ ଯାଇ ହରିନାମ କୀର୍ତ୍ତନ କଲେ, ହରି ଶୁଣିବେ । ଏଇସବୁ କଥା ପ୍ରତାପରୁଦ୍ର ଓ ତାଙ୍କ ସେନାପତି କର୍ମଚାରୀ ସମସ୍ତେ ଊଣାଅଧିକ ବୁଝିଗଲେ । ସୈନ୍ୟ ଓ ପ୍ରଜାମାନେ ମଧ୍ୟ କେତେକ ଏଥିରେ ମାଡ଼ିଗଲେ । ଏଇ ବିଷୟରେ ଗୋଟିଏ କଥା ଶୁଣ । ସେଇଥିରୁ ବୁଝିପାରିବ ।

ମେଦିନୀପୁରରର ନାଏବ ଗୋପୀନାଥ ବଡ଼ଜେନା ଖଜଣା ଆଦାୟ କରିବାରେ ଲୋକଙ୍କୁ ଭାରି ପୀଡ଼ା ଦେଉଥିଲେ । ଏଣେ ଟଙ୍କା ଯାକ ଆଦାୟ କରି ଆପେ ଖାଇଥିଲେ; ମହାରାଜାଙ୍କ ଖଜଣାଖାନାରେ କିଛି ଆଦାୟ ଦେଇ ନଥିଲେ । ମିଛ ହିସାବ ଲେଖି ଦେଇଥିଲେ । ଏସବୁର ଇନ୍‌କ୍ୱାରୀ (ଅନୁସନ୍ଧାନ) ହେଲା । ଖୋଜା ଲୋଡ଼ା ହୋଇ ସବୁ ବାହାରିଲା ସବୁ ଗଲ୍‌ତି, ସବୁ ଚୋରି ଧରାପଡ଼ିଲା । ମିଛ ହିସାବ ଲେଖି ତହବିଲ୍ ତୋସାରୋପ୍ କରିବା ଅପରାଧରେ ତାଙ୍କୁ ଫାସି (ମୁଣ୍ଡକାଟ୍) ହୁକୁମ୍ ହେଲା । ଏଣେ ଚୈତନ୍ୟ ତାଙ୍କର ଗୁରୁ । ସେ ଆସି ଚୈତନ୍ୟଙ୍କ ପାଖେ ପଡ଼ିଲେ । ଚୈତନ୍ୟ ସମ୍ରାଟଙ୍କୁ କହି ତାଙ୍କୁ ବରାବର୍ ଛାଡ଼୍ କରାଇଦେଲେ । ତାଙ୍କର ମୁଣ୍ଡକାଟ୍ ତ ହେଲା ନାଇ, କି ସେ ଟଙ୍କା ଦେଲେ ନାଇ । ପୁଣି ଆଉରି ଆଶ୍ଚର୍ଯ୍ୟକଥା, ସେ ଯେପରି ଥିଲେ, ସେଇପରି ମେଦିନୀପୁରରେ ନାଏବ ହୋଇ ରହିଲେ; କାମଗିରୁ ମଧ୍ୟ ମାଦୁଲ୍ ହେଲେ ନାଇ ।

ସମ୍ରାଟ୍ ଚୈତନ୍ୟଙ୍କ ପରେ କିପରି ଭକ୍ତି କରୁଥିଲେ ସେ ବିଷୟରେ ଆଉ ଗୋଟିଏ କଥା ଶୁଣ । ପୁରୀଠାରେ ଦେଉଳକୁ ଗୋରୁଚମ ଯାଏ ନାହିଁ । ଗଲେ



Digitized by PPRACHIN, SOA

ଭୋଗ ମାରା ହେବ ଓ ଜଗନ୍ନାଥଙ୍କର ମହାସ୍ନାନ ହେବ । ଚୈତନ୍ୟ ସଂକୀର୍ତ୍ତନ କରୁ କରୁ ଖୋଳ ଧରି ଦେଉଳକୁ ପଶିଗଲେ । ଖୋଳର ଛପର ହେଉଛି ଗୋରୁଚମ । ଲୋକେ ଆପତ୍ତି କଲେ । ମାତ୍ର ସମ୍ରାଟ ସେ ଆପତ୍ତି ଶୁଣିଲେ ନାହିଁ । ସେଇଦିନଠାରୁ ହୋଇଗଲା, ଖୋଳର ଗୋରୁଚମ ଦେଉଳ ଭିତରକୁ ଛାଡ୍ । ଏବେ କିନ୍ତୁ ବିଲାତିଆଳୁ ପର୍ଯ୍ୟନ୍ତ ଆଉ ଦେଉଳରେ ପଶିପାରିନାହିଁ ।

ପୂର୍ବେ ଏ ଓଡ଼ିଶାରେ ମୁକ୍ତି ପାଇବା ପାଇଁ ଧାର୍ମିକମାନେ ଭାରି କଷ୍ଟରେ ଯୋଗ ସାଧୁ ଥିଲେ । ସେଥିପାଇଁ ସେମାନେ ବ୍ରହ୍ମଚର୍ଯରେ ରହୁଥିଲେ । ସତ୍ୟନ୍ୟାୟ ନିଷ୍ଠା କେବେ ଛାଡୁ ନ ଥିଲେ । ଭଲ ଆଚରଣ ସବୁବେଳେ ଅଭ୍ୟାସ କରୁଥିଲେ । ଘରଦ୍ୱାର କରି ରହି ମଧ ଲୋକେ ସବୁବେଳେ ଦୁଃଖୀ ରୋଗୀ ପ୍ରଭୃତିଙ୍କ ସେବା କରୁଥିଲେ । ଅଥିତ (ଅତିଥି) ଅଭ୍ୟାଗତ ବୁଝୁଥିଲେ । ଏହିସବୁ ନ କଲେ ମନୁଷ୍ୟକୁ କେହି ମନୁଷ୍ୟ ବୋଲି କହୁନଥିଲା । ଏସବୁ ଶିଖିବା ପାଇଁ ଦେଶରେ ଠାଏ ଠାଏ ଗାଦିମାନ ଥିଲା । ସିଦ୍ଧମାନେ ସେଠାରେ ଲୋକଙ୍କୁ ଶିକ୍ଷା ଦଉଥିଲେ । ସଭା ଉପରେ ଏଇ ଶିକ୍ଷାଦବା ପାଇଁ 'ପୁଷ୍ପଗିରି' (ଏବ ରତ୍ନଗିରି) ଓ 'ଶରଭ ଗିରି' (ଏବ ଧୌଳି)ରେ 'ବିହାର' (ବିଶ୍ୱ ବିଦ୍ୟାଳୟ) ମାନ ଥିଲା । ଦେଶ ବିଦେଶରୁ ପଣ୍ଡିତ ଓ ସାଧକମାନେ ଏଠାକୁ ଶିଖିବାକୁ ଆସୁଥିଲେ ।

ଏବେ ଲୋକେ ଖାଲି ସଂକୀର୍ତ୍ତନରେ ମାତିଲେ । ମୁକ୍ତିଟା ସହଜରେ ମିଳିଗଲା ପରି ଲୋକଙ୍କୁ ଲାଗିଲା । ଲୋକରେ ସମସ୍ତଙ୍କର ନିଜ ନିଜ କର୍ମ ଅଛି । କିଏ ଚାଷ କରିବ, କିଏ ଜୁଝ କରିବ, କିଏ ରାଜ୍ୟ ବୁଝିବ, କିଏ ହାତ ହତିଆର ଗଢ଼ିବ । ଏବେ ଲୋକେ ବୈଷ୍ଣବ ହେବାରୁ ସେସବୁ କ୍ରମେ କୋହଳ ହୋଇ ଆସିଲା । ଚୈତନ୍ୟ ମଲାପରେ ତାଙ୍କ ପଛେ ପଛେ ବାବାଜୀ ମାତା ଏକାଠି ହୋଇ ମଠ ଧଇଲେ । ଏପରି ହେଲେ ଆଉ କି ସାମ୍ରାଜ୍ୟ ରହେ ?

ଓଡ଼ିଶା ସାମ୍ରାଜ୍ୟ ପୁଣି ରଖିବା ଗୋଟିଏ ସହଜ କାମ ନ ଥିଲା । ଶତ୍ରୁମାନେ ଚାରିଆଡ଼େ ଛକି କରିଥାନ୍ତି । ସମ୍ରାଟ୍ ପ୍ରବଳ ଥିବାରୁ କିଛି କରିପାରୁ ନ ଥାନ୍ତି ।



Digitized by PPRACHIN, SOA

ଓଡ଼ିଶାକୁ ଲାଗି ସେତେବେଳେ ଚାରୋଟି ପ୍ରବଳ ଶତ୍ରୁଥିଲେ । ଚାରୋଟି ବଡ଼ ବଡ଼ ସାମ୍ରାଜ୍ୟ ଭିତରେ ଓଡ଼ିଶା ଥିଲା । ଦକ୍ଷିଣକୁ ପ୍ରବଳ ହିନ୍ଦୁସାମ୍ରାଜ୍ୟ ବିଜୟ ନଗର (ବିଦ୍ୟାନଗର ବା ଇଜାନଗର) । ପଶ୍ଚିମକୁ ପରିକ୍ରମୀ ଗୋଲକୁଣ୍ଡା ପ୍ରଭୃତି ପାଞ୍ଚୋଟି ମୁସଲମାନ ରାଜ୍ୟ । ଉତ୍ତରରେ ଗୌଡ଼ (ବଂଗଳା)ର ମହାତେଜା ମୁସଲମାନ ରାଜ୍ୟ । ଏଇ ତିନିଙ୍କି ଜଗି ତିନୋଟି ଠାରେ ନାଏବ ଥିଲେ । ଉତ୍ତରରେ ମେଦିନୀପୁର, ଦକ୍ଷିଣରେ ଉଦୟଗିରି ଓ ମଝିରେ ରାଜମହେନ୍ଦ୍ର । ବିଜୟ ନଗର ସମ୍ରାଟ୍ ଥିଲେ 'ନରପତି' । ତାଙ୍କର ପାଇକ ସେନା (ଯେଉଁମାନେ ପାଦରେ ଚାଲି ଜୁଝନ୍ତି) ପ୍ରବଳ । ଗୋଲକୁଣ୍ଡା ପ୍ରଭୃତି ଥିଲେ 'ଅଶ୍ୱପତି' । ତାଙ୍କର ଅଶ୍ୱାରୋହୀ (ଯେଉଁମାନେ ଘୋଡ଼ାରେ ଚଢ଼ି ଯୁଝନ୍ତି) ସେନା ପ୍ରବଳ । ଓଡ଼ିଶା ସମ୍ରାଟ୍ ଥିଲେ 'ଗଜପତି' । ତାଙ୍କ ହାତିସେନା (ଯେଉଁମାନେ ହାତରେ ଚଢ଼ି ଯୁଝନ୍ତି) ପ୍ରବଳ ଥିଲେ ।

ଏବେ ପ୍ରତାପରୁଦ୍ର ଥାଉଁ ଥାଉଁ, ରାୟ ରାମାନନ୍ଦ ବୈଷ୍ଣବ ହୋଇ କାମ ଛାଡ଼ିବା ସଙ୍ଗେ ସଙ୍ଗେ ଗୋଲକୁଣ୍ଡା ସେଠାରେ ଖଣ୍ଟେ ମାଡ଼ି ବସିଲେ । ବିଜୟ ନଗର ଉଦୟଗିରି ଜିଣି ବୀରଭଦ୍ରଙ୍କୁ ବନ୍ଦୀ କଲେ । ପ୍ରତାପରୁଦ୍ର ମରିବାର ପ୍ରାୟ ୨୫ ବର୍ଷରେ ଗୌଡ଼ର ମୁସଲମାନ୍ ସମ୍ରାଟ୍‌ଙ୍କ ସେନାପତି କଳାପାହାଡ଼ ଓଡ଼ିଶା ଜିଣି ନାରଖାର କରିଦେଲେ । ଏତେକାଳର ପ୍ରବଳ ସ୍ୱାଧୀନ ଓଡ଼ିଶା ସାମ୍ରାଜ୍ୟ ସତ୍ୟାନାଶ ହୋଇଗଲା; ସେଇଦିନଠାରୁ ଖଣ୍ଡ ଖଣ୍ଡ ହୋଇ ଭିନ୍ନ ଭିନ୍ନ ରାଜ୍ୟରେ ରହିଲା । ଓଡ଼ିଶାରେ ଆଉ ବୀର ହେଲେ ନାଇ : ସାଧବ ବିଦେଶକୁ ବୋଇତ ଚଳାଇଲେ ନାଇ; ଆଉ ଜଗନ୍ନାଥ କୋଣାର୍କ ପରି ଦେଉଳ ତୋଳା ହେଲା ନାଇ; କି ଦେଶ ବିଦେଶରେ ନା କରିବା ଭଳି ବିଦ୍ୟାବନ୍ତ ବି ବାହାରିଲେ ନାଇ । ଏଡ଼େ ବଡ଼ ସଭ୍ୟ ଦେଶ ଭାଙ୍ଗି ଚୂନା ହୋଇଗଲା ।

—◘—



Digitized by PPRACHIN, SOA

# ରାୟ ରମାନନ୍ଦ ରାୟ

ରମାନନ୍ଦ ଆଜିକି ୪୫୦ ବର୍ଷ ତଳର ଲୋକ । ସେ ଥିଲେ ଜାତିରେ କରଣ । ରାୟ ଉପାଧି ତାଙ୍କ ବାପାଙ୍କ କାଳୁ ଥିଲା । ତାଙ୍କ ବାପାଙ୍କ ନାମ ଭବାନନ୍ଦ ରାୟ । ସମ୍ରାଟ୍ ପ୍ରତାପରୁଦ୍ରଙ୍କଠୁ ସେ ନିଜେ 'ରାଜା' ଉପାଧି ପାଇଲେ । ତାଙ୍କ ନାମ ହେଲା ରାଜା ରମାନନ୍ଦ ରାୟ ବା ରାୟ ରମାନନ୍ଦ ରାୟ ବା ଖାଲି ରାୟ ରମାନନ୍ଦ ।

ଓଡ଼ିଶା ସାମ୍ରାଜ୍ୟ ସେତେବେଳେ ଚାରୋଟି ବଡ଼ ବଡ଼ ପ୍ରଦଶେରେ ବଣ୍ଟା ହୋଇଥିଲା । ଏକ-ଏବର ଓଡ଼ିଶା । ଏହାର ରାଜଧାନୀ କଟକ ଓ ପୁରୀ । ଦୁଇ-ଏବର ବଙ୍ଗ ଦେଶରେ ଥିବା ମେଦିନୀପୁର, ସିଂହଭୂମି, ବାଂକୁଡ଼ା, ପଶ୍ଚିମ ବର୍ଦ୍ଧମାନ, ହୁଗୁଳି ପ୍ରଭୃତି ଗଙ୍ଗା ଏପାଖ ଭୂମିମାନ । ଏହାର ରାଜ୍ୟଥାନ ମେଦିନୀପୁର । ତିନି - ଏବର ଆନ୍ଧ୍ର ବା ତେଲୁଗୁ ଦେଶ । ଏହାର ରାଜ୍ୟ ଥାନ, ରାଜମହେନ୍ଦ୍ରୀ । ଚାରି - ଏବରକର୍ଣ୍ଣାଟରୁ ଖଣ୍ଡେ ଓ ତାମିଲନାଡ଼ୁ ବା ତାମିଲ ଦେଶରୁ ଖଣ୍ଡେ ମିଶି । ଏହାର ରାଜ୍ୟ ଥାନ, ଉଦୟଗିର । ଏଇ ଚାରୋଟିରୁ କଟକ ଓ ପୁରୀରେ ସମ୍ରାଟ୍ ନିଜେ ରହୁଥିଲେ । ବାକି ତିନୋଟି ଜାଗାରେ ଗୋଟିଏ ଗୋଟିଏ ନାଏବ ବା ଲାଟ୍ (ରାଜପ୍ରତିନିଧି) ରହୁଥିଲେ । ରାୟ ରମାନନ୍ଦ ରାଜମହେନ୍ଦ୍ରୀର ଲାଟ୍ ଥିଲେ ।

ରାୟ ରମାନନ୍ଦ ବଡ଼ ପଣ୍ଡିତ ଓ ଚତୁର ଲୋକ ଥିଲେ । ତାଙ୍କ ଶାସନରେ ଥିବା ରାଜ୍ୟ ପାଖକୁ ଗୋଲକୁଣ୍ଡାର ପ୍ରବଳ ମୁସଲମାନ ରାଜ୍ୟ । ହେଲେହେଁ, ସେ ରାଜ୍ୟ ରାୟ ରମାନନ୍ଦଙ୍କୁ ଡରିକରି ଥାନ୍ତି; ଖାତିର୍ ବି କରୁଥିଲେ ।

ରମାନନ୍ଦଙ୍କର ବୈଷ୍ଣବ ଶାସ୍ତ୍ର ଖୁବ୍ ପଢ଼ା ଥିଲା । ସେ ଜଣେ ଭାରି ବୈଷ୍ଣବ ଥିଲେ; ଧର୍ମ ଓ ନ୍ୟାୟରେ ରହି ରାଜ୍ୟଶାସନ କରୁଥିଲେ । ତାଙ୍କ ବୈଷ୍ଣବଧର୍ମ



Digitized by PPRACHIN, SOA

ଓଡ଼ିଶାର ଯୋଗସାଧନାକୁ ଧରି ରହିଥିଲା । ସେ ଯୋଗୀ ସାଧକମାନଙ୍କୁ ଭାରି ଆଦର କରୁଥିଲେ ଓ ଜଗନ୍ନାଥଙ୍କୁ ସବୁବେଳେ ଧ୍ୟାନ କରୁଥିଲେ ।

ରାମାନନ୍ଦ ପ୍ରତିଦିନ ନଅରରୁ ସୁନାଛିଆଁ ହାତୀଦାନ୍ତ ପାଲିଙ୍କିରେ ବାହାରି ଗୋଦାବରୀ ନଦୀରେ ସ୍ନାନ କରିବାକୁ ଯାଆନ୍ତି । ସାଙ୍ଗରେ ହାତୀ ଛତି କାହାଳୀ ଲୋକବାକ ସବୁ ଯାଆନ୍ତି । ସେଇପରି ସଲ୍‌ଟନ୍‌ରେ ସେ ଦିନେ ସ୍ନାନକୁ ଯାଇଛନ୍ତି । ସେତିକିବେଳକୁ ପୁରୀରୁ ଚୈତନ୍ୟ ଦକ୍ଷିଣ ଆଡ଼କୁ ଯିବା ବେଳେ ସେଇ ଗୋଦାବରୀ କୂଳେ ପହଞ୍ଚି ଥିଲେ । ଚୈତନ୍ୟ ପୂର୍ବରୁ ରମାନନ୍ଦଙ୍କ କଥା ଶୁଣିଥିଲେ । ରମାନନ୍ଦ ବି ଚୈତନ୍ୟଙ୍କ କଥା ଖୁବ୍ ଜାଣିଥିଲେ । ଏହାର ବହୁ ପୂର୍ବରୁ ରମାନନ୍ଦଙ୍କ ବଡ଼ଭାଇ ମେଦିନୀପୁରର ଲାଟ ଗୋପୀନାଥ ବଡ଼ଜେନା ଚୈତନ୍ୟଙ୍କ ଶିଷ୍ୟ ହୋଇ ସାରିଥିଲେ ।

ଚୈତନ୍ୟ ଏବେ ସଂକୀର୍ତ୍ତନରେ ଭୋଳ ହୋଇ ଗୋଦାବରୀ କୂଳେ ପହଞ୍ଚିଲେ । ରମାନନ୍ଦଙ୍କୁ ଦେଖି ସେ ଚାହିଁ ଠିଆ ହେଲେ । ରମାନନ୍ଦ ମଧ୍ୟ ସ୍ନାନ କରିବା ଛାଡ଼ି ଚାହିଁ ରହିଲେ । ଚୈତନ୍ୟଙ୍କର ପିନ୍ଧିବାରେ ଖଣ୍ଡେ କଉପୁନି ଓ ତା ଉପରେ ଖଣ୍ଡେ ଗେରୁଆ ଚାଦର । ସେ ଦେଖିବାକୁ ବଡ଼ ଗୋରା ଓ ସୁନ୍ଦର ଥିଲେ । ସେ ଠିଆ ହୋଇଥାନ୍ତି । ତାଙ୍କ ଆଖିରୁ ଲୁହ ବୋହିଯାଉଥାଏ । ଚାହୁଁ ଚାହୁଁ ରମାନନ୍ଦଙ୍କ ମନ କଅଣ ହୋଇଗଲା । ସେ ସେଇପରି ଦର ଗାଧୁଆ ହୋଇ ଚୈତନ୍ୟଙ୍କ ପାଖକୁ ଉଠି ଆସିଲେ । ଆସୁ ଆସୁ ଚୈତନ୍ୟ ତାଙ୍କୁ କୁଣ୍ଢାଇ ପକାଇଲେ । ଦୁହେଁ ଭେଁ ଭେଁ କାନ୍ଦି କାନ୍ଦି ସେଇ ଗୋଦାବରୀ କୂଳ ବାଲିରେ ଗଡ଼ିଲେ । କାହାରି ଆଉ କିଛି ଜ୍ଞାନ ନାଇ ।

ଶେଷକୁ ଉଠି ପୁଣି ସଂକୀର୍ତ୍ତନ । ରମାନନ୍ଦଙ୍କ ସଙ୍ଗେ ସ୍ନାନସାରି ପିନ୍ଧି ବେଶ ହେବା ପାଇଁ ପାଟ ପୀତାମ୍ବରୀ ସୁନାର ମୁକୁଟ କଂକଣ ଚନ୍ଦନ କୁଂକୁମ ସବୁ ଧରି ଚାକର ଆସିଥିଲା । ସେ ଚାହିଁ ଠିଆ ହୋଇଛି । ହାତୀ ଛତି କାହାଳୀ ସମସ୍ତେ ଚାହିଁଛନ୍ତି । ରମାନନ୍ଦ ପାଣି ସରସର ସେଇ ଓଦାଲୁଗା ଖଣ୍ଡ ପିନ୍ଧି ଚୈତନ୍ୟଙ୍କ ସଂକୀର୍ତ୍ତନରେ ଭୋଳହୋଇ ଚାଲିଲେ । ସଂକୀର୍ତ୍ତନରେ ଆଉ ଭୋକ ଶୋଷ



Digitized by PPRACHIN, SOA

ନାହିଁ । ରାତି ହୋଇଗଲା । ସେଇଦିନ ରମାନନ୍ଦ ଚୈତନ୍ୟଙ୍କଠାରୁ ଡୋର କଉପୁନି ନେଇ ତାଙ୍କ ଶିଷ୍ୟ ହେଲେ ଓ ସବୁ ଛାଡ଼ି ବାବାଜୀ ହୋଇ ବାହାରିଲେ ।

ଏହା ଦେଖି ଛାମୁକରଣ (ଏବର ପ୍ରାଇଭେଟ୍ ସେକ୍ରେଟାରୀ ବା ପର୍ସନାଲ୍ ଆସିଷ୍ଟାଣ୍ଟ) ଆସି ଜଣା କଲେ, "ଆପଣ ତ ଏଠାର ରାଜ୍ୟ ଶାସନର କୌଣସି ବ୍ୟବସ୍ଥା ନ କରି, ମହାରାଜାଙ୍କୁ ନ ଜଣାଇ ଏପରି ବାବାଜୀ ହୋଇ ଚାଲିଲେ । ଗୋଲକୁଣ୍ଡା ତ ସୈନ୍ୟସାମନ୍ତ ସଜାଡ଼ି ଧରି ଚାହିଁ ବସିଚି, କୋଣ୍ଡାପଲ୍ଲି (ପର୍ବତ ଗ୍ରାମ - ଏହା ରାଜମହେନ୍ଦ୍ରୀ ପ୍ରଦେଶର ଗୋଟିଏ ଅଂଶ) ମାଡ଼ିବସିବ ବୋଲି, ଏବେ ଆମେ ସବୁ କରିବୁ କ'ଣ ?" ଶୁଣିବାରେ ରମାନନ୍ଦ ଏହାଶୁଣି ଛାମୁ କରଣଙ୍କୁ କୁଣ୍ଢାଇ ନାଚି ନାଚି କହିଥିଲେ -

"ବୋଲ ନିତାଇ ଗଉର୍ ରାଧେଶ୍ୟାମ
ଜପ ହରେକୃଷ୍ଣ ହରେରାମ୍"

ବଇରାଗି ହେବା ପୂର୍ବରୁ ରମାନନ୍ଦ କମ୍ ଭୋଗରେ ନ ଥିଲେ । ସେ ସଂଗୀତରେ ବଡ଼ ରସିକ ଥିଲେ । ସେ ନିଜେ ଭଲ ସଂଗୀତ ଜାଣୁଥିଲେ, ଗାଇ ବଜେଇ ପାରୁଥିଲେ; ପୁଣି ଅନ୍ୟକୁ ସଂଗୀତ କରାଇ ମଜଲିସ୍ ମଧ୍ୟ କରୁଥିଲେ ।

ଚୈତନ୍ୟଙ୍କୁ ଦେଖିବା ପୂର୍ବରୁ ମଧ୍ୟ ସେ ବୈଷ୍ଣବ ଥିଲେ । ଗୀତ ଗୋବିନ୍ଦର ରାଧାକୃଷ୍ଣ ଲୀଳା ତାଙ୍କୁ ସୁଖ ଲାଗୁଥିଲା । ଦକ୍ଷିଣରେ ଦାରିମାନେ ଖୁବ୍ ସଂଗୀତ ଜାଣନ୍ତି । ଦିଅଙ୍କ ଠାରେ ତାଙ୍କର ସେବା ଥାଏ । ସେମାନେ ଦିଅଙ୍କ ଆଗେ ସଂଗୀତ କରି ନାଚନ୍ତି । ଓଡ଼ିଶାର ମଧ୍ୟ ଗଂଗବଂଗ ରାଜାମାନେ ଥିଲେ ଦକ୍ଷିଣି । ସେମାନେ ବୈଷ୍ଣବ ଥିଲେ ଓ ଜଗନ୍ନାଥଙ୍କୁ ଭାରି ଭକ୍ତି କରୁଥିଲେ । ସେଇମାନଙ୍କ କାଳରୁ ପୁରୀ ଜଗନ୍ନାଥଙ୍କଠାରେ ଦାରୀସେବା ମଧ୍ୟ ଖଞ୍ଜା ହୋଇଥିଲା । ସେଇ ସେବା ହେତୁରୁ ଏବେ ବି ଖଞ୍ଜା ଦାରୀମାନେ 'ବଡ଼ସିଂହାର' (ଶୋଇବା ବେଶ) ପୂର୍ବରୁ ଜଗନ୍ନାଥଙ୍କ ଆଗେ ଗୀତଗାଇ ନାଚନ୍ତି; ଚନ୍ଦନ ଯାତ୍ରାଦିରେ ଚାପ ପ୍ରଭୃତିରେ ମଧ୍ୟ ଗୀତଗାଇ ନାଚନ୍ତି ।

ଏଇ ଦାରୀ ନାଚରେ ରମାନନ୍ଦଙ୍କର ଭାରି ମମତା । ଦାରୀମାନଙ୍କୁ



Digitized by PPRACHIN, SOA

ଗୋପୀକରି ସେ କୃଷ୍ଣ ଲୀଳାର ସ୍ୱାଦ ପାଉଥିଲେ । ଚୈତନ୍ୟଙ୍କ ଶିଷ୍ୟମାନେ ପରେ ବାବାଜୀ ଓ ମାତାଙ୍କୁ ଏକାଠି ସମ୍ମାନ କରିଥିଲେ ସତ, କିନ୍ତୁ ଚୈତନ୍ୟ ନାରୀ ସଙ୍ଗେ ମିଶିବାଟାକୁ ଜମା ପସନ୍ଦ କରୁନଥିଲେ ।

ସେଥିପାଇଁ ରାୟ ରମାନନ୍ଦ ବାବାଜୀ ହେଲା ପରେ ସାନ ସାନ ଅଣ୍ଡିରା ପୁଅଙ୍କୁ ଗୋପୀ ସଜାଡ଼ି ସଂଗୀତ ଶିଖାଇ ନଚାଇଲେ । ସେଇଥିରୁ ଏବେ ଓଡ଼ିଶାରେ 'ଗୋଟିପୁଅ' ବା 'ଆଖେଡ଼ା ପିଲା' ନାଚ ଚଳେ । ରାହାସ ଯାତରେ ମଧ୍ୟ ସେଇପରି ଅଣ୍ଡିରି ପିଲାଏ ରାଧିକା ଓ ଗୋପୀ ହୋଇ ନାଚନ୍ତି ।

ପୁରୀର ରାଧାକାନ୍ତ ମଠ ରାୟ ରମାନନ୍ଦଙ୍କ ସ୍ଥାନ ।

– ◻ –

## ପଞ୍ଚସଖା

ଏବେ ଚାରିଶହ ବର୍ଷରୁ ବେଶୀ ହୋଇଗଲାଣି । ସେତେବେଳେ ଓଡ଼ିଶା ସାମ୍ରାଜ୍ୟ ଥିଲା । ସମ୍ରାଟ୍ ଥିଲେ ମହାରାଜ ପୁରୁଷୋତ୍ତମ ଦେବ ଓ ତାଙ୍କ ପରେ ତାଙ୍କ ପୁଅ ପ୍ରତାପରୁଦ୍ରଦେବ । ସେତିକିବେଳେ ପଞ୍ଚସଖା ବୋଲି ପାଞ୍ଚୋଟି ସିଦ୍ଧ ପୁରୁଷ ଏ ଦେଶରେ ଜନ୍ମ ହୋଇଥିଲେ । ସେମାନେ ଚୈତନ୍ୟଙ୍କର 'ପଞ୍ଚସଖା' ବା ପାଞ୍ଚୋଟି ସାଙ୍ଗ ଥିଲେ ।

ସିଦ୍ଧ ପୁରୁଷ ବୋଇଲେ କ'ଣ ? ଯୋଗ ସାଧି ଯେଉଁମାନେ ଶରୀରର ଓ ଜନ୍ମମରଣର ତତ୍ତ୍ୱ ବୁଝିଯାଇଥାନ୍ତି ସେଇମାନେ ସିଦ୍ଧ ବା ସାଧନାରେ ପକ୍ୱ, ଅର୍ଥାତ୍ ପୂର୍ଣ୍ଣ ମନୁଷ୍ୟ । ଶରୀର ବା ଦେହ କିପରି ହୋଇଚି, କିପରି ଚଳୁଚି, କଅଣ ହେବ- ଏସବୁ କଥା, ଶରୀରର ତତ୍ତ୍ୱ । ଜନ୍ମ କିପରି ହୁଏ; ମରଣ କ'ଣ, କିପରି ହୁଏ; ମରଣକୁ ଯେଉଁ ଡର ଅଛି, ତା କିପରି ତୁଟିବ – ଏସବୁ ଜନ୍ମମରଣ ତତ୍ତ୍ୱ ।

ଯୋଗ ସାଧିଲେ ଏସବୁ ତତ୍ତ୍ୱ ବୁଝାପଡ଼େ । ହଜାର ହଜାର ବରଷ ଧରି



Digitized by PPRACHIN, SOA

ଏଇ ଯୋଗ ସାଧିବା ଲୋକେ ଜାଣୁଥିଲେ ଓ ଅଭ୍ୟାସ କରୁଥିଲେ । ଏଇ ଯୋଗ ସାଧନର ନିୟମ ବାଟ ଓ ଫଳାଫଳ ସବୁ ଶିଖିବା ଓ ଶିଖାଇବା ପାଇଁ ଗାଦିମାନ ଥିଲା । ସେଠାରେ ଗୁରୁ ଶିଷ୍ୟଙ୍କୁ ଏହା ଶିଖାଉଥିଲେ । 'ପୁଷ୍ପଗିରି' (ଏବର କଟକ ଜିଲ୍ଲାରେ ଥିବା ରତ୍ନଗିରି) ଓ 'ଶରଭ ଗିରି' (ଏବର ଭୁବନେଶ୍ୱର ପାଖ ଧୌଳିଗିରି) ପୂର୍ବେ ଏଥିପାଇଁ ଯୋଡ଼ିଏ ବଡ଼ 'ବିହାର' (ଏବର ବିଶ୍ୱବିଦ୍ୟାଳୟ) ଥିଲା । ଏଠାରେ ଦେଶ ବିଦେଶରୁ ଲୋକେ ଆସି ସିଦ୍ଧ ଗୁରୁମାନଙ୍କ ପାଖେ ବିଦ୍ୟା ଶିଖୁଥିଲେ । ଏଇ ବିଦ୍ୟାରେ ବଡ଼ ବିଦ୍ୟାଥିଲା ଯୋଗ ସାଧନ । ଓଡ଼ିଶାର ରାଜା ଓ ସମ୍ରାଟ୍‌ମାନେ ଏଇ ବିହାରମାନ ଚଳାଉଥିଲେ । ସେଥିପାଇଁ ବଡ଼ ବଡ଼ ମନ୍ଦିର ଓ କୋଠାବାଡ଼ି ସବୁ କରି ଦେଉଥିଲେ । କେତେ ସାଧକଙ୍କ ପାଇଁ ପାହାଡ଼ କାଟି କୋଠାଘର ପରି ଗୁହା ମାନ ମଧ୍ୟ କରିଥିଲେ । ସେସବୁରୁ କେତେ ଠାଏ ଠାଏ ଏବେ ମଧ୍ୟ ଅଛି ।

ଏଇ ଯୋଗୀମାନେ ଆଗେ ବୌଦ୍ଧ ଓ ଜୈନ ଥିଲେ । ପରେ ଶିବଙ୍କୁ ଦେବତା କରି ଶୈବ ଓ ତାପରେ ବିଷ୍ଣୁଙ୍କୁ ଦେବତା କରି ବୈଷ୍ଣବ ହେଲେ । ତେଣୁ ଏଇ ଯୋଗ ଆଉ ଖାଣ୍ଟି ଯୋଗସାଧନା ନ ହୋଇ ଶିବ ଓ ବିଷ୍ଣୁଙ୍କ ନାମ ଧରି ଟିକିଏ ଆଡୁଆଳରେ ରହିଲା । ସେକଥା ଏଠାରେ ଭଲକରି ବୁଝାଇବା ସହଜ ନୁହେଁ ।

ଓଡ଼ିଶାର ଗଙ୍ଗବଂଶ ସମ୍ରାଟ୍‌ମାନେ ବିଷ୍ଣୁଭକ୍ତ ଥିଲେ । ସେମାନେ ଜଗନ୍ନାଥଙ୍କୁ ଭାରି ମାନୁ ଥିଲେ । ହେଲେ କ'ଣ ହେବ ଜାତି ଭେଦ ମଧ୍ୟ ସେମାନେ ମାନୁଥିଲେ । ବ୍ରାହ୍ମଣ ଶୂଦ୍ରରେ ବଡ଼ସାନ ସେମାନେ ଆଚ୍ଛାକରି ବାରୁଥିଲେ । ମାତ୍ର ଓଡ଼ିଶାର ଯୋଗସାଧନାରେ ସେପରି ଜାତି ବିଚାର କିଛି ନ ଥିଲା । ହେଲେହେଁ ସେଇ ବିଷ୍ଣୁଧର୍ମ ନାମରେ ଯୋଗ ସାଧନା ହେଉଥିଲା । ଗଙ୍ଗବଂଶ ପରେ ବି କପିଳେନ୍ଦ୍ରଦେବ, ପୁରୁଷୋତ୍ତମଦେବ ଓ ପ୍ରତାପରୁଦ୍ରଦେବଙ୍କ ଅମଳରେ ସେଇପରି ଚାଲୁଥାଏ ।

ସେତିକିବେଳେ ଓଡ଼ିଶାର ପଞ୍ଚସଖା । ସେମାନେ ପାଞ୍ଚଜଣ - ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ । ଏମାନେ



Digitized by PPRACHIN, SOA

ସମସ୍ତେ ସେଇ ଯୋଗସିଦ୍ଧ ବୈଷ୍ଣବ । ଏମାନଙ୍କ ମଧ୍ୟରୁ ଜଗନ୍ନାଥ ଦାସ ବ୍ରାହ୍ମଣ, ବଳରାମ ଦାସ କରଣ, ଅଚ୍ୟୁତ ଦାସ ଗଉଡ଼ ଥିବା ଜଣାଅଛି । ବାକି ଯଶୋବନ୍ତ ଓ ଅନନ୍ତ ଖୁବ୍ ସମ୍ଭବ ତସା ଥିଲେ । ଜଣା ଅଛି, ସେମାନେ ବ୍ରାହ୍ମଣ ନ ଥିଲେ । ହେଲେ ହେଁ, ଏ ସମସ୍ତଙ୍କର ଏକା ମତ, ଏକା ଶିକ୍ଷା, ଏକା ସାଧନା । ନିଜେ ଜଗନ୍ନାଥ ବ୍ରାହ୍ମଣ କୁଳରେ ଜନ୍ମ ହୋଇ ମଧ୍ୟ ବଳରାମଙ୍କ ଠାରୁ ଦୀକ୍ଷା ନେଇଥିଲେ, ଅର୍ଥାତ୍ ମନ୍ତ୍ର ଘିନି ଥିଲେ ।

ଏତିକି ବେଳେ ମହା ବୈଷ୍ଣବ ଚୈତନ୍ୟ ପୁରୀକି ଆସି ସଂକୀର୍ତ୍ତନରେ ଲୋକଙ୍କୁ ମତାଇ ଦେଲେ । ପଞ୍ଚସଖା କିନ୍ତୁ ବଡ଼ ସହଜରେ ସଂକୀର୍ତ୍ତନରେ ମାତିଲେ ନାଇ । ସାଧନା ନ ଶିଖାଇ ଲୋକଙ୍କୁ ଖାଲି ମତାଇଦେଇ ସ୍ୱର୍ଗ ପାଇଯିବାକୁ ବା ମୁକ୍ତି ପାଇଯିବାକୁ ସଳଖ ସହଜ ବାଟ ଦେଖାଇଦେବା ଠିକ୍ ନୁହେଁ ବୋଲି ସେମାନେ ବୁଝିଥିଲେ । ପୁଣି ଚୈତନ୍ୟଙ୍କ ସଂଗେ ଯେଉଁ ସାଧାରଣ ବଙ୍ଗାଳୀ ବୈଷ୍ଣବ ଶିଷ୍ୟମାନେ ଆସିଥିଲେ, ସେମାନେ ସବୁ ଚୈତନ୍ୟଙ୍କ ପରି ସିଦ୍ଧ ପୁରୁଷ ନ ଥିଲେ । ବ୍ରଜଲୀଳା (ଏବେ ଯାହାକୁ ଗୌଡ଼ୀୟ ବା ବଂଗଦେଶୀ ବୈଷ୍ଣବ ମତ ବୋଲି କହନ୍ତି ; ଏଥିରେ ନିଜକୁ ଗୋପୀ ବୋଲି ବିଚାରି କୃଷ୍ଣଙ୍କୁ ଭଜନ୍ତି । ଫଳରେ କ୍ରମେ ବାବାଜୀ ମାତା ସବୁ ଗୋଳିଆ ପୋଳିଆ ହୋଇ ଏକାକାର ହୁଅନ୍ତି) ଆଡ଼କୁ ତାଙ୍କ ମନ ଢଳୁଥାଏ । ବଂଗଦେଶୀଙ୍କର ସେକାଳେ ଏଇ ବ୍ରଜଲୀଳାକୁ ମନ ଯିବାର ବହୁତ କାରଣ ଅଛି । ତା' ଏଠାରେ କହିବା ଥାନ ନୁହେଁ ।

ଚୈତନ୍ୟ ମହାପୁରୁଷ । ସେ ଏହିସବୁ ବୁଝିଲେ । ଯୋଗ ବୈଷ୍ଣବ ମତ କିପରି ବ୍ରଜଲୀଳା ମତରୁ ଅଲଗା, ତା ମଧ୍ୟ ବୁଝିଲେ । ପୁଣି ତାଙ୍କ ନିଜର କେତେକ ପରିମାଣରେ ଯୋଗ ବୈଷ୍ଣବ ମତ ପରି ମତଇ ଥିଲା । ସେଥିପାଇଁ ପଞ୍ଚସଖାଙ୍କ ଭିତରୁ କେହି ତାଙ୍କଠାରୁ ଦୀକ୍ଷା ନ ନେଲେ ମଧ୍ୟ, ସେ ପଞ୍ଚସଖାଙ୍କୁ ଭାରି ଆଦର କଲେ, ଓ ଜଗନ୍ନାଥ ଦାସଙ୍କୁ କହିଲେ- 'ତୁମେ ଅତିବଡ଼' । ସେ ଜଗନ୍ନାଥଙ୍କୁ ବରାବର 'ଅତିବଡ଼' ବୋଲି ଡାକିଲେ ।

ବଙ୍ଗାଳୀ ଶିଷ୍ୟମାନଙ୍କର ଇଥେରେ ଭାରି ହିଂସା ହେଲା । ସେମାନେ



Digitized by PPRACHIN, SOA

ବିଗିଡ଼ିଲେ । ପଛକୁ ଚୈତନ୍ୟଙ୍କ କଥା ନ ମାନି ସେମାନେ ଦଳ ବାନ୍ଧି ବୃନ୍ଦାବନ ବାହାରିଲେ । ବୃନ୍ଦାବନ ଏକା ବ୍ରଜଲୀଳା ମତାଇବାର ସ୍ଥାନ । ସେଇଠାରେ ମଥୁରାରେ ଥିଲେ କୃଷ୍ଣ । ସେଇଠାରେ ଗୋପରେ ଥିଲେ ଗୋପୀ ।

ଆପଣା ପାଖର ଅନୁଗତ ବା ଆଜ୍ଞାକାରୀ ଶିଷ୍ୟଙ୍କ ପ୍ରତି ଢଳିବା ବଡ଼ ଲୋକଙ୍କର ଗୋଟାଏ ଦୁର୍ବଳତା । ଚୈତନ୍ୟ ଭାରି ବଡ଼ ଲୋକ । ତାଙ୍କର ସେ ଦୁର୍ବଳତା ବେଶି । ସେ ଏବେ ଶିଷ୍ୟଙ୍କୁ ପୁଣି ପୁରୀକୁ ଆଣିବା ପାଇଁ ବୃନ୍ଦାବନ ଗଲେ । କଥା ହଲା ଚୈତନ୍ୟ ଆଉ ପଞ୍ଚସାଖାଙ୍କୁ ଆଦର କରିବେ ନାଇ, ଜଗନ୍ନାଥଙ୍କୁ 'ଅତିବଡ଼' କରି ବଙ୍ଗାଳୀ ଶିଷ୍ୟଙ୍କୁ ଅପମାନ ଦେବେ ନାଇ । ଶିଷ୍ୟମାନେ ଫେରି ପୁରୀ ଆସିଲେ ।

ଚୈତନ୍ୟ ତ ନିଜେ ଓଡ଼ିଆ କୁଳରେ ଜନ୍ମ, ପୁଣି ସେ ମହାପୁରୁଷ । ତାଙ୍କ ପାଖେ ଓଡ଼ିଆ ବଂଗଳା କ'ଣ ? ମାନ ଅପମାନ କ'ଣ ? ସେତ ଚିହ୍ନରା, ଜିନିଷ ଚିହ୍ନନ୍ତି । ସେ ପୁଣି ଜଗନ୍ନାଥଙ୍କୁ 'ଅତିବଡ଼' କଲେ । ବଙ୍ଗାଳୀ ଶିଷ୍ୟମାନେ ପୁଣି ରୁଷି ବୃନ୍ଦାବନ ପଳାଇଲେ । ଆଉ ଥରେ ଚୈତନ୍ୟ ଯାଇ କେତେକଙ୍କୁ ଫେରାଇ ଆଣିଥିଲେ । [ଓଡ଼ିଆ ପ୍ରାଚୀନଗ୍ରନ୍ଥ 'ଜଗନ୍ନାଥ ଚରିତାମୃତ'ରୁ ଏହା ନିଆଯାଇଛି ।]

ଚୈତନ୍ୟ ମରିବାର ଅଳ୍ପଦିନ ପରେ ଓଡ଼ିଶାରେ ବ୍ରଜଲୀଳା ମାତିଗଲା । ଧର୍ମର ସାଧନାଠାରୁ ଲୋକଙ୍କୁ ଏହା ସୁଖ ଲାଗିଲା । ବାବାଜୀମାନେ ମଠ କରି ସେଥିରେ ମାତା ରଖିଲେ । ଚୈତନ୍ୟ କିନ୍ତୁ ଏହା ମନା କରିଥିଲେ ।

ଏବେ ଲେଂବାଳରେ ଅଚ୍ୟୁତଙ୍କ ଗାଦି ଅଛି । ଜଗନ୍ନାଥଙ୍କ ସ୍ଥାନ ପୁରୀ ଓଡ଼ିଆ ମଠ ପଡ଼ିଚି । ତାର ତତ୍ତ୍ୱ ଓ ଇତିହାସ କେହି ବୁଝିବାକୁ ଯାଉନାହାନ୍ତି । ସେଇ ବ୍ରଜଲୀଳାର ସଂକୀର୍ତ୍ତନ ଓଡ଼ିଶାର ଗ୍ରାମେ ଗ୍ରାମେ ଶୁଣାଯାଉଚି । ଆପଣା ଜିନିଷ ସବୁ ଫେଡ଼ି ନ ଦେଖିବା କିନ୍ତୁ ଠିକ୍ ନୁହେଁ ।

– ◘ –



Digitized by PPRACHIN, SOA

# ବୀରଭଦ୍ର ଦେବ

ଆଜିକି ଚାରିଶହ ବର୍ଷରୁ ଅଧିକ ହବ । ସେତେବେଳେ ଓଡ଼ିଶା ସାମ୍ରାଜ୍ୟ ଗଙ୍ଗାଠାରୁ ଲମ୍ବିଥାଏ ଏବ ମାନ୍ଦ୍ରାଜ ସହର ଡେଇଁ ଆଉରି ବହୁତ ଦକ୍ଷିଣକୁ । ସଭା ଦକ୍ଷିଣ ଆଡ଼କୁ ଯେଉଁ ରାଜ୍ୟଖଣ୍ଡ ଥାଏ, ତାକୁ ଶାସନ କରିବା ପାଇଁ ଉଦୟଗିରିରେ ଗୋଟିଏ ନଅର ଓ ଗଡ଼ ଥାଏ । ସେଠାରେ ଜଣେ ରାଜପ୍ରତିନିଧି ବା ଓଡ଼ିଶା ସମ୍ରାଟଙ୍କର ବଡ଼ଲାଟ୍ ଥାଆନ୍ତି । ସେଇ ଉଦୟଗିରିଟି ଏବ ମହୀଶୂର ପାଖକୁ ଗୋଟିଏ ସହର ଥିଲା ।

ଓଡ଼ିଶା ସମ୍ରାଟ୍ ପ୍ରତାପରୁଦ୍ର ଦେବଙ୍କ ସମୟରେ ସମ୍ରାଟଙ୍କ ପୁଅ ବୀରଭଦ୍ର ଦେବ ସେଠାରେ ରାଜପ୍ରତିନିଧି ହୋଇ ରହି ସେ ରାଜ୍ୟଖଣ୍ଡ ଶାସନ କରୁଥିଲେ । ଓଡ଼ିଶା ସମ୍ରାଟ୍ ଗଜପତିଙ୍କର ସେଠାରେ ମଧ୍ୟ ଜଣେ ସେନାପତି ସୈନ୍ୟ ସାମନ୍ତ ଧରି ଥାଆନ୍ତି । ଶତ୍ରୁ କେବେ ମାତିଉଠିଲେ ସେ ଆଗ ସମ୍ଭାଳନ୍ତି । ତାପରେ କଟକକୁ ଖବର ଆସେ ଓ କଟକର ସେନା ଯାଆନ୍ତି ।

ସେଠାରେ ବଡ଼ ଶତ୍ରୁ ଥାଆନ୍ତି ବିଦ୍ୟାନଗର (ଇଜାନଗର ବା ବିଜୟନଗର) ସମ୍ରାଟ୍ 'ନରପତି'। ପ୍ରତାପରୁଦ୍ର ଦେବଙ୍କ ବଡ଼ବାପ (ପିତାମହ) କପିଳେନ୍ଦ୍ରଦେବ ଏଇ ନରପତିଙ୍କୁ ଜିଣି ଏ ରାଜ୍ୟଖଣ୍ଡକରୁ ଅଧିକରୁ ବେଶି ଓଡ଼ିଶା ସାମ୍ରାଜ୍ୟରେ ମିଶାଇ ଥିଲେ । ତାପରେ ନରପତି ଥରକୁଥର ଚେଷ୍ଟାକରି ମଧ୍ୟ ନେଇପାରୁ ନ ଥାନ୍ତି; ହାରି ପଳାଉଥାନ୍ତି ।

ଚୈତନ୍ୟ ଓଡ଼ିଶାକୁ ଆସିବାରୁ ମହାରାଜା ପ୍ରତାପରୁଦ୍ରଦେବ ବୈଷ୍ଣବ ହୋଇଗଲେ । ରାଜକାର୍ଯ୍ୟରେ ତାଙ୍କର ମନ ଛାଡ଼ଗଲା । ମନ୍ତ୍ରୀ ସେନାପତିଙ୍କ ଭିତରେ ମଧ୍ୟ ଅନେକ୍ ବୈଷ୍ଣବ ହେଲେ । ଦେଶର ଲୋକେ ଓ ସେନାମାନେ ସଂକୀର୍ତ୍ତନରେ ଭୁଲି ରହିଲେ । ଏତିକିବେଳେ କଦର ଉଣ୍ଡି ସମ୍ରାଟ ନରପତି ଆସି ସୈନ୍ୟଘେନି ଉଦୟଗିରି ଦୁର୍ଗ ଓ ନଅର ଘେରିଲେ । ସେଇଠାରେ ଥିବା ଓଡ଼ିଆସମ୍ରାଟଙ୍କ ସେନା ଖୁବ୍ ଲଢ଼ିଲେ; କିନ୍ତୁ ପାରିଲେ ନାଇଁ ।



Digitized by PPRACHIN, SOA

ନରପତିଙ୍କ ଲୋକେ ବୀରଭଦ୍ରଙ୍କୁ ବନ୍ଦୀ କଲେ । ସେଇ ନଅରରେ ବୀରଭଦ୍ରଙ୍କ ସଙ୍ଗେ ତାଙ୍କ ମା, ଅର୍ଥାତ୍ ପ୍ରତାପରୁଦ୍ରଦେବଙ୍କ ରାଣୀ ଥିଲେ । ନରପତିଙ୍କ ଲୋକେ ସେଇ ରାଣୀଙ୍କୁ ମଧ୍ୟ ବନ୍ଦୀ କଲେ । ମାଆ ପୁଅ ଦିହେଁ ଧରା ହୋଇ 'ନରପତି' ସମ୍ରାଟ୍‌ଙ୍କ ରାଜଧାନୀକୁ ଗଲେ; ସେଇଠାରେ ଦିହେଁ କଏଦ୍‌ରେ ରହିଲେ ।

କଟକକୁ ଖବର ଆସିଲା । କଟକରୁ ସେନାପତି ସୈନ୍ୟ ଘେନି ଗଲେ; କିଛି କରି ପାରିଲେ ନାହିଁ । କରିବା ମଧ୍ୟ ହୁଏତ ସେମାନେ ସେତେ ଦରକାର ବିଚାରିଲେ ନାହିଁ । କାହିଁକିକିନା, ବୀରଭଦ୍ର ଆଉ ସେତେବେଳକୁ ଜୀବନରେ ନ ଥିଲେ । ଏଇ ଖବର ଆସି କଟକରେ ପହଞ୍ଚିଲାରୁ ପ୍ରତାପରୁଦ୍ର ଦେବ ପୁତ୍ରଶୋକରେ ବଡ଼ ବ୍ୟାକୁଳ ହୋଇପଡ଼ିଲେ । ବୀରଭଦ୍ର ଥିଲେ ତାଙ୍କର ବଡ଼ ପାରିଲାର ପୁଅ ଓ ଖୁବ୍ ସମ୍ଭବ, ଯୁବରାଜ ।

ତା'ପରେ ପ୍ରତାପରୁଦ୍ରଙ୍କର ଆଉ ଯୁଦ୍ଧ କରିବାରେ ମନ ଗଲା ନାଇ । ସେ ମଧ୍ୟସ୍ଥି ପଠାଇ ନରପତିଙ୍କୁ ବହୁତ ଟଙ୍କାଦେଇ ରାଣୀଙ୍କୁ ମୁକୁଳାଇ କଟକକୁ ଘେନି ଆସିଲେ ।

ନରପତିଙ୍କ ବନ୍ଦୀଶାଳରେ ଥିଲାବେଳେ ଏଇ ବୀରଭଦ୍ର ଯେପରି ମରିଥିଲେ, ତାହା ବଡ଼ ବିଚିତ୍ର । ସେତେବେଳେ ନରପତିଙ୍କ ନଅରରେ ଇଉରୋପରେ ପର୍ତ୍ତୁଗାଲ ଦେଶର ଦୁଇଜଣ ପଣ୍ଡିତ ଥିଲେ । ସେମାନେ ବୀରଭଦ୍ରଙ୍କ ମରିବା ଘଟଣା ନିଜ ଆଖିରେ ଦେଖି ସେଇ ସମୟ ପର୍ତ୍ତୁଗାଲରେ ଥିବା ତାଙ୍କ ନିଜ ଲୋକଙ୍କୁ ଚିଠିରେ ଲେଖିଥିଲେ । ସେଇଥିରୁ କୁହାଯାଉଛି :-

ବୀରଭଦ୍ରଙ୍କର ଖଣ୍ଡା ଖେଳରେ ଭାରି ନାଆଁ ଥିଲା । ନରପତି ଏହା ଜାଣିଥିଲେ । ଦିନେ ବୀରଭଦ୍ରଙ୍କୁ ଡକାଇ ଆଣି କହିଲେ, "ତୁମ ଖଣ୍ଡା ଖେଳ ଦିନେ ଦେଖାଅ, ଦେଖିବା ।" ବୀରଭଦ୍ର ଖୁସିରେ ରାଜି ହେଲେ । ଦିନବେଳା ଠିକ୍ ହେଲା । ଥାନ ବି ଠିକ୍ ହେଲା ।

ଚାରିପଟେ ଦେଖଣାହାରୀମାନେ ବସିଲେ । ନିଜେ ସମ୍ରାଟ୍ 'ନରପତି'



Digitized by PPRACHIN, SOA

କୃଷ୍ଣଦେବ ରାୟ ବସିଲେ । ଅଗଣାପରି ମଝିରେ ଖଣ୍ଡା ଖେଳ ଜାଗା ହୋଇଥିଲା । ଠିକ୍ ବେଳ ହେଲାରୁ ବୀରଭଦ୍ରଙ୍କୁ ଆଣି ସେଇ ଅଗଣାରେ ଛାଡ଼ିଦେଲେ । ପାଖରେ ଖଣ୍ଡା ଥିଲା । ବୀରଭଦ୍ର ଗୋଟିଏ ଖଣ୍ଡା ଧଇଲେ, ପଚାରିଲେ, "ମୋ ସଙ୍ଗେ କିଏ ଖେଳିବ ?"

ଏଇପରି ଖଣ୍ଡାଖେଳର ନିୟମ ହଉଚି, ଦୁଇଜଣ ଖଣ୍ଡାଧରି ଆପଣା ଆପଣା ଦିହରେ ବାଜିବା ଚୋଟକୁ ଜଗି ଖେଳିବେ ବା ଲଢ଼ିବେ । ଯେ ଭଲ ଖେଳୁଆଡ଼ୁ ହୋଇଥିବ, ତା ଦିହରେ ଖଣ୍ଡା ଚୋଟ ବାଜିବ ନାଇ । ଯେ ଭଲ ନ ଜାଣିଥିବ ତା ଦେହରେ ବାଜିଯିବ । ସେଥିରେ ସେ ମରିଯାଇପାରେ ବା ଜଖମ୍ ହୋଇଯାଇ ପାରେ । କାହିଁକିନା, ଏ ବୀରମାନଙ୍କର ସତ ଖଣ୍ଡା ଖେଳ । ଯାତରେ ଦାଢ଼ନଥିବା ରୁପୁଲି ତବକ ଲଗା କାଠଖଣ୍ଡା ଖେଳ ନୁହେଁ ।

ବୀରଭଦ୍ର 'ସାଙ୍ଗକୁ ଖେଳୁଆଡ଼ କିଏ ?' ବୋଲି ପଚାରିବାରୁ ନରପତି ଜଣେ ଲୋକକୁ ବାଛି ପଠାଇଦେଲେ । ରାଗରେ ଲଜ୍ଜାରେ ବୀରଭଦ୍ରଙ୍କ ମୁହଁ ରଙ୍ଗ ପଡ଼ିଗଲା । ସେ ତେଜରେ କହିଲେ, "ମହାରାଜ, ମୁଁ ରାଜପୁତ୍ର, ରାଜପୁତ୍ର ସାଙ୍ଗେ ଏକା ସମାନ ହୋଇ ଖେଳିବି । ଯା ତା ସଂଗେ ଖେଳିବାର ଅପମାନ ମତେ ଦିଅନ୍ତୁ ନାହିଁ । ଏ ମହାରାଜଙ୍କର କର୍ମଚାରୀ; ସେନାପତି ବି ହୋଇପାରନ୍ତି; ମାତ୍ର ରାଜପୁତ୍ର ନୁହନ୍ତି ।"

ନରପତି ମହାରାଜ ବନ୍ଦୀ ଯୁବକ ରାଜପୁତ୍ରର ଏକଥା ଶୁଣି କହିଲେ, "ଯୁବକ ସେ ବଡ଼ପଣିଆ ରଖିଦିଅ । ତୁମେ ରାଜପୁତ୍ର ହୁଅ, ଯେ ହୁଅ, ତୁମେ ଜାଣ, ତୁମେ ମୋର ବନ୍ଦୀ । ମୁଁ ଆଦେଶ କରୁଚି, ତୁମେ ଏଇ କର୍ମଚାରୀଙ୍କ ସଙ୍ଗେ ଖେଳିବ ।"

"ରାଜପୁତ୍ର ବନ୍ଦୀ ହେଲେ ହେଁ ନିଜର ମାନ ନିଜେ ରଖିଜାଣେ" ବୋଲି କହି ବୀରଭଦ୍ର ବିଜୁଳି ଚମକରେ ହାତରେ ଥିବା ଖଣ୍ଡାଟି ଆପଣ ବୁକୁରେ ଭୁସିଦେଲେ । ରକ୍ତନଦୀ ଭାସିଗଲା । ବୀରଭଦ୍ର ତଳେ ପଡ଼ିଗଲେ ।

– ◻ –



Digitized by PPRACHIN, SOA

# ତେଲେଙ୍ଗା ମୁକୁନ୍ଦଦେବ

ଏବେ ମଧ୍ୟ ବଙ୍ଗାଳୀମାନେ କହନ୍ତି, 'ତେଲେଙ୍ଗା ମୁକୁନ୍ଦ ଦେବଙ୍କ ଘାଟ ।' କଲିକତା ପାଖେ ଗଙ୍ଗାରେ ଥିବା ତ୍ରିବେଣୀ ତୀର୍ଥର ବନ୍ଧ ଘାଟଟିକୁ ଏବେ ଏଇ ନାମରେ କହନ୍ତି । ଏଇ ତେଲେଙ୍ଗା ମୁକୁନ୍ଦ ଦେବ କିଏ ? ତାଙ୍କ କଥା ଶୁଣ ।

ଓଡ଼ିଶାରେ ରୀତି ଥିଲା, ରାଜା ଅପୁତ୍ରିକ ହୋଇ ମରିଗଲେ, ପାତ୍ରମନ୍ତ୍ରୀ ସେନାପତି ପୁରୋହିତ ରାଜ୍ୟର ମୁଖିଆ ମୁଖିଆ ଲୋକ, ସମସ୍ତେ ବସି ବିଚାରକରି ରାଜ୍ୟ ଚଳାଇ ପାରିବା ଭଳି ଲୋକ ବାଛି ତାକୁ ରଜା କରୁଥିଲେ । ସବୁବେଳେ କିନ୍ତୁ ଏପରି ହୋଇପାରେ ନାହିଁ । କେହି ପ୍ରବଳ ଦୁର୍ଜନ ଲୋକ ଆସି ହଠାତ୍ ଜୋରକରି ରାଜ୍ୟ ମାଡ଼ିବସି ସମସ୍ତଙ୍କୁ ପାରିଲେ ଜବତ୍ କରି ଦିଅନ୍ତି । ରାଜାଙ୍କର ପୁଅ ଥିଲେ ମଧ୍ୟ ବେଳେବେଳେ ଦୁର୍ଜନ ଲୋକେ ରାଜ୍ୟ ମାଡ଼ିବସନ୍ତି ।

ମହାରାଜା ପ୍ରତାପରୁଦ୍ରଦେବ ମରିବାର କେତେଦିନ ପରେ ତାଙ୍କ ପାତ୍ର ଗୋବିନ୍ଦ ବିଦ୍ୟାଧର ଏଇପରି ରାଜ୍ୟ ମାଡ଼ି ବସିଲେ । ଏଥିରେ ଭାରି ଦଳାଦଳି ହେବାର କଥା ହେଲା । ସେ ବି ବେଶିଦିନ ରାଜା ହୋଇପାରିଲେ ନାହିଁ । ତାପରେ ଜଣକୁ ଜଣ ରଜା ହଉଥାନ୍ତି । ଏଇପରି ରାଜ୍ୟ ଜାଣି ଜାଣି ନାରଖାର ହେବାକୁ ବସିଲା । ସବୁ ମୁଖିଆ ମୁଖିଆ ଲୋକେ ଆଉ ସମ୍ଭାଳି ପାରିଲେ ନାହିଁ । ସମସ୍ତେ ଏବେ ବସି ବିଚାର କରି ରାଜା ହେବାକୁ ଜଣକୁ ବାଛିଲେ । ସେଇ ହେଉଛନ୍ତି, ତେଲେଙ୍ଗା ମୁକୁନ୍ଦ ଦେବ ।

ପ୍ରତାପରୁଦ୍ରଙ୍କ ବେଳେ ଓଡ଼ିଶା ସାମ୍ରାଜ୍ୟ ଯେତେ ଥିଲା, ଏତେବେଳକୁ ତାହା ବହୁତ କମି ଯାଇଥିଲା । ଦକ୍ଷିଣ ଆଡ଼େ ଗୋଦାବରୀଠାରୁ ଦକ୍ଷିଣକୁ ଥିବା ଭୂମିଗୁଡ଼ିକ ଆଉ ଏବେ ଓଡ଼ିଶାରେ ନ ଥିଲା । ହେଲେହେଁ ସେତେବେଳେ ଯେଉଁ ଖଣ୍ଡ ଠିକ୍ ଓଡ଼ିଆଭାଷିଙ୍କ ଭୂମି ତାହା ପ୍ରାୟ ଓଡ଼ିଶା ଥିଲା । ଏହାଥିଲା ଗଙ୍ଗାଠାରୁ ଗୋଦାବରୀ ଯାଏ ।



Digitized by PPRACHIN, SOA

ଏଡ଼େ ବଡ଼ ଭୂମିଟାରେ ଓଡ଼ିଆ ଭାଷା ଚଳୁଥିଲା, ଏକଥା ଆଜି ହୁଏତ ଅନେକଙ୍କୁ ଅପସନ୍ଦ ଲାଗିବ । ମାତ୍ର ଏହା ସତ । ଦକ୍ଷିଣର ବିଶାଖାପାଟଣା ଜିଲ୍ଲା ଓ ଉତ୍ତର ମେଦିନାପୁର ସିଂହଭୂମି ପ୍ରଭୃତି ବରାବର ଓଡ଼ିଆ ଭାଷାର ରାଜ୍ୟ ଥିଲା । ଏବେ ମେଦିନୀପୁର ଜିଲ୍ଲାର ଉତ୍ତର ଭାଗରେ ଥିବା ତମଲୁକ ହେଉଚି ପ୍ରାଚୀନ ତାମ୍ରଲିପ୍ତ । ଏଇ ତାମ୍ରଲିପ୍ତ ଓଡ଼ିଆସାଧବଙ୍କ ବୋଇତ ବଣିଜର ଗୋଟିଏ ବଡ଼ ଜାଗାଥିଲା । ଏବେ ଏଠାରେ ଥିବା ଲୋକେ ଜାତିରେ ଓଡ଼ିଆ । ସେମାନଙ୍କର ଓଡ଼ିଆ ନାମ ଓ ଉପାଧିମାନ ଅଛି । ମାତ୍ର ତାଙ୍କ ଭାଷା କ୍ରମେ ବଂଗଳା ହୋଇଗଲାଣି । ସେଇପରି ବିଶାଖା ପାଟଣାରେ ଥିବା ବିଜୟ ନଗରର କୁରୁପମ୍ ପ୍ରଭୃତିର ରାଜା ମହାରାଜାମାନେ ଜାତିରେ ଓଡ଼ିଆ । ଏବେ ସେମାନେ ନିଜ ସୁବିଧା ପାଇଁ ତେଲେଙ୍ଗା ହେଇଗଲେଣି । ସମ୍ରାଟ୍ ମୁକୁନ୍ଦ ଦେବଙ୍କ ବେଳେ ଏ ସମସ୍ତେ ଓଡ଼ିଆ ଥିଲେ ।

ସମ୍ରାଟ୍ ମୁକୁନ୍ଦଦେବଙ୍କ ନାମଟି ତେଲେଙ୍ଗା ମୁକୁନ୍ଦ ଦେବ । ନାମଟି କାହିଁକି ତେଲେଙ୍ଗା ହେଲା, ତାହା ଠିକ୍ କରି ଜାଣିବା ଏବେ ସହଜ ନୁହେଁ । ସେ ପୂର୍ବ ସମ୍ରାଟଙ୍କ ବଡ଼ କର୍ମଚାରୀ ଥିଲେ । ହୁଏତ ସେ ଦକ୍ଷିଣି ଲୋକ ଥିଲେ, କିମ୍ୱା କୌଣସି ରାଜା, ରାଜବିରାଦର ବା ଉଚ୍ଚ କର୍ମଚାରୀଙ୍କ ତେଲେଙ୍ଗାଣୀ ଭାର୍ଯା ବା ପୋଇଲିର ପୁଅ ଥିଲେ । ସେ ଯା ହଉ, ରାଜ୍ୟ ରକ୍ଷା କରିବାରେ ବା ରାଜା ବାଛିବାରେ ଓଡ଼ିଶାର ମୁଖିଆ ଲୋକେ ସେକାଳେ ଜାତି ପତି ବିଚାର କରୁନଥିଲେ । ଯେ ଯେଉଁଥିକି ଯୋଗ୍ୟ, ତାକୁ ସେ କାମ ପାଇଁ ବାଛୁ ଥିଲେ । ପୂର୍ବେ କପିଳା ଗଉଡ଼ ମଧ ସେଥିପାଇଁ ଆଗ ବଡ଼ ରାଜକର୍ମଚାରୀ ହୋଇ, ପରେ ମହାରାଜ କପିଳେନ୍ଦ୍ର ଦେବ ହୋଇଥିଲେ । ପୁଣି ସେଇ କପିଳେନ୍ଦ୍ର ଦେବଙ୍କ ରାଣୀମାନଙ୍କର ୧୮ଟି ପୁଅ ଥିଲେ ମଧ ରାଜପଣକୁ ଯୋଗ୍ୟ ନ ଥିବାରୁ କାହାକୁଇ ରାଜ୍ୟରେ ରଜା କରାଯାଇ ନ ଥିଲା । ପୋଇଲିପୁଅ ପୁରିଆ ରାଜା ହେବାକୁ ବଛାହେଇ ମହାରାଜ ପୁରୁଷୋତ୍ତମ ଦେବ ହୋଇଥିଲେ । ଏବେ ତେଲେଙ୍ଗା ହୁଅନ୍ତୁ ବା ତେଲେଙ୍ଗି ପୋଇଲିଣି ପୁଅ ହୁଅନ୍ତୁ, ଯାହା ହୁଅନ୍ତୁ, ମୁକୁନ୍ଦ ଦେବ ସମ୍ରାଟ୍ ପଦକୁ ବଛା ହେଲେ ।



Digitized by PPRACHIN, SOA

ମୁକୁନ୍ଦ ଦେବ ସମ୍ରାଟ୍ ହେଲା ବେଳକୁ ପ୍ରତାପରୁଦ୍ର ମରିବାର ପ୍ରାୟ କୋଡ଼ିଏ ବରଷ ହୋଇଯାଇଛି । ଏ ମଧ୍ୟରେ ବୈଷ୍ଣବ ଧର୍ମ ଯୋଗୁଁ ଓଡ଼ିଶାକୁ ବଂଗାଳିମାନଙ୍କ ଯିବା ଆସିବା ଖୁବ୍ ବଢ଼ିଯାଇଥିଲା । ବଙ୍ଗଳାରେ ମୁସଲ୍‌ମାନ୍ ରାଜା ଥିଲେ ମଧ୍ୟ ହିନ୍ଦୁମାନେ ସବୁ ବଡ଼ ବଡ଼ କର୍ମଚାରୀ ହେଉଥିଲେ । ଏଇ ହନ୍ଦୁ କର୍ମଚାରୀମାନଙ୍କ ଭାଇ ବିରାଦରମାନେ ଅନେକ ବୈଷ୍ଣବ ହୋଇ ଓଡ଼ିଶାକୁ ଯିବା ଆସିବା କରୁଥାନ୍ତି । ଓଡ଼ିଶାରେ ଯାହା ଘଟୁଥାଏ ବଙ୍ଗ ନବାବଙ୍କ ଦରବାରରେ ସେସବୁ ଟିକକଠୁ ଜଣା ପଡୁଥାଏ । ବଂଗ ନବାବ ନିଜେ ଓଡ଼ିଶାକୁ ପାରିଲେ ବଙ୍ଗଳାରେ ମିଶାଇ ନେବେ ବୋଲି ଲୋଡୁଥାନ୍ତି । ତାଙ୍କ ବଙ୍ଗାଳି ହିନ୍ଦୁ କର୍ମଚାରୀମାନେ ମଧ୍ୟ ସେଇ ସୂତ୍ରରେ ଓଡ଼ିଶାକୁ ପଶିଆସି ଓଡ଼ିଶା ରାଜ୍ୟଟା ଭୋଗ କରିବେ ବୋଲି ବିଚାରୁଥାନ୍ତି ।

ପ୍ରତାପରୁଦ୍ରଙ୍କ ପରେ ଓଡ଼ିଶାର ରାଜକର୍ମଚାରୀ ଓ ସାମନ୍ତ ରାଜା ପ୍ରଭୃତିଙ୍କ ଭିତରେ ଆଉ ପୂର୍ବପରି ଏକମନ ରହିଲା ନାହିଁ । ଖୁଣ୍ଟ ଚହଲିଗଲେ ଗୁହାଳ ଯାହା ହୁଏ, ଓଡ଼ିଶାରାଜ୍ୟ ସେଇପରି ହୋଇ ଯାଇଥିଲା । ଓଡ଼ିଶାକୁ ଆସୁଥିବା ବଙ୍ଗାଳିଙ୍କ ସିକଲରେ ରହି କେତେ ସାମନ୍ତ ଓ କର୍ମଚାରୀ ଗୁପ୍ତରେ ବଙ୍ଗ ନବାବଙ୍କ ପାଖକୁ ଲୋକ ପଠାଇ ବନ୍ଧୁ ବାନ୍ଧୁଥାନ୍ତି । ତାଙ୍କ ମନ, ସେତ ନିଜେ ଓଡ଼ିଶାରେ ରାଜା ହୋଇ ସମ୍ଭାଳି ହୋଇ ରହିପାରିବେ ନାହିଁ; ତାଙ୍କ କଥାରେ ବଂଗ ନବାବ ଆସି ଓଡ଼ିଶାଟା ଜିଣିଲେ, ରାଜ୍ୟ ଚଳାଇବା ପାଇଁ ତାଙ୍କୁ ନମୁଦ୍ କରିଦେଇ ଯିବେ ।

ଏଇପରି ବେଳେ ମୁକୁନ୍ଦଦେବ ସମ୍ରାଟ୍ ହେଲେ । ତେଣେ ବଙ୍ଗ ନବାବ କିଛି ସ୍ୱାଧୀନ ସମ୍ରାଟ୍ ନ ଥିଲେ । ଭାରତ ସମ୍ରାଟ୍ ଦିଲ୍ଲୀର ବାଦ୍‌ସାଙ୍କର ସେ କର୍ମଚାରୀ ବୋଲି ବଙ୍ଗଳା ଶାସନ କରୁଥିଲେ । ଏବେ ବଙ୍ଗ ନବାବ୍ ସୁଲେମାନ୍ ଦିଲ୍ଲୀ ବାଦ୍‌ସାଙ୍କୁ ନ ମାନିବାରୁ, ବାଦ୍‌ସା ଆକବର ତାଙ୍କୁ ଜବତ୍ କରିବାକୁ ବିଚାରୁଥାନ୍ତି । ସେଥିରେ ସାହାଯ୍ୟ କରିବାକୁ ସେ ଓଡ଼ିଶା ସମ୍ରାଟ୍ ମୁକୁନ୍ଦ ଦେବଙ୍କ ସଙ୍ଗେ ଚିଠିପତ୍ର ଚଳାଇଥାନ୍ତି । ମୁକୁନ୍ଦ ଦେବ ସେ ସାହାଯ୍ୟ ଦବାକୁ ଏକ ପ୍ରକାର ରାଜି ହୋଇଥାନ୍ତି ।



Digitized by PPRACHIN, SOA

ଏଇପରି ମୁକୁନ୍ଦ ଦେବ ଏବେ ଦେଖିଲେ ବଂଗଦେଶ ଆଡ଼େ ବେଶି ଆଖି ଦେବାକୁ ହେବ । ବଙ୍ଗଦେଶକୁ ଯିବାପାଇଁ ବାଟରେ ବହୁତ ନଈ । ସେଥିପାଇଁ ତାଙ୍କ ମନରେ ହୁଏତ ହେଲା, ଗଙ୍ଗାରୁ ଯେବେ ଗୋଟାଏ କେନାଲ୍ ଓଡ଼ିଶାକୁ କଟାଯାଇ ପାରନ୍ତା ତେବେ ସୁବିଧା ହୁଅନ୍ତା । ସେଥିରେ ଚାଷର ଉପକାର ହୁଅନ୍ତା, ପୁଣି ସୈନ୍ୟ ଘେନି ସଅଳ ଓ ସୁବିଧାରେ ଯିବା ଆସିବାର ସୁବିଧା ହୁଅନ୍ତା । ସେ ଯାହା ହେଉ, ଗଙ୍ଗାକୂଳେ ଓଡ଼ିଶା ସାମ୍ରାଜ୍ୟର ଗୋଟାଏ ସ୍ଥାନ ହେବା ନିତାନ୍ତ ଦରକାର ଏହା ସେ ବୁଝିଥିଲେ ।

ମନୁଷ୍ୟ ଯାହା କରେ, ସବୁ ଦେବତାଙ୍କ ଇଚ୍ଛାରେ ହୁଏ । ଦେବତା ଇଚ୍ଛା ନ କଲେ ଖାଲି ମନୁଷ୍ୟ ବିଚାରି କିଛି କରିପାରେ ନାହିଁ । ମୁକୁନ୍ଦ ଦେବଙ୍କର ଏଇ ବିଶ୍ୱାସ ଥିଲା । ସେଥିପାଇଁ ସେ ହୁଗୁଳି ଜିଲ୍ଲାରେ ଥିବା ଗଙ୍ଗାର ତ୍ରିବେଣୀ ତୀର୍ଥରେ ଗୋଟିଏ ସୁନ୍ଦର ଘାଟବାନ୍ଧ, ସେଠାରେ ଦେଉଳ ତୋଳି ସେଥିରେ ଗଙ୍ଗାଦେବୀଙ୍କୁ ପ୍ରତିଷ୍ଠା କଲେ ଓ କାଷ୍ଠା ଉପାବାସ କରି ସେଇ ଗଙ୍ଗା ଦେବୀଙ୍କ ଧ୍ୟାନରେ ବସିଲେ । ଏଇ ସମ୍ବନ୍ଧରେ ଲୋକରେ ଗୋଟିଏ ସୁନ୍ଦର କଥା ଅଛି, ଶୁଣ ।

ମୁକୁନ୍ଦଦେବ ବଡ଼ ମାତୃଭକ୍ତ ଥିଲେ । ମୁକୁନ୍ଦ ଦେବଙ୍କ ମା' କହିଲେ, ଗଙ୍ଗାଙ୍କୁ ଓଡ଼ିଶାକୁ ଆଣିଦେଲେ, ସେ ନିତି ଗଙ୍ଗା ସ୍ନାନ କରିବେ । ସେଥିପାଇଁ ମୁକୁନ୍ଦ ଦେବ ଯାଇ ତ୍ରିବେଣୀଠାରେ ଧ୍ୟାନରେ ବସିଲେ । ଗଙ୍ଗାଙ୍କ ଆଦେଶ ହେଲେ, ଗଙ୍ଗା ଯେପରି କହିବେ ସେ ସେଇପରି କରିବେ । ଏଇ ଧ୍ୟାନରେ ବସିଲାବେଳେ, ମୁକୁନ୍ଦ ଦେବ ସଂକଳ୍ପ କରିଥିଲେ, ତାଙ୍କର ଏ ଧ୍ୟାନ ଯଦି କେହି ଭାଙ୍ଗିବ ସେ ତିନିଗଡ଼ ହୋଇ ହଣା ହେବ । ସେ ତିନିଦିନ ଧ୍ୟାନରେ ବସିଲା ପରେ ତ୍ରିବେଣୀଠାରେ ଖବର ପହଞ୍ଚିଲା, ବଙ୍ଗ ନବାବଙ୍କ ସେନାପତି କଳାପାହାଡ଼ ଲୁଚିକରି ଯାଇ କଟକ ଘେରି ଅସ୍ତବ୍ୟସ୍ତ କରୁଛନ୍ତି । ଏହା ଏବେ ମୁକୁନ୍ଦ ଦେବଙ୍କୁ ଜଣାଇବାକୁ ହେବ । ସେଥିପାଇଁ ସମସ୍ତେ ବିଚାରି ଗୋଟିଏ କାହାଳିଆ ଡାକି, ତାକୁ କହିଲେ, "ତୁ କାହାଳି ବଜାଇ ସେଇ କାହାଳି ସ୍ୱରର ଗୀତରେ ଖବରଟି କହ ।" ସେ କାହାଳୀରେ



Digitized by PPRACHIN, SOA

ବଜାଇଲା-

"ଅଇଲା କଳା ପାହାଡ଼
ଭାଙ୍ଗିଲା ଲୁହାର ବାଡ଼
ପିଇଲା ମହାନଦୀର ପାଣି
ସୁବର୍ଣ୍ଣ ଥାଳିରେ ହେଡ଼ା ପରଶିଲେ
ମୁକୁନ୍ଦ ଦେବଙ୍କ ରାଣୀ ।"

ସେଇ ମୁକୁନ୍ଦ ଦେବ ଚମକି ପଡ଼ିଲେ । ତାଙ୍କ ଧ୍ୟାନ ଭାଜିଗଲା । ସେ ଏବେ ଖବର ଶୁଣି ସୈନ୍ୟସାମନ୍ତ ଏକାଠି କରି ଓଡ଼ିଶା ଆଡ଼କୁ ଆସିଲେ ।

କିନ୍ତୁ ସେ ଯେ ସଂକଳ୍ପ କରିଥିଲେ, ଯେ ଧ୍ୟାନ ଭାଙ୍ଗିବ ସେ ତିନିଗଡ଼ ହେଇ ହଣା ହବ, ସେ କଥା କଅଣ ହେବ । ସମସ୍ତେ ତାଙ୍କୁ କହିଲେ, "ମହାରାଜ, ସଂକଳ୍ପ ରକ୍ଷା ହଉ, କାହାଳୀ ଛାମୁଙ୍କ ଧ୍ୟାନ ଭାଙ୍ଗିଚି । ସେଇ କାହାଳୀକୁ ତିନିଗଡ଼ କରିଦିଅନ୍ତୁ ।" ତାହାଇ ହେଲା । ସେଇଥିପାଇଁ ଓଡ଼ିଶାରେ ଦିଅଙ୍କଠାରେ ଏବେ ଯେଉଁ କାହାଳୀ ବାଜେ ସେଉଟି ତିନିଗଡ଼ ଯୋଡ଼ା ହୋଇଥାଏ । ତିନିଗଡ଼ ନ ହେଲେ ମଧ୍ୟ କାହଳୀ ବାଜିବାରେ କିଛି ଅସୁବିଧା ହୁଅନ୍ତା ନାହିଁ । କେତେଠାରେ ଗୋଟା କାହାଳୀ ମଧ୍ୟ ଅଛି । ସେ ବି ଠିକ୍ ତିନିଗଡ଼ିଆ କାହାଳୀ ପରି ବାଜେ । ମାତ୍ର କୌଣସି ଦିଅଁଙ୍କଠାରେ ଗୋଟା କାହାଳୀ ବଜା ହୁଏ ନାହିଁ । ତିନିଗଡ଼ିଆ କାହାଳୀ ବାଜିବାର ବିଧି ।

-◘-

# କଳାପାହାଡ଼

କଳାପାହାଡ଼ ନାଆଁଟି ସମସ୍ତେ ଶୁଣିଥିବେ । ଯେଉଁଠାରେ ପିଲାଏ ଦେଉଳରେ ଭଙ୍ଗା ଦିଅଁ ବା ମୂର୍ତ୍ତିମାନ ଦେଖନ୍ତି, ସେଠାରେ ପଚାରିଲେ, ବାପ ମା'ମାନେ କହିଦିଅନ୍ତି, 'ଏହାକୁ କଳାପାହାଡ଼ ଭାଙ୍ଗିଥିଲା ।' ସେଇ କଳାପାହାଡ଼ଟି



Digitized by PPRACHIN, SOA

କିଏ, କ'ଣ କରିଥିଲା ?

କଳାପାହାଡ଼ ଆଗେ ଜଣେ ବଙ୍ଗାଳୀ ହିନ୍ଦୁ ଥିଲା । ସେ ବଡ଼ ଜାଣିମାର ଓ ପାରିଲାର ଲୋକ । ତେଣୁ ବଙ୍ଗ ନବାବଙ୍କ ପାଖେ ଚାକିରି ପାଇ କ୍ରମେ ଗୋଟିଏ ବଡ଼ କର୍ମଚାରୀ ହୋଇଥିଲା । ନବାବଙ୍କ କୁଟୁମ୍ବ ଭିତରେ ଗୋଟିଏ ସୁନ୍ଦରୀ ଝିଅକୁ ଦେଖି, ତା'ର ବିଭା ହବାକୁ ମନ ହେଲା । ନବାବ ଓ ତାଙ୍କ କୁଟୁମ୍ବ ତ ମୁସଲମାନ । ସେଥିପାଇଁ କଳାପାହାଡ଼ ମୁସଲମାନ ହୋଇ ସେ ଝିଅଟିକି ବିଭା ହେଲା । ସେ ତ ମୁସଲମାନ ହେଲା । ତା ମନ ହେଲା ଦିଅଁ ଦେଉଳ ସବୁ ଛାଡ଼ି ସମସ୍ତେ ମୁସଲମାନ ହୁଅନ୍ତୁ । ବେଶି ଦିଅଁ ଦେଉଳ ଓଡ଼ିଶାରେ । ପୁରୀ ଦେଉଳ ଓ ଦିଅଁଙ୍କୁ ପୁଣି ଭାରତର ସବୁ ହିନ୍ଦୁ ମାନନ୍ତି । ଏପରି ସମସ୍ତେ ମାନିବା ଭଳି ଦେଉଳ ଓ ଦିଅଁ ଆଉ ନାହିଁ । ସେଇ ଓଡ଼ିଶା ଓ ପୁରୀ ଉପରେ କଳାପାହାଡ଼ର ଲକ୍ଷ୍ୟ ଥାଏ ।

ପ୍ରତାପରୁଦ୍ର ମରିବାର ସେତେବେଳକୁ ପ୍ରାୟ ୨୫ ବର୍ଷ ହୋଇଗଲାଣି । ପ୍ରତାପରୁଦ୍ର ବୈଷ୍ଣବ ହୋଇଯାଇଥିବାରୁ ସାମ୍ରାଜ୍ୟ ଶାସନ ଖରାପ ହୋଇଯାଇଥିଲା । ଗୋଦାବରୀଠାରୁ ଦକ୍ଷିଣକୁ ଥିବା ରାଜ୍ୟ ଏ ମଧ୍ୟରେ ଅନ୍ୟମାନେ ମାଡ଼ି ବସିଥିଲେ । ଦେଶରେ କେତେ ସାମନ୍ତ ଓ ରାଜକର୍ମଚାରୀ ଆପେ ରାଜାହେବେ ବୋଲି ଉଦ୍ୟମ କରିଥିଲେ । ଗୋବିନ୍ଦ ବିଦ୍ୟାଧର ପ୍ରଭୃତି ଦଳାଦଳି ସୃଷ୍ଟିକରି ନିଜେ କେତେଦିନ ରାଜ୍ୟ ମଧ୍ୟ ମାଡ଼ିବସିଥିଲେ । ପ୍ରାୟ କୋଡ଼ିଏ ବର୍ଷ ରାଜ୍ୟ ଏଇପରି ନାରଖାର ହବା ଆଡ଼କୁ ଗଲା । ସେଥିରୁ ରାଜ୍ୟର ମୁଖିଆ ଲୋକେ ତରକିଲେ । ସେମାନେ ବସି ମୁକୁନ୍ଦଙ୍କୁ ବାଛି ସମ୍ରାଟ୍ କଲେ । ଯେଉଁମାନେ ଆପେ ରାଜା ହୋଇଯିବେ ବୋଲି ଗୋଳମାଳ କରୁଥିଲେ ସେମାନେ ଚପିଗଲେ । ମାତ୍ର ସେମାନଙ୍କ ଭିତରୁ କେହି କେହି ଆଶା ଛାଡ଼ି ନ ଥାନ୍ତି । ଓଡ଼ିଶାକୁ ଚାହିଁ ବସିଥିବା ଶତ୍ରୁରାଜାଙ୍କ ସଙ୍ଗେ ସଲା କରି ସେମାନେ ମୁକୁନ୍ଦଦେବଙ୍କୁ ଗାଦିରୁ ତଡ଼ି ନିଜେ ରାଜ୍ୟ ପାଇଯିବାକୁ ବିଚାରୁଥାନ୍ତି ।

ଲୋଭରେ ଏଇପରି ମଣିଷକୁ ଦୁର୍ବୁଦ୍ଧି ଘୋଟେ । ସେମାନେ ବୁଝିଲେ ନାହିଁ ଯେ, ଶତ୍ରୁ ସଲାହୋଇ ରାଜ୍ୟଜିଣି ଦେଇଯିବ ନାହିଁ; ନିଜେ ନବ । ସେ ଯା ହଉ,



Digitized by PPRACHIN, SOA

ଦକ୍ଷିଣ ଆଡ଼କୁ କଟକ ପୁରୀ ଲୋକଙ୍କର ସେତେ ଗତାଗତ ନଥିଲା । ବଙ୍ଗାଳୀ ବୈଷ୍ଣବଙ୍କ ଯୋଗୁଁ ବଙ୍ଗଳା ନବାବଙ୍କୁ ସଲା କରିବା ସୁବିଧା ହେଲା । ପଟିଆ ଗଡ଼ରେ ସେତେବେଳେ ରାମଚନ୍ଦ୍ର ଭଞ୍ଜ ବୋଲି ଜଣେ ଏଇପରି ଦୁର୍ବୁଦ୍ଧି ସାଆଁନ୍ତ ଥିଲେ । ସେଇ ବିଶେଷରେ ବଙ୍ଗ ନବାବଙ୍କ ଆଡ଼େ ବିଚାର ଲଗାଇଲେ ।

ମାତ୍ର ବଙ୍ଗଳାରୁ ଆସି ପ୍ରତାପୀ ମୁକୁନ୍ଦଙ୍କୁ ମୁହାଁମୁହିଁ ଯୁଦ୍ଧରେ ଭେଟିବା ସହଜ କଥା ନୁହେଁ । ବଙ୍ଗ ନବାବଙ୍କ ଲୋକେ ଏହା ବୁଝିଥିଲେ । ରାମଚନ୍ଦ୍ର ଭଂଜ ମଧ୍ଧ ଚିହ୍ନା ପଡ଼ିବାକୁ ନାରାଜ ହେଲେ । ଏବେ ମୁକୁନ୍ଦ ଦେବ ଗଙ୍ଗାକୂଳକୁ ଯାଇ ସେଇଠାରେ ଥାନ୍ତି । ଏତିକିବେଳେ ରାମଚନ୍ଦ୍ରଙ୍କୁ ବେଳ ପଡ଼ିଲା । ଶିଖି ମହାପାତ୍ର ଓ ମନାଇ ମହାପାତ୍ର ବୋଲି ଦୁଇଜଣ ଖଣ୍ଡେଇତ ରାମଚନ୍ଦ୍ର ଭଞ୍ଜଙ୍କର ଅନୁସରଣିଆ ଥାଆନ୍ତି। ସେଇ ଦୁଇଜଣଙ୍କୁ ଏବେ ରାମଚନ୍ଦ୍ର ବଂଗ ନବାବଙ୍କ ପାଖକୁ ପଠାଇଦେଲେ । କଥା ହେଲା ମୁକୁନ୍ଦଦେବଙ୍କୁ ନ ଜଣାଇ, ବଙ୍ଗ ନବାବଙ୍କ ସୈନ୍ୟ ଗଡ଼ଜାତ ବାଟେ ଲୁଚିକରି କଟକ ଆସିବେ । ମୁକୁନ୍ଦ ଦେବ ନ ଥିଲାବେଳେ କଟକ ମାଡ଼ି ବସିଲେ, କଟକରେ ଥିବା ସୈନ୍ୟ ସେନାପତିମାନେ ଅସ୍ତବ୍ୟସ୍ତ ହୋଇଯିବେ। ଓଡ଼ିଶା ଲୋକେ ଆଗ ବୁଝିଯିବେ କଟକ ଜିଣା ହେଲା । ସେମାନଙ୍କ ଭିତରୁ ଅନେକେ ଭାଗ୍ୟକୁ ଆଦରି ତୁନି ହୋଇଯିବେ । ତା'ପରେ ସମୁଦ୍ର କୂଳେ କୂଳେ ବାଲେଶ୍ୱରର ମେଦିନୀପୁର ବାଟେ ମୁକୁନ୍ଦ ଦେବଙ୍କୁ ଭେଟିବା ପାଇଁ ଯିବାକୁ ହେବ । ମୁକୁନ୍ଦଦେବ କଟକ ଆଡୁ ଆଉ ସୈନ୍ୟ ପାଇବେ ନାହିଁ । ତେଣିକି ଦେଖାଯିବ ।

ବଙ୍ଗ ନବାବଙ୍କୁ ଏକଥା ଖୁବ୍ ସୁହାଇଲା । ସେନାପତି କଳାପାହାଡ଼ ଭାରି ଖୁସିରେ ସୈନ୍ୟ ଧରି ବାହାରିଲେ । ଶିଖି ମନାଇ ଗଡ଼ଜାତ ବାଟେବାଟ କଢ଼ାଇ ତାଙ୍କୁ ଏକାବେଳକେ କଟକକୁ ଘେନି ଆସିଲେ । କଟକରେ ପୁଣି ଏକଥାର ଗନ୍ଧ ପର୍ଯ୍ୟନ୍ତ କେହି ପାଇ ନାହାନ୍ତି । ଯୁଦ୍ଧକୁ କେହି ସଜାଡ଼ି ହୋଇ ନାହାନ୍ତି । ମଫସଲମାନଙ୍କରୁ ଗଡ଼ୁଆ ରାଉତ ପଧାନମାନେ ସେନାଘେନିଆସି ଜୁଟିବାକୁ ବେଳ ନାହିଁ ।

ଏବେ ଓଡ଼ିଶାରେ ଯେଉଁମାନେ ଚଷା ଖଣ୍ଡେଇତ, ପୂର୍ବେ ସେମାନଙ୍କ



Digitized by PPRACHIN, SOA

ପୂର୍ବପୁରୁଷମାନେ ସମସ୍ତେ ଥିଲେ, ଓଡ଼ିଶା ରାଜାଙ୍କ ସୈନ୍ୟ । ସେମାନଙ୍କ ଉପରେ ଜଣେ ଜଣେ ଗଡ଼ୁଆ ପଧାନ (ପ୍ରାଧାନ) ଥାଆନ୍ତି । ସେମାନେ ଚାଷବାସ କରୁଥାନ୍ତି । ଚାଷ କାମ ନ ଥିଲା ବେଳେ ଯୁଦ୍ଧବିଦ୍ୟା ଶିଖୁଥାନ୍ତି, ଅଭ୍ୟାସ କରୁଥାନ୍ତି । ଯୁଦ୍ଧକୁ ଖବର ଆସିଲେ ଏଇ ଗଡ଼ୁଆମାନେ ଆପଣା ଆପଣା ଲୋକ ବାକ ଧରି ଯାଇ ପହଞ୍ଚନ୍ତି । ତାଛଡ଼ା କଟକ ଜଗିବା ପାଇଁ ଅଳ୍ପ ସୈନ୍ୟ ଦରମାଖାଇ ସବୁବେଳେ କଟକରେ ଥାଆନ୍ତି । ରାଜା କୁଆଡ଼େ ବିଜେ ହେଲେ ସେଥିରୁ କେତେ ପୁଣି ରଜାଙ୍କ ସଙ୍ଗେ ଯାଆନ୍ତି ।

ଏବେ କଟକରେ ଅଳ୍ପ ସୈନ୍ୟ ଥିଲେ । ସେମାନଙ୍କୁ ସହଜରେ ମାରି କଳାପାହାଡ଼ ଆଗ ବାରବାଟି ଦୁର୍ଗରେ ପଶି ସବୁ ନାରଖାର କରିଦେଲା । ଏଣେ ମୁକୁନ୍ଦ ଦେବଙ୍କ ପାଖକୁ ଖବର ଘେନି ଡଗର ଗଲା । କଳାପାହାଡ଼ ଦେଖିଲା ଡଗର ଗଙ୍ଗାକୂଳେ ପହଞ୍ଚୁ ପହଞ୍ଚୁ ୧୦ କି ୧୫ ଦିନ ଲାଗିବ । ଏଥି ଭିତରେ ସେ ପୁରୀ ଆସି ଜଗନ୍ନାଥ ମନ୍ଦିରରେ ପଶିଲା । ବାଟରେ ସେ ଓ ତା ସୈନ୍ୟମାନେ ଯେଉଁଠାରେ ଦେଉଳ ଦେଖିଲେ ପଶିଲେ । ଯେତେ ପାରିଲେ ଭାଙ୍ଗିଲେ । ପୁରୀ ମନ୍ଦିରରେ ପଶି ସେମାନେ ଦେଖିଲେ ମନ୍ଦିରରେ ଜଗନ୍ନାଥେ ନାହାନ୍ତି । ମନ୍ଦିର ଭିତରେ ଆଉ ସବୁ ଦିଅଁ ଯେତେ ଭାଙ୍ଗିବାର ଭାଙ୍ଗିଲେ। ସେତେବେଳେ ପୁରୀରେ ବହୁତ ବଙ୍ଗାଳି ବୈଷ୍ଣବ ଓ ତାଙ୍କ ଭାଇ ବିରାଦର ଥିଲେ । କଳାପାହାଡ଼ ସାଙ୍ଗେ ଯେଉଁମାନେ ଆସିଥିଲେ ସେମାନେ ବଙ୍ଗାଳି । ସେମାନେ ଏବେ ଚୋରା ଖବର ପାଇଲେ, ପଣ୍ଡାମାନେ ଜଗନ୍ନାଥଙ୍କ ଦେଉଳର ମୂର୍ତ୍ତିମାନ ଚିଲିକା କୂଳକୁ ଘେନି ଯାଇ, ସେଠାରେ ପୋତି ପକାଇଛନ୍ତି । ଯେଉଁଠାରେ ପୋତିଛନ୍ତି, ସେ ଥାନ ପର୍ଯ୍ୟନ୍ତ ସେ ଜାଣିଗଲେ । କଳାପାହାଡ଼ ନିଜେ ସେଠାକୁ ଯାଇ, ଖୋଳି ମୂର୍ତ୍ତିମାନ କାଢ଼ି, ହାତିରେ ଲଦି ସଙ୍ଗେ ଘେନି ବଙ୍ଗଳା ଆଡ଼କୁ ଚାଲିଲେ । ଏଣେ କଟକରେ ଜଗିବା ପାଇଁ କେତେ ସୈନ୍ୟ ରହିଲେ ।

ବାଟରେ ଗଲାବେଳେ ସୈନ୍ୟମାନେ ଦିଅଁ ଦେଉଳ ଦେଖିଲେ ପଶିଯାଇ, ଦେଉଳରେ ଅମେଧ୍ୟ ଜିନିଷ ପକାଇ ଦିଅଁ ଦେଉଳ ସବୁ ଭାଙ୍ଗୁଥାନ୍ତି । ସଙ୍ଗରେ



Digitized by PPRACHIN, SOA

ପଟିଆର ରାମଚନ୍ଦ୍ର ଭଞ୍ଜ ନିଜ ସୈନ୍ୟ ଘେନି ମଧ୍ୟ ଯାଉଥାନ୍ତି । ମାତ୍ର ଏ ଦିଅଁ ଦେଉଳ ଭଙ୍ଗା ରାମଚନ୍ଦ୍ରଙ୍କ ସୈନ୍ୟଙ୍କୁ ବଡ଼ ବାଧୁଥାଏ । ସେ ସୈନ୍ୟମାନଙ୍କର ସାଙ୍ଗରେ ଯିବାକୁ ମନ ହଉ ନଥାଏ । କିନ୍ତୁ କ'ଣ କରିବେ ? ତାଙ୍କ ରାମଚନ୍ଦ୍ର ଭଞ୍ଜ ତ ଓଡ଼ିଶା ରାଜ୍ୟଟା ପାଇବେ ବୋଲି କଥା ଥାଏ । ରାମଚନ୍ଦ୍ର ଖାଲି ବୋଧ ଦେଉଥାନ୍ତି, "ଏବେ ଏ ବଙ୍ଗାଳି ସୈନ୍ୟ ଯାହା କରିବାର କରି ଯାଆନ୍ତୁ । ପରେ ଆମେ ସବୁ ଠିକ୍ କରି ନବା । ଏଥିରେ କେତେକଙ୍କ ମନ ମାନୁଥାଏ, ମାତ୍ର ଅନେକେ ଭାରି ବିଗିଡ଼ିକରି ଥାନ୍ତି ।

ତେଣେ ମୁକୁନ୍ଦ ଦେବ ଗଙ୍ଗାକୂଳେ ଏ ଖବର ଶୁଣିଲା କ୍ଷଣି ଆପଣା ପାଖରେ ଥିବା ସୈନ୍ୟସାମନ୍ତଙ୍କୁ ଧରି କଟକ ଆଡ଼କୁ ବାହାରିଲେ । ମେଦିନୀପୁରରୁ ଆଉ କେତେ ସୈନ୍ୟ ଆସି ମିଶିଲେ । ବଙ୍ଗାଳି ସୈନ୍ୟ ଏବେ ସୁବର୍ଣ୍ଣରେଖା ନଈ ପାରହୋଇ ଦାନ୍ତୁନ୍ ଠାରେ ମୁକୁନ୍ଦ ଦେବଙ୍କୁ ଭେଟିଲେ । ଯୁଦ୍ଧ ହେଲା । ବଙ୍ଗାଳି ସୈନ୍ୟ ହାରିଗଲେ । ଏବେ ଓଡ଼ିଶା ଆଡୁ ଶୀଘ୍ର ପୁଣି ଓଡ଼ିଆ ସୈନ୍ୟ ଯାଇ ମିଶିଯାଇ ପାରନ୍ତି, ଏ ଶଙ୍କା ବି ଥାଏ । କୌଶଳ କରି ଏବେ ମିଳାମିଶା କରିବା ପାଇଁ ରାମଚନ୍ଦ୍ର ଭଞ୍ଜଙ୍କୁ ମୁକୁନ୍ଦ ଦେବଙ୍କ ତମ୍ବୁକୁ ପଠାଗଲା । ରାମଚନ୍ଦ୍ର ସେଇ କଥାବାର୍ତ୍ତା ବେଳେ ମୁକୁନ୍ଦ ଦେବଙ୍କୁ ହତ୍ୟାକଲେ । ରାମଚନ୍ଦ୍ର ମଧ୍ୟ ଆଉ ବଙ୍ଗାଳୀ ତମ୍ବୁକୁ ଫେରି ନାହାନ୍ତି । ଫେରିବାକୁ ଚେଷ୍ଟାକଲା ବେଳେ ମୁକୁନ୍ଦଙ୍କ ସାମନ୍ତମାନେ ତାଙ୍କୁ ଘେରିଲେ । ତାଙ୍କ ନିଜ ସୈନ୍ୟମାନେ ମଧ୍ୟ ଆଗରୁ ବିଗିଡ଼ିକରି ଥିଲେ । ଏ କାର୍ଯ୍ୟରେ ବେଶି ବିଗିଡ଼ିଗଲେ । ଟିକିଏ ଲଢ଼ାଇ ହେଲା ସତ, କିନ୍ତୁ ରାମଚନ୍ଦ୍ର ହାଣ ଖାଇଲେ । ହେଲେ ହେଁ ମୁକୁନ୍ଦ ଦେବ ମରିଯିବାରୁ ଓଡ଼ିଆମାନଙ୍କ ସାହସ ଓ ବଳ ଭାଙ୍ଗିଗଲା । ଓଡ଼ିଶା ସେଇଦିନଠାରୁ ବଙ୍ଗଳା ନବାବଙ୍କର ହେଲା । ଏ ୧୫୬୮ ଖ୍ରୀଷ୍ଟାବ୍ଦର କଥା, ଅର୍ଥାତ୍ ଏବେ ଓଡ଼ିଶା ଅଲଗା ପ୍ରଦେଶ ହବାର ୩୬୮ ବର୍ଷ ତଳର କଥା ।

[ଦ୍ରଷ୍ଟବ୍ୟ : ବଙ୍ଗଳା ନବାବଙ୍କର ସେକାଳ ମୁସଲମାନ ଇତିହାସ ଲେଖକ ଲେଖିଛନ୍ତି, ଦ୍ୱିତୀୟଥର ପୁଣି ମୁକୁନ୍ଦ ଦେବଙ୍କ ସଙ୍ଗେ ଯୁଦ୍ଧ ହେଲା । ସେଇ ଯୁଦ୍ଧରେ



Digitized by PPRACHIN, SOA

ମୁକୁନ୍ଦ ଦେବ ନିହତ ହୋଇଥିଲେ । ମାତ୍ର ଓଡ଼ିଶାରେ ଲୋକଙ୍କ ଭିତରେ ଯେଉଁକଥା ଚଳି ଆସୁଚି, ସେଥିରେ ଏହା ନାହିଁ । ସେଥିରେ ଏଇ ପୁସ୍ତକରେ ଯାହା ଦିଆ ହୋଇଛି ତାହା ଅଛି । ଏଇ ବିଷୟରେ ଓଡ଼ିଆରେ ଗୋଟିଏ ଗୀତ ଅଛି । ତା ପ୍ରାୟ ତିରିଶି ବର୍ଷ ପୂର୍ବେ ବୁଢ଼ୀ ସ୍ତ୍ରୀ ଲୋକେ ବୋଲିବାର ଶୁଣା ଯାଉଥିଲା ।]

ହାତି ଉପରେ ଜଗନ୍ନାଥ, ବଡ଼ଠାକୁରେ, ସୁଭଦ୍ରା ଓ ସୁଦର୍ଶନଙ୍କ ମୂର୍ତ୍ତିମାନ କଳାପାହାଡ଼ ଗଙ୍ଗାକୂଳକୁ ନେଇ, ସେଠାରେ ନିଆଁ କରି ସେଥିରେ ପକାଇଦେଲା । କଥାଅଛି, ବିଶାର ମହାନ୍ତି ବୋଲି ଜଣେ ଭକ୍ତ ସେଇ ନିଆଁ ପରେ ଲିଭାଇ ମୂର୍ତ୍ତି ଭିତରେ ଥିବା 'ଦାରୁବ୍ରହ୍ମ'କୁ ଘେନି ଆସିଥିଲେ । ତାଙ୍କ ଘର ଥିଲା କୁଜଂଗରେ । ସେ ତା ଆଣି କୁଜଙ୍ଗ ରାଜାଙ୍କୁ ଦେଲେ । କୁଜଂଗ ରାଜା ସେଇ କୁଜଙ୍ଗରେ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ । କେତେକାଳ ପରେ ପୁଣି ତା ପୁରୀ ଦେଉଳକୁ ଆସିଲା ।

ଇତି



Digitized by PPRACHIN, SOA



ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟ-ସାଧନା ଓ ଭାଷା-ବ୍ୟାକରଣ ଚର୍ଚ୍ଚା ସଂପର୍କରେ ଅର୍ଦ୍ଧଶତାଧିକ ପ୍ରବନ୍ଧ ରଚନା କରି ଏବଂ ଡି.ଲିଟ୍. ସନ୍ଦର୍ଭ 'ସତ୍ୟବାଦୀ-ସବ୍ୟସାଚୀ' ପ୍ରସ୍ତୁତ କରି ଗବେଷିକା ଡକ୍ଟର କୁମୁଦିନୀ ମିଶ୍ର ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ।

'ନୀଳକଣ୍ଠଙ୍କ କଲମରୁ - ପିଲାଙ୍କ କବିତା ଓ କାହାଣୀ' ପୁସ୍ତକର ପ୍ରକାଶନ ଏ ଦିଗରେ ଡକ୍ଟର ମିଶ୍ରଙ୍କର ଅନ୍ୟତମ ପ୍ରୟାସ । ପଣ୍ଡିତଜୀଙ୍କ ରଚିତ ବହୁ ଦୁଷ୍ପ୍ରାପ୍ୟ ଓ ଅପ୍ରକାଶିତ କବିତା ଓ କାହାଣୀର ଆଲୋଚନା ପୂର୍ବକ ସେ ସବୁକୁ ଏ ଗ୍ରନ୍ଥରେ ବିଭିନ୍ନ ବିଭାଗରେ ସଜାଇ ଦିଆଯାଇଛି ।

- ପ୍ରକାଶକ

କଟକ ଟ୍ରେଡିଂ କମ୍ପାନୀ

Digitized by PPRACHIN, SOA